


ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar





ବିଜେପିକୁ ପ୍ରିୟଙ୍କାଙ୍କ ଟାର୍ଗେଟ୍ | ୬

ମାଧୁରୀଙ୍କୁ ମନେ ପକାଇଲେ ନାନା | ୮



RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୫୫ Vol. 21 No-255 14 DECEMBER 2024 SATURDAY BHUBANESWAR ଶନିବାର, ୧୪ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦







## ନିଯୁକ୍ତି ମେଳାରେ ୩୭୬ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କଲେ ମୁଖ୍ୟମନ୍ତ୍ରୀ

# ସେବା ମନୋବୃତ୍ତି ନେଇ କାର୍ଯ୍ୟ କର



- ୮୫ ହୋମିଓପାଥିକ ଚିକିତ୍ସକ, ୨୩୯ ରେଡିଓଗ୍ରାଫର ଓ ୫୨ ଅଧ୍ୟାପକ ନିଯୁକ୍ତ
- କର୍ତ୍ତବ୍ୟ ପ୍ରତି ଅନୁରକ୍ତ ରୁହନ୍ତୁ, ଦୁର୍ନୀତିକୁ ପ୍ରଶ୍ରୟ ଦିଅନ୍ତୁ ନାହିଁ
- ଛଅ ମାସ ମଧ୍ୟରେ ଛଅଥର ନିଯୁକ୍ତି ମେଳା, ୨୦ ହଜାରରୁ ଉର୍ଦ୍ଧ୍ୱ ନିଯୁକ୍ତି

ଭୁବନେଶ୍ୱର, ୧୩।୧୨ (ଭାସ୍କର ନ୍ୟୁଜ): ଶୁକ୍ରବାର ରାଜ୍ୟ ସରକାରଙ୍କ ଦ୍ୱାରା ଆୟୋଜିତ ନିଯୁକ୍ତି ମେଳାରେ ୩୭୬ ଜଣ ନିଯୁକ୍ତି ପାଇଛନ୍ତି। ଏଥିରେ ସ୍ୱାସ୍ଥ୍ୟ ବିଭାଗର ୮୫ ଜଣ ହୋମିଓପାଥିକ ଚିକିତ୍ସକ ଓ ୨୩୯ ଜଣ ରେଡିଓଗ୍ରାଫର ଥିବା ବେଳେ ଉଚ୍ଚ ଶିକ୍ଷା ବିଭାଗର ୫୨ ଜଣ ଅଧ୍ୟାପକ ଅଛନ୍ତି। ଏହି ଅବସରରେ ଲୋକସେବା ଭବନ ସ୍ଥିତ କନ୍‌ଭେନ୍‌ସନ ସେଣ୍ଟରରେ ଆୟୋଜିତ କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ନବନିଯୁକ୍ତ ଡାକ୍ତର, ଅଧ୍ୟାପକ ଓ ରେଡିଓଗ୍ରାଫର ମାନଙ୍କୁ ଅଭିନନ୍ଦନ ଜଣାଇବା ସହ ବୃତ୍ତିଗତ ଦକ୍ଷତା ଓ ସେବା ମନୋବୃତ୍ତି ନେଇ କାମ କରିବାକୁ ପରାମର୍ଶ ଦେଇଛନ୍ତି। ସରକାରୀ ଚାକିରିକୁ ଅର୍ଥ ଉପାର୍ଜନ ସର୍ବସ୍ୱ ନକରି ନିଜ ନିଜର କର୍ତ୍ତବ୍ୟ ପ୍ରତି ଅନୁରକ୍ତ ରହିବାକୁ ଓ ଦୁର୍ନୀତିକୁ ପ୍ରଶ୍ରୟ ନଦେବାକୁ ସେ ପରାମର୍ଶ ଦେଇଥିଲେ। ସେ କହିଥିଲେ ଯେ, ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଓଡିଶା ଯେତେ ପାରଦର୍ଶିତା ହାସଲ କରିବା କଥା, କରିପାରିନାହିଁ। ଆମେ ଆମର ପ୍ରକୃତ ସାମର୍ଥ୍ୟ ହାସଲ କରି ପାରିନାହୁଁ। ନୀତି ଆୟୋଗ ଦ୍ୱାରା ସଦ୍ୟ ପ୍ରକାଶିତ ସ୍ୱାସ୍ଥ୍ୟ ରାଙ୍କିଙ୍ଗ୍‌ରେ ଓଡିଶା ୨୮ ଟି ରାଜ୍ୟ ମଧ୍ୟରେ ତଳଆଡୁ ତୃତୀୟ। ଶହେ ନମ୍ବରରୁ ଓଡିଶା ପାଇଛି ମାତ୍ର ୪୦.୧୯। କିନ୍ତୁ ପୂର୍ବରୁ ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ସେବା ନାମରେ ବ୍ୟାପକ ପ୍ରଚାର କରାଯାଉଥିଲା। ବର୍ତ୍ତମାନ ଏ ପରିସ୍ଥିତିକୁ ପରିବର୍ତ୍ତନ କରିବାକୁ ପଡିବ ବୋଲି ମତ ଦେଇ ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ସ୍ୱାସ୍ଥ୍ୟ ରାଙ୍କିଙ୍ଗ୍‌ରେ ଆମକୁ ଅତି କମ୍‌ରେ ୬୦ ନମ୍ବର ରଖିବାକୁ ପଡିବ। ଦେଶର ପ୍ରଥମ ଦଶଟି ଶ୍ରେଷ୍ଠ ସେବା ପ୍ରଦାନକାରୀ ରାଜ୍ୟ ମଧ୍ୟରେ ରହିବାକୁ ପଡିବ। ଏ ଦିଗରେ ସରକାରଙ୍କ ଆଭିମୁଖ୍ୟରେ ନବ ନିଯୁକ୍ତମାନଙ୍କୁ ● ପୃଷ୍ଠା ୫ ଦେଖନ୍ତୁ

### ଦଳାଚକଟାରେ ମହିଳାଙ୍କ ମୃତ୍ୟୁ ଘଟଣା

## ଗିରଫର ୫ଘଣ୍ଟା ପରେ ଅଲ୍ଲୁ ଅର୍ଜୁନଙ୍କୁ ଜାମିନ୍



ହାଇଦ୍ରାବାଦ, ୧୩।୧୨ : ଗତ ୪ ତାରିଖରେ ହାଇଦ୍ରାବାଦର ସନ୍ଧ୍ୟା ଥିଏଟରରେ ଅଲ୍ଲୁ ଅର୍ଜୁନଙ୍କୁ ପୁଷ୍ପା-୨ର ସ୍କ୍ରିନିଂ ବେଳେ ଦଳାଚକଟା ଘଟି ଜଣେ ମହିଳାଙ୍କ ମୃତ୍ୟୁ ଘଟିବା ମାମଲାରେ ଗିରଫ ହୋଇଥିବା ସୁପରଷ୍ଟାର ଅଲ୍ଲୁ ଅର୍ଜୁନଙ୍କୁ ତେଲେଙ୍ଗାନା ହାଇକୋର୍ଟ ଅନ୍ତରୀଣ ଜାମିନ୍ ପ୍ରଦାନ କରିଛନ୍ତି । ଶୁକ୍ରବାର ତଳକୋର୍ଟ ତାଙ୍କୁ ୧୪ ଦିନ ପାଇଁ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଥିଲେ । ଅନ୍ତରୀଣ ଜାମିନ ଦେବା ବେଳେ ହାଇକୋର୍ଟ କହିଥିଲେ ଯେ, ଅଲ୍ଲୁ ଅର୍ଜୁନ ଜଣେ ଅଭିନେତା ହୋଇଥିଲେ ବି ଜଣେ ସାଧାରଣ ନାଗରିକ ଭାବେ ତାଙ୍କର ମଧ୍ୟ ଜୀବନ ଓ ସ୍ୱାଧୀନତାର ଅଧିକାର ରହିଛି । ସୂଚନାଯୋଗ୍ୟ ଯେ, ଗତ ୪ ତାରିଖରେ ଅଲ୍ଲୁଙ୍କୁ ଦେଖିବା ପାଇଁ ଫ୍ୟାନ୍‌ମାନଙ୍କର ପ୍ରବଳ ଭିଡ ଜମିଥିଲା । ଫଳରେ ଠେଲାପେଲା ଓ ଦଳଚକଟା ହୋଇ ଜଣେ ମହିଳାଙ୍କୁ ମୃତ୍ୟୁ ଘଟିଥିଲା । ଏପରିକି ତାଙ୍କ ନାବାଳକ ପୁଅ ମଧ୍ୟ ଆହତ ହୋଇଥିଲା । ଏହି ଘଟଣା ପରେ ମୃତ ମହିଳାଙ୍କ ସ୍ୱାମୀ ଥାନାରେ ଅଲ୍ଲୁ ଅର୍ଜୁନ, ତାଙ୍କ ସୁରକ୍ଷା କର୍ମୀ ଓ ଥିଏଟର କର୍ତ୍ତୃପକ୍ଷଙ୍କ ବିରୋଧରେ ଏତଲା ● ପୃଷ୍ଠା ୫ ଦେଖନ୍ତୁ

### ଗର୍ଭବତୀଙ୍କୁ ଗୁଳି କରି ହତ୍ୟା ଘଟଣାର ପର୍ଦ୍ଦାଫାସ୍

## ସ୍ୱାମୀ-ପୋଲିସ ଏଏସ୍‌ଆଇ ଗିରଫ

ବଣାଇ, ୧୩।୧୨ (ଭାସ୍କର ନ୍ୟୁଜ): ସୁନ୍ଦରଗଡ଼ ଜିଲ୍ଲା ଟିକାୟତପାଲ୍ଲୀ ଥାନା ଅନ୍ତର୍ଗତ ଝିର୍ଡାପାଲ୍ଲୀରେ ଗର୍ଭବତୀ ମହିଳାଙ୍କୁ ଗୁଳିକରି ହତ୍ୟା ଘଟଣାର ପର୍ଦ୍ଦାଫାସ୍ ହୋଇଛି । ପରକୀୟାପ୍ରୀତିକୁ ନେଇ ମୃତ ମହିଳାଙ୍କ ସ୍ୱାମୀ ଗୁଳି କରିଥିବା ପୋଲିସ ସୂଚନା ଦେଇଛି । ଘଟଣାରେ ସ୍ୱାମୀଙ୍କ ସହ ଜଣେ ପୋଲିସ ଏଏସ୍‌ଆଇଙ୍କୁ ଗିରଫ କରାଯାଇଛି । ସ୍ୱାମୀ ନିଜେ ହତ୍ୟା କରି ଲୁଟେରାମାନେ ହତ୍ୟା କରିଥିବା ନେଇ ଥାନାରେ ଅଭିଯୋଗ କରିଥିଲେ । ତେବେ ମହିଳା ଗର୍ଭବତୀ ଥିବାବେଳେ ସ୍ୱାମୀ ଘରେ ଥାଇ କିପରି ଅଚିହ୍ନା ଲୋକଙ୍କ ଡାକରେ ପତ୍ନୀ କବାଟ ଖୋଲିଲେ ତାକୁ ନେଇ ପୋଲିସର ସନ୍ଦେହ ହୋଇଥିଲା । ପୋଲିସ ସାଇଣ୍ଟିଫିକ୍ ଟିମ୍ ସହ ଘଟଣାର ତଦନ୍ତ ଆରମ୍ଭ କରିଥିଲା । ଶୁକ୍ରବାର ସକାଳେ ପୋଲିସ ମୃତ ମହିଳାଙ୍କ ସ୍ୱାମୀ, ପୋଲିସ ଏଏସ୍‌ଆଇ ଓ ଅନ୍ୟ ଦୁଇଜଣଙ୍କୁ ଉଠାଇ ନେଇ ପଚରାଉଚରା କରିଥିଲା । ଶେଷରେ ସ୍ୱାମୀ ହତ୍ୟା କରିଥିବା ନେଇ ପ୍ରମାଣ ମିଳିଥିଲା । ଏପରିକି ପୋଲିସ ତାଙ୍କ ଘରେ ଚଢ଼ଉ ବେଳେ ଭାତହାଣ୍ଡିରୁ ପିସ୍ତଲ, ତିନୋଟି ଗୁଳି ଜବତ କରିବା ସହ ଏକ ସ୍କର୍ପିଓକୁ ଜବତ କରିଛି । ସୂଚନାଯୋଗ୍ୟ ଯେ, ବୁଧବାର ବିଳମ୍ବିତ ରାତିରେ ଲୁଟ୍ ଉଦ୍ଦେଶ୍ୟରେ ପତ୍ନୀଙ୍କୁ ଗୁଳିମାଡ ହୋଇଥିବା ନେଇ ସ୍ୱାମୀ ଅଭିଯୋଗ କରିଥିଲେ ।






କଟକ(ଭାସ୍କର ନ୍ୟୁଜ): ପବିତ୍ର କୁରାଳ ପଞ୍ଚମୀରେ ଶିଳ୍ପୀ କୁମ୍ଭାର ସାହିରେ ଆଠ ଦିନ ଧରି ଚାଲିଥିବା ମହୋତ୍ସବରେ ଓଡ଼ିଶାର ବିଭିନ୍ନ ଅଞ୍ଚଳରୁ ଆସିଥିବା ପାଲା ଗାୟକ ପାଲା ପରିବେଷଣ କରିଥିଲେ ଏବଂ ମୁଖ୍ୟ ଅତିଥି ଭାବେ ସମବାୟ ଓ ବୟନ ହସ୍ତତନ୍ତ ବିଭାଗୀୟ ମନ୍ତ୍ରୀ ପ୍ରଦୀପ ବଳ ସାମନ୍ତ ସମ୍ମାନୀତ ଅତିଥି ମାହାଙ୍ଗା ବିଧାୟକ ଶାରଦା ପ୍ରଧାନ ଉପସ୍ଥିତ ଥିଲେ। ଶିଳ୍ପୀ କୁମ୍ଭାର ସାହିର ମୁରବୀଙ୍କ ଦ୍ୱାରା ମନ୍ତ୍ରୀ ବିଧାୟକଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କୁମ୍ଭକାର ଭାଇଭଉଣୀଙ୍କ ପାଇଁ ଏକ ବୋର୍ଡ କାର୍ଯ୍ୟ କରିବା ସହ ନୂତନ ଢଙ୍ଗରେ ତାଲିମ ସରକାରୀ ଅନୁଦାନ ଦିଆଯିବ ବୋଲି କହିଥିଲେ ବିଧାୟକ ଶ୍ରୀ ପ୍ରଧାନ । କଟକର ଐତିହ୍ୟ ସମ୍ପନ୍ନ ସହରରେ ଆଜିବି ପାଲା ସଂସ୍କୃତିକୁ ବଞ୍ଚେଇ ରଖିଥିବାରୁ ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ । ଆଠଗଡ଼ର ଯୁବ ନେତା ଅଭୟ ବାରିକ, ପୂର୍ବତନ ବିଜେପି ନଗର ଜିଲ୍ଲା ସଭାପତି ଲକ୍ଷ୍ମୀଧର ପ୍ରଧାନ, ୨୬ ନମ୍ବର ୱାର୍ଡ କର୍ପୋରେଟର ତଥା ବିଜେପି ଯୁବ ମୋର୍ଚ୍ଚା ରାଜ୍ୟ ସମ୍ପାଦକ ଗଗନ ଓଝା, ବିଜେପି ଯୁବ ନେତା ବରିଷ୍ଠ ଆଇନଜୀବୀ ଶୁଭେନ୍ଦୁ ମହାନ୍ତି, ବିଜେପି ଯୁବ ନେତା ବିଶ୍ୱଜିତ ମହାପାତ୍ର, ସାହିର ସମ୍ପାଦକ ପ୍ରଦୀପ ସେନାପତି, ସଭାପତି ବିଶ୍ୱନାଥ ବେହେରା, ଅଧିକାରୀ ସୁରେନ୍ଦ୍ର ମୁଦୁଲି, ମହନ୍ତ ଅନିରୁଦ୍ଧ ବେହେରା, ବୟୋଜ୍ୟେଷ୍ଠ ମୁରବୀ କେଦାର ବେହେରାଙ୍କ ସହିତ ଗ୍ରାମ କମିଟି ସହିତ ସମସ୍ତ ଯୁବକ, ମା-ଭଉଣୀ ଉପସ୍ଥିତ ଥିଲେ।



# ୬୯ ତମ ବୃତ୍ତିଗତ ପୋଲିସ୍ ପ୍ରତିଯୋଗିତାର ଶୁଭାରମ୍ଭ



କଟକ(ଭାସ୍କର ନ୍ୟୁଜ): ରାଜ୍ୟ ପୋଲିସ ବାହିନୀରେ କନଷ୍ଟେବଲ ଠାରୁ ଇନ୍ସପେକ୍ଟର ପାହ୍ୟା ପର୍ଯ୍ୟ' କର୍ମଚାରୀଙ୍କର ବୃତ୍ତିଗତ ସ୍ତରରେ ଦକ୍ଷତା ବୃଦ୍ଧି ଲାଗି କଟକସ୍ଥିତ ରିଜର୍ଭ ପୋଲିସ ଗ୍ରାଉଣ୍ଡ ପରିସରରେ ୬୯ ତମ ବୃତ୍ତିଗତ ପ୍ରତିଯୋଗିତାର ଶୁଭାରମ୍ଭ ହୋଇଛି । ଆଜି ପୂର୍ବାହ୍ନରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଏହି ପ୍ରତିଯୋଗିତାକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ । ଏହି ବୃତ୍ତିଗତ ପ୍ରତିଯୋଗିତାରେ ରାଜ୍ୟର ୩୪ଟି ପୋଲିସ ଜିଲ୍ଲାରୁ ୩୧୩ ଜଣ ପ୍ରତିଯୋଗୀ ଅଂଶ ଗ୍ରହଣ କରିଛନ୍ତି । ୪୧ ଜଣ ଇନ୍ସପେକ୍ଟର, ୪୪ ଜଣ ଏସ.ଆଇ, ୬୩ ଜଣ ଏ.ଏସ.ଆଇ,୧୪୨ ଜଣ କନଷ୍ଟେବଳ ଏବଂ ୨୩ଟି ପୁଲିସ ଶାନ (କ-୯)ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଛନ୍ତି । ଏହି ଅବସରରେ ଶ୍ରୀ ଖୁରାନିଆ ସତ୍ୟ ଓ ନ୍ୟାୟର ପରିଭାଷା ପୋଲିସ ପାଖରୁ ଆରମ୍ଭ ହୁଏ ଏବଂ ନ୍ୟାୟ ଦେବାର ମୂଳ ପିଣ୍ଡ ହେଉଛି ପୋଲିସ ବୋଲି ଉଦବୋଧନରେ ମତବ୍ୟକ୍ତ କରିଥିଲେ । ଅପରାଧ ନିରାକରଣ ଏବଂ ଅପରାଧ ଅନୁସନ୍ଧାନ ପୋଲିସର ମୁଖ୍ୟ ଦାୟିତ୍ୱ ବୋଲି ଡିଜିପି କହିବା ସହ ଦୋଷୀଟିଏ ଉପଯୁକ୍ତ ଦଣ୍ଡ ପାଇବାରେ ପୋଲିସର ମୁଖ୍ୟ ଭୂମିକା ରହିଥାଏ ବୋଲି ମତବ୍ୟକ୍ତ କରିଥିଲେ। ପୋଲିସର ତଦନ୍ତ ସଠିକ ହୋଇନଥିଲେ ଦୋଷୀଟିଏ ଖସି ଯିବାର ବହୁତ ସମ୍ଭାବନା ଥାଏ ତେଣୁ ବୈଜ୍ଞାନିକ ଏବଂ ବୈଷୟିକ ଜ୍ଞାନ କୌଶଳର ପ୍ରୟୋଗ କରି ଦୋଷୀ ସାବ୍ୟସ୍ତ ହାରରେ ଉନ୍ନତି ସଂକ୍ରାନ୍ତରେ ସେ ଗୁରୁତ୍ୱାରୋପ କରିଥିଲେ । ଆଗାମୀ ଦିନରେ ପୋଲିସର ବୃତ୍ତିଗତ ଦକ୍ଷତା ବୃଦ୍ଧି, ଫରେନସିକ ତଦନ୍ତ ଏବଂ ସାଇବର ଅପରାଧରେ ଦକ୍ଷତା ହାସଲ ସମ୍ପର୍କରେ ଲକ୍ଷ୍ୟ ରଖାଯାଇଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ । ଶରୀରରେ ବ୍ୟବହୃତ କ୍ୟାମେରା, ସମେତ ଅତ୍ୟାଧୁନିକ ଟେକ୍ନୋଲୋଜିର ପ୍ରୟୋଗ ସହାୟତାରେ ଓଡ଼ିଶାରେ ପୋଲିସ ବ୍ୟବସ୍ଥାରେ ପରିବର୍ତ୍ତନ ଆସିଛି। ଏହି ପ୍ରଗତି ଆମର କାର୍ଯ୍ୟଶୈଳୀକୁ ଅଧିକ ଦକ୍ଷ, ସ୍ୱଚ୍ଛ ଏବଂ ଜନସାଧାରଣଙ୍କ ଆବଶ୍ୟକତା ପ୍ରତି ଉତରଦାୟୀ କରିପାରିଛି ବୋଲି ଡିଜିପି ମତବ୍ୟକ୍ତ କରିଥିଲେ। ତିନି ଦିନ ଧରି ଚାଲିବାକୁ ଥିବା ଏହି ପ୍ରତିଯୋଗିତାରେ ଆଙ୍ଗୁଳି ଛାପ, କମ୍ପୁଟର ଜ୍ଞାନ କୌଶଳର ଦକ୍ଷତା, ଫଟୋଗ୍ରାଫି, ନିରୀକ୍ଷଣ ପରୀକ୍ଷା, ସାଇବର ଅପରାଧ ଓ ସଂନିରୀକ୍ଷଣ, ପୋଲିସ ଆଇନ କାନୁନ, ପୁଲିସ ରୂପଚିତ୍ର, ମେଡିକୋ-ଲିଗାଲ, ପୋଲିସ ଶାନଙ୍କ କୌଶଳ ପ୍ରଦର୍ଶନ ଭଳି ପ୍ରତିଯୋଗିତା ଅନୁଷ୍ଠିତ ହେବ । ଏହି ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ରାଜ୍ୟ ଅପରାଧ ଅନୁସନ୍ଧାନ ଶାଖାର ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ ବିନୟତୋଷ ମିଶ୍ରଙ୍କ ପ୍ରତ୍ୟକ୍ଷ ତ୍ୱାବଧାନରେ ଏହି ରାଜ୍ୟସ୍ତରୀୟ ପ୍ରତିଯୋଗିତା ଆୟୋଜିତ ହେଉଛି । ଏହି ଅବସରରେ ଶ୍ରୀ ମିଶ୍ର ସାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇ.ଜି ସଫିନ ଅହମ୍ମଦ କେ. ଧନ୍ୟବାଦ ଅର୍ପଣ କରିଥିଲେ ।



ପଠାଣୀ ସାମନ୍ତ ପ୍ଲାନେଟୋରିୟମ୍‌ଠାରେ ବିଶିଷ୍ଟ ଜ୍ୟୋତିର୍ବିଦ ପଠାଣୀ ସାମନ୍ତଙ୍କ ଜୟନ୍ତୀ ଅବସରରେ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ

### ମହିଳାଙ୍କୁ ଗଳା କାଟି ହତ୍ୟା !

## କାଠଯୋଡି ପଠାରୁ ମୃତଦେହ ଉଦ୍ଧାର, ପରିଚୟ ଅସ୍ପଷ୍ଟ

କଟକ(ଭାସ୍କର ନ୍ୟୁଜ): କାଠଯୋଡି ନଦୀପଠାରେ ମହିଳାଙ୍କ ମୃତ ଦେହ। କେହି ଦୁର୍ବୃତ୍ତ ତାଙ୍କ ଗଳା କାଟି ହତ୍ୟା କରିଛି। ପରମହଂସ ସ୍ଥିତ କାଠଯୋଡି ନଦୀପଠାରୁ ଜଣେ ମହିଳାଙ୍କ କ୍ଷତାକ୍ତ ମୃତଦେହ ଉଦ୍ଧାର କରାଯାଇଛି। ମହିଳାଙ୍କ ମୁହଁ ଓ ବେକରେ ଗଭୀର କ୍ଷତ ରହିଥିବା ଦେଖିବାକୁ ମିଳିଛି। ମହିଳାଙ୍କ ବୟସ ପ୍ରାୟ ୪୦ରୁ ୪୫ ବର୍ଷ ହେବ। ବର୍ତ୍ତମାନ ପର୍ଯ୍ୟନ୍ତ ମହିଳାଙ୍କ ପରିଚୟ ମିଳିପାରିନାହିଁ। ତେବେ ମହିଳା ଜଣଙ୍କୁ କେହି ହତ୍ୟାକରି ପିଙ୍ଗି ଦେଇଥିବା ସନ୍ଦେହ କରାଯାଉଛି। ସକାଳୁ କିଛି ସ୍ଥାନୀୟ ଲୋକ ନଦୀପଠାରେ ମୃତଦେହ ପଡିଥିବା ଦେଖି ପୋଲିସକୁ ଖବର ଦେଇଥିଲେ। କନ୍ଦରପୁର ଥାନା ପୋଲିସ ଘଟଣାସ୍ଥଳରେ ପହଁଞ୍ଚି ମୃତଦେହ ଜବତ କରି ଅଧିକ ତଦନ୍ତ ଚଳାଇଛି। ସାଇଟିଂଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହ ଘଟଣା ସ୍ଥଳ ପରିଦର୍ଶନ କରି ଆନୁସାଙ୍ଗିକ ତଥ୍ୟ ସଂଗ୍ରହକରି ଫେରିଛି ପୋଲିସ। ଘଟଣା ସ୍ଥଳରୁ ଏକ ଚାପଡ, ଛୋଟ ପିଲା ଚପଲ,ପୋଷାକ ଓ ହଳେ ପୁରୁଷ ପୋଷାକ ମିଳିଛି। ମହିଳାଙ୍କ ହାତରେ ଓଁ ବାବା ବଳିଆ ଲେଖା ରହିଛି। ଅନ୍ୟପକ୍ଷରେ ଘଟଣାକୁ ନେଇ କଟକ ଡିସିପି କହିଛନ୍ତି, ଯଦି ମହିଳାଙ୍କୁ ଜାଣିଛନ୍ତି ତେବେ ତୁରନ୍ତ ୮୨୮୦୩୩୮୩୦୩ ନମ୍ବରରେ ଫୋନ୍ କରି ପୁଲିସକୁ ସୂଚନା ଦେବାକୁ ଡିସିପି ଜଗମୋହନ ମିନା ଗଣମାଧ୍ୟମ ଜରିଆରେ ନିବେଦନ କରିଛନ୍ତି।

## ତିନିଦିନିଆ ଜିଲ୍ଲା ଗସ୍ତରେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଆଜିଠୁ ତିନିଦିନିଆ ତିନି ଜିଲ୍ଲା ଗସ୍ତରେ ଗଲେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ । ମାଲକାନଗିରି, କୋରାପୁଟ ଓ ସମ୍ବଲପୁର ଗସ୍ତ କରିବେ ମୁଖ୍ୟମନ୍ତ୍ରୀ। ମାଲକାନଗିରିରେ କୃଷକ ମେଳା ଓ ପଲିଶ୍ରି ମେଳାର କରିବେ ଉଦଘାଟନ। ତାହା ସହ ସରକାରୀ ଏବଂ ଦଳୀୟ କାର୍ଯ୍ୟକ୍ରମ ଭାଗ ନେବେ। କୋରାପୁଟରେ ଅନୁଷ୍ଠିତ ହେବାକୁ ଥିବା ଆଦିବାସୀଙ୍କ ପର୍ବରେ ଭାଗ ନେବା ସହ ରହିଛି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ। ସମ୍ବଲପୁରରେ ବି ଅନେକ ସରକାରୀ ଓ ଦଳୀୟ କାର୍ଯ୍ୟକ୍ରମରେ ଯୋଗଦାନ କରି ରାଜ୍ୟ ଓ ଜିଲ୍ଲାର ବିକାଶ ନେଇ ଗସ୍ତ ସମୟରେ କରିବେ ସମୀକ୍ଷା।

### ୯ମ ଅନ୍ତଃରାଷ୍ଟ୍ରୀୟ ଗୀତା ମହୋତ୍ସବ

## ଓଡ଼ିଶା ମଣ୍ଡପ ବୁଲି ଦେଖିଲେ ପ୍ରବାସୀ ଓଡ଼ିଆ

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ହରିୟାଣାର କୁରୁକ୍ଷେତ୍ରରେ ଦେଖିବାକୁ ମିଳିଛି ଆମ ଓଡ଼ିଆ ସଂସ୍କୃତିର ଝଲକ। ଚଳିତବର୍ଷ ଗୀତା ମହୋତ୍ସବରେ ଓଡ଼ିଶା ପାର୍ଟନର ଷ୍ଟେଟ୍ ଭାବେ ଯୋଗ ଦେଇଛି। କୋଣାର୍କ ଚକ୍ରଠାରୁ ଆରମ୍ଭ କରି ଓଡ଼ିଶୀ ନୃତ୍ୟ ପର୍ଯ୍ୟନ୍ତ, ଓଡ଼ିଶା ମଣ୍ଡପରେ ଓଡ଼ିଶାର କଳା, ଭାସ୍କର୍ଯ୍ୟ, ସଂସ୍କୃତି ଏବଂ ଐତିହ୍ୟର ଏକ ନିଚ୍ଛକ ପ୍ରତିଫଳନ ଦେଖିବାକୁ ମିଳୁଛି। ଏହା ଦ୍ୱାରା ଦେଶ-ବିଦେଶରୁ ଆସୁଥିବା ବିଭିନ୍ନ ଦର୍ଶକମାନେ ଓଡ଼ିଶାର ଗୌରବମୟ ଇତିହାସ ଏବଂ ସଂସ୍କୃତି ସମ୍ବନ୍ଧରେ ଅବଗତ ହୋଇପାରୁଛନ୍ତି। ଆମେ ମଧ ପ୍ରତିଦିନ ଓଡ଼ିଶା ମଣ୍ଡପ ବୁଲିବାକୁ ଆସୁଛୁ ଏବଂ ଓଡ଼ିଶା ସରକାରଙ୍କ ଏହି ପ୍ରୟାସ ପାଇଁ ମୁଁ ସମସ୍ତଙ୍କୁ ଧନ୍ୟବାଦ ଜଣାଉଛି', ଏହିପରି ମନ୍ତବ୍ୟ ରଖିଛନ୍ତି ହରିୟାଣା କୁରୁକ୍ଷେତ୍ର ନ୍ୟାସନାଲ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜିରେ କାର୍ଯ୍ୟ କରୁଥିବା ପ୍ରବାସୀ ଓଡ଼ିଆ। ସେହିପରି ଭାବେ ଓଡ଼ିଶା ମଣ୍ଡପରେ ବିଶେଷ ଆକର୍ଷଣ ପାଲଟିଛି ପାରମ୍ପରିକ ଓଡ଼ିଆ ଖାଦ୍ୟ। ଓଡ଼ିଶା ପ୍ରସିଦ୍ଧ ଡାଲମା, ଦହିବରା, ରସଗୋଲା, ଛେନାପୋଡ଼, ମଣ୍ଡା, କାକରା, ଏଣ୍ଡୁରି ଆଦି ପିଠା ଖାଇବାକୁ ଷ୍ଟଲରେ ଲୋକଙ୍କ ଭିଡ଼ ଜମିବା ସହ ଲୋକମାନେ ଏହାକୁ ବେଶ୍ ପସନ୍ଦ କରିଛନ୍ତି। ୨୦୧୬ ମସିହାରେ ଗୀତା ମହୋତ୍ସବ ଭାରତରେ ଆରମ୍ଭ ହେବା ପରେ ୨୦୧୯ ମସିହାରୁ ଲଣ୍ଡନ, କାନାଡ଼ା, ଶ୍ରୀଲଙ୍କା ଓ ଅଷ୍ଟ୍ରେଲିଆ ଭଳି ଦେଶରେ ମଧ ଗୀତା ମହୋତ୍ସବର ଆୟୋଜନ କରାଯାଉଛି।

## ଅଚ୍ୟୁତ ସାମନ୍ତଙ୍କୁ ୬୩ତମ ସମ୍ମାନସୂଚକ ଡକ୍ଟରେଟ୍



ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଶିକ୍ଷାବିତ୍, ସମାଜସେବୀ ତଥା କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କୁ ମଧ୍ୟପ୍ରଦେଶର ରେୱାସ୍ଥିତ ଅବଧେଶ ପ୍ରତାପ ସିଂହ ବିଶ୍ୱବିଦ୍ୟାଳୟ ପକ୍ଷରୁ ସମ୍ମାନସୂଚକ ଡକ୍ଟରେଟ୍ ପ୍ରଦାନ କରାଯାଇଛି। ଗୁରୁବାର ଅବଧେଶ ପ୍ରତାପ ସିଂହ ବିଶ୍ୱବିଦ୍ୟାଳୟର ୧୨ତମ ସମାବର୍ତ୍ତନ ସମାରୋହ ଅବସରରେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ହେଉଛି ଅଚ୍ୟୁତ ସାମନ୍ତଙ୍କ ୬୩ତମ ସମ୍ମାନସୂଚକ ଡକ୍ଟରେଟ୍। ଶିକ୍ଷା ଜରିଆରେ ସମାଜର ବିକାଶ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ସକାଶେ ଶ୍ରୀ ସାମନ୍ତଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିବା ବିଶ୍ୱବିଦ୍ୟାଳୟ ପକ୍ଷରୁ କୁହାଯାଇଛି। ଏହି ସମ୍ମାନ ଗ୍ରହଣ କରି ଶ୍ରୀ ସାମନ୍ତ କହିଛନ୍ତି, ବିଗତ ୩୩ବର୍ଷ ଧରି ମୁଁ ନିରନ୍ତର ସମାଜସେବା କରିଆସୁଛି। ଏହି ସମ୍ମାନ ଶିକ୍ଷା ଓ ସମାଜସେବା କ୍ଷେତ୍ରରେ କାମ କରିବାକୁ ଆହୁରି ପ୍ରେରଣା ଯୋଗାଇବ ବୋଲି ଶ୍ରୀ ସାମନ୍ତ କହିଛନ୍ତି। ଏହା ପୂର୍ବରୁ ସମାଜସେବା ଓ ଶିକ୍ଷା କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ ନିମନ୍ତେ ବିଶ୍ୱର ବିଭିନ୍ନ ଦେଶର ବହୁ ସମ୍ମାନଜନକ ବିଶ୍ୱବିଦ୍ୟାଳୟ ଓ ପ୍ରତିଷ୍ଠିତ ଅନୁଷ୍ଠାନ ପକ୍ଷରୁ ଶ୍ରୀ ସାମନ୍ତଙ୍କୁ ସମ୍ମାନସୂଚକ ଡକ୍ଟରେଟ୍ ଡ଼ିଗ୍ରୀ ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମଧ୍ୟପ୍ରଦେଶ ରାଜ୍ୟପାଳ ତଥା ବିଶ୍ୱବିଦ୍ୟାଳୟ କୁଳାଧିପତି ମଙ୍ଗୁଭାଇ ପଟେଲ ଓ କୁଳପତି ଡ ରାଜକୁମାର ଆଚାର୍ଯ୍ୟଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ସୂଚନାଯୋଗ୍ୟ, ୧୯୬୮ ମସିହାରେ ପ୍ରତିଷ୍ଠିତ ଅବଧେଶ ପ୍ରତାପ ସିଂହ ବିଶ୍ୱବିଦ୍ୟାଳୟ ଏକ ସମ୍ମାନଜନକ ସରକାରୀ ବିଶ୍ୱବିଦ୍ୟାଳୟ।

## ସରକାର ରାଜଧର୍ମ ପାଳନ କରନ୍ତୁ: ବିଜେଡି

ଭୁବନେଶ୍ୱର(ଭାସ୍କର ନ୍ୟୁଜ୍): ଧାନ ମଣ୍ଡି ଖୋଲା ନ ଯାଇ ଇନପୁଟ ସହାୟତା ଦିଆଗଲା। କେବଳ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟକ୍ରମକୁ ଦେଖି ତା ପୂର୍ବରୁ ସହମତି ଭିତ୍ତିରେ ଧାନ ଉଠାଗଲା। ବିଜେଡ଼ି ସରକାରରେ କୁହଯାଉଥିଲା ଯେ କଟନି ଛଟନି ହେଉଛି। କିନ୍ତୁ ବିଜେପି କଟନି ଛଟନି ବନ୍ଦ କରିବା ପ୍ରତିଶ୍ରୁତି ଦେଇ ସରକାରକୁ ଆସିଲା। କିନ୍ତୁ ଏବେ ବି ସମାନ ସ୍ଥିତି। ୪ ରୁ ୫ କେଜି ଧାନ କଟାଯାଉଛି ବୋଲି କହିଛନ୍ତି ବିଜେଡି ନେତା ଭୂପିନ୍ଦର ସିଂ । ସେ କହିଛନ୍ତି ଯେ, ମୋର ଅନୁରୋଧ ସରକାରଙ୍କୁ ଚାଷୀର ଧାନକୁ ସଙ୍ଗେ ସଙ୍ଗେ ଓଜନ କରି ଟୋକନ ଦିଆଯାଉ। ସରକାର ରାଜଧର୍ମ ପାଳନ କରନ୍ତୁ। ମୋର ଉଦ୍ଦେଶ୍ୟ ନୁହେଁ ସରକାରକୁ ନିନ୍ଦା ବା ସମାଲୋଚନା କରିବା। ଏମଏସପି ୩୬୦୦ ହେବା କଥା। ୱାନ ପଲିସି କୃଷକଙ୍କ ପାଇଁ ସାରାଦେଶରେ। ଯେମିତି ଇଭିଏମକୁ ଗ୍ରହଣ କରାଯାଇ ପାରୁନି ସେମିତି ଗ୍ରେନ ଆନା ଲାଇଜରକୁ ଚାଷୀ ଗ୍ରହଣ କରାଯାଇ ପାରୁନି ବୋଲି ସ୍ୱର ଉଠିଲାଣି ବୋଲି କହିଛନ୍ତି ବରିଷ୍ଠ ବିଜେଡି ନେତା ।

## ପଞ୍ଚାୟତିରାଜ ମନ୍ତ୍ରୀଙ୍କ ଦ୍ୱାରା ଜାତୀୟ ପଞ୍ଚାୟତ ପୁରସ୍କାର ବିଜେତା ସମ୍ବର୍ଦ୍ଧିତ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ରାଷ୍ଟ୍ରପତିଙ୍କ ଠାରୁ ଜାତୀୟ ପଞ୍ଚାୟତ ପୁରସ୍କାର ଗ୍ରହଣ କରିଥିବା ସମସ୍ତ ଅଧିକାରୀ ଓ ସଦସ୍ୟବୃନ୍ଦଙ୍କୁ ଗୁରୁବାର ପଞ୍ଚାୟତିରାଜ ଏବଂ ପାନୀୟଜଳ, ଗ୍ରାମ୍ୟ ଉନ୍ନୟନ ମନ୍ତ୍ରୀ ରବି ନାରାୟଣ ନାଏକ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ସେ ଏହାକୁ ସମଗ୍ର ରାଜ୍ୟ ପାଇଁ ଏକ ପ୍ରେରଣାର ବିଷୟ ବୋଲି ଅଭିହିତ କରିବା ସହ ବିକଶିତ ଓଡ଼ିଶା ଗଠନର ମୂଳଦୁଆ ବୋଲି ମତପ୍ରକାଶ କରିଛନ୍ତି । ଭୁବନେଶ୍ୱରସ୍ଥିତ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ଓ ପଞ୍ଚାୟତିରାଜ ପ୍ରତିଷ୍ଠାନର ବଳରାମ ସମ୍ମିଳନୀ କକ୍ଷରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମନ୍ତ୍ରୀ ରବି ନାରାୟଣ ନାଏକ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ର ବିଜେତା ମାନଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି । ଏହି ଅବସରରେ ମନ୍ତ୍ରୀ ବିଜେତା ମାନଙ୍କୁ ସମ୍ବୋଧିତ କରି ସେମାନଙ୍କ ପ୍ରଚେଷ୍ଟା ଯୋଗୁଁ ସମଗ୍ର ରାଜ୍ୟ ଗର୍ବିତ ବୋଲି ପ୍ରକାଶ କରିବା ସହ ଏହା ତ୍ରି-ସ୍ତରୀୟ ପଞ୍ଚାୟତିରାଜ ବ୍ୟବସ୍ଥାର ଅନ୍ୟ ଅନୁଷ୍ଠାନ ଗୁଡ଼ିକର ଉତ୍ସାହ ବୃଦ୍ଧି କରିବ ବୋଲି ପ୍ରକାଶ କରିଥିଲେ । ଏହି ଅବସରରେ ମନ୍ତ୍ରୀ ସମସ୍ତଙ୍କ ସହ ଆଲୋଚନା କରି ସେମାନଙ୍କୁ ଉତ୍ସାହିତ କରିଥିଲେ । ୨୦୩୦ ମସିହା ସୁଦ୍ଧା ମିଳିତ ଜାତିସଂଘ ଦ୍ୱାରା ଧାର୍ଯ୍ୟ ଦୀର୍ଘସ୍ଥାୟୀ ବିକାଶ ଲକ୍ଷ୍ୟ ହାସଲ ନିମନ୍ତେ ଦେଶର ପ୍ରତିବଦ୍ଧତା ପରିପ୍ରେକ୍ଷୀରେ ଗ୍ରାମାଞ୍ଚଳ ବିକାଶମୂଳକ କାର୍ଯ୍ୟର ଆହ୍ୱାନକୁ ଦୃଷ୍ଟିରେ ରଖି ତ୍ରି-ସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନଗୁଡ଼ିକ ମହତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି । ଆମ ରାଜ୍ୟର ପଂଚାୟତିରାଜ ଅନୁଷ୍ଠାନଗୁଡ଼ିକ ଯଥା ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଜିଲ୍ଲା ପରିଷଦ ଜାତୀୟ ସ୍ତରରେ ପ୍ରଭାବୀ ପ୍ରଦର୍ଶନ ଜାରି ରଖୁଛନ୍ତି, ଯାହାକି ଓଡ଼ିଶା ପାଇଁ ଏକ ଗର୍ବ ଓ ଗୌରବର ବିଷୟ ବୋଲି ମନ୍ତ୍ରୀ ଶ୍ରୀ ନାଏକ ପ୍ରକାଶ କରିଛନ୍ତି । ସୂଚନାଯୋଗ୍ୟ ଯୋଗ୍ୟ ଯେ ଜାତୀୟ ପଞ୍ଚାୟତ ପୁରସ୍କାର-୨୦୨୪ ଅଧୀନରେ ସାତଟି ବର୍ଗରେ ଓଡ଼ିଶାକୁ ପୁରସ୍କୃତ କରାଯାଇଛ । ଭାରତ ସରକାରଙ୍କ ପଞ୍ଚାୟତିରାଜ ମନ୍ତ୍ରାଳୟ ଦ୍ୱାରା ପ୍ରଦତ୍ତ ଏହି ଜାତୀୟ ପଞ୍ଚାୟତ ପୁରସ୍କାରରେ ସାତଗୋଟି ବର୍ଗରେ ଓଡ଼ିଶାକୁ ସର୍ବାଧିକ ୮ କୋଟି ୫୦ ଲକ୍ଷ ଟଙ୍କାର ପୁରସ୍କାର ରାଶି ପ୍ରଦାନ କରାଯାଇଛି । ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନଠାରେ ଆୟୋଜିତ ଜାତୀୟ ପଂଚାୟତ ପୁରସ୍କାର ପ୍ରଦାନ ଉତ୍ସବରେ ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ସାତଗୋଟି ବର୍ଗରେ ଓଡ଼ିଶାକୁ ପୁରସ୍କୃତ କରିଥିଲେ ।



ବିଜେଡିର ଭବିଷ୍ୟତ କାର୍ଯ୍ୟପନ୍ଥା ଉପରେ ପାର୍ଟିର ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ସହ ଆଲୋଚନା କରୁଛନ୍ତି ବିଜେଡି ଉପଦେଷ୍ଟା କମିଟି

## ମର୍କତ ନଗର ଆବାସିକ ସଂଘ ପକ୍ଷରୁ ମା' ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା



କଟକ(ଭାସ୍କର ନ୍ୟୁଜ): ସିଡ଼ିଏ, ସେକ୍ଟର-୬ ସ୍ଥିତ ଜଗନ୍ନାଥ ମନ୍ଦିର ପରିସରରେ ଥିବା ନୂତନ ଭାବେ ନିର୍ମିତ ହୋଇଥିବା ମା ମଙ୍ଗଳାଙ୍କ ମନ୍ଦିର ପ୍ରତିଷ୍ଠା ମହା ସମାରୋହରେ ପାଳିତ ହୋଇଯାଇଅଛି । ଦୁଇଦିନ ବ୍ୟାପି ପ୍ରତିଷ୍ଠା ଉତ୍ସବରେ ୧୦୮ ମହିଳାଙ୍କ ଦ୍ୱାରା ଚହଟା ଘାଟରୁ କଳସ ଶୋଭାଯାତ୍ରାରେ ଆସି ଜଗନ୍ନାଥ ମନ୍ଦିର ପରିସରରେ ଥିବା ମା'ଙ୍କ ପୀଠରେ କଳସ ପ୍ରତିଷ୍ଠା ହେବା ପରେ ନୂତନଭାବେ ନିର୍ମିତ ହୋଇଥିବା ମନ୍ଦିର ପ୍ରତିଷ୍ଠା ଅନୁଷ୍ଠିତ ହୋଇଥିଲା । ଦୁଇ ଦିନ ବ୍ୟାପି ଭକ୍ତମାନଙ୍କ ପାଇଁ ପ୍ରସାଦ ସେବନ ମର୍କତ ନଗର ଆବାସିକ ସଂଘ ପକ୍ଷରୁ ସମସ୍ତଙ୍କ ପାଇଁ ଆୟୋଜନ କରାଯାଇଥିଲା । ମର୍କତ ନଗର ଆବାସିକ ସଂଘର ସଭାପତି ବରିଷ୍ଠ ଆଇନଜିବୀ ଦୟାନିଧି ଲେଙ୍କା ଓ ସମ୍ପାଦକ ମାନସ ରନ ପଟ୍ଟନାୟକଙ୍କ ତତ୍ୱାବଧାନରେ ଅନୁଷ୍ଠିତ ମା ମଙ୍ଗଳାଙ୍କ ନୂତନ ମନ୍ଦିର ପ୍ରତିଷ୍ଠାରେ ଆଇନଜିବୀ ଗଦାଧର ସାହୁ, ଯୁଗ୍ମ ସମ୍ପାଦକ ବଂକିମ ଚନ୍ଦ୍ର ମହାନ୍ତି, କୋଷାଧକ୍ଷ ନିଶାକର ଦାଶ, ପ୍ରଦୀପ କୁମାର ସାହୁ, ରଘୁନାଥ ପଣ୍ଡା, ରାଜକିଶୋର ନାୟକ , ଦଇତାରୀ ନାୟକ, ଅକ୍ଷୟ କୁମାର ଆଚାର୍ଯ୍ୟ , ପ୍ରେମାନନ୍ଦ ଦାଶ, ସନ୍ତୋଷ କୁମାର ନନ୍ଦ, ସଚ୍ଚିଦ୍ର କୁମାର ବିଶ୍ୱାଳ, ଜଟେଶ୍ୱର ସେଠୀ, ସୟ କୁମାର ଦେଓ, ଲକ୍ଷ୍ମୀଧର କର, ଶଶି ପ୍ରଧାନ, ସରୋଜ କୁମାର ଲେଙ୍କା, ତ୍ରିଲୋଚନ ମିଶ୍ର, ଗିରିଜା ପଟ୍ଟନାୟକ, ସିଦ୍ଧେନ୍ଦୁ କୁମାର ରାଉତରାୟ ଓ ପ୍ରସନ୍ନ କୁମାର ଦାସ ପ୍ରଭୃତି ସହଯୋଗ କରିଥିଲେ । ନୂତନ ମନ୍ଦିର ନିର୍ମାଣ ଓ ପ୍ରତିଷ୍ଠାରେ ସହଯୋଗ କରିଥିବା ବଦାନ୍ୟ ବ୍ୟକ୍ତି ଓ ଭକ୍ତମାନଙ୍କ ସହଯୋଗ ଯୋଗୁଁ ଏହା ସଫଳ ହୋଇଥିବାରୁ ସମସ୍ତଙ୍କୁ କୃତଜ୍ଞତା କରାଯାଇଛି ।

### ସୁରତରଙ୍ଗର ବାର୍ଷିକ ଉତ୍ସବ

# କୁମାର ସାନୁଙ୍କ କଣ୍ଠରୁ କୁଛ ନା କହୋ...

ଭୁବନେଶ୍ୱର(ଭାସ୍କର ନ୍ୟୁଜ): ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୁରତରଙ୍ଗର ୩୧ତମ ବାର୍ଷିକ ଉତ୍ସବ ରବୀନ୍ଦ୍ରମଣ୍ଡପଠାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଅତିଥିଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଓଡିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ଏକାମ୍ର ବିଧାୟକ ବାବୁ ସିଂ, ବିଜେପି ନେତା ଜଗନ୍ନାଥ ପ୍ରଧାନ, କ୍ଲିୟର ୱାଟର ସଂସ୍ଥାର ନିର୍ଦ୍ଦେଶକ ପ୍ରେମ ଜୈଶ୍ୱାଲ, ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ଡ. ମୁରଲୀ ଶର୍ମା, ବିଭୂତୀ ପଟ୍ଟନାୟକ, ସଭାପତି ସମୀର ମହାନ୍ତି ପ୍ରମୁଖ ଯୋଗଦେଇଥିଲେ। ମୁଖ୍ୟ ସଂଯୋଜକ ପ୍ରିୟରଞ୍ଜନ ମହାନ୍ତିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବଲିଉଡର ପ୍ରସିଦ୍ଧ କଣ୍ଠଶିଳ୍ପୀ କୁମାର ସାନୁଙ୍କ ଚିରସବୁଜ ସଙ୍ଗୀତକୁ ନେଇ ସଙ୍ଗୀତ ଆସର 'କୁଛ ନା କହୋ' ପରିବେଷଣ କରାଯାଇଥିଲା। ତେବେ ସନ୍ଧ୍ୟାର ଆକର୍ଷଣ ସାଜିଥିଲେ ବଲିଉଡର ଜୁନିୟର କୁମାର ସାହୁ। ଅନେକ ସଙ୍ଗୀତକୁ ସେ ନିଜ ସୁମଧୁର କଣ୍ଠସ୍ୱରରେ ତୋଳି ଧରିଥିଲେ। ଏହି ଅବସରରେ ସେ ସୋଚେଙ୍ଗେ ତୁମ୍‌ହେ ପ୍ୟାର..., ସାଁସୋ କି ଜରୁରତ..., କିତନା ହସିନା ଚେହରା..., ଏକ ଲଡକି କୋ ଦେଖା... ଆଦି ପରିବେଷଣ କରିଥିଲେ। ସେହିପରି ସେ କଣ୍ଠଶିଳ୍ପୀ ଶିଳ୍ପୀ, ବିଟୁ, ସ୍ମରଣିକା, ତନୁଶ୍ରୀ, ପ୍ରତିଭା, ତନୟା, ରିତିକା, ସାନୟାଙ୍କ ସହିତ ମିଶି ଦ୍ୱେତଭାବେ ସଙ୍ଗୀତ ପରିବେଷଣ କରିଥିଲେ। ଏହି ଅବସରରେ କିମ୍ବଦନ୍ତୀ କଣ୍ଠଶିଳ୍ପୀ ସ୍ୱରୂପା ଚକ୍ରବର୍ତ୍ତୀଙ୍କୁ ସୁରତରଙ୍ଗ ଶୀର୍ଷ ସମ୍ମାନ-୨୦୨୪ ପ୍ରଦାନ କରାଯାଇଥିଲା। ପୁରସ୍କାର ବାବଦରେ ମାନପତ୍ର ସହ ଅଙ୍ଗବସ୍ତ୍ର ଏବଂ ୧୦ ହଜାରର ଅର୍ଥରାଶି ପ୍ରଦାନ କରାଯାଇଥିଲା। ଜୀବନପ୍ରକାଶ ଦାଶ, ରାକେଶ ମହାନ୍ତି, ଡା. ସୀମରନ ଦାସ, ପ୍ରଭାତ କୁମାର ରାଉତ, ଶାନ୍ତିଲତା ଦାସ ଏବଂ ସମୀର ରଞ୍ଜନ ପ୍ରଧାନ, ବିକ୍ରାନ୍ତ ସିଂ, ସାନାୟା ସୁନୈନା, ରିତିକା ରିମଝିମ୍, ସ୍ମରଣୀକା ନାୟକ ଏବଂ ପ୍ରଶାନ୍ତ କୁମାର ଦାଶଙ୍କୁ ସୁରତରଙ୍ଗ ସମ୍ମାନରେ ସମ୍ମାନିତ କରାଯାଇଥିଲା। କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ ଆରତୀ ପଣ୍ଡା ଏବଂ ଗୁଲସନ ନଦୀମ। ପ୍ରକାଶ ଥାଉକି ସୁରତରଙ୍ଗ ଅନୁଷ୍ଠାନ ନବାଗତ କଣ୍ଠଶିଳ୍ପୀ ଓ ବାଦ୍ୟଶିଳ୍ପୀମାନଙ୍କୁ ମଞ୍ଚ ପ୍ରଦାନ କରିବା ସହିତ ପ୍ରୋତ୍ସାହନ ଦେଇଆସୁଛି ଓ ଆଗକୁ ଏହି ଧାରା ବଜାୟ ରହିବ ବୋଲି ସୁରତରଙ୍ଗ ପକ୍ଷରୁ ପୀୟୁଷ ମହାନ୍ତି କହିଛନ୍ତି।





ଦୂତି ଚାନ୍ଦଙ୍କ କାର୍ ଦୁର୍ଘଟଣାଗ୍ରସ୍ତ | ୭

# ଓଡ଼ିଶା ଭାସ୍କର

ODISHA BHASKAR

ଯାହା ଆପଣଙ୍କ କଥା କହେ

facebook.com/odishabhaskar
twitter.com/odishabhaskar



ଜେ.ପି.ନଡ୍ଡାଙ୍କୁ ଭବ୍ୟ ସମ୍ବର୍ଦ୍ଧନା | ୬

RNI Regd. No.ORI ORI 2004/12956 Postal Regd. No. BN/294/21-232 Published Simultaneously from Bhubaneswar, Angul & Berhampur. www.odishabhaskar.com

ଏକବିଂଶତମ ବର୍ଷ ସଂଖ୍ୟା-୨୫୫ Vol. 21 No-255 14 DECEMBER 2024 SATURDAY BHUBANESWAR ଶନିବାର, ୧୪ ଡିସେମ୍ବର ୨୦୨୪ ପୃଷ୍ଠା-୮ ମୂଲ୍ୟ: ୭.୦୦


### ପ୍ରୟାଗରାଜରେ ପ୍ରଧାନମନ୍ତ୍ରୀ

# କୁମ୍ଭମେଳା ଏକତାର ପ୍ରତୀକ



ପ୍ରୟାଗରାଜ, ୧୩।୧୨: କୁମ୍ଭମେଳା ହେଉଛି ଏକତାର ପ୍ରତୀକ । ଆସନ୍ତା ଜାନୁଆରୀ ୧୩ତାରିଖରୁ ଉତ୍ତରପ୍ରଦେଶରେ ଆରମ୍ଭ ହେବାକୁ ଯାଉଛି ବିଶ୍ୱପ୍ରସିଦ୍ଧ ମହାକୁମ୍ଭ ମେଳା । ଏହି ମହାପର୍ବର ଠିକ୍ ଗୋଟିଏ ମାସ ଆଗରୁ ଅର୍ଥାତ୍ ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପ୍ରୟାଗରାଜରେ ପହଞ୍ଚି ମହାକୁମ୍ଭର ସଫଳ ଆୟୋଜନ ପାଇଁ ଗଙ୍ଗାପୂଜା କରିବା ପରେ ଆୟୋଜିତ ଜନସଭାକୁ ସମ୍ବୋଧିତ କରି କହିଥିଲେ ଯେ, ଏହି ମହାପର୍ବ ହେଉଛି ଆମ ଦେଶର ସଂସ୍କୃତି ଓ ପରମ୍ପରାର ଝଲକ୍ । ଏଥିସହ ସେ ୫୫୦୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ୧୬୭ ପ୍ରକଳ୍ପର ଲୋକାର୍ପଣ କରିଥିଲେ । ଏହି ପ୍ରକଳ୍ପଗୁଡ଼ିକ ମଧ୍ୟରେ ଅକ୍ଷୟବଟ କରିଡର, ହନୁମାନ ମନ୍ଦିର କରିଡର, ସରସ୍ୱତୀ କୂପ କରିଡର, ଭରଦ୍ୱାଜ ଆଶ୍ରମ କରିଡର, ଶୃଙ୍ଗଭେରପୁର କରିଡର ସହିତ କୁମ୍ଭମେଳା ପାଇଁ କୁମ୍ଭ ସହାୟକ ଚାଟ ବଟ୍‌ର ମଧ୍ୟ ଲୋକାର୍ପଣ କରିଛନ୍ତି । ଗଙ୍ଗାପୂଜା ପରେ ପ୍ରଧାନମନ୍ତ୍ରୀ ମୋଦୀ ଅକ୍ଷୟବଟ ଓ ବଡ଼ ହନୁମାନ ମନ୍ଦିରରେ ପହଞ୍ଚି ଦର୍ଶନ ଓ ଆଳତୀ କରିଥିଲେ । ପ୍ରୟାଗରାଜ ବିକାଶ ପ୍ରାଧିକରଣର ଭିସି ପ୍ରଧାନମନ୍ତ୍ରୀଙ୍କୁ ପ୍ରକଳ୍ପ ସମ୍ବନ୍ଧରେ ସୂଚନା ଦେଇଥିଲେ । ଏହାପରେ ସଙ୍ଗମ କୂଳରେ ଆୟୋଜିତ ହେବାକୁ ଥିବା କୁମ୍ଭମେଳା ସ୍ଥଳରେ ପହଞ୍ଚି ଭକ୍ତଙ୍କ ପାଇଁ ସୁବିଧା ସହ ଭିଡ ପରିଚାଳନା ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ । ପ୍ରଧାନମନ୍ତ୍ରୀଙ୍କ ସହ ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ମଧ୍ୟ ଉପସ୍ଥିତ ଥିଲେ । ମୋଦୀ କହିଥିଲେ ଯେ, ଏହି ମହାକୁମ୍ଭ ଆୟୋଜନ ଦେଶର ଆଧ୍ୟାତ୍ମିକ ଓ ସାଂସ୍କୃତିକ ପରିଚୟକୁ ଏକ ନୂତନ ଶିଖରରେ ପହଞ୍ଚାଇବ । ଏହା ଏକତାର ପ୍ରତୀକ ଓ ଏହି ମେଳା ସାରା ବିଶ୍ୱରେ ମଧ୍ୟ ଚର୍ଚ୍ଚାର ବିଷୟ ପାଲଟିବ ବୋଲି ସେ କହିଥିଲେ ।

### ନାରୀ ନେତ୍ରୀଙ୍କ ପାଇଁ ଦିନିକିଆ କର୍ମଶାଳା ଉଦ୍‌ଘାଟିତ

## ନାରୀଶକ୍ତି ହେଉଛି ଶକ୍ତି, ନମ୍ରତା ଏବଂ ଆଶାର ପ୍ରତୀକ: ଧର୍ମେନ୍ଦ୍ର

ନୂଆଦିଲ୍ଲୀ, ୧୩।୧୨: ନାରୀଶକ୍ତି ହେଉଛି ଶକ୍ତି, ନମ୍ରତା ଏବଂ ଆଶାର ପ୍ରତୀକ । ଭାରତୀୟ ସଭ୍ୟତାରେ ମହିଳାମାନଙ୍କୁ ସମ୍ମାନ ଦେବା ଓ ସେମାନଙ୍କ ସହ ଉତ୍ତମ ବ୍ୟବହାର କରିବାର ଅନ୍ତର୍ନିହିତ ମୂଲ୍ୟବୋଧ ରହିଛି ବୋଲି ଶୁକ୍ରବାର ନୂଆଦିଲ୍ଲୀରେ ୟୁଜିସି ଦ୍ୱାରା ଆୟୋଜିତ ମହିଳା ନେତ୍ରୀମାନଙ୍କ ପାଇଁ ଦିନିକିଆ କର୍ମଶାଳାକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ । ଏହି କର୍ମଶାଳାର ବିଷୟବସ୍ତୁ ରହିଥିଲା 'ମହିଳା ନେତୃତ୍ୱ: ୨୦୪୭ ସୁଦ୍ଧା ଭାରତକୁ ବିକଶିତ କରିବା ପାଇଁ ଏକାଡେମିକ ଉତ୍କର୍ଷତା' । ଏହି ଅବସରରେ ଶ୍ରୀ ପ୍ରଧାନ ଜାତୀୟ ଶିକ୍ଷା ନୀତିର ପରିକଳ୍ପନା, ଶିକ୍ଷାର ପ୍ରତ୍ୟେକ ସ୍ତରରେ ମହିଳା ସଶକ୍ତୀକରଣ ଉପରେ ଗୁରୁତ୍ୱରୋପ କରିଥିଲେ । ମହିଳାମାନେ କିପରି ଉଚ୍ଚଶିକ୍ଷାରେ ଆଗକୁ ବଢୁଛନ୍ତି ଏବଂ ସେମାନଙ୍କ ନେତୃତ୍ୱକୁ ଆଗକୁ ନେବା ପାଇଁ ପ୍ରେରିତ କରିବା ଦିଗରେ ଏହି କର୍ମଶାଳା ଏକ ମାଧ୍ୟମ ହେବ ବୋଲି ସେ କହିଛନ୍ତି । ଏହି ଅବସରରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ମହିଳା ସଶକ୍ତୀକରଣର ଏକ ଭାରତୀୟ ମଡେଲ ସୃଷ୍ଟି କରିବା ଉପରେ ଗୁରୁତ୍ୱରାପ କରିଥିଲେ । ସେ କହିଥିଲେ ଆମକୁ ମହିଳାଙ୍କ ପାଇଁ ଏପରି ଏକ ମଡେଲ ସୃଷ୍ଟି କରିବାକୁ ହେବ, ଯେଉଁ ମଡେଲ ଦ୍ୱାରା ମହିଳାମାନେ ସ୍ୱଇଚ୍ଛା ଅନୁସାରେ ସବୁ ନିଷ୍ପତି ନିଜେ ନେଇପାରିବେ । ତେବେ ଆଜିର କର୍ମଶାଳାରେ ହୋଇଥିବା ଆଲୋଚନା ଏବଂ ଅନେକ ବ୍ୟକ୍ତିବିଶେଷଙ୍କ ଅଭିଜ୍ଞତା ଆଦାନ ପ୍ରଦାନରେ ଏକ ରୋଡ୍ ମ୍ୟାପ୍ ପ୍ରଦାନ କରିବ ବୋଲି ଶ୍ରୀ ପ୍ରଧାନ କହିଛନ୍ତି । ଏହି ଅବସରରେ କେନ୍ଦ୍ର ଉତ୍ତର-ପୂର୍ବାଞ୍ଚଳ ଶିକ୍ଷା ଓ ବିକାଶ ରାଷ୍ଟ୍ରମନ୍ତ୍ରୀ ଡ. ସୁକାନ୍ତ ମଜୁମଦାର ମଧ୍ୟ ଉପସ୍ଥିତ ଥିଲେ ।

### ରାଜ୍ୟସଭା ଉପନିର୍ବାଚନ

## ସୁଜିତ୍ କୁମାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ

ଭୁବନେଶ୍ୱର, ୧୩।୧୨ (ଭାସ୍କର ନ୍ୟୁଜ୍): ରାଜ୍ୟସଭା ଉପନିର୍ବାଚନରେ ବିଜେପି ପ୍ରାର୍ଥୀ ସୁଜିତ୍ କୁମାର ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଛନ୍ତି । ଏକମାତ୍ର ପ୍ରାର୍ଥୀ ଭାବେ ବିଜେପିରୁ ସେ ନାମାଂକନ ଦାଖଲ କରିଥିବାରୁ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ଘୋଷିତ କରାଯାଇଛି । ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ପରେ ସାଂସଦ ସୁଜିତ୍ କୁମାର ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି ଯେ, ସଂସଦରେ କଳାହାଣ୍ଡି ତଥା ଓଡ଼ିଶା ପ୍ରସଙ୍ଗ ଉଠାଇବେ । ସେ କହିଛନ୍ତି ଯେ, ବିଜେଡିରୁ ନେତା ମୁହଁ ଫେରାଇବା ଆରମ୍ଭ କଲେଣି । କଳାହାଣ୍ଡିର ୮୦% ପଞ୍ଚାୟତ ପ୍ରତିନିଧି ବିଜେପିରେ ମିଶି ସାରିଲେଣି । ଆଗାମୀ ଦିନରେ ଅନେକ ନେତା ବିଜେପିରେ ମିଶିବେ ।




ମାଲ୍ୟବନ୍ତ ମହୋତ୍ସବ-୨୦୨୪

## ସୁଭଦ୍ରା ଯୋଜନା

1. ୧୧୧ଟି ଗ୍ରାମ ପଞ୍ଚାୟତ, ୭୭ଟି ବ୍ଲକ/ୟୁ ଏଲ୍ ବି ଏବଂ ୪୩୧ ଟି ସି ଏସ ସି/ମୋ ସେବା କେନ୍ଦ୍ର କୁ ସୁଭଦ୍ରା ଫ୍ଲାକ୍ସ ବ୍ୟାନର ବଣ୍ଟା ଗଲା।
2. ୧୧୧ଟି ଗ୍ରାମ ପଞ୍ଚାୟତ ରୁ ୧୩୨୪ ଟି ଅଙ୍ଗନୱାଡ଼ି କେନ୍ଦ୍ରକୁ ସୁଭଦ୍ରା ପ୍ରଚାର ପତ୍ର ଯୋଗାଇ ଦିଆଯାଇଅଛି।
3. ସମସ୍ତ ୧୩୨୪ ଟି ଅଙ୍ଗନୱାଡ଼ି କେନ୍ଦ୍ର ଏବଂ ୪୩୧ ଟି ସିଏସସି/ ମୋ ସେବା କେନ୍ଦ୍ରକୁ ପୋଷ୍ଟର ବଣ୍ଟା ଯାଇଛି।
4. ୨୧୫୬୦ ଅଣ-ଜାତୀୟ ଖାଦ୍ୟ ସୁରକ୍ଷା ଦରଖାସ୍ତକାରୀଙ୍କ ମଧ୍ୟରୁ ସମସ୍ତ ଦରଖାସ୍ତ ଗୁଡିକୁ ତଦନ୍ତ କରିବାକୁ କ୍ଷେତ୍ର ତଦନ୍ତ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି,ଏବଂ ସେମାନେ ୧୬୨୧୮ ଟି ଦରଖାସ୍ତର ତଦନ୍ତ ସମ୍ପୂର୍ଣ୍ଣ କରିସାରିଛନ୍ତି।
5. ମାଲକାନଗିରି ଜିଲ୍ଲାରେ ସୁଭଦ୍ରା ଯୋଜନା ନିମନ୍ତେ ୧୪୫୪୭୮ ଗୋଟି ଦରଖାସ୍ତ ଗ୍ରହଣ କରାଯାଇଛି। ସେଥିମଧ୍ୟରୁ ୧୦୯୫୭୩ ଗୋଟି ଦରଖାସ୍ତ ମଞ୍ଜୁର କରାଯାଇଥିବା ସହିତ ୫୩୧୯ ଗୋଟି ଦରଖାସ୍ତ ନାମଞ୍ଜୁର ହୋଇଅଛି।
6. ୧୩୯୯୩୧ ଗୋଟି ଦରଖାସ୍ତର ଇ-କେୱାଇସି କାର୍ଯ୍ୟ ଶେଷ ହୋଇଥିବା ବେଳେ ବଳକା ୫୫୪୭ ଟି ଦରଖାସ୍ତର ଇ-କେୱାଇସି କାର୍ଯ୍ୟ ବାକି ରହିଛି।
7. ୧୦୯୧୨୭ ଜଣ ହିତାଧିକାରୀଙ୍କୁ ଡ଼ି ବି ଟି ମାଧ୍ୟମରେ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି ଏବଂ ୨୭୯ ଜଣ ହିତାଧିକାରୀଙ୍କୁ ସହାୟତା ପ୍ରଦାନ କରାଯାଉଅଛି।
8. ସେହିଭଳି ୧୭୮ ଜଣ ହିତାଧିକାରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯିବା କୁ ବାକି ରହିଛି ।
9. କ୍ଷେତ୍ର ତଦନ୍ତକାରୀଙ୍କ ଦ୍ୱାରା ଘରକୁ ଘର ଯାଇ ଇ-କେୱାସି ଦରଖାସ୍ତ ଗ୍ରହଣ କରୁଛନ୍ତି । ଏଥି ସହିତ ସେମାନେ ଅନ୍ୟାନ୍ୟ ହିତାଧିକାରୀଙ୍କୁ ମଧ୍ୟ ଉକ୍ତ ଯୋଜନାରେ ଅନ୍ତର୍ଭୁକ୍ତ ହେବାପାଇଁ ପ୍ରବର୍ତ୍ତାଉଛନ୍ତି।

ସମାଜ ମଙ୍ଗଳ ଅଧିକାରୀ,
ମାଲକାନଗିରି



ଓଡ଼ିଶା ଭାସ୍କର
ସମ୍ପାଦକୀୟ



ଯେହୁ କ୍ଷମା ଗୁଣେ ପର ତିରସ୍କାର
ଉପେକ୍ଷା କରଇ ଭବେ,
ଏହି ଚରାଚର ବ୍ରହ୍ମାଣ୍ଡ ଆୟତ୍ତ
ହୁଅଇ ତାହାର ଲବେ।
-ପଲ୍ଲୀକବି ନନ୍ଦକିଶୋର ବଳ



ବୈକୁଣ୍ଠ ସମାନ ଆହା ଅଟେ ସେହି ଘର,
ପରସ୍ପର ସ୍ନେହ ଯହିଁ ଥାଏ ନିରନ୍ତର
-ଭକ୍ତକବି ମଧୁସୂଦନ ରାଓ



## ଗଡ୍‌କରୀଙ୍କ କ୍ଷୋଭଭରା ସ୍ୱୀକାରୋକ୍ତି

# ସଡ଼କ ଦୁର୍ଘଟଣାରେ ଭାରତର ରେକର୍ଡ

କେନ୍ଦ୍ର ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ଦାୟିତ୍ୱରେ ଥିବା ବରିଷ୍ଠ ମନ୍ତ୍ରୀ ତଥା କ୍ଷମତାସୀନ ବିଜେପିର ଜଣେ ଆଗଧାଡ଼ିର ନେତା ନୀତିନ୍ ଗଡ୍‌କରୀ ଗୁରୁବାର ଦିନ ଲୋକସଭାରେ ଦେଇଥିବା ଏକ ମନ୍ତବ୍ୟ ବିଶେଷ ପ୍ରଣିଧାନଯୋଗ୍ୟ ମନେହେଉଛି। ଦେଶରେ ସଡ଼କ ଦୁର୍ଘଟଣା ସଂଖ୍ୟା ଯେପରି ହୁ ହୁ ହୋଇ ବଢ଼ି ଚାଲିଛି, ତାକୁ ରୋକିବାରେ ମନ୍ତ୍ରୀଙ୍କ ଅସହାୟତା ତାଙ୍କ ମନ୍ତବ୍ୟରୁ ସ୍ପଷ୍ଟ ବାରି ହୋଇପଡୁଛି। ଗୃହର ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମରେ ଏକ ପ୍ରଶ୍ନର ଉତ୍ତର ଦେବା ସମୟରେ ଗଡ୍‌କରୀ ସ୍ୱୀକାର କରିଥିଲେ ଯେ, ସଡ଼କ ଦୁର୍ଘଟଣା କ୍ଷେତ୍ରରେ ସାରା ବିଶ୍ୱରେ ଭାରତର ସ୍ଥିତି ସବୁଠାରୁ ଖରାପ। ଅନ୍ୟଅର୍ଥରେ ବିଶ୍ୱର ସର୍ବାଧିକ ସଡ଼କ ଦୁର୍ଘଟଣା ଭାରତରେ ହିଁ ହୋଇଥାଏ ଓ ଏଥିରେ ଭାରତ ରେକର୍ଡ ସୃଷ୍ଟି କରିଛି। ମନ୍ତ୍ରୀ କ୍ଷୋଭଭରା କଣ୍ଠରେ ଆହୁରି କହିଥିଲେ, "ସଡ଼କ ପରିବହନ ବିଭାଗର ମନ୍ତ୍ରୀ ରୂପେ ଦାୟିତ୍ୱ ଗ୍ରହଣ କରିବା ପରେ ଦୁର୍ଘଟଣା ସଂଖ୍ୟା ୫୦ ପ୍ରତିଶତ କମାଇବାକୁ ମୁଁ ପ୍ରତିଶ୍ରୁତି ଦେଇଥିଲି। ମାତ୍ର ସେହି ପ୍ରତିଶ୍ରୁତି ପାଳନରେ ସମ୍ପୂର୍ଣ୍ଣ ବିଫଳ ହୋଇଛି। ବରଂ ଦିନକୁ ଦିନ ଅବସ୍ଥା ଆହୁରି ଖରାପ ହୋଇପଡୁଛି, ଦୁର୍ଘଟଣା ସଂଖ୍ୟା ବଢ଼ିବଢ଼ି ଚାଲିଛି। ବାସ୍ତବିକ୍ ଏହା ଅତ୍ୟନ୍ତ ଚିନ୍ତାଜନକ।" ଏହି ପରିପ୍ରେକ୍ଷୀରେ ମନ୍ତ୍ରୀ ଗଡ୍‌କରୀ କିଛିବର୍ଷ ପୂର୍ବେ ପରିବାର ସହ ଯାଉଥିବା ବେଳେ କିପରି ବଡ଼ ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ, ତାହା ସ୍ମରଣ କରିଥିଲେ। ସୁଇଡେନ୍ ଭଳି ଦେଶ ସଡ଼କ ଦୁର୍ଘଟଣା ହାର ଶୂନ୍ୟକୁ ଆଣିପାରିଛି, ଅର୍ଥାତ୍ ସେଠାରେ ଗୋଟିଏ ହେଲେ ଦୁର୍ଘଟଣା ଘଟୁନାହିଁ। ଆହୁରି ଅନେକ ଦେଶ ଦୁର୍ଘଟଣା ସଂଖ୍ୟା ହ୍ରାସ କରିଥିବା ବେଳେ ଆମ ଦେଶରେ ଏହି ସଂଖ୍ୟା ବୃଦ୍ଧି ପାଇବା ଲଜ୍ଜାକର ବୋଲି ସେ କହିଥିଲେ। କୌଣସି ବିଶ୍ୱ ସମ୍ମିଳନୀରେ ସଡ଼କ ଦୁର୍ଘଟଣା ପ୍ରସଙ୍ଗରେ ଆଲୋଚନା ହେଲେ ମୁଁ ନିଜ ମୁହଁ ଲୁଚାଇବାକୁ ଉଦ୍ୟମ କରେ ବୋଲି ଗଡ୍‌କରୀ ପ୍ରକାଶ କରିଥିଲେ। ଦୁର୍ଘଟଣା କମାଇବା ପାଇଁ ମନୁଷ୍ୟର ବ୍ୟବହାରରେ ପରିବର୍ତ୍ତନ, ସମାଜରେ ପରିବର୍ତ୍ତନ ଓ ଆଇନକୁ ସମ୍ମାନ ଦେବା ଏକାନ୍ତ ଜରୁରି ବୋଲି ସେ ମତ ରଖିଥିଲେ। ଆମ ଦେଶରେ ସଡ଼କ ଦୁର୍ଘଟଣା ବଢ଼ିବାର ବିଭିନ୍ନ କାରଣ ଦର୍ଶାଇ ଗଡ୍‌କରୀ କହିଥିଲେ ଯେ, ରାଜପଥ ପାର୍ଶ୍ୱରେ ଟ୍ରକ୍‌ଗୁଡ଼ିକର ତ୍ରୁଟିପୂର୍ଣ୍ଣ ପାର୍କିଂ ଓ ଶୃଙ୍ଖଳାର ଅଭାବ ଏଥିପାଇଁ ମୁଖ୍ୟତଃ ଦାୟୀ। ଅନେକ ଟ୍ରକ୍ ଲେନ୍ ନିୟମକୁ ଆଦୌ ପାଳନ କରୁନାହାନ୍ତି। ଏଥିସହିତ ଆନ୍ତର୍ଜାତୀୟ ମାନ ଅନୁଯାୟୀ ଟ୍ରକ୍‌ଗୁଡ଼ିକର ବଡି ଡିଜାଇନ୍ ପ୍ରସ୍ତୁତ କରାଯିବା ଉପରେ ସେ ଗୁରୁତ୍ୱ ଦେଇଥିଲେ। ସେହିପରି ଦୁର୍ଘଟଣାରୁ ବର୍ତ୍ତିବା ପାଇଁ ବସ୍‌ଗୁଡ଼ିକର ଝରକା ପାଖରେ ହାତୁଡିଟିଏ ରଖିବା ପାଇଁ ମନ୍ତ୍ରୀ ପରାମର୍ଶ ଦେଇଥିଲେ। କାରଣ ଦୁର୍ଘଟଣା ଘଟିବା ମାତ୍ରେ ଯାତ୍ରୀମାନେ ହାତୁଡ଼ି ଦ୍ୱାରା ଝରକା କାଚ ଭାଙ୍ଗି ବାହାରି ଆସିପାରିବେ। ସରକାରୀ ତଥ୍ୟ ଅନୁଯାୟୀ ଭାରତରେ ସଡ଼କ ଦୁର୍ଘଟଣାରେ




ପ୍ରତିବର୍ଷ ୧ଲକ୍ଷ ୭୮ ହଜାର ଲୋକଙ୍କ ମୃତ୍ୟୁ ଘଟୁଛି। ମୃତକଙ୍କ ମଧ୍ୟରେ ଅଧିକାଂଶ ଯୁବବର୍ଗର, ଯେଉଁମାନଙ୍କ ବୟସ ୧୮ରୁ ୩୪ବର୍ଷ ମଧ୍ୟରେ। ଉତ୍ତର ପ୍ରଦେଶରେ ସର୍ବାଧିକ ୨୩ ହଜାର, ତାମିଲନାଡୁରେ ୧୮ ହଜାର, ମହାରାଷ୍ଟ୍ରରେ ୧୫ ହଜାର ଏବଂ ମଧ୍ୟପ୍ରଦେଶରେ ୧୩ହଜାର ଲୋକଙ୍କ ଜୀବନ ଦୁର୍ଘଟଣା ଯୋଗୁଁ ଅକାଳରେ ଚାଲିଯାଇଛି ବୋଲି ମନ୍ତ୍ରୀ ସୂଚନା ଦେଇଥିଲେ। ସେହିପରି ଦେଶର ସହରଗୁଡ଼ିକ ମଧ୍ୟରେ ରାଜଧାନୀ ଦିଲ୍ଲୀରେ ସର୍ବାଧିକ ୧୪୦୦ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଇଥିବା ବେଳେ ଦକ୍ଷିଣ ଭାରତର ବେଙ୍ଗାଲୁରୁ ଏ କ୍ଷେତ୍ରରେ ଦ୍ୱିତୀୟ ସ୍ଥାନରେ ରହିଛି ଏବଂ ଏଠାରେ ୯୦୦ ଲୋକଙ୍କ ମୃତ୍ୟୁ ଘଟିଛି। ସଡ଼କ ପରିବହନ ମନ୍ତ୍ରୀଙ୍କ ଏଭଳି ସ୍ପଷ୍ଟ ସ୍ୱୀକାରୋକ୍ତି ଓ କ୍ଷୋଭଭରା ବୟାନକୁ ହାଲୁକା ଭାବରେ ବିଚାର କରାଯାଇ ନପାରେ। ସଡ଼କ ଦୁର୍ଘଟଣା ରୋକିବା କେବଳ ଆଇନ୍ ଦ୍ୱାରା ସମ୍ଭବ ନୁହେଁ, ଏଥିପାଇଁ ବ୍ୟାପକ ଜନସଚେତନତା ସୃଷ୍ଟିର ଜରୁରି ଆବଶ୍ୟକତା ରହିଛି।

# ଆମ ଦେଶ ଇଣ୍ଡିଆ ନା ଭାରତ ?



ଗୋପାଳ ମହାପାତ୍ର
ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

ଆମ ସମ୍ବିଧାନର ଅନୁଚ୍ଛେଦ ୧(୧) ରେ ଦେଶର ନାମ 'ଇଣ୍ଡିଆ ଦ୍ୟାଟ ଇଜ୍ ଭାରତ' ବୋଲି ଉଲ୍ଲେଖ ରହିଛି। ଏହାର ଅର୍ଥ ହେଉଛି ଆମ ଦେଶର ମୂଳ ପ୍ରାଚୀନ ନାମ 'ଭାରତ'କୁ ବିକଳ୍ପ ନାମ ଭାବେ ଉଲ୍ଲେଖ କରାଯାଇଛି। ପରିଣାମ ସ୍ୱରୂପ ଭାରତର ସମ୍ବିଧାନ 'ଇଣ୍ଡିଆ ର ସମ୍ବିଧାନ' ପାଲଟିଗଲା ଏବଂ ସବୁ ସ୍ଥାନରେ 'ଇଣ୍ଡିଆ' ଶବ୍ଦର ପ୍ରୟୋଗ ଏବଂ ପ୍ରଚାର କରାଗଲା। ଆମ ସଂସ୍କୃତି ଏବଂ ସଭ୍ୟତା ବିଶ୍ୱର ସବୁଠାରୁ ପୁରୁଣା ସଭ୍ୟତା ଅଟେ। ଏପରିକି ଦେଶର ବାସ୍ତବିକ୍ ନାମ ଭାରତବର୍ଷ ଅଟେ। ପୁରାଣ ଏବଂ ଗୀତା ଭଳି ପ୍ରାଚୀନ ଗ୍ରନ୍ଥମାନଙ୍କରେ ଏ ଦେଶକୁ ଭାରତ ବୋଲି ବର୍ଣ୍ଣନା କରାଯାଇଛି। ଚକ୍ରବର୍ତ୍ତୀ ସମ୍ରାଟ ଭରତଙ୍କ ନାମ ଅନୁସାରେ ଆମ ଦେଶର ନାମ ଭାରତ ହୋଇଛି ବୋଲି ଅନେକଙ୍କ ମତ। ସମ୍ରାଟ ଭରତ ଥିଲେ ରାଜା ଦୁଷ୍ମନ୍ତ ଏବଂ ରାଣୀ ସକୁନ୍ତଳାଙ୍କ ସୁପୁତ୍ର। ବିଷ୍ଣୁ ପୁରାଣରେ ଆମ ଦେଶର କ୍ଷେତ୍ରୀୟ ସୀମା ବାବଦରେ ଯାହା ଉଲ୍ଲେଖ କରାଯାଇଛି ତଦନୁସାରେ 'ଉତ୍ତରଂ ଯତ୍ - ସମୁଦ୍ରସ୍ୟ ହିମଦ୍ରେ ସଚୈବ ଦକ୍ଷିଣମ୍ ବର୍ଷମ୍ ତଦ୍ଭ ଭାରତଂ ନାମ ଭାରତୋ ଯତ୍ର ସନ୍ତତିଃ'। ଅର୍ଥାତ୍ ଉତ୍ତରରେ ସମୁଦ୍ର ଏବଂ ଦକ୍ଷିଣରେ ବରଫାବୃତ୍ତ ପର୍ବତ, ମଧ୍ୟରେ ଯେଉଁ ଦେଶ ରହିଛି ତାକୁ ଭାରତ କୁହାଯାଏ। ମହାଭାରତରେ ଆମର ମାତୃଭୂମିର ଉଲ୍ଲେଖ ଭାରତବର୍ଷ ରୂପରେ କରାଯାଇଛି। ରାଜା ଭରତଙ୍କ ଦ୍ୱାରା ସ୍ଥାପିତ ଏବଂ ଶାସିତ ସାମ୍ରାଜ୍ୟରେ କେବଳ ଯେ ବର୍ତ୍ତମାନର ଭାରତୀୟ ଭୂଭାଗ ଥିଲା ତା'ନୁହେଁ ବରଂ ଆଖପାଖର ଅନ୍ୟଦେଶ ବର୍ମା (ବ୍ରହ୍ମଦେଶ), ନେପାଳ, ତିବ୍ବତ, ଆଫଗାନିସ୍ଥାନ, ଉଦବେକିସ୍ଥାନ, ଋଷ, ଚୀନ, ମାଲେସିଆ, ଇଣ୍ଡୋନେସିଆ ଏବଂ ବର୍ତ୍ତମାନର ଭାରତରୁ ବିଭାଜିତ ପାକିସ୍ଥାନ ଓ ବଙ୍ଗଳାଦେଶ ସାମିଲ ଥିଲା।

କୁହାଯାଇପାରେ ଯେ ଭାରତର ବର୍ତ୍ତମାନ ଇଂରାଜୀ ନାମ ଉତ୍ତର ପଶ୍ଚିମର ପବିତ୍ର ନଦୀ ସିନ୍ଧୁରୁ ହିଁ ଆସିଛି। ପାରସି ମାନେ ଏହି ନଦୀକୁ ସିନ୍ଧୁ ଭାବେ ଉଚ୍ଚାରଣ ନକରି 'ହିନ୍ଦୁ' ବୋଲି ଉଚ୍ଚାରଣ କରୁଥିଲେ ଏବଂ ୟୁନାନୀ 'ଇନ୍ଦୁ' ବୋଲି ଉଚ୍ଚାରଣ କରୁଥିଲେ ବୋଲି ଐତିହାସିକ ମାନେ ଉଲ୍ଲେଖ କରିଛନ୍ତି। ରାଜା ଆଲଫ୍ରେଡ୍ ଓରୋସିୟସ ଅନୁବାଦରେ ଭାରତର ଇଂରାଜୀ ନାମର ପ୍ରୟୋଗ କରିଥିଲେ ବୋଲି ୫ମ ଶତାବ୍ଦୀରେ ଲାଟିନରେ ଲେଖାଯାଇଥିବା ବିଶ୍ୱ ଇତିହାସରେ ବର୍ଣ୍ଣିତ ଅଛି। ଏହାପରେ ମୋଗଲ, ଫ୍ରେଞ୍ଚ, ସ୍ପେନିସ, ପର୍ତ୍ତୁଗୀଜ ମାନେ ଭାରତକୁ ଭିନ୍ନ ଭିନ୍ନ ନାମରେ ନାମିତ (ଉଚ୍ଚାରିତ) କରିଥିଲେ। ମୋଗଲ ମାନେ ହିନ୍ଦୁସ୍ଥାନ କହୁଥିଲେ କିନ୍ତୁ ଇଷ୍ଟଇଣ୍ଡିଆ କମ୍ପାନୀ ଭାରତ ଆସିବା ପରେ ନାମ ପରିବର୍ତ୍ତନ କରି ଦେଶର ନାମ ଇଣ୍ଡିଆ କରି ଦେଲେ କାରଣ ଇଂରେଜ ମାନେ ଆମକୁ ରାଜା (କିଙ୍ଗ୍) ଆଲଫ୍ରେଡ୍‌ଙ୍କ ସମୟରୁ ଇଣ୍ଡିଆ ନାମରେ ଜାଣିଥିଲେ। ୧୮୫୮ ମସିହା ଅଗଷ୍ଟ ମାସରେ ଇଷ୍ଟଇଣ୍ଡିଆ କମ୍ପାନୀ ଠାରୁ ଭାରତର ଶାସନର ଦାୟିତ୍ୱ ନେବା ବେଳେ ତତ୍କାଳୀନ ବ୍ରିଟିଶ ସରକାର 'ଗଭର୍ଣ୍ଣମେଣ୍ଟ ଅଫ ଇଣ୍ଡିଆ ଅଧିନିୟମ' ଗୃହୀତ କରାଇଥିଲେ ଫଳତଃ ଭାରତର ନାମ ସେବେଠାରୁ ଇଣ୍ଡିଆ ହୋଇଯାଇଥିଲା ଓ ଦେଶ ସ୍ୱାଧୀନ ହେବା ପରେ ମଧ୍ୟ ଦେଶର ନାମ ଇଣ୍ଡିଆ ରହିଗଲା।

ବ୍ରିଟିଶ ଉପନିବେଶକ ମାନଙ୍କ ଦ୍ୱାରା ଲଦି ଦିଆଯାଇଥିବା 'ଇଣ୍ଡିଆ' ନାମ ଗୋଲାମୀର ପ୍ରତୀକ ଅଟେ ଏବଂ ଏହା ଭାରତୀୟ ଲୋକଙ୍କ ଭାବନା, ସ୍ୱାଭିମାନ, ସଂସ୍କୃତି ଏବଂ ସଭ୍ୟତା ଉପରେ ଆଘାତ ନିଶ୍ଚୟ। ସ୍ୱାଧୀନତାର ୭୭ବର୍ଷ ପରେ ମଧ୍ୟ 'ଭାରତ' ସ୍ଥାନରେ 'ଇଣ୍ଡିଆ' ନାମରେ ଚଳଣି ଜାରି ରହିବା କେବଳ ଯେ ଦୁର୍ଭାଗ୍ୟ ତା ନୁହେଁ ଏହା ଅଲୋକତାନ୍ତ୍ରିକ ଏବଂ ଜନବିରୋଧୀ ମଧ୍ୟ। କ'ଣ ବିଶ୍ୱମାନଚିତ୍ରରେ 'ଭାରତ' ନାମରେ କୌଣସି ଦେଶ ଅଛି ? କ'ଣ କେହି ବିଦେଶୀ (ବିଶ୍ୱର ଅନ୍ୟଦେଶର ଲୋକ) 'ଭାରତ' ନାମରେ କୌଣସି ଦେଶର ଅସ୍ତିତ୍ୱ ବାବଦରେ ଜାଣିଛନ୍ତି ? କ'ଣ ଭାରତ ପରିଭ୍ରମଣରେ ଆସୁଥିବା ବିଦେଶୀ ଜାଣନ୍ତି ଯେ ସେମାନେ 'ଭାରତ' ଦେଶରେ ଅଛନ୍ତି ? ଭାରତୀୟ ସ୍ୱାଧୀନତା ଅଧିନିୟମ ୧୯୪୭ ଅନୁସାରେ 'ଇଣ୍ଡିଆ' ତ ସ୍ୱାଧୀନ ହୋଇଗଲା ହେଲେ ମହାନ 'ଭାରତ' ନାମରେ ଅସ୍ତିତ୍ୱ ହଜିଗଲା। ଯେଉଁ ଦେଶମାନେ ସ୍ୱାଧୀନ ହେବା ପରେ ତାଙ୍କର ମୂଳ ନାମ ପୁନଃ ସ୍ଥାପିତ କରିଛନ୍ତି ସେମାନେ ହେଲେ ଶ୍ରୀଲଙ୍କା, ସୁରିନାମ, ଘାନା, ଜାମ୍ବିଆ, ଜିମ୍ବାୱେ ଆଦି ଦେଶ। ସ୍ୱାଧୀନତା ପୂର୍ବରୁ ଶ୍ରୀଲଙ୍କାର ନାମ ଥିଲା ସିଲୋନ କିନ୍ତୁ ସ୍ୱାଧୀନତା ପରେ ହେଲା ଶ୍ରୀଲଙ୍କା। ଡ଼ଚ୍‌ଗୁ ଆନାର ନାମ ସୁରିନାମ, ଗୋଲ୍ଡକୋଷ୍ଟରୁ ଘାନା, ଉତ୍ତର ରୋଡ୍ରେସିଆରୁ ଜାମ୍ବିଆ ଏବଂ ଦକ୍ଷିଣ ରୋଡ୍ରେସିଆ ସ୍ୱାଧୀନତା ପରେ ଜିମ୍ବାୱେ ହୋଇଥିଲା। ଜାମ୍ବିଆର ସ୍ୱାଧୀନ ହେଲା ପରେ ତା'ର ନାମ ତାଞ୍ଜାନିଆ ଏବଂ ଫାରସର ନାମ ଇରାନ, ମେସୋପଟାମିଆର ଇରାକ, ଫର୍ମୋସା ସ୍ୱାଧୀନ ହେବା ପରେ ତାଇୱାନ ହେଲା। ସ୍ୟାମ ହେଲା ଥାଇଲାଣ୍ଡ, ବର୍ମା ହେଲା ମ୍ୟାମାର, ହଲାଣ୍ଡ ହେଲା ନେଦରଲ୍ୟାଣ୍ଡ, ଦକ୍ଷିଣ ପଶ୍ଚିମ ଆଫ୍ରିକା ହେଲା ନାମ୍ବିଆ।

ଆମ ଦେଶରେ ଅନେକ ସହରର ନାମକୁ ବଦଳାଯାଇଛି। ବମ୍ବେକୁ ମୁମ୍ବାଇ, କଲକତାକୁ କୋଲକତା, ମାଡ୍ରାସକୁ ଚେନ୍ନାଇ, ବେଙ୍ଗଲୋରକୁ ବେଙ୍ଗାଲୁର, ଆହ୍ଲାବାଦକୁ ପ୍ରୟାଗରାଜ, ଗୁଡ଼ଗାଓଁକୁ ଗୁରୁଗ୍ରାମ, ପଣ୍ଡିଚେରୀକୁ ପୁଡୁଚେରୀ, ବରୋଦ କୁ ବଡଦୋରା, ତ୍ରିଭେନ୍ଦ୍ରମକୁ ଥିରୁଅନନ୍ତପୁରମ ୱାଲଟିୟରକୁ ବିଶାଖାପାଟଣା, ତାଞ୍ଜୋର କୁତାବୁର, କନୟୋରକୁ କାନପୁର, କାଲିକଟକୁ କୋଟିକୋଡ଼, କ୍ୟାପ କେମରିନକୁ କନ୍ୟାକୁମାରୀ, ମୋଗଲସରାଇକୁ ଦୀନଦୟାଲ ନଗର ଓ ହୋସଙ୍ଗାବାଦକୁ ନର୍ମଦାପୁରମ୍ ଭଳି ଆହୁରି ଅନେକ ସହର ଅଛି ଯାହାର ନାମ ପରିବର୍ତ୍ତନ କରାଯାଇଛି। ୨୦୧୧ରେ ଓରିସା ରାଜ୍ୟର ନାମ ପରିବର୍ତ୍ତନ କରାଯାଇ ଓଡ଼ିଶା କରାଯାଇଥିଲା। କେନ୍ଦ୍ର ସରକାର ଏବେ ଆହୁରି ଅନେକ ସହରର ନାମ ପରିବର୍ତ୍ତନ କରିବାକୁ ଯାଉଛନ୍ତି। କେବଳ ଏତିକି ନୁହେଁ ଅନେକ ଗାଁ, ଜିଲ୍ଲା, ରେଳଷ୍ଟେସନ, ସଂସ୍ଥାନ, କଲେଜ ଏବଂ ବିଶ୍ୱବିଦ୍ୟାଳୟର ନାମ ମଧ୍ୟ ପରିବର୍ତ୍ତନ କରାଯାଇଛି। ସ୍ୱାଧୀନତା ପ୍ରାପ୍ତିର ୭୫ବର୍ଷ ପୁରା ହେବା ପରେ 'ଆଜାଦୀ ବା ଅମୃତ ମହୋତ୍ସବ' ପାଳନ କରାଯାଉଛି। ଏହି ଅବସରରେ ସଂସଦରେ ସମ୍ବିଧାନର ଅନୁଚ୍ଛେଦ ୧(୧)ରେ ସଂଶୋଧନ କରାଯାଇ ଦେଶର ନାମ 'ଇଣ୍ଡିଆ ଦ୍ୟାଟ ଇଜ ଭାରତ' ପରିବର୍ତ୍ତେ 'ଭାରତବର୍ଷ ଦ୍ୟାଟ ଇଜ ଭାରତ' ଅଥବା କେବଳ 'ଭାରତ' କରାଯିବା ପାଇଁ ସରକାର ଉଦ୍ୟମ କରିବା ଆବଶ୍ୟକ। ଫଳତଃ ଏଇ ମହାନ ଦେଶର ଇଂରାଜୀ ନାମ ଇଣ୍ଡିଆ ସ୍ଥାନରେ ନିଜର ମୂଳ ପ୍ରାଚୀନ ନାମ ଭାରତ ଭାବେ ପରିଚିତ ହୋଇ ପାରିବ।

# ରକ୍ଷକ ଯଦି ଭକ୍ଷକ ହୁଏ



ପ୍ରଣତି ଆଚାର୍ଯ୍ୟ ମିଶ୍ର
ନୟାଗଡ଼
ମୋ: ୯୪୩୭୬୪୨୯୪୭

ଏହା ସତ ଯେ ଆଣ୍ଟିବାୟୋଟିକ ବ୍ୟବହାର ସଂକ୍ରମଣକୁ ରୋକିବାରେ ସାହାଯ୍ୟ କରେ, କିନ୍ତୁ ଏହି ଔଷଧଗୁଡିକର ବ୍ୟବହାର ଉଭୟ ଉପଯୁକ୍ତ ଓ ଅନୁପଯୁକ୍ତ। ଅନୁପଯୁକ୍ତ ବ୍ୟବହାରର ଅର୍ଥ ହେଉଛି ଏହାର ଅହେତୁକ ବ୍ୟବହାର।

ସମଗ୍ର ବିଶ୍ୱରେ ଆଣ୍ଟିବାୟୋଟିକ ବ୍ୟବହାର ବୃଦ୍ଧି ଏକ ଗମ୍ଭୀର ଚିନ୍ତାର ବିଷୟ। ଆଣ୍ଟିବାୟୋଟିକର ବଢୁଥିବା ବ୍ୟବହାର ସହିତ ଆଣ୍ଟିମାଇକ୍ରୋବିୟଲ ପ୍ରତିରୋଧ ସମସ୍ୟା ଦ୍ରୁତଗତିରେ ବ୍ୟାପିବାରେ ଲାଗିଛି। ଏହା ବାର୍ଷିକ ୫୦ ଲକ୍ଷରୁ ଅଧିକ ଲୋକଙ୍କ ଜୀବନ ନେଉଛି। ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ମଧ୍ୟ ନିକଟରେ ନିଜର ସିଦ୍ଧାନ୍ତରେ ସ୍ୱୀକାର କରିଛି ଯେ କରୋନା ସମୟରେ ଚିକିତ୍ସାରେ ଆଣ୍ଟିବାୟୋଟିକ ଅଧିକ ମାତ୍ରାରେ ବ୍ୟବହୃତ ହୋଇଥିଲା। ଏହାଦ୍ୱାରା ରୋଗୀଙ୍କ ଅବସ୍ଥାରେ ବିଶେଷ ଉନ୍ନତି ହୋଇନଥିଲା, କିନ୍ତୁ ଏହା ଆଣ୍ଟିମାଇକ୍ରୋବାୟଲ ପ୍ରତିରୋଧର ନୀରବ ବିସ୍ତାର ଏବଂ ଆନୁସଙ୍ଗିକ ବିପଦକୁ ବଢାଇଥିଲା। ଏକ ନୂତନ ଅଧ୍ୟୟନ ଅନୁଯାୟୀ, ୨୦୧୬ରୁ ୨୦୨୩ ମଧ୍ୟରେ ଏହି ଔଷଧଗୁଡ଼ିକର ବିକ୍ରି ୧୬.୩ ପ୍ରତିଶତରୁ ଅଧିକ ବୃଦ୍ଧି ପାଇଛି, ଯାହା ୨୦୧୬ରେ ୨୯୫୦ କୋଟି ଦୈନିକ ଡୋଜ୍ ଥିବାବେଳେ ୨୦୨୩ରେ ଏହା ୩୪୩୦ କୋଟିକୁ ବୃଦ୍ଧି ପାଇଛି। ଏହି ସମୟ ମଧ୍ୟରେ ଆଣ୍ଟିବାୟୋଟିକ୍ ବ୍ୟବହାର ମଧ୍ୟ ପ୍ରତି ହଜାର ଲୋକରେ ଦୈନିକ ୧୩.୭ରୁ ୧୫.୨ ପ୍ରତିଶତ ବୃଦ୍ଧି ପାଇଛି। ଯେତେବେଳେ ଗବେଷକମାନେ ଆଣ୍ଟିବାୟୋଟିକ୍ ବ୍ୟବହାରର ଆକଳନ କରିଥିଲେ, ସେମାନେ ଜାଣିବାକୁ ପାଇଲେ ଯେ ଏହାର ବିକ୍ରି ୨୦.୯ ପ୍ରତିଶତ ବୃଦ୍ଧି ପାଇଛି। ଏହା ସହିତ ଉପଭୋକ୍ତା ହାର ୧୩.୧ ପ୍ରତିଶତ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ତେବେ ୨୦୦୮ରୁ ୨୦୧୫ ମଧ୍ୟରେ ହୋଇଥିବା ୩୫.୫ ପ୍ରତିଶତ ଅଭିବୃଦ୍ଧି ତୁଳନାରେ ଉପଭୋକ୍ତା ଅଭିବୃଦ୍ଧି କମ୍ ରହିଛି। ଗବେଷକଙ୍କ କହିବା ଅନୁଯାୟୀ, ମହାମାରୀର ପ୍ରଥମ ବର୍ଷରେ ବିଶେଷ କରି ଧନୀ ଦେଶମାନଙ୍କରେ ଆଣ୍ଟିବାୟୋଟିକ ବ୍ୟବହାର ହ୍ରାସ ପାଇଛି। ତଥ୍ୟ ଅନୁଯାୟୀ, ୨୦୨୧ ମସିହାରେ ଇଣ୍ଡୋନେସିଆ (୨୨.୮ ପ୍ରତିଶତ), ଆର୍ଜେଣ୍ଟିନା (୧୮.୬ ପ୍ରତିଶତ), ଦକ୍ଷିଣ ଆଫ୍ରିକା (୧୫.୪ ପ୍ରତିଶତ) ଏବଂ ପଶ୍ଚିମ ଆଫ୍ରିକା (୧୫.୩ ପ୍ରତିଶତ) ଦେଶମାନଙ୍କରେ ଏହି ଔଷଧର ବ୍ୟବହାରରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି, ଯେଉଁଠାରେ ଏହି ଔଷଧର ବ୍ୟବହାର ୧୬.୫ ପ୍ରତିଶତ ବୃଦ୍ଧି ପାଇଛି। ୱାନ୍ ହେଲ୍‌ଥ ଟ୍ରଷ୍ଟ, ପପୁଲେସନ୍ କାଉନସିଲ୍, ଗ୍ଲାକ୍ସୋରିମ୍ ଥାକ୍ଲାଇନ୍, ଜୁରିକ୍ ବିଶ୍ୱବିଦ୍ୟାଳୟ, ବ୍ରସେଲ୍ସ ବିଶ୍ୱବିଦ୍ୟାଳୟ, ଜନ୍ ହପକିନ୍ସ ବିଶ୍ୱବିଦ୍ୟାଳୟ ଏବଂ ହାର୍ଭାର୍ଡ ଟିଏଚ୍ ଚାନ୍ ସ୍କୁଲ ଅଫ୍ ପବ୍ଲିକ୍ ହେଲ୍‌ଥର ଗବେଷକଙ୍କ ଗବେଷଣା ଆଧାରରେ ଏହି ତଥ୍ୟ ପ୍ରକାଶ ପାଇଛି। ଏହି ଗବେଷଣାର ଫଳାଫଳ ଅନ୍ତର୍ଜାତୀୟ ପତ୍ରିକା ପ୍ରୋସିଡିଂସ ଅଫ୍ ଦି ନ୍ୟାସନାଲ ଏକାଡେମୀ ଅଫ୍ ସାଇନ୍ସରେ ପ୍ରକାଶ ପାଇଛି। ଏହି ଅଧ୍ୟୟନରେ ୬୭ଟି ଦେଶ ଦ୍ୱାରା ଦିଆଯାଇଥିବା ଆଣ୍ଟିବାୟୋଟିକ ସମ୍ପର୍କିତ ତଥ୍ୟକୁ ବିଶ୍ଳେଷଣ କରାଯାଇଥିଲା। ଅଧ୍ୟୟନରୁ ଜଣାପଡିଛି ଯେ ଅଣତାଲିମପ୍ରାପ୍ତ ଡାକ୍ତରମାନେ ଆବଶ୍ୟକ ନଥିଲେ ମଧ୍ୟ ରୋଗୀଙ୍କୁ ଆଣ୍ଟିବାୟୋଟିକ ଦିଅନ୍ତି। ଏଥିପ୍ରତି ସତର୍କ ରହିବାର ଆବଶ୍ୟକତା ରହିଛି। ଆଣ୍ଟିବାୟୋଟିକର ବେପରୁଆ ବ୍ୟବହାର ଦ୍ୱାରା ଆଣ୍ଟିମାଇକ୍ରୋବିୟଲ ରେଜିଷ୍ଟେନ୍ସ (ଏଏମ୍‌ଆର) ହେବାର ଗମ୍ଭୀର ଆଶଙ୍କା ରହିଛି। ଡବ୍ଲ୍ୟୁଏଚ୍‌ଓ ମଧ୍ୟ ସଚେତନତା ଅଭିଯାନ ଚଳାଇଛି। ମିଳିତ ଜାତିସଂଘ ପରିବେଶ କାର୍ଯ୍ୟକ୍ରମ (ୟୁଏନ୍‌ଇପି) ଦ୍ୱାରା ପ୍ରକାଶିତ ଏକ ରିପୋର୍ଟରେ ଆଣ୍ଟିମାଇକ୍ରୋବାୟଲ ପ୍ରତିରୋଧକୁ ଭବିଷ୍ୟତର ସ୍ୱାସ୍ଥ୍ୟ ଏବଂ ସ୍ଥାୟୀ ବିକାଶ ପାଇଁ ସବୁଠାରୁ ବଡ ବିପଦ ଭାବରେ ଚିହ୍ନଟ କରାଯାଇଛି ଏବଂ ଆଗାମୀ କିଛି ବର୍ଷ ମଧ୍ୟରେ ଲକ୍ଷ ଲକ୍ଷ ଲୋକ ମୃତ୍ୟୁବରଣ କରିବେ ବୋଲି ଆଶଙ୍କା କରାଯାଉଛି।

ଜୀବାଣୁ, ଫଙ୍ଗସ୍, ଭୂତାଣୁ ଓ ପରଜୀବୀ ଭଳି ରୋଗ ସୃଷ୍ଟିକାରୀ ଅଣୁଜୀବମାନେ ନିରନ୍ତର ଆଣ୍ଟିବାୟୋଟିକ ସଂସ୍ପର୍ଶରେ ଆସିବା କାରଣରୁ ଏହି ଔଷଧ ସହିତ ନିଜ ଶରୀରକୁ ଅନୁକୂଳ କରନ୍ତି। ଏହା ଦ୍ୱାରା ଏହାକୁ ରୋକିବା ପାଇଁ ବ୍ୟବହୃତ ଆଣ୍ଟିବାୟୋଟିକ୍ ର ପ୍ରଭାବ ଦୂର ହୋଇଥାଏ, ଏହା ସଂକ୍ରମଣକୁ ଭଲ କରିନଥାଏ ଏବଂ ଜୀବନ ପ୍ରତି ବିପଦ ସୃଷ୍ଟି କରିଥାଏ।ଏହା ସମସ୍ୟାକୁ ଆହୁରି ଘନୀଭୂତ କରୁଛି ସେଥିରୁ ସୃଷ୍ଟି କରୁଥିବା ବର୍ଜ୍ୟବସ୍ତୁ ଏବଂ ଉପ-ଉତ୍ପାଦ। ସ୍ୱାସ୍ଥ୍ୟ ସେବା ଦ୍ୱାରା ଉତ୍ପାଦିତ ସମୁଦାୟ ବର୍ଜ୍ୟବସ୍ତୁ ମଧ୍ୟରୁ ପ୍ରାୟ ୮୫ ପ୍ରତିଶତ ସାଧାରଣ ଅଣ ବିପଜ୍ଜନକ ବର୍ଜ୍ୟବସ୍ତୁ ଯାହା ଘରୋଇ ବର୍ଜ୍ୟବସ୍ତୁ ସହ ସମାନ। ଅବଶିଷ୍ଟ ୧୫ ପ୍ରତିଶତ ବିପଜ୍ଜନକ ପଦାର୍ଥ ଯାହା ସଂକ୍ରାମକ, ରାସାୟନିକ କିମ୍ବା



ରେଡିଓଆକ୍ଟିଭ୍ ହୋଇପାରେ। ସ୍ୱାସ୍ଥ୍ୟସେବା ବର୍ଜ୍ୟବସ୍ତୁ ସମ୍ବନ୍ଧୀୟ ସ୍ୱାସ୍ଥ୍ୟ ବିପଦ ବିଷୟରେ ସଚେତନତାର ଅଭାବ, ଉପଯୁକ୍ତ ବର୍ଜ୍ୟବସ୍ତୁ ପରିଚାଳନାରେ ପର୍ଯ୍ୟାପ୍ତ ପ୍ରଶିକ୍ଷଣ, ବର୍ଜ୍ୟବସ୍ତୁ ପରିଚାଳନା ଏବଂ ନିଷ୍କାସନ ବ୍ୟବସ୍ଥାର ଅନୁପସ୍ଥିତି, ପର୍ଯ୍ୟାପ୍ତ ଆର୍ଥିକ ଏବଂ ମାନବ ସମ୍ବଳ ଏବଂ କମ୍ ପ୍ରାଥମିକତା ଅନ୍ତର୍ଭୁକ୍ତ। ଅନେକ ଦେଶରେ ଉପଯୁକ୍ତ ନିୟମ ନାହିଁ କିମ୍ବା ସେଗୁଡ଼ିକର ତଦାରଖ ଏବଂ କାର୍ଯ୍ୟକାରୀ କରୁନାହାଁନ୍ତି। ସମଗ୍ର ବିଶ୍ୱରେ ପ୍ରତିବର୍ଷ ଆନୁମାନିକ ୧୬ ବିଲିୟନ ଇଞ୍ଜେକସନ ଦିଆଯାଏ।

ଛୁଞ୍ଚି ଏବଂ ସିରିଞ୍ଜିକୁ ସୁରକ୍ଷିତ ଭାବରେ ନିଷ୍କାସନ କରାଯାଏ ନାହିଁ, ଯାହା ଆଘାତ ଏବଂ ସଂକ୍ରମଣର ଆଶଙ୍କା ସୃଷ୍ଟି କରେ ଏବଂ ପୁନଃବ୍ୟବହାର ପାଇଁ ସୁଯୋଗ ସୃଷ୍ଟି କରେ। ଏହା ୩୩,୮୦୦ ନୂତନ ଏଚ୍‌ଆଇଭି ସଂକ୍ରମଣ, ୧୭୦୦୦ ନିୟୁତ ହେପାଟାଇଟିସ୍ ବି ସଂକ୍ରମଣ ଏବଂ ୩୧୫,୦୦ ହେପାଟାଇଟିସ୍-ସି ସଂକ୍ରମଣ ପାଇଁ ଅସୁରକ୍ଷିତ ଇଞ୍ଜେକ୍ସନ ଦାୟୀ।

# ନଇଁଯିବା : ସହିଯିବା



ଲଳିତ ମୋହନ ମିଶ୍ର
କୁରାଳ, ନୟାଗଡ଼
ମୋ: ୯୪୩୭୯୮୫୮୬୬

ଭାରତୀୟ ସଂସ୍କୃତିରେ ସମଗ୍ର ଜୀବନକୁ ଚାରୋଟି ଆଶ୍ରମରେ ବିଭକ୍ତ କରାଯାଇଛି। ବ୍ରହ୍ମଚାରୀ, ଗୃହସ୍ଥ, ବାନପ୍ରସ୍ଥ, ସନ୍ନ୍ୟାସ। ସେଥିମଧ୍ୟରୁ ଗୃହସ୍ଥ ଆଶ୍ରମ ଦ୍ୱିତୀୟ ସ୍ଥାନରେ ରହିଛି। ଏହାର କର୍ତ୍ତବ୍ୟ ହିଁ ଶ୍ରେଷ୍ଠ। ପୃଥିବୀର ଅଧିକାଂଶ ଜନସଂଖ୍ୟା ଗୃହିଣୀ। ଯଦି ସେମାନଙ୍କର ଜୀବନ ଆଧାତ୍ମିକ ଓ ଭକ୍ତିମୟ ହୋଇଯାଏ, ତେବେ ଏହା ବିଶ୍ୱ ଶାନ୍ତିର ଏକ ଅତୁଟ ମାଧ୍ୟମରେ ପରିଣତ ହେବ। ଯଦି ଗୃହିଣୀମାନେ ସେମାନଙ୍କର କର୍ତ୍ତବ୍ୟକୁ ବିଶ୍ୱସ୍ତତାର ସହ ପାଳନ କରନ୍ତି, ତେବେ ସେମାନଙ୍କ ଜୀବନ ସବୁଠାରୁ ଆଦର୍ଶ ଜୀବନ ହେବ। ଆମର ଅଧିକାଂଶ ଶିକ୍ଷା - ସାଧୁ, ମହାତ୍ମା, ମୁନୀ, ଋଷି, ଗୁଣୀ ଜ୍ଞାନୀଙ୍କ ମାଧ୍ୟମରେ ଦିଆଯାଇଛି। ରହସ୍ୟବାଦୀମାନେ ପ୍ରଥମେ ଗୃହିଣୀମାନଙ୍କ ଉପରେ ଧ୍ୟାନ ଦେଇ ଏସବୁ ବର୍ଣ୍ଣନା କରିଛନ୍ତି। ବାସ୍ତବରେ ସୁଖୀ ଓ ଶାନ୍ତିପୂର୍ଣ୍ଣ ଜୀବନ ହିଁ ପ୍ରେମର ଆଧାର। ସନ୍ଥମାନେ କୁହନ୍ତି - ଯେଉଁଠି ଶ୍ରଦ୍ଧା ପ୍ରେମ ସହାନୁଭୂତି ସୌହାର୍ଦ୍ଦ୍ୟ ଅଛି, ସେଇଠି ଶାନ୍ତି ଆନନ୍ଦ ଅଛି। ସେଠାରେ ଦୁଃଖକୁ ସୁଖରେ ପରିଣତ କରି ହେଉଛି। ଆମେ ଯଦି ସମସ୍ତଙ୍କୁ ବନ୍ଧୁତା ଦୃଷ୍ଟିରେ ଦେଖିବା, ତେବେ ସେ ହିଁ ସ୍ନେହ... ସଂସାରର ଶ୍ରେଷ୍ଠ ସାର ହେବ। ପ୍ରେମ ବିନା ଜୀବନ ନିସ୍ତେଜ। ଯଦି ପରିବାରରେ ପ୍ରେମ ଶ୍ରଦ୍ଧା ସୌହାର୍ଦ୍ଦ୍ୟ ଅଛି, ତେବେ ସମସ୍ତଙ୍କ ମଧ୍ୟରେ ଉତ୍ତମ ସଦ୍‌ଭାବ ଅଛି। ସମସ୍ତେ ନିଜ ନିଜ କର୍ତ୍ତବ୍ୟକୁ ଠିକ୍ ଭାବରେ ପାଳନ କରୁଛନ୍ତି, ତେଣୁ ସେଠାରେ ଶାନ୍ତି ସମୃଦ୍ଧି ରହିଛି। ଜଣେ ମହିଳା ମହାନ୍ ସନ୍ଥଙ୍କ ଶିଷ୍ୟା ଥିଲେ। ନବ ବିବାହିତ ପୁଅ ଓ ବୋହୂଙ୍କୁ ନେଇ ସାଧୁଙ୍କ ଠାରୁ ଆଶୀର୍ବାଦ ଭିକ୍ଷା ପାଇଁ ଯାଇଥିଲେ। ସମସ୍ତେ ସାଧୁଙ୍କୁ ପ୍ରଣାମ କରି ବସିଲେ। ପୁଅଟି ବିଶୃଙ୍ଖଳିତ ସ୍ୱଭାବର। ସନ୍ଥଙ୍କ ଧର୍ମ ପ୍ରବଚନ ଆଶୀର୍ବାଦ ଉପରେ ତା'ର ବିଶ୍ୱାସ ନଥିଲା। ସେ ଭଗବାନଙ୍କୁ ଓ ଧର୍ମକୁ ତାଚ୍ଛଲ୍ୟ କରୁଥିଲା। ସାଧୁସନ୍ଥମାନେ ସମାଜର ବୋଝ ବୋଲି ବିବେଚନା କରୁଥିଲା। ପୁଅର ଏପରି ସ୍ୱଭାବରେ ମା' ସଦାସର୍ବଦା ଦୁଃଖିତ। ମା' ସନ୍ଥଙ୍କୁ ପ୍ରାର୍ଥନା କରି କହିଲେ, ଗୁରୁଦେବ ! କୃପାକରି ମୋର ପୁତ୍ରକୁ ଆଶୀର୍ବାଦ ଦିଅନ୍ତୁ। ଯାହାଦ୍ୱାରା କି ମୋ ପୁଅର ଅହଂକାର ଦୂର ହେବ ଏବଂ ସେ ଧାର୍ମିକ ପଥରେ ଗତି କରିବ। ମୁଁ ତାକୁ ଆଗରୁ ବି ବହୁତ ଥର ବୁଝାଇଛି କିନ୍ତୁ ଆଜି ମୋ ନିର୍ଦ୍ଦେଶରେ ନୁହେଁ, ବରଂ ତା'ର ସ୍ତ୍ରୀର ଅନୁରୋଧରେ ବହୁତ କଷ୍ଟରେ ଏଠାକୁ ଆସିଛି। ସନ୍ଥ ପଚାରିଲେ, ପୁତ୍ର ! ତୁମର କେତୋଟି ହାତ ଅଛି ? ପୁତ୍ର କହିଲେ , ଏହା କ'ଣ ପଚାରିବାର କଥା, ଦୁଇଟି ହାତ। ଆଉ ତୁମ ସ୍ତ୍ରୀ'ର? ପୁତ୍ର ରାଗରେ ଉତ୍ତର ଦେଲା, ତା'ର ମଧ୍ୟ ଦୁଇଟି। ତା'ପରେ ସନ୍ଥ ପଚାରିଲେ, ସବୁତକ କେତୋଟି ହାତ ? 'ଚାରି'। ତା'ପରେ ସନ୍ଥ କହିଲେ- 'ପୁତ୍ର ! ତୁମର କେତୋଟି ଗୋଡ ଅଛି ? ପୁତ୍ର କ୍ରୋଧିତ ହୋଇ କହିଲା, ମୋର ଦୁଇ, ମୋ ସ୍ତ୍ରୀର ଦୁଇ। ଏମିତି ସମୁଦାୟ ଚାରି। ସନ୍ଥ କହିଲେ, 'ବଢିଆ କଥା, ପୁତ୍ର ! ଯେତେବେଳେ ସ୍ୱାମୀ-ସ୍ତ୍ରୀ ସଦାଚାରୀ ଓ ପୁଣ୍ୟମୟ ଜୀବନ ଯାପନ କରନ୍ତି, ଧାର୍ମିକତାକୁ ଅନୁସରଣ କରନ୍ତି। ସେତେବେଳେ ଚତୁର୍ଭୁଜ ହୋଇଯାଆନ୍ତି। ଯେତେବେଳେ ଶାସ୍ତ୍ର ବିରୁଦ୍ଧରେ ଦୁରାଚାରୀ ଜୀବନ ଯାପନ କରନ୍ତି, ସେତେବେଳେ ପଶୁଭଳି ସମ୍ପୂର୍ଣ୍ଣ ପଶୁବାଦୀ ହୋଇଯାଆନ୍ତି। ଅର୍ଥାତ୍ ମିଛ, ଦୁର୍ନୀତି, ଚୋରି, ଅସାଧୁତାରେ ଲିପ୍ତ ହୋଇ ଯେଉଁ ଧନ ରୋଜଗାର କରନ୍ତି, ତାହା ସୁଖ ଦେଇପାରେ, କିନ୍ତୁ ଶାନ୍ତି ଦେଇପାରେ ନାହିଁ। ସନ୍ଥ ମହାରାଜ ଆହୁରି କହିଲେ, 'ପୁତ୍ର ! ଗୋଟିଏ ଟଙ୍କା ଅନ୍ୟାୟ ଅନୀତି ଦ୍ୱାରା ପ୍ରାପ୍ତ କଲେ ତାହା ତୁମର ଅଜାଣତରେ ଅନେକ ଅନର୍ଥ ଘଟାଇବ। ସାଧୁଙ୍କ କଥା ଶୁଣି ଯୁବକ ଜଣକ ଆଶ୍ଚର୍ଯ୍ୟ ହୋଇଗଲା। ହାତ ଯୋଡ଼ି କହିଲେ, ମୁଁ ସର୍ବଦା ଆପଣଙ୍କ ଉପଦେଶର ଗୁରୁତ୍ୱ ଦେବି। ସନ୍ଥ ମହାରାଜ ଆହୁରି କହିଲେ- ଧନ୍ୟବାଦ ପୁତ୍ର ! ସୁଖୀ ଦାମ୍ପତ୍ୟ ଜୀବନ ପାଇଁ ଆଉ ଗୋଟିଏ କଥା ମନେରଖ - କେତେ ବାତ୍ୟା ପବନ ଆସି ବଡ଼ ବଡ଼ ବୃକ୍ଷ, ଘରଦ୍ୱାର ଉଜାଡି ଦେଉଛି କିନ୍ତୁ ସାଧାରଣ ଦୁବ ଘାସଟିର କିଛି କରିପାରୁ ନାହିଁ। କାରଣ ସେ ନଇଁ ଯାଉଛି, ତା' ଉପର ଦେଇ ସମସ୍ତେ ଚାଲି ଯାଉଛନ୍ତି। ସେପରି ଜୀବନରେ ମୁଣ୍ଡ ନୁଆଁଇବାକୁ ଶିଖ, ଯିଏ ମୁଣ୍ଡ ନୁଆଁଇବା ଜାଣିଛି, ସେ ବାସ୍ତବ ଜୀବନ କ'ଣ ଶିଖିଛି ଏବଂ ଜୀବନରେ ବିଜୟ ଲାଭ କରିଛି। ସଂସାରକୁ ଉପଭୋଗ କରିଛି।

# ଡିଜିଟାଲ ଶୋଷଣରୁ ପିଲାମାନଙ୍କୁ ସୁରକ୍ଷିତ ରଖାଯାଉ



ସୁଧାଂଶୁ ରଞ୍ଜନ ଦାସ
ହାଇଦ୍ରାବାଦ୍
ମୋ: ୭୭୦୨୩୮୩୮୦

ଡିଜିଟାଲ ଶୋଷଣ ଓଡ଼ିଶାରେ ଏକ ଭୟଙ୍କର ବ୍ୟାଧିରେ ପରିଣତ ହୋଇଛି। ଓଡ଼ିଶାର ଅନେକ ନିରୀହ ପିଲା ଏହି ଶୋଷଣର ଶିକାର ହେଉଛନ୍ତି। ଏହି ଡିଜିଟାଲ ଶୋଷଣ ବିରୋଧରେ ସଚେତନତା ସୃଷ୍ଟି କରିବା ସହ ଏହା ବିରୋଧରେ ଲଢିବା ପାଇଁ ପରିବାର, ବିଦ୍ୟାଳୟ ଓ ଅନ୍ୟ ଅନୁଷ୍ଠାନଗୁଡିକୁ ସୁଦୃଢ କରିବା ପାଇଁ ଓଡ଼ିଶା ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ ଓ ଚାଇଲ୍ଡ ଫଣ୍ଡ, ଇଣ୍ଡିଆର ମିଳିତ ଉଦ୍ୟମରେ ୱେବ ସେଫ ଆଣ୍ଡ ୱାଇଜ କାର୍ଯ୍ୟର ଶୁଭାରମ୍ଭ କରାଯାଇଛି। ସଂଯୁକ୍ତ ବିଶ୍ୱର ଏକ ରିପୋର୍ଟ ଅନୁସାରେ ବିଶ୍ୱର ୭୯% ୧୫ରୁ ୨୪ ବର୍ଷର ପିଲାମାନେ ଇଣ୍ଟରନେଟର କୁପ୍ରଭାବ ଦ୍ୱାରା ପ୍ରଭାବିତ ହେଉଛନ୍ତି। ଫଳରେ ପ୍ରତି ପାଞ୍ଚ ଜଣରୁ ଜଣେ ପିଲା ସ୍କୁଲ ଛାଡିବାକୁ ବାଧ୍ୟ ହେଉଛନ୍ତି। ଆଜି ବିଶ୍ୱର ୩୦ଟି ଦେଶର ପ୍ରାୟ ଏକ ତୃତୀୟାଂଶ ପିଲା ସାଇବର ମାଫିଆଙ୍କ ଶିକାର ହେଉଛନ୍ତି। ଏହି ଡିଜିଟାଲ ଶୋଷଣରୁ ପିଲାମାନଙ୍କୁ ସୁରକ୍ଷିତ ରଖିବାପାଇଁ ଓଡ଼ିଶା ସରକାର, ସାହାସୀ ରାଜନେତା, ବୁଦ୍ଧିଜୀବୀ ମହଲ, ଶିକ୍ଷିତ ଯୁବପିଢ଼ି ଓ ଗଣମାଧ୍ୟମ ମିଳିତ ଉଦ୍ୟମ କରିବା ଉଚିତ୍।

ପିଲାମାନଙ୍କୁ ଇଣ୍ଟରନେଟର ନିଶା ଛଡ଼ାଇବା ପାଇଁ ସେମାନଙ୍କ ପାଇଁ ଉପଯୁକ୍ତ ବିକଳ୍ପର ସୁବିଧା କରାଯିବା ଉଚିତ୍। ଓଡ଼ିଶାର ପିଲାମାନେ ଯେପରି କମ ଖର୍ଚ୍ଚରେ ଉତ୍ତମ ସ୍କୁଲ ଶିକ୍ଷା ପାଇବା ସଙ୍ଗେ ସଙ୍ଗେ ନିଜର ଶାରୀରିକ ଓ ମାନସିକ ବିକାଶ କରିପାରିବେ ସେଥିପାଇଁ ସରକାର ଓ ଶିକ୍ଷିତ ସମାଜ ତତ୍ପର ହେବା ଉଚିତ୍। କାରଣ ପିଲାମାନଙ୍କର ଶାରୀରିକ ଓ ମାନସିକ ବିକାଶ ହିଁ ପରିବାରର ସୁଖ ଶାନ୍ତି ବଢ଼ାଇଥାଏ। ପିଲା ଯଦି ଡିଜିଟାଲ ଶୋଷଣ ଯୋଗୁଁ ଅବାଟରେ ଚାଲିଯାଏ ପିତା-ମାତାଙ୍କର ଯେତେ ଧନ ଓ ପ୍ରତିପତି ଥିଲେ ମଧ୍ୟ ଏହା କୌଣସି କାମରେ ଲାଗେ ନାହିଁ ।

ଏହି ବ୍ୟାଧିକୁ ରୋକିବା ପାଇଁ ଓଡ଼ିଶାର ପ୍ରତ୍ୟେକ ସହର, ଗାଁ ଓ ସାହିବସ୍ତିରେ ପିଲାମାନଙ୍କ ଖେଳିବା ପାଇଁ ଖେଳପଡିଆ ଓ ଖେଳ ଉପକରଣର ପ୍ରାବଧାନ କରିବା ଉଚିତ୍। ସାହୀମୁରବି ଓ ସ୍ଥାନୀୟ ଲୋକମାନେ କିଛି କିଛି ଚାନ୍ଦା ଆଦାୟ କରି ପରିପାର୍ଶ୍ୱରେ ଥିବା ଖେଳ ପଡିଆ ଓ ଖୋଲା ଜାଗାଗୁଡିକ ପିଲାମାନଙ୍କ ଖେଳକୁଦ ପାଇଁ ବିନିଯୋଗ କରିବା ଉଚିତ୍। ବୁଦ୍ଧିଜୀବୀମାନେ ଭାଷଣ, ଆଲୋଚନା ଓ ସମାଲୋଚନାରେ ବେଶୀ ସମୟ ନଷ୍ଟ ନକରି ନିଜ ଘର ପାଖରେ ଥିବା ଖେଳ ପଡିଆ ଓ ଖୋଲା ଜାଗାଗୁଡିକ ଖେଳ ସଂସ୍କୃତିର ବିକାଶ କରିବାରେ ଧ୍ୟାନ ଦେବା ଉଚିତ୍। ଅବସରପ୍ରାପ୍ତ ଖେଳାଳିମାନେ ଘରେ ନବସି ପିଲାମାନଙ୍କୁ ଖେଳିବା ପାଇଁ ଉତ୍ସାହିତ କରିବା ଉଚିତ୍। ସରକାରୀ ସ୍କୁଲଗୁଡିକର ଗୁଣାତ୍ମକ ମାନ ବଢ଼ାଇଲେ ପିଲାମାନେ ଆଉ ସ୍କୁଲ ଛୁଟି ହେଲାପରେ ଟ୍ୟୁସନ ଯାଇ ନିଜର ଖେଳ ସମୟ ନଷ୍ଟ କରିବେ ନାହିଁ । ସରକାରଙ୍କ ମାଗଣା ଚାଉଳ ଆଉ ସରକାରୀ ସୁବିଧା ପାଇ ମଧ୍ୟ ହଜାର ହଜାର ଗ୍ରାମବାସୀ ସହରକୁ ଆସୁଛନ୍ତି। ଫଳରେ ସହରଗୁଡିକ ଜନସଂଖ୍ୟା ଚାପରେ ନଷ୍ଟ ହୋଇଯାଉଛି। ଜଳାଶୟ, ଖେଳ ପଡିଆ ଓ ଖୋଲାସ୍ଥାନ ଅଦୃଶ୍ୟ ହେଇଯାଉଛି ଓ ସରକାର ଗାଁ ଲୋକେ ଗାଁ ରେ ରହି କିପରି ରୋଜଗାର କରିପାରିବେ ସେଥିପାଇଁ ଦୃଢ ପଦକ୍ଷେପ ନେବା ଉଚିତ୍।

ଖେଳ କୁଦର ସୁବିଧା ନଥିବାରୁ ଡିଜିଟାଲ ମହାମାରୀ ଓଡ଼ିଶାରେ ସିଜୋଫ୍ରେନିଆ ଭଳି ମାନସିକ ବ୍ୟାଧିକୁ ବ୍ୟାପିବାରେ ସାହାଯ୍ୟ କରିଛି। ରାଜ୍ୟ ସରକାର ଓଡ଼ିଶାର ପ୍ରତ୍ୟେକ ଜିଲ୍ଲାରେ ପାଠାଗାର, ଯୋଗାସନ କେନ୍ଦ୍ର ଓ ମେଡ଼ିଟେସନ ସେଣ୍ଟର ଇତ୍ୟାଦି ତିଆରି ପାଇଁ ପ୍ରୋତ୍ସାହନ ଦେବା ଉଚିତ୍। ପ୍ରତ୍ୟେକ ସ୍କୁଲରେ ଖେଳ ପଡ଼ିଆର ପ୍ରାବଧାନ ବାଧ୍ୟତାମୂଳକ ହେବା ଉଚିତ୍। ଖେଳ ପଡିଆ ସଂଗେ ସଂଗେ ସ୍କୁଲ ଗୁଡିକରେ ଯୋଗ ଶିକ୍ଷକ ଓ ଖେଳ ଶିକ୍ଷକ ନିଯୁକ୍ତି କରିବା ନିହାତି ଦରକାର। ପିଲାମାନଙ୍କ ବିକାଶ ଓଡ଼ିଶାକୁ ମାନସିକ ଓ ଶାରୀରିକ ସ୍ତରରେ ଆତ୍ମନିର୍ଭର କରିବ।

ନିକଟରେ ସୁପ୍ରିମ କୋର୍ଟର ଏକ ରାୟ ଅନୁସାରେ ଇଣ୍ଟରନେଟ ମାଧ୍ୟମରେ ନଗ୍ନଚିତ୍ର ଦେଖିବା ଓ ଏହାକୁ ଡାଉନଲୋଡ୍ କରିବା ଦଣ୍ଡନୀୟ ଅପରାଧ । ଯୋଉ ପରିମାଣରେ ନଗ୍ନଚିତ୍ର ଇଣ୍ଟରନେଟ ଦ୍ୱାରା ଆସୁଛି ପିଲାମାନେ ଚାହିଁଲେ ବି ଆଖି ବନ୍ଦ କରିପାରିବେନି। ପ୍ରଥମେ ସରକାର ଏହି ଅଶ୍ଳୀଳ ୱେବ୍ ସାଇଟଗୁଡିକୁ ତୁରନ୍ତ ବନ୍ଦ କରିଦେବା ଉଚିତ୍। ଏହି ୱେବ ସାଇଟ ତିଆରି କରି ପିଲାଙ୍କ ମାନସିକତାକୁ ନଷ୍ଟ କରିବା ଏକ ଜଘନ୍ୟ ଅପରାଧ ଓ ସୁପ୍ରିମ କୋର୍ଟର ରାୟ ଅନୁସାରେ ଓଡ଼ିଶା ସରକାର ଏହି ଡିଜିଟାଲ ଶୋଷଣକୁ ବନ୍ଦ କରିବାକୁ ଏକ ଟାସ୍କଫୋର୍ସ ଗଠନ କରିବା ପାଇଁ ନିର୍ଣ୍ଣୟ ନେଇଥିଲେ। ରାଜ୍ୟରେ ଥିବା ଦକ୍ଷ, କର୍ମଠ ଓ ସଚ୍ଚୋଟ ଅଧିକାରୀଙ୍କୁ ଏହି ଟାସ୍କଫୋର୍ସରେ ନିୟୋଜିତ କରି ଡିଜିଟାଲ ଶୋଷଣକାରୀଙ୍କ ଜଡକୁ ନଷ୍ଟ କରିଦେବା ଉଚିତ୍। ଲୋକଙ୍କ ଭିତରେ ସକାରାତ୍ମକ ଚିନ୍ତାର ଉଦ୍ରେକ ହେଲେ ଏହି ଧ୍ୱଂସକାରୀ ଭୂତାଣୁର ବିନାଶ କରାଯାଇପାରିବ। ପିଲାମାନଙ୍କ ଶାରୀରିକ ଓ ମାନସିକ ସ୍ଥିତିକୁ ସୁରକ୍ଷିତ ରଖିବା ପାଇଁ ଶିକ୍ଷିତ ପରିବାର, ସମାଜସେବୀ ସଂସ୍ଥା, ସରକାର, ରାଜନେତା, ଧାର୍ମିକ ସଂସ୍ଥା, ସାଂସ୍କୃତିକ ଅନୁଷ୍ଠାନ, କର୍ପୋରେଟ ଓ ବୁଦ୍ଧିଜୀବୀମାନେ ପିଲାମାନଙ୍କ ପାଇଁ ନୈତିକ ବିକାଶ କାର୍ଯଶାଳା, ଯୋଗ କ୍ୟାମ୍ପ, କୌଶଳ ବିକାଶ କାର୍ଯ୍ୟକ୍ରମ ଓ ଖେଳ ପ୍ରତିଯୋଗିତା ଇତ୍ୟାଦିର ଆୟୋଜନ କରିବା ଦରକାର।



ତିହିଡ଼ି, (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ବ୍ଲକ ଦୋଳସାହି ପଞ୍ଚାୟତ ଅଧୀନ ହଳଧରବିନ୍ଧା ଗ୍ରାମର ବିଶିଷ୍ଟ ଶିକ୍ଷାବତ୍ ତଥା ଆଦର୍ଶ ଶିକ୍ଷକ ଉଦୟକର ନାୟକଙ୍କ ଅଷ୍ଟମ ଶ୍ରାଦ୍ଧବାର୍ଷିକ ଓ ତାଙ୍କ ପତ୍ନୀ ସ୍ୱର୍ଗତା ପଦ୍ମାବତୀ ନାୟକଙ୍କ ପ୍ରଥମ ଶ୍ରାଦ୍ଧ ବାର୍ଷିକୀ ଶୁକ୍ରବାର ସ୍ମୃତି କମିଟି ପକ୍ଷରୁ ପାଳିତ ହୋଇଯାଇଛି। ଏହି ଅବସରରେ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାରପ୍ରାପ୍ତ ବିଶିଷ୍ଟ କଥାକାର ପବିତ୍ର ପାଣିଗ୍ରାହୀଙ୍କ ପୌରୋହିତ୍ୟରେ ଏକ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଉଦ୍‌ଘାଟକ ଭାବେ ରାଜ୍ୟ ସଂସ୍କୃତି ଓ କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ମୁଖ୍ୟଅତିଥି ଭାବେ ରାଜ୍ୟ ବିଜେପି ସଭାପତି ମନମୋହନ ସାମଲ, ବରେଣ୍ୟ ଅତିଥି ଭାବେ ପୂର୍ବତନ ସାଂସଦ ଖାରବେଳ ସ୍ୱାଇଁ, ଜିଲ୍ଲାପାଳ ଦିଲୀପ ରାଉତରାୟ, ଶିକ୍ଷାବିତ୍ ତଥା ସାରସ୍ୱତ ସାଧକ ଡ. ବ୍ରଜମୋହନ ମିଶ୍ର ପ୍ରମୁଖ ଯୋଗ ଦେଇ ଶିକ୍ଷାବିତ୍ ଉଦୟକର ଜଣେ ଛାତ୍ରବତ୍ସଳ ଓ କର୍ତ୍ତବ୍ୟନିଷ୍ଠ ଶିକ୍ଷକ ଭାବରେ ସୁନାମ ଅର୍ଜନ କରିଥିବା ବେଳେ ତାଙ୍କ ପତ୍ନୀ ପଦ୍ମାବତୀ ଜଣେ ଧର୍ମପରାୟଣା ଓ ପରୋପକାରୀ ମହିଳା ଭାବେ ସମସ୍ତଙ୍କର ପ୍ରିୟଭାଜନ ହୋଇପାରିଥିଲେ ବୋଲି କହିଥିଲେ।

## ରାସ୍ତାକୁ ନେଇ ଦୁଇ ଗ୍ରାମବାସୀଙ୍କ ମଧ୍ୟରେ ଗଣ୍ଡଗୋଳ

# ଟାୟାର ଜାଳି ରାସ୍ତାରୋକ କଲେ ଗ୍ରାମବାସୀ

ଡେରାବିଶ, (ଭାସ୍କର ନ୍ୟୁଜ୍) : ଝିମିଟି ଖେଳରୁ ମହାଭାରତ ଭଳି ସାମାନ୍ୟ ରାସ୍ତା ଜାମ୍ ଘଟଣାକୁ କେନ୍ଦ୍ରକରି ଡେରାବିଶ ବ୍ଲକ ଅନ୍ତର୍ଗତ ରଘୁଦେଇପୁର ପଞ୍ଚାୟତର ବେଲାରପୁର ଓ ନୋଳସାହି ଦୁଇଟି ଗ୍ରାମବାସୀଙ୍କ ମଧ୍ୟରେ ଗତକାଲି ବିଳମ୍ବିତ ରାତିରେ ହୋଇଥିବା ଗଣ୍ଡଗୋଳ ଆଜି ଉଗ୍ରରୂପ ନେଇଛି। ଏହି ଘଟଣାକୁ ନେଇ ଆଜି ବେଲାରପୁର ଗ୍ରାମର ଲୋକମାନେ ବେଲାରପୁର ଠାରେ ଟାୟାର ଜାଳି ଲକ୍ଷ୍ମୀନାରାୟଣପୁର-ବେଣିପୁର ରାସ୍ତା ରୋକ କରିଥିଲେ। ତେବେ ପରିସ୍ଥିତି ଅଧିକ ଉତ୍ତେଜନା ଆଡ଼କୁ ଗତି କରୁଥିବାରୁ ଘଟଣାସ୍ଥଳରେ କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ, ଡେରାବିଶ ଓ ନିକିରେଇ ଥାନା ପୋଲିସ ପହଞ୍ଚି ଆନ୍ଦୋଳନରତ ଲୋକମାନଙ୍କୁ ବୁଝାଶୁଝା କରୁଛନ୍ତି। ଘଟଣାରୁ ପ୍ରକାଶ ଗତକାଲି ବିଳମ୍ବିତ ରାତିରେ ନୋଳସାହିର କିଛି ଯୁବକ ଏକ କାର୍ ଯୋଗେ



ଲକ୍ଷ୍ମୀନାରାୟଣପୁର ଛକରୁ ତାଙ୍କ ଗ୍ରାମ ଅଭିମୁଖେ ଯାଉଥିଲେ। ହେଲେ ବେଲାରପୁର ଛକ ନିକଟରେ ସାମ୍ନାରୁ ଆସୁଥିବା ତିନୋଟି ବାଲି ବୋଝେଇ ହାଇୱା ସହିତ ରାସ୍ତାରେ ସାଇଡ୍ ଦେବା ନେଇ ବଚସା ହୋଇଥିଲା। ତେବେ ଏହି ଘଟଣାରେ ବେଲାରପୁର ଗ୍ରାମର କିଛି ଯୁବକ ହସ୍ତକ୍ଷେପ କରିବାରୁ ଉଭୟ ନୋଳସାହି ଓ ବେଲାରପୁର ଯୁବକମାନଙ୍କ ମଧ୍ୟରେ ତିବ୍ର ବଚସା ଘଟିଥିଲା। ଏହି ଘଟଣାରେ ଉଭୟ ପକ୍ଷରୁ ଆଜି ଡେରାବିଶ ଥାନାରେ ଅଭିଯୋଗ ଦିଆଯାଇଥିଲା। ତେବେ ପୋଲିସ୍ ପ୍ରଶାସନ କାର୍ଯ୍ୟାନୁଷ୍ଠାନ ନେବାରେ ଟାଳଟୁଳ ନୀତି ଅବଲମ୍ବନ କରୁଥିବା ଦର୍ଶାଇ ବେଲାରପୁର ଗ୍ରାମବାସୀ ଆଜି ବୋଲରାପୁର ଠାରେ ରାସ୍ତାରେ ଟାୟାର ଜାଳି ଲକ୍ଷ୍ମୀନାରାୟଣପୁର - ବେଣିପୁର ରାସ୍ତାରୋକ କରିଥିଲେ। ଫଳରେ ଦୀର୍ଘସମୟ ଧରି ଏହି ବ୍ୟସ୍ତବହୁଳ ରାସ୍ତାରେ ଚଳପ୍ରଚଳ ବନ୍ଦ ହୋଇଯାଇଥିଲା। ତେବେ ଏହି ଘଟଣାଟି ଧିରେ ଧିରେ ଉଗ୍ରରୂପ ନେଉଥିବା ସୂଚନା ପାଇ କେନ୍ଦ୍ରାପଡ଼ା ଏସ୍‌ଡ଼ିପିଓ ଦେବେନ୍ଦ୍ର କୁମାର ମଳିକଙ୍କ ନେତୃତ୍ୱରେ ଡେରାବିଶ ଥାନା ଏସ୍‌ଆଇ ପ୍ରଦୋଷ ପଟ୍ଟନାୟକ, ନିକିରାଇ ଥାନା ଅଧିକାରୀଙ୍କ ସମେତ ଏକ ପ୍ଲାଟୁନ ପୋଲିସ୍ ଫୋସ୍ ଘଟଣା ସ୍ଥଳରେ ପହଞ୍ଚି ପରିସ୍ଥିତିକୁ ନିୟନ୍ତ୍ରଣାଧୀନ କରିଥିଲେ। ତେବେ ଏସ୍‌ଡିପିଓ ଶ୍ରୀ ମଳିକ ଆନ୍ଦୋଳନରତ ବେଲାରପୁର ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ସହିତ ରାସ୍ତାରୋକ ହଟାଇଥିଲେ। ତେବେ ରିପୋର୍ଟ ଲେଖାହେଲା ବେଳକୁ ପୋଲିସ୍ ପକ୍ଷରୁ ଲୋକମାନଙ୍କୁ ବୁଝାଶୁଝା ଜାରି ରହିଥିବା ଜଣାଯାଇଛି।

## ସିଦ୍ଧ ଜଗନ୍ନାଥଙ୍କୁ ଲାଗି ହେଲା ଶହେରୁ ଊର୍ଦ୍ଧ୍ୱ ପ୍ରକାର ବ୍ୟଞ୍ଜନ

କେନ୍ଦୁଝର,(ଭାସ୍କର ନ୍ୟୁଜ୍): ଶହେରୁ ଊର୍ଦ୍ଧ୍ୱ ପ୍ରକାରର ବ୍ୟଞ୍ଜନରେ ଆପ୍ୟାୟିତ ହେଲେ ସିଦ୍ଧ ଜଗନ୍ନାଥ। କେନ୍ଦୁଝର ପୁରୁଣା ସହର ସ୍ଥିତ ସିଦ୍ଧ ଜଗନ୍ନାଥଙ୍କ ମନ୍ଦିରରେ ୨୦୧୫ ମସିହାରେ ନବକଳେବର ପର ଠାରୁ ବ୍ୟଞ୍ଜନ ଦ୍ୱାଦଶୀ ପାଳନ କରାଯାଉଅଛି। ଜିଲ୍ଲାର ସର୍ବ ପୁରାତନ ଏହି ମନ୍ଦିରରେ ଏକ ଶହେରୁ ଊର୍ଦ୍ଧ୍ୱ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ସିଦ୍ଧ ଜଗନ୍ନାଥଙ୍କୁ ଅର୍ପଣ କରାଯାଇଥାଏ। ବିଭିନ୍ନ କିସମର ଖେଚୁଡ଼ି, ଘାଣ୍ଟ, ଶାଗ, ଦହି ଭାତ, ଡାଲି, ତରକାରୀ, ବଡ଼ି ଆଦି ଶୁଦ୍ଧ ଘିଅରେ ପ୍ରସ୍ତୁତ କରାଯାଇଥାଏ । ଏହାସହ ବିଭିନ୍ନ ପ୍ରକାରର ମିଠା ଯେପରିକି କପୁରକେଳି, ଝିଲି, ଆରିସା, କାକରା ପିଠା ତିଆରି କରାଯାଇଥାଏ। କେନ୍ଦୁଝର ଜିଲ୍ଲାର ପ୍ରସିଦ୍ଧ ବିଭିନ୍ନ ପ୍ରକାରର ବଡ଼ି ମଧ୍ୟ ପ୍ରସ୍ତୁତ କରାଯାଇଥାଏ। ଏହି ଦ୍ୱାଦଶୀ ଦିନ ସିଦ୍ଧ ଜଗନ୍ନାଥଙ୍କୁ ବିଭିନ୍ନ ପ୍ରକାରର ଜଙ୍ଗଲ ଜାତ ଫଳମୂଳ ଯଥା କ୍ଷୀର କୋଳି, ବର କୋଳି, ଭୁରୁଡୁ କୋଳି ଆଦି ମଧ୍ୟ ଅର୍ପଣ କରାଯାଇଥାଏ। ଶହେରୁ ଊର୍ଦ୍ଧ୍ୱ ବ୍ୟଞ୍ଜନ ସିଦ୍ଧ ଜଗନ୍ନାଥଙ୍କୁ ଅର୍ପଣ କରିବା ପରେ ଭକ୍ତଙ୍କ ମଧ୍ୟରେ ବଣ୍ଟା ଯାଇଥାଏ। ଏହି ସିଦ୍ଧ ଜଗନ୍ନାଥଙ୍କ ପ୍ରସାଦ ସେବନ କରିବା ପାଇଁ ଜିଲ୍ଲାର କୋଣ ଅନୁକୋଣରୁ ଭକ୍ତଙ୍କ ଭିଡ଼ ଦେଖାଯାଇଥିଲା। କିମ୍ବଦନ୍ତୀ ଅନୁସାରେ ମା' ଯଶୋଦା ହଠାତ୍ ଦିନେ ଦେଖିଲେ ଯେ ତାଙ୍କ ଏକୋଇର ବଳା ବିଶିକେଶନ କାହ୍ନାର ଦେହ ଝଡ଼ି ଯାଇଛି। ମା'ଙ୍କ ଆଖିକୁ ସେ ଶୁଖି କଳାକାଠ ପଡ଼ି ଯାଇଥିବା ଦେଖାଗଲେ। ଏତିକିରେ ମା' ଉଚ୍ଛନ୍ନ ହୋଇଗଲେ। ଭାବିଲେ ନଖାଇ ନପିଇ ସେ ଏମିତି ହୋଇଗଲାଣି। ସେଥୁ ଯଶୋଦା ନିଜେ ରୋଷେଇ ଘରକୁ ଯାଇ ନାନାଦି ପ୍ରକାରର ପୁଷ୍ଟିକର ତଥା ସ୍ୱାଦିଷ୍ଟ ବ୍ୟଞ୍ଜନ ପ୍ରସ୍ତୁତ କରି କୃଷ୍ଣଙ୍କୁ ଖୁଆଇଥିଲେ। ସେହିଭଳି ଗତକାଲିର ଏହି ଦିନରେ ନାନାଦି ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ। ହିନ୍ଦୁ ଶାସ୍ତ୍ର ଅନୁଯାୟୀ ବିଭିନ୍ନ ମଠ ମନ୍ଦିରରେ ଏହି ବ୍ୟଞ୍ଜନ ପ୍ରସ୍ତୁତ କରାଯାଇଥାଏ।

## ୧୧ତମ ଗୀତା ଯଜ୍ଞ ପୂର୍ଣ୍ଣାହୁତି



ତିହିଡ଼ି (ଭାସ୍କର ନ୍ୟୁଜ୍) : ଭଦ୍ରକ ଜିଲ୍ଲା ତିହିଡ଼ି ଶ୍ରୀରାମ ନବମୀ ସମିତି ପକ୍ଷରୁ ଅନୁଷ୍ଠିତ ହେଉଥିବା ୧୧ତମ ଗୀତା ଯଜ୍ଞର ପୂର୍ଣ୍ଣାହୁତି ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ସକାଳେ ଗ୍ରାମର ମହିମାଳନଙ୍କୁ ନେଇ କଳସ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। କଳସ ଅଣାଯିବା ପରେ ତିହିଡ଼ି ଶ୍ରୀରାମ ମନ୍ଦିରରେ ସ୍ଥାପନ କରାଯାଇ ଗୀତା ଯଜ୍ଞ କାର୍ଯ୍ୟ ଆରମ୍ଭ ହୋଇଥିଲା। ସନ୍ଧ୍ୟାରେ ଶ୍ରୀମଦ୍ ଭଗବତ ଗୀତା ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଶୁକ୍ରବାର ପୂର୍ବାହ୍ନରେ କାର୍ତ୍ତିକ ପୂର୍ଣ୍ଣିମାରେ ହୋଇଥିବା ମୁରୁଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା। ମଧ୍ୟାହ୍ନରେ ପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଯଜ୍ଞର କର୍ତ୍ତା ଭାବେ କିଶୋର ନାୟକ ଏବଂ ପତ୍ନୀ ସୋନମ ନାୟକ କାର୍ଯ୍ୟ ତୁଲାଇଥିବା ବେଳେ ପୁରୋହିତ ଭାବେ ବାବା ଗଙ୍ଗାରାମ ଦାଶ, ଶୁକଦେବ ଦାଶ, ଲକ୍ଷ୍ମୀଧର କର, ଅନ୍ତର୍ଯ୍ୟାମୀ ଆଚାର୍ଯ୍ୟ ପ୍ରମୁଖ ଯଜ୍ଞ କାର୍ଯ୍ୟ ତୁଲାଇଥିଲେ। ଶ୍ରୀରାମ ନବମୀ ସମିତିର କାର୍ଯ୍ୟକର୍ତ୍ତା ଯଯାତି କେଶରୀ ଦାଶ, ପି. ହୃଷିକେଶ, ପ୍ରଶାନ୍ତ ବଳ, ଅଜୟ ନାୟକ, ତପନ ପଣ୍ଡା, ଲୋକେଶ ପାଣିଗ୍ରାହୀ, ଚନ୍ଦନ ପତି, ଗଙ୍ଗାଧର ଦତ୍ତ, ନିତ୍ୟାନନ୍ଦ ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଗୀତା ଜୟନ୍ତୀ ପାଳିତ



ପରଜଙ୍ଗ,(ଭାସ୍କର ନ୍ୟୁଜ୍): ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ଗ୍ରାମର ସାଧୁ ଗୋଷ୍ଠି ପ୍ରାଙ୍ଗଣରେ ଶୁକ୍ରବାର ଦିନ ଗୀତା ଜୟନ୍ତୀ ପାଳିତ ହୋଇଯାଇଛି। ବହୁ ଆବାହନ କାଳରୁ ଆଜି ପର୍ଯ୍ୟନ୍ତ ପ୍ରତ୍ୟେକ ପୁରପଲ୍ଲୀରେ ଗୀତା ପାଠ ଜାରି ରଖିଛନ୍ତି । ପୁରାଣ ବର୍ଣ୍ଣିତ ପୁସ୍ତକ ଗୁଡ଼ିକ କୋଠ ଘର ହେଉ କିମ୍ବା ଗ୍ରାମ ଚଉପାଢ଼ି ମାନଙ୍କରେ ପଠନ କରାଯାଇଥାଏ । ଗୀତା ଜୟନ୍ତୀ ଅବସରରେ ପରଜଙ୍ଗ ଗ୍ରାମର ସାଧୁ ଗୋଷ୍ଠି ପ୍ରାଙ୍ଗଣରେ ରହିଥିବା ହୋମ ଯଜ୍ଞ ସ୍ଥାନରେ ଆଜକୁ ୩୦ ବର୍ଷରୁ ଊର୍ଦ୍ଧ୍ୱ ହେବ ଶ୍ରଦ୍ଧାଳୁ ଗ୍ରାମବାସୀଙ୍କ ସହଯୋଗରେ ଗୀତା ଜୟନ୍ତୀ ପାଳିତ ହୋଇଆସୁଛି। ଏହି ଦିନରେ ପୁସ୍ତକକୁ ରଖାଯାଇ ବିଧିବଦ୍ଧ ଭାବେ ପୂଜାର୍ଚ୍ଚନା ଓ ହୋମ ଯଜ୍ଞ କରାଯାଇ ଗୀତା ପାଠ ପଠନ ଶୁଭାରମ୍ଭ ହୋଇଥାଏ। ପୂଜାପାଠ ଓ ହୋମ ଯଜ୍ଞ ଦୁର୍ଗା ଚରଣ କର ଓ ଶ୍ୱେତ ଦାସ ପୂଜାର୍ଚ୍ଚନା କରିଥିବା ବେଳେ ସର୍ବେଶ୍ୱର ଦଳବେହେରା କର୍ତ୍ତା ଦାୟିତ୍ୱ ନିର୍ବାହ କରିଥିଲେ । ଗ୍ରାମର ଯୁବ ଉଦ୍ୟୋକ୍ତା ତଥା ବ୍ଲକ ଆଞ୍ଚଳିକ ସଙ୍କୀର୍ତ୍ତନ ମଣ୍ଡଳୀ ମହାସଂଘର ସମ୍ପାଦକ ଅଶୋକ କୁମାର ଦଳବେହେରାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଯଜ୍ଞ ସ୍ଥଳରେ ଚୈତନ୍ୟ କୁମାର ନାୟକ, ମୁନା ବାବା, ନାରାୟଣ ବିନାୟକ, ବେଣୁଧର ଗଡ଼ ନାୟକ, ପ୍ରମୋଦ ବିଶ୍ୱାଳ, ପଦ୍ମ ଚରଣ ବିଶ୍ୱାଳ, ଫିରୋଜ ଦଳବେହେରାଙ୍କ ସମେତ ୫୦ରୁ ଊର୍ଦ୍ଧ୍ୱ ଗୀତା, ଭାଗବତ ଶ୍ରୋତାମାନେ ସାମିଲ ହୋଇଥିଲେ।

## 'ଫେଷ୍ଟ-୨୦୨୪' ଉଦ୍‌ଯାପିତ

ଭଣ୍ଡାରିପୋଖରୀ, (ଭାସ୍କର ନ୍ୟୁଜ୍): ଭଣ୍ଡାରିପୋଖରୀ ଶିକ୍ଷ ତାଲିମ ପ୍ରତିଷ୍ଠାନରେ 'ଫେଷ୍ଟ-୨୦୨୪' ଶୁକ୍ରବାର ଉଦ୍‌ଯାପିତ ହୋଇଯାଇଛି। ପ୍ରତିଷ୍ଠାନର ନିଜସ୍ୱ ପଡିଆରେ ଗତ ନଭେମ୍ବର ୨୭ ତାରିଖରୁ ସାଂସ୍କୃତିକ ଫେଷ୍ଟ ଓ ଗତ ୨ ତାରିଖ ରୁ ୬ ତାରିଖ ପର୍ଯ୍ୟନ୍ତ ଆଥଲେଟିକ ଫେଷ୍ଟ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଦୀପକ କୁମାର ମୁଦୁଲି ଏହି ଫେଷ୍ଟକୁ ଉଦ୍‌ଘାଟନ କରିଥିଲେ। ବକ୍ତୃତା, କୁଇଜ, ପେଣ୍ଟିଂ, ସଙ୍ଗୀତ ନୃତ୍ୟ ଆଦି ବିଭାଗରେ ସାଂସ୍କୃତିକ ଫେଷ୍ଟ ଅନୁଷ୍ଠିତ ହୋଇଥିଲା। ସେହିପରି ଖୋ ଖୋ, କବାଡି, ମ୍ୟୁଜିକ ଚେୟାର, ଧିର ସାଇକେଲ ଚାଳନା, ଜାଭଲିନ ଥ୍ରୋ, ଡିସକସ ଥ୍ରୋ, ସଟପୁଟ, ରିଲେ ରେସ, ଭଲିବଲ ପ୍ରତିଯୋଗିତା, ୧୦୦ ମିଟ, ଓ ୪୦୦ ମିଟ ଦୌଡ ଆଦି ବିଭାଗରେ ଆଥଲେଟିକ ଫେଷ୍ଟ ଅନୁଷ୍ଠିତ ହୋଇଥିଲା। ୧୩୫ ଜଣ ପ୍ରତିଯୋଗୀ ଏହି ସମସ୍ତ ପ୍ରତିଯୋଗୀତାରେ ଅଂଶଗ୍ରହଣ କରିଥିଲେ। ୭୭ ଜଣ ପ୍ରତିଯୋଗୀ ଆଗାମୀ ୧୮ରୁ ୨୦ ତାରିଖ ପର୍ଯ୍ୟନ୍ତ ଆନନ୍ଦପୁର ଠାରେ ଅନୁଷ୍ଠିତ ହେବାକୁ ଥିବା ଆଞ୍ଚଳିକସ୍ତରୀୟ ପ୍ରତିଯୋଗୀତାରେ ଅଂଶଗ୍ରହଣ ପାଇଁ ମନୋନୀତ ହୋଇଥିଲେ। ଫିଟର ଟ୍ରେଡ ପ୍ରତିଯୋଗୀମାନେ ଦଳଗତ ଚାମ୍ପିଅନ ହୋଇଥିଲେ। ଶୁକ୍ରବାର ଅଧ୍ୟକ୍ଷ ଶ୍ରୀ ମୁଦୁଲିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦ୍‌ଯାପନୀ ଉତ୍ସବରେ ସ୍ଥାନୀୟ ବିଡିଓ ଦେବଦତ୍ତ ଦାଶ ମୁଖ୍ୟଅତିଥି, ସ୍ଥାନୀୟ ଅଗ୍ନିଶମ ଅଧିକାରୀ ସୌରଭ ରାଉତ ମୁଖ୍ୟବକ୍ତା, ପ୍ରତିଷ୍ଠାନ ଟ୍ରେନିଂ ଅଫିସର ରଞ୍ଜନ କୁମାର ଜେନା ସମ୍ମାନିତ ଅତିଥି ଭାବେ ଯୋଗଦେଇ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ଓ ପ୍ରମାଣପତ୍ର ପ୍ରଦାନ କରିଥିଲେ। ପ୍ରତିଷ୍ଠାନର ସମସ୍ତ କର୍ମଚାରୀ ଫେଷ୍ଟ ପରିଚାଳନାରେ ସହଯୋଗ କରିଥିଲେ।

## ଏନ୍‌ଟିପିସି ପକ୍ଷରୁ ୧୯ତମ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତା

କଣିହାଁ, (ଭାସ୍କର ନ୍ୟୁଜ୍): ଅନୁଗୁଳ ଜିଲ୍ଲା କଣିହାଁସ୍ଥ ଏନଟିପିସି ପକ୍ଷରୁ ୧୯ତମ ଗ୍ରାମାଞ୍ଚଳ କ୍ରୀଡ଼ା ପ୍ରତିଯୋଗିତା ଏନଟିପିସି ଆମ୍ବେଦକର ଷ୍ଟାଡିୟମରେ ୨ଦିନ ଧରି ଅନୁଷ୍ଠିତ ହୋଇଯାଇଛି। ଏନ୍‌ଟିପିସି ସିଏସ୍‌ଆର ଯୋଜନା ମାଧ୍ୟମରେ ସ୍ପୋର୍ଟସ କାଉନସିଲ ଆନୁକୂଲ୍ୟରେ ଆୟୋଜିତ ଉକ୍ତ କ୍ରୀଡ଼ା ପ୍ରତିଯୋଗିତାର ଶୁଭାରମ୍ଭ ଦିବସରେ ମୁଖ୍ୟ ଅତିଥି ଭାବରେ ଏନ୍‌ଟିପିସି, କଣିହାଁ ପ୍ରକଳ୍ପ ମୁଖ୍ୟ ଏ କେ ସେହଗଲ ଯୋଗଦେଇ ଉକ୍ତ ପ୍ରତିଯୋଗିତା ଦ୍ୱାରା ଗ୍ରାମାଞ୍ଚଳରେ ଥିବା ଲୁକ୍କାୟିତ ପ୍ରତିଭା ବିକଶିତ ହୋଇପାରିବ ବୋଲି କହିବା ସହ ଛାତ୍ରଛାତ୍ରୀମାନଙ୍କୁ କ୍ରୀଡ଼ା ପ୍ରତି ଉତ୍ସର୍ଗୀକୃତତା ଏବଂ ପ୍ରତିବଦ୍ଧତା ପାଇଁ ପ୍ରଶଂସା କରିଥିଲେ। ପରେ ଆଥଲେଟ ଉପରେ ବହୁ ଖେଳ କରଯାଇଥିଲା। ଏହି କାର୍ଯ୍ୟକ୍ରମରେ କଣିହାଁ ବ୍ଲକର ୨୬ଟି ସରକାରୀ ଉଚ୍ଚ ବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ। ଉଭୟ ବାଳକ, ବାଳିକାମାନଙ୍କ ପାଇଁ ୧୦୦ ମିଟର, ୨୦୦ ମିଟର, ୪୦୦ ମିଟର ଏବଂ ୬୦୦ ମିଟର ଦୌଡ, ରିଲେ ଦୌଡ, ଲମ୍ବା ଡିଆଁ, ଉଚ୍ଚ ଡିଆଁ, ସଟ ଫୁଟ ଏବଂ ଡିସ୍କସ ଥ୍ରୋ ଭଳି ଇଭେଣ୍ଟ ଅନୁଷ୍ଠିତ ହୋଇଥିଲା। ଉଦ୍‌ଯାପନ ସମାରୋହରେ ଅତିଥି ଭାବରେ ତନଭି ସଙ୍ଗମର ସଭାପତି ରେଣୁ ସେହଗଲ, ଜିଲ୍ଲା କ୍ରୀଡା ଅଧିକାରୀ ଅଖିଳ କୁମାର ସୀତା, ଏଚଆର ମୁଖ୍ୟ ନବନିତ କୁମାର, ଏଜିଏମ(ଏଚଆର) ସୁଜିତା ରଥ, କ୍ରୀଡା ପରିଷଦର ଅଧ୍ୟକ୍ଷ ଦାସାରୀ ଶ୍ରୀନିବାସୁଲୁ ଏବଂ ଏନଟିପିସି କଣିହାଁର ବରିଷ୍ଠ ଅଧିକାରୀ ଯୋଗ ଦେଇ ପ୍ରତ୍ୟେକ କାର୍ଯ୍ୟକ୍ରମର ବିଜେତାମାନଙ୍କୁ ଟ୍ରଫି ପ୍ରଦାନ ସହ ପୁରସ୍କାର ବିତରଣ କରିଥିଲେ। ପ୍ରତିଯୋଗିତା ୯ ଓ ୧୦ତାରିଖ ଦୁଇ ଦିନ ଧରି ଅନୁଷ୍ଠିତ ହୋଇଥିଲା।

# ମିଳିଲାନି ଗହମ, ଚିନ୍ତାରେ ଗରିବ-ମଧ୍ୟବିତ୍ତ ପରିବାର

ଅସ୍ତରଙ୍ଗ,(ଭାସ୍କର ନ୍ୟୁଜ୍): ବାରମ୍ବାର ପ୍ରତିଶ୍ରୁତି ପରେ ବି ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା (ଏନ୍‌ଏଫ୍‌ଏସ୍‌ଏ)ରେ ପଡିକାର୍ଡଧାରୀଙ୍କୁ ଅଦ୍ୟାବିଧି ୧ଟଙ୍କିଆ ଗହମ ମିଳିଲା ନାହିଁ। ୨୦୨୨ମସିହା ଅଗଷ୍ଟ ଓ ସେପ୍ଟେମ୍ବର ମାସରେ ଧାର୍ଯ୍ୟ ପରିମାଣକୁ ଅଧା ଗହମ ମିଳିଥିଲା। ସେହିବର୍ଷ ନଭେମ୍ବର ମାସରୁ ପଡି କାର୍ଡଧାରୀଙ୍କୁ ଗହମ ସମ୍ପୂର୍ଣ୍ଣ ବନ୍ଦ କରାଯାଇଥିଲା। ତେବେ ୨ବର୍ଷ ପରେ ଗତ ସେପ୍ଟେମ୍ବର ମାସରୁ ପୁଣି ଗହମ ଯୋଗାଣ ପାଇଁ ସରକାର କରିଥିବା ଘୋଷଣା ବାତିଲ ହେବାକୁ ନେଇ ସାଧାରଣରେ ଅସନ୍ତୋଷ ଦାନା ବାନ୍ଧିବାରେ ଲାଗିଛି। ଯୋଗାଣ ବିଭାଗ ସୂଚନା ଅନୁସାରେ ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନାରେ ଅସ୍ତରଙ୍ଗ ବ୍ଲକରେ ୧୫ହଜାର ୧ଶହ ୩୫ରେସନ କାର୍ଡ ଭୁକ୍ତ ପରିବାରରେ ୫୭ହଜାର ୧ଜଣ ୧ଟଙ୍କିଆ ଚାଉଳ ଓ ଗହମ ଉପରେ ନିର୍ଭର କରନ୍ତି। ସେହିଭଳି ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଯୋଜନାରେ ୨୦୭୪ପରିବାରର ୭୨୪୮ଜଣ ଏବଂ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନାରେ ୧୫୫୬କାର୍ଡଧାରୀ ପରିବାରର ୪୭୬୫ଜଣ ସୁଲଭ ଖାଉଟି ସାମଗ୍ରୀ ପାଉଛନ୍ତି। ପୂର୍ବରୁ ରାଜ୍ୟ ଖାଦ୍ୟ ସୁରକ୍ଷା ଯୋଜନା କାର୍ଡଧାରୀଙ୍କୁ ମୁଣ୍ଡପିଛା ୫କେଜି ହିସାବରେ କେବଳ ଚାଉଳ ମିଳୁଥିଲା। ଅନ୍ୟପକ୍ଷରେ ଅନ୍ତ୍ୟୋଦୟ ଅନ୍ନପୂର୍ଣ୍ଣା ଓ ଏନଏଫଏସଏ ଯୋଜନାରେ କାର୍ଡଧାରୀଙ୍କ ମଧ୍ୟରୁ ପ୍ରାୟ ୨୨ ପ୍ରତିଶତଙ୍କୁ ମୁଣ୍ଡପିଛା ୫କେଜି ଗହମ ଓ ବାକି ୭୮ପ୍ରତିଶତ କାର୍ଡଧାରୀ ୫କେଜି ହିସାବରେ ଚାଉଳ ନେଉଥିଲେ। ୨୦୧୪ମସିହାରୁ କାର୍ଡଧାରୀ ପରିବାରଙ୍କ ଆବେଦନ ଅନୁସାରେ ସରକାରଙ୍କ ପକ୍ଷରୁ ଗହମ ଓ ଚାଉଳ ପ୍ରଦାନ କରାଯାଉଥିଲା। ଏହାଦ୍ୱାରା ଗରିବ ଓ ମଧ୍ୟବିତ୍ତ ପରିବାରର ମଧୁମେହ ରୋଗୀ ଓ ବୟସ୍କ ବ୍ୟକ୍ତି ବିଶେଷ ଉପକୃତ ହେଉଥିଲେ। ଅନ୍ୟ ସାମ୍ପ୍ରତିକ ପରିବର୍ତ୍ତନଶୀଳ ଜୀବନଶୈଳୀରେ ସହର ଠାରୁ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ ଅଧିକାଂଶ ପରିବାର ଲୋକେ ରାତିରେ ରୁଟି ଖାଉଛନ୍ତି। ଯୋଗାଣ ବିଭାଗ ପକ୍ଷରୁ ମିଳୁଥିବା ୧ଟଙ୍କିଆ ଗହମ ନେଇ ଲୋକେ ଅଟା ପେଶିବା ପାଇଁ ୬ରୁ ୭ଟଙ୍କା ଖର୍ଚ୍ଚ କରିଥାନ୍ତି। ମାତ୍ର ଗତ ୨ବର୍ଷ ଧରି ପୁରୀ ଜିଲ୍ଲା ଅସ୍ତରଙ୍ଗରେ ସରକାରୀ ଗହମ ଯୋଗାଣ ସମ୍ପୂର୍ଣ୍ଣ ବନ୍ଦ ହୋଇଯିବା ଯୋଗୁଁ ଲୋକେ ନାହିଁ ନଥିବା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଲୋକେ ବଜାରରୁ କେଜି ପ୍ରତି ୩୫ରୁ ଅଧିକ ଟଙ୍କା ଦେଇ ଗହମ କିଣି ଅଟା କଳରେ ପେଶିବା ବାବଦରେ କେଜି ପ୍ରତି ୮ରୁ ୧୦ଟଙ୍କା ଖର୍ଚ୍ଚ କରୁଛନ୍ତି। ନତୁବା ଖୋଲା ବଜାରରେ କେଜି



ପ୍ରତି ୪୫ଟଙ୍କାରେ ଅଟା କିଣିବାକୁ ବାଧ ହେଉଛନ୍ତି। ରିଟେଲରଙ୍କ ଠାରୁ ନେଉଥିବା ୧ଟଙ୍କିଆ ଚାଉଳକୁ ବଜାରରେ ଦୋକାନୀଙ୍କୁ ଯଚେଇ ହୋଇ କେଜି ପ୍ରତି ୨୫ରୁ ୩୦ଟଙ୍କାରେ ବିକ୍ରି କରି ଅଧିକ ୧୫ଟଙ୍କା ଖର୍ଚ୍ଚ କରି ବଜାରରୁ ଅଟା କିଣିବା ସାଧାରଣତଃ ଗରିବ ପରିବାରଙ୍କର ଖର୍ଚ୍ଚ ଭାର ବଢିଛି। ସବୁଠୁ ବଡ଼ କଥା ହେଲା ସରକାରୀ ଗହମ ଯୋଗାଣ ବନ୍ଦ ହେବା ପରେ ବଜାରରେ ମିଳୁଥିବା ଗହମ ଓ ଅଟା ମୂଲ୍ୟ ବହୁ ବଢିଚାଲିଛି। ଏହା ପ୍ରତି କେହି ଦୃଷ୍ଟି ଦେଉନଥିବାରୁ ବୁଦ୍ଧିଜୀବୀ ମହଲରେ ବାରମ୍ବାର ଅଭିଯୋଗ ହୋଇ ଆସୁଛି। ଏମିତିକି ଯୋଗାଣ ବିଭାଗ କିମ୍ବା ଜିଲ୍ଲା ପ୍ରଶାସନ କେବେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କେହି ଦେଖିନାହାନ୍ତି। ତେବେ ଗତ ୩ମାସ ପୂର୍ବରୁ ସରକାର ପକ୍ଷରୁ ଗହମ ଯୋଗାଣ ବାବଦ ହୋଇଥିବା ଘୋଷଣାକୁ ନେଇ ସାଧାରଣ ଲୋକେ ଆଶ୍ୱସ୍ତ ହୋଇଥିଲେ। ସେହିକ୍ରମେ ରିଟେଲର ମାନେ ସେପଟେମ୍ବର ଓ ଅକ୍ଟୋବର ମାସର ପଡି ଚାଉଳକୁ ୨୦ପ୍ରତିଶତ କାଟି ରଖିଥିଲେ। ନଭେମ୍ବର ମାସରେ ତାହାକୁ ଗହମ ଆକାରରେ ଦିଆଯିବ ବୋଲି କାର୍ଡଧାରୀଙ୍କୁ ସେମାନେ କହିଥିଲେ। ମାତ୍ର ଚଳିତ ମାସରେ କାଟିଥିବା ବାକିଆ ୨୦ପ୍ରତିଶତ ଚାଉଳ ଦେଇଛନ୍ତି। ଏବେ ଗହମ ମିଳିବନି ବୋଲି ସେମାନେ ଲୋକଙ୍କୁ ବୁଝାଉଛନ୍ତି। ଯାହାକୁ ନେଇ ସାଧାରଣରେ ଅସନ୍ତୋଷ ପରିଲକ୍ଷିତ ହୋଇଛି। ଏ ସମ୍ପର୍କରେ ଅସ୍ତରଙ୍ଗ ବ୍ଲକ ଯୋଗାଣ ନିରୀକ୍ଷକ ଶିବ ପ୍ରସାଦ ମହାନ୍ତି କହିଛନ୍ତି ଆସନ୍ତା ଫେବୃଆରୀ କିମ୍ବା ମାର୍ଚ୍ଚ ମାସ ପୂର୍ବରୁ ଗହମ ଉପଲବ୍ଧ ନେଇ ସରକାରୀ ସ୍ତରରେ ପ୍ରସ୍ତୁତି ହେଉଥିବା ସେ କହିଛନ୍ତି। ଅନ୍ୟପକ୍ଷରେ ଗହମ ଅଭାବ ଟଳିବା ପର୍ଯ୍ୟନ୍ତ ଅଟା ଉପରେ ନିର୍ଭରଶୀଳ ଏନ୍‌ଏଫ୍‌ଏସ୍ କାର୍ଡଧାରୀ ପରିବାରଙ୍କୁ ସରକାର ମୁଣ୍ଡପିଛା ଅତିରିକ୍ତ ଅର୍ଥ ପ୍ରଦାନ ପାଇଁ ବିଭିନ୍ନ ମହଲରୁ ଦାବି ହୋଇଛି।

## ବଣିକ ସଂଘର ବସନ୍ତ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ



ଭୁବନ, (ଭାସ୍କର ନ୍ୟୁଜ): ଭୁବନର ସର୍ବ ପୁରାତନ ଶ୍ରୀ ଶ୍ରୀ ମହାଲକ୍ଷ୍ମୀ ବଣିକ ସଂଘ, ନୂଆ ବଜାର ତରଫରୁ କଣପାଳ ହାଟ ପଡ଼ିଆ ଠାରେ (୫୯ ତମ ବାର୍ଷିକ ଉତ୍ସବ) ବସନ୍ତ ମିଳନ ଓ ନୂତନ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଯାଇଛି। ପୂର୍ବତନ ସମ୍ପାଦକ ତଥା ବରିଷ୍ଠ ସଭ୍ୟ ଭବାନୀ ଶଙ୍କର ବେହେରା ଙ୍କ ଅଧ୍ୟକ୍ଷତା ରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ପାଦକ ବସନ୍ତ କୁମାର ପୋଥାଳ ଗତ ବର୍ଷ (୨୦୨୩-୨୪) ଲକ୍ଷ୍ମୀପୂଜା,ମାଣ ବସା ଗୁରୁବାର ଆୟ,ବ୍ୟୟ ଉପସ୍ଥାପନ କରିଥିଲେ । ପରେ ପୁରୁଣା କମିଟିକୁ ଭଙ୍ଗ କରାଯାଇ ନୂତନ କମିଟି ଗଠନ କରାଯାଇଥିଲା । ଶତାଧିକ ବ୍ୟବସାୟୀ ଭାଇ ମାନଙ୍କ ଉପସ୍ଥିତିରେ ଚଳିତ ବର୍ଷ ସକାଶେ ଦୁଷ୍ମନ୍ତ କୁମାର ପୃଷ୍ଟି (ସଭାପତି), ଅରୁଣ କୁମାର ସାହୁ (ସମ୍ପାଦକ), ହୃଷିକେଶ ଦାସ, ଅନିଲ ବେହେରା (ଉପ ସଭାପତି), ମନମୋହନ ସାହୁ (ସହ ସମ୍ପାଦକ), ସରୋଜ ବିହାରୀ (ଯୁଗ୍ମ ସମ୍ପାଦକ) ଓ ବସନ୍ତ କୁମାର ପୋଥାଳଙ୍କୁ କୋଷାଧକ୍ଷ ଭାବେ ଚୟନ କରାଯାଇଥିଲା। ପ୍ରଥମ ଥର ପାଇଁ ଚଳିତ ବର୍ଷ ବରିଷ୍ଠ ସଭ୍ୟ ଭବାନୀ ଶଙ୍କର ବେହେରାଙ୍କୁ ସଂଯୋଜକ ଭାବେ ଚୟନ କରାଯାଇଥିଲା। ନୂତନ କର୍ମକର୍ତ୍ତାମାନଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରଯାଇଥିଲା। ବରିଷ୍ଠ ସଭ୍ୟ ଅକ୍ଷୟ କୁମାର ପାତ୍ର ନୂତନ କମିଟିକୁ ଶପଥ ପାଠ କରାଇଥିଲେ। ପୂର୍ବତନ ସଭାପତି ରମେଶ ଚନ୍ଦ୍ର ପୃଷ୍ଟି, ଗତିକୃଷ୍ଣ ବିହାରୀଙ୍କ ସମେତ ଶତାଧିକ ବ୍ୟବସାୟୀ ଭାଇ ଯୋଗଦେଇଥିଲେ। ଦୁଷ୍ମନ୍ତ କୁମାର ପୃଷ୍ଟି ଏକାଦଶ ଥର ପାଇଁ ସଭାପତି ହୋଇଥିବାରୁ ଶ୍ରୀଯୁକ୍ତ ପୃଷ୍ଟିଙ୍କୁ ବିଭିନ୍ନ ମହଲରୁ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରାଯାଇଛି ।

## ସରପଞ୍ଚଙ୍କ ଅଶାଳୀନ ବ୍ୟବହାର ନେଇ ବିଡ଼ିଓଙ୍କୁ ଅଭିଯୋଗ

ଧାମନଗର (ଭାସ୍କର ନ୍ୟୁଜ୍) : ଜଣେ ସରକାରୀ ମହିଳା କର୍ମଚାରୀଙ୍କୁ ଜଣେ ଲୋକ ପ୍ରତିନିଧି ଅଫିସ ଭିତରେ ଧମକ ସହ ଆକ୍ରମଣ ଉଦ୍ୟମ ଓ ଅଶାଳୀନ ବ୍ୟବହାରକୁ ନେଇ ଧାମନଗର ଅଞ୍ଚଳରେ ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ପ୍ରକାଶ ଥାଉ କି ଧାମନଗର ବ୍ଲକ ଅନ୍ତର୍ଗତ ରାଧାବଲ୍ଲଭପୁର ପଞ୍ଚାୟତ ସରପଞ୍ଚ ପ୍ରିତମ ଦାସ ସମ୍ପୃକ୍ତ ପଞ୍ଚାୟତର ଜିଆର୍‌ଏସ୍ ସୁଭଦ୍ରା ନନ୍ଦିଙ୍କୁ ଗାଳିଗୁଲଜ ସହ ମାଡ଼ ମାରିବା ପାଇଁ ଧମକ ହୋଇଛି। ସୁଭଦ୍ରା ନିଜ ପରିବାର ଲୋକଙ୍କ ସହ ଧାମନଗର ବ୍ଲକକୁ ଯାଇ ଏ ସମ୍ପର୍କରେ ବିଡ଼ିଓ ବନବିହାରୀ ଦିନ୍ଦାଙ୍କୁ ଅଭିଯୋଗ କରିଛନ୍ତି। ବିଡ଼ିଓ ନାଚାର ପୂର୍ବକ ଜିଆର୍‌ଏସ୍‌ଙ୍କୁ ଆଇନରେ ଆଶ୍ରୟ ନେବାକୁ କହିବା ସହ ତୁରନ୍ତ ତାଙ୍କୁ ଚିଠି ନଂ ୧୧/୧୬୪ ତା ୧୨/୧୨/୨୪ ବଳରେ ବ୍ଲକ ହେଡକ୍ୱାଟରରେ ଏନ୍‌ଆର୍‌ଜିଏସ୍ ବିଭାଗକୁ ଅବସ୍ଥାପିତ କରିଛନ୍ତି। ମୋ ଷ୍ଟାଫଙ୍କ ସୁରକ୍ଷା ପାଇଁ ଏଭଳି କରିଛନ୍ତି ବୋଲି ବିଡ଼ିଓ ଶ୍ରୀ ଦିନ୍ଦା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ବିଭିନ୍ନ ଭତ୍ତା, ସୁଭଦ୍ରା ଯୋଜନା ଓ ଜବ୍‌କାର୍ଡ ଇତ୍ୟାଦିରେ ସମ୍ପୃକ୍ତ ଜିଆର୍‌ଏସ୍‌ଙ୍କ ଅନିୟମିତତା ସହ ବାରମ୍ବାର କାର୍ଯ୍ୟରେ ଅବହେଳା ପାଇଁ ମୁଁ ରାଗି କରି ଗାଳି ଗୁଲଜ କରିଛି ବୋଲି ସରପଞ୍ଚ ଶ୍ରୀ ଦାସ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ତେବେ ସେ ଯଦି କିଛି ଭୁଲ କଲେ ସରପଞ୍ଚ ବିଡ଼ିଓ କିମ୍ବା ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ କରିପାରିଥାନ୍ତେ। ମାତ୍ର ଜଣେ ମହିଳା ସରକାରୀ ଅଧିକାରୀଙ୍କୁ ପଞ୍ଚାୟତ କାର୍ଯ୍ୟାଳୟରେ ଜଣେ ଶାସକ ଦଳର ସରପଞ୍ଚ ସର୍ବସମ୍ମୁଖରେ ଧମକ ସଧାରଣରେ ନାପସନ୍ଦ କରାଯାଇଛି। ମୁଁ କିନ୍ତୁ ସୁରକ୍ଷିତ ନୁହେଁ ଏ ବିଷୟରେ ମୋ ପରିବାର ସହ ବିଡ଼ିଓଙ୍କୁ ଜଣାଇଛି ସେ ଯାହା କାର୍ଯ୍ୟାନୁଷ୍ଠାନ ନେବେ ବୋଲି ଜିଆର୍‌ଏସ୍ ଶୁଭଦ୍ରା ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଘଟଣା ସମ୍ପର୍କରେ ଅବଗତ ଅଛି ମାତ୍ର ଜିଆର୍‌ଏସ୍ ଥାନାରେ ଅଭିଯୋଗ କରି ମୋତେ କପି ଦେଇଥିଲେ ମୁଁ ଜିଲ୍ଲାପାଳଙ୍କ ନଜରକୁ ଆଣିଥାନ୍ତି ପରନ୍ତୁ ସେ ମୋତେ ଜଣାଇବାରୁ ତାଙ୍କ ସୁରକ୍ଷା ପାଇଁ ତାଙ୍କୁ ସେ ପଞ୍ଚାୟତରୁ ପଞ୍ଚାୟତ ସମିତି କାର୍ଯ୍ୟାଳୟକୁ ନେଇ ଆସିଲି ବୋଲି ବିଡ଼ିଓ ସୂଚନା ଦେଇଛନ୍ତି। ତେବେ ଏପରି ଘଟଣାକୁ ପ୍ରଶାସନ କି ପଦକ୍ଷେପ ନେଉଛି ତାହା ଦେଖିବାକୁ ବାକି ରହିଲା।



## ହରିଅଙ୍କ ଫୁଟବଲ ଟୁର୍ଣ୍ଣାମେଣ୍ଟ୍

# କୃଷ୍ଣାନନ୍ଦପୁରକୁ ହରାଇ କଟକ ଫାଇନାଲ୍‌ରେ



ଡେରାବିଶ (ଭାସ୍କର ନ୍ୟୁଜ୍) : ଡେରାବିଶ ବ୍ଲକ ହରିଅଙ୍କ ପଞ୍ଚାୟତ ଅନ୍ତର୍ଗତ ହରିଅଙ୍କ ହାଇସ୍କୁଲ ପଡ଼ିଆରେ ଜୟଦୁର୍ଗା ଆଥଲେଟିକ୍ ଆସୋସିଏସନ୍‌ର ୨୪ ତମ ରାଜ୍ୟସ୍ତରୀୟ ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିଥିଲା ପ୍ରଥମ ସେମିଫାଇନାଲ୍ ମ୍ୟାଚ୍ । ଆଜିର ମ୍ୟାଚ୍‌ରେ କଟକ ଟିମ୍ କୃଷ୍ଣାନନ୍ଦପୁର ଟିମ୍‌କୁ ୨-୦ ଗୋଲରେ ହରାଇ ଫାଇନାଲକୁ ଉନ୍ନିତ ହୋଇଛି । ଖେଳର ପ୍ରଥମାର୍ଦ୍ଧରେ କଟକ ଟିମ୍ କୃଷ୍ଣାନନ୍ଦପୁର ଟିମ୍‌କୁ ଗୋଟିଏ ଗୋଲ ଦେଇଥିଲେ । ପରେ ଦ୍ୱିତୀୟାର୍ଦ୍ଧରେ ପୁଣି କଟକ ଟିମ୍ କ୍ରିଷ୍ଣାନନ୍ଦପୁର ଟିମ୍‌କୁ ଆଉ ଗୋଟିଏ ଗୋଲ ଦେଇ ୨-୦ରେ ବିଜୟ ହାସଲ କରି ଫାଇନାଲକୁ ଉନ୍ନିତ ହୋଇଥିଲେ । ଖେଳ ଶେଷରେ ମ୍ୟାନ୍ ଅଫ୍ ଦି ମ୍ୟାଚ ହୋଇଥିବା କଟକ ଟିମ୍‌ର ଖେଳାଳୀଙ୍କୁ ଆସୋସିଏସନ୍‌ର ଉପସଭାପତି ବାବୁଲି ସ୍ୱାଇଁ ମାରୁ ଇଲେକ୍ଟ୍ରିକାଲ୍ସ ସୌଜନ୍ୟରୁ ପୁରସ୍କାର ପ୍ରଦାନ କରିଥିଲେ । ଆଜିର କାର୍ଯ୍ୟକ୍ରମରେ ଆସୋସିଏସନ୍‌ର ସଭାପତି ନୃସିଂହ ଚରଣ ନାୟକ, ବ୍ଲକ ଅଧ୍ୟକ୍ଷା ପ୍ରଭାତି ମଲିକ, ପୂର୍ବତନ ଅଧ୍ୟକ୍ଷ ସରୋଜକାନ୍ତ ସାହୁ, ସମାଜସେବୀ ସୁଖଦାନନ୍ଦ ପ୍ରଧାନ, ବିଜୟ ପରିଡ଼ା, ଗୋଲଖ ସ୍ୱାଇଁ, ପରିବେଶବିତ୍ ଜେନାମଣି ବଳ, ହରିଅଙ୍କ ଇଣ୍ଡିଆନ ବ୍ୟାଙ୍କ ମ୍ୟାନେଜର ବିଶ୍ୱରଞ୍ଜନ ଜେନା ଓ ଅରୁଣ ନାୟକ ପ୍ରମୁଖ ଉପସ୍ଥିତ ରହି ଖେଳାଳୀଙ୍କୁ ଉତ୍ସାହିତ କରିଥିଲେ। ସୁଶାନ୍ତ ସାହୁ, ବିଶ୍ୱରଞ୍ଜନ ସାମଲ, କାଳନ୍ଦି ମଲିକ, ରାମଚନ୍ଦ୍ର ସେଠୀ, ଦିଲ୍ଲିପ କୁମାର ଦାସ, ଅଭୟ ମଲିକ, ଅଲେଖ ବେଜ, କୈଳାସ ଲେଙ୍କା, ଅଞ୍ଜନ ମହାନ୍ତି ପ୍ରମୁଖ ମ୍ୟାଚ୍ ପରିଚାଳନାରେ ସହଯୋଗ କରିଥିଲେ।

## ରାସ୍ତାର ଉଜ୍ଜ୍ୱଳ ଆଲୋକ ପ୍ରଭାବ, ବାହାରୁନି ଧାନର ଥୋଡ

ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ୍) : ଭଣ୍ଡାରିପୋଖରୀ ବ୍ଲକର ୧୬ନଂ ଜାତୀୟ ରାଜପଥ ବିଭିନ୍ନ ଛକରେ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କ ଦ୍ୱାରା ଧାଡି ଧାଡି ହୋଇ ସ୍ଥାପନ ହୋଇଥିବା ହାଇମାଷ୍ଟ ଲାଇଟ ପ୍ରଭାବରେ ରାଜପଥ ପାର୍ଶ୍ୱବର୍ତ୍ତୀ ଧାନଜମିରେ ଧାନଥୋଡ ବାହାରୁ ନଥିବା ଜଣାଯାଇଛି। ବିଶେଷ କରି ରାଜପଥ ଓଭରବ୍ରିଜ ଉପରେ ଓ ଅଣ୍ଡରପାସ୍ ରାସ୍ତାକୁ ଆଲୋକିତ କରିବା ପାଇଁ ଲମ୍ବାଧାଡିର ହାଇମାଷ୍ଟ ଲାଇଟ ଉଭୟ ପାର୍ଶ୍ୱରେ ସ୍ଥାପନ କରାଯାଇଛି। ଫଳରେ ଏହି ଉଜ୍ଜ୍ୱଳ ଆଲୋକର ପ୍ରଭାବ ବହୁଦୂର ପର୍ଯ୍ୟନ୍ତ ପଡୁଛି। ହାଇମାଷ୍ଟ ଲାଇଟ ଉଜ୍ଜ୍ୱଳ ଆଲୋକ ଠାରୁ ଦୂରରେ ଥିବା ଚାଷଜମିରେ ଧାନ ପାଚିଲାଣି। ମାତ୍ର ରାତି ତମାମ ହାଇମାଷ୍ଟ ଲାଇଟ ଆଲୋକ ପଡୁଥିବା ଚାଷଜମିରେ ଏବେ ବି ଧାନ ବାହାରି ପାରିନଥିବା ଜଣାଯାଇଛି। ରାଜପଥର ଆଖୁଆପଦା ଠାରୁ ଚିଙ୍ଗୁଡିପୁର ପର୍ଯ୍ୟନ୍ତ ଦୀର୍ଘ ୩୦ କିଲୋମିଟର ପାର୍ଶ୍ୱବର୍ତ୍ତୀ ଚାଷଜମି ଉଜ୍ଜ୍ୱଳ ଆଲୋକ ଯୋଗୁଁ ପ୍ରଭାବିତ ହୋଇଥିବା ଚାଷୀମାନେ ପ୍ରକାଶ କରିଛନ୍ତି। ସେହିପରି ବିଭିନ୍ନ ଗ୍ରାମର ଛକଜାଗା, ରାସ୍ତା ପାର୍ଶ୍ୱମାନଙ୍କରେ ସ୍ଥାପିତ ହୋଇଥିବା ହାଇମାଷ୍ଟ ଲାଇଟ ଯୋଗୁଁ ଧାନଜମି ମଧ୍ୟ ପ୍ରଭାବିତ ହୋଇଥିବା ଜଣାଯାଇଛି। ପ୍ରାଣୀ ଭଳି ଉଦ୍ଭିଦ ରାତ୍ରରେ ବିଶ୍ରାମ ଆବଶ୍ୟକ କରିଥାଏ। ଉଜ୍ଜ୍ୱଳ ଆଲୋକ ଯୋଗୁଁ ପ୍ରାଣୀର ଶୟନରେ ବାଧା ସୃଷ୍ଟି ହେଲାଭଳି ଉଦ୍ଭିଦର ଶୟନରେ ବାଧା ସୃଷ୍ଟି ଉଜ୍ଜ୍ୱଳ ଆଲୋକ କରୁଛି। ଫଳରେ ଧାନଗଛରେ ରସାୟନିକ ପ୍ରତିକ୍ରିୟା ସୃଷ୍ଟି ହୋଇ ଥୋଡ ବାହାରିବାରେବାଧା ସୃଷ୍ଟି କରୁଥାଇପାରେ ବୋଲି ସ୍ଥାନୀୟ କୃଷି ବିଭାଗ ପକ୍ଷରୁ ମତ ଦିଆଯାଇଛି। କୃଷି ଓ କୃଷକମାନଙ୍କ ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏହାର ପ୍ରତିକାର କରାଯିବାକୁ ଚାଷୀମାନଙ୍କ ପକ୍ଷରୁ ଦାବି ହୋଇଛି।



ଏରସମା, (ଭାସ୍କର ନ୍ୟୁଜ): ଏରସମା ବ୍ଲକ ସଭାଗୃହରେ ପାନୀୟ ଜଳ ଓ ପରିମଳ ବ୍ୟବସ୍ଥା ସୁପରିଚାଳନା ସମ୍ପର୍କିତ ବ୍ଲକସ୍ତରୀୟ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଏହି ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଏରସମା ମଣ୍ଡଳ ଉନ୍ନୟନ ଅଧିକାରୀ ଦାଶରଥୀ ଜେନା ଯୋଗଦେଇ କର୍ମଶାଳାକୁ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରି ସ୍ୱଚ୍ଛ ପାନୀୟ ଜଳ ଓ ପରିବେଶ ମଣିଷଙ୍କୁ ନିରୋଗ କରିବାରେ ସହାୟକ ହୁଏ ବୋଲି କହିଥିଲେ । ଏହି କାର୍ଯ୍ୟକ୍ରମରେ ଏରସମା ବ୍ଲକ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ କନିଷ୍ଠ ଯନ୍ତ୍ରୀ ପ୍ରମୋଦ କୁମାର ପରିଡ଼ାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କର୍ମଶାଳାରେ ଜଗତସିଂହପୁର ଜିଲ୍ଲା ପରିମଳ ପରିଚାଳନା ପରାମର୍ଶଦାତା ରଞ୍ଜିତ କୁମାର ପରିଡ଼ା ଓ ବିଶେଷଜ୍ଞ ଶୁଭ ନାରାୟଣ ମିଶ୍ର ପ୍ରମୁଖ ଯୋଗଦେଇ ଜଳ ଓ ପରିବେଶ ସ୍ୱଚ୍ଛତା ରଖିବା ପାଇଁ ମଣିଷ ନିଜକୁ କିପରି ପ୍ରସ୍ତୁତ କରିବ ସେ ଉପରେ ପରାମର୍ଶ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ମଣ୍ଡଳ ଉନ୍ନୟନ ଅଧିକାରୀ ଜ୍ଞାନେନ୍ଦ୍ର ଲେଙ୍କା, ବ୍ଲକ ପରିମଳ ସଂଯୋଜିକା ସନ୍ତୋଷିନୀ ପ୍ରଧାନ, ଗୋଡ଼ା ସରପଞ୍ଚ ବିଶ୍ୱକଲ୍ୟାଣୀ ନାୟକ, ନାରଦିଆ ସରପଞ୍ଚ ଶିମାଇ ଭୋଳ, ଚଟୁଆ ସରପଞ୍ଚ ପ୍ରକାଶ ଚନ୍ଦ୍ର ସୁନ୍ଦରରାୟ, ବାଲିତୁଠ ସରପଞ୍ଚ ପ୍ରଫୁଲ୍ଲ କୁମାର ଦାସ, ଏରସମା ସରପଞ୍ଚ ସଚ୍ଚିଦାନନ୍ଦ ଦାସ, ପୋଖରୀୟାପଡା ସରପଞ୍ଚ ଗଦାଧର ମଲ୍ଲିକ, ବଳେଇପୁର ସରପଞ୍ଚ ଶୁଶମା ସ୍ୱାଇଁ ଓ ପଏଦା ସରପଞ୍ଚ ଦୀପ୍ତିରାଣୀ ପ୍ରଧାନ ପ୍ରମୁଖ ସମେତ ସମସ୍ତ ନିର୍ବାଚିତ ପ୍ରତିନିଧି, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଓ ଅନ୍ୟାନ୍ୟ ପଦାଧିକାରୀ ଯୋଗ ଦେଇଥିଲେ ।

# ରାସ୍ତା ନିର୍ମାଣରେ ଅନିୟମିତତା ଅଭିଯୋଗ

ନିଶ୍ଚିନ୍ତକୋଇଲି, (ଭାସ୍କର ନ୍ୟୁଜ): କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗର ଦାୟିତ୍ୱହୀନତା ସର୍ବୋପରି କର୍ତ୍ତବ୍ୟରେ ଚରମ ଅବହେଳା କାରଣରୁ ରାସ୍ତା ନିର୍ମାଣରେ ବ୍ୟାପକ ଅନିୟମିତତା ଓ ତଞ୍ଚକତା କରାଯାଉଥିବାର ଅଭିଯୋଗ ହୋଇଛି । ଫଳରେ ସରକାରଙ୍କ କୋଟି କୋଟି ଟଙ୍କା ପାଣିରେ ପଡିବା ନେଇ ଆଶଙ୍କା ପ୍ରକାଶ ପାଇଛି । ଏପରିକି ରାସ୍ତା ନିର୍ମାଣ ସମ୍ପର୍କରେ କୌଣସି ସୂଚନା ଫଳକ ଦିଆଯାଇ ନାହିଁ କିମ୍ବା ରାସ୍ତାରୁ ଜବରଦଖଲ ଉଚ୍ଛେଦ କରାଯାଇ ନଥିବାର ଅଭିଯୋଗ ହୋଇଛି । ନିଶ୍ଚିନ୍ତକୋଇଲି ବ୍ଲକ ତଥା କଟକ ସଦର ନିର୍ବାଚନମଣ୍ଡଳୀର ତିଳକଣା ଛକ ଠାରୁ ମାହାଙ୍ଗା ନିର୍ବାଚନମଣ୍ଡଳୀର କଟିକଟା-ଜୟପୁର ଭାୟା ବାହାରବମ୍ଫୁ ରାସ୍ତାର ପ୍ରଶସ୍ତିକରଣ ନିମନ୍ତେ ତତ୍କାଳୀନ ବିଜେଡି ସରକାର ୨୨ କୋଟି ଟଙ୍କା ମଞ୍ଜୁର କରିଥିଲେ । ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରାଯାଇଥିଲା । ଗତ ୨୦୨୩ ନଭେମ୍ବର ୨୬ତାରିଖ ଦିନ ତତ୍କାଳୀନ ମନ୍ତ୍ରୀ ପ୍ରତାପ ଜେନା ଏହି ରାସ୍ତାର ଶିଳାନ୍ୟାସ କରିଥିଲେ । ଏହି ରାସ୍ତାର ତଦାରଖ ଓ ରକ୍ଷଣାବେକ୍ଷଣ ଦାୟିତ୍ୱ କେନ୍ଦ୍ରାପଡ଼ା ପୂର୍ତ୍ତ ବିଭାଗ ଅଧୀନରେ ରହିଛି । ଠିକାଦାର ଅଟକଳ ଅନୁଯାୟୀ ଏହି ରାସ୍ତା ନିର୍ମାଣ କରୁନଥିବାର ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କରାଯାଉଥିବାର ଅଭିଯୋଗ ହୋଇଛି । ଏପରିକି ରାସ୍ତାର ଉଭୟ ପାର୍ଶ୍ୱରେ ପାଣି ଜମି ରହିଛି । ଏହି ପାଣି ଉପରେ ଠିକାଦାର ଡଳେଇ କାର୍ଯ୍ୟ କରୁଥିବାର ଅଭିଯୋଗ ହୋଇଛି । ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ନିମ୍ନମାନର କରାଯାଉଥିବା କାରଣରୁ ରାସ୍ତାର ସ୍ଥାୟୀତ୍ୱ ନେଇ ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି । ଅପରପକ୍ଷରେ ଏହି ରାସ୍ତାପାର୍ଶ୍ୱର ଏକାଧିକ ସ୍ଥାନରେ ବିଦ୍ୟୁତ ଟ୍ରାନ୍ସଫର୍ମର ଖୁଲମଖୁଲା ଭାବେ ପଡ଼ିରହିଛି । ଏପରିକି ରାସ୍ତା ମଝିରେ ମଧ୍ୟ ବିଦ୍ୟୁତ ଖୁଣ୍ଟ ପଡିରହିଛି । ବିଦ୍ୟୁତ



ତାର ଝୁଲି ରହିଛି । ଠିକାଦାର ରାସ୍ତା ପାର୍ଶ୍ୱରୁ ବିପଦସଙ୍କୁଳ ଅବସ୍ଥାରେ ରହିଥିବା ବିଦ୍ୟୁତ ଟ୍ରାନ୍ସଫର୍ମରକୁ ଉଚ୍ଛେଦ କରିନାହାନ୍ତି । ଏପରିକି ରାସ୍ତା ମଝିରେ ରହିଥିବା ବିଦ୍ୟୁତ ଖୁଣ୍ଟ ଓ ତାରକୁ ମଧ୍ୟ ଉଚ୍ଛେଦ କରିନାହାନ୍ତି । ବେପରୁଆ ଭାବେ ଠିକାଦାର ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଅତ୍ୟନ୍ତ ମନ୍ଥର ଗତିରେ କରୁଥିବାର ଅଭିଯୋଗ ହୋଇଛି । ଠିକାଦାରଙ୍କ ମର୍ଜିରେ ଏହି ରାସ୍ତା ନିର୍ମାଣ କାର୍ଯ୍ୟ କରାଯାଉଥିବା କାରଣରୁ ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ନିର୍ମାଣ କାର୍ଯ୍ୟ ପୂର୍ଣ୍ଣାଙ୍ଗ ହେବା ନେଇ ଆଶଙ୍କା ପ୍ରକାଶ ପାଇଛି । ସେହିପରି ଭାବେ ଏହି ରାସ୍ତାର ଉଭୟ ପାର୍ଶ୍ୱକୁ ବହୁ ପ୍ରଭାବଶାଳୀ ବ୍ୟକ୍ତି ବିଶେଷ ଜବରଦଖଲ କରି ସ୍ଥାୟୀ ଦୋକାନ ଗୃହ ନିର୍ମାଣ କରିଥିବାର ଅଭିଯୋଗ ହୋଇଛି । ଏହି ଦୋକାନ ଗୃହଗୁଡିକୁ ଉଚ୍ଛେଦ କରାନଯାଇ ରାସ୍ତାନିର୍ମାଣ କରାଯାଉଥିବାର ଅଭିଯୋଗ ହୋଇଛି । ଫଳରେ ରାସ୍ତାର ଓସାର କମି ଯାଉଛି । ରାସ୍ତାର ଦୂରବସ୍ଥା ହେତୁ ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମଗୁଡିକୁ ଦମକଳ ଗାଡ଼ି କିମ୍ବା ଆମ୍ବୁଲାନ୍ସଯାଇ ଆସି ପାରୁନଥିବାର ଅଭିଯୋଗ ହୋଇଛି । ଫଳରେ ବହୁ ସମୟରେ ରୋଗୀ ଡାକ୍ତରଖାନାକୁ ଯାଇନପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି । ଏହି ରାସ୍ତା ଉପରେ ଗମନାଗମନ କରିବା ନିମନ୍ତେ ନିଶ୍ଚିନ୍ତକୋଇଲି ବ୍ଲକ ଅଞ୍ଚଳର ବାଲିଆପଦା, ତିଳକଣା, ନେମାଳ, ବନ୍ଧକାଟିଆ, ଦାଉଦପୁର, ନଗସପୁର, ତରତଶାସନ,ଜମରା, କେରିଲୋ, ଅସୁରେଶ୍ୱର, କଟିକଟା ସମେତ ଡେରାବିଶ ବ୍ଲକର ବହୁ ପଞ୍ଚାୟତର ଶହ ଶହ ସ୍କୁଲ କଲେଜ ଛାତ୍ରଛାତ୍ରୀ ଓ ସାଧାରଣ ଲୋକ ଗମନାଗମନ ନିମନ୍ତେ ନିର୍ଭର କରିଥାନ୍ତି । ଏହି ରାସ୍ତା ଦେଇ ଦୈନନ୍ଦିନ ରାଜ୍ୟର ବିଭିନ୍ନ ସ୍ଥାନରୁ ଶହ ଶହ ପର୍ଯ୍ୟଟକ ସ୍ଥାନୀୟ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦଙ୍କ ପୀଠ, ଛପଚିକଣାସ୍ଥିତ ମା ହରଚଣ୍ଡୀଙ୍କ ପୀଠକୁ ଯାଆସ କରିଥାନ୍ତି । ଅପରପକ୍ଷରେ ଠିକାଦାର କରୁଥିବା କାର୍ଯ୍ୟ ଧର୍ମକୁ ଆଖିଠାର ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଉଚ୍ଚ ସ୍ତରୀୟ ତଦନ୍ତ ପାଇଁ ସାଧାରଣରେ ଦୃଢ ଦାବି ହୋଇଛି ।

# ରାଜସୁନାଖଳା ମହୋତ୍ସବ 'କାଉଁରୀ' ଉଦ୍‌ଯାପିତ



ବୋଲଗଡ଼, (ଭାସ୍କର ନ୍ୟୁଜ): ରାଜସୁନାଖଳା ସରକାରୀ ସିଟିସ୍କୁଲ ପଡ଼ିଆରେ ଗତ ୮ତାରିଖରୁ ୧୨ତାରିଖ ପର୍ଯ୍ୟନ୍ତ ୫ଦିନ ଧରି ଚାଲିଥିବା ଷଷ୍ଠ ରାଜସୁନାଖଳା ମହୋତ୍ସବ କାଉଁରୀ - ୨୦୨୪ ଗୁରୁବାର ଉଦ୍‌ଯାପିତ ହୋଇଯାଇଛି । ଏହି ଉଦ୍‌ଯାପନୀ ଉତ୍ସବରେ ଓଡ଼ିଶାର ରାଜ୍ୟପାଳ ରଘୁବର ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶୀତୁଆ ସନ୍ଧ୍ୟାର ସାଂସ୍କୃତିକ ଓ ସାଧାରଣ ସଭାକୁ ଉଦ୍‌ଘାଟନ କରିଥିଲେ । କାର୍ଯ୍ୟକ୍ରମକୁ ସ୍ଥାନୀୟ ବିଧାୟକ, ମହୋତ୍ସବ କମିଟି ଉପଦେଷ୍ଟା ତଥା ଓଡ଼ିଶା ବିଧାନସଭାର ବାଚସ୍ପତି ସୁରମା ପାଢୀ ପୌରୋହିତ କରିଥିଲେ । ଅନ୍ୟତମ ସମ୍ମାନିତ ଅତିଥି ଭାବେ ରାଜ୍ୟ ସରକାରଙ୍କ ଖାଦ୍ୟ ଓ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର, ରାଜ୍ୟ ସରକାରଙ୍କ ଗ୍ରମ୍ୟ ଉନ୍ନୟନ, ପଞ୍ଚାୟତରାଜ, ପାନୀୟ ଜଳ ବିଭାଗ ମନ୍ତ୍ରୀ ରବିନାରାୟଣ ନାୟକ, ନୟାଗଡ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲା, ସମାଜସେବୀ ଶିବରାମ ମହାପାତ୍ର ସମ୍ମାନୀୟ ଅତିଥି ଭାବେ ଯୋଗ ଦେଇଥିଲେ । ରାଜ୍ୟପାଳ ନିଜ ବକ୍ତବ୍ୟରେ ନୟାଗଡ ଜିଲ୍ଲା ରଣପୁର ଓ ରାଜସୁନାଖଳା ଅଞ୍ଚଳର ବୀର ସ୍ୱାଧୀନତା ସଂଗ୍ରାମରେ ରଘୁନାଥ ମହାନ୍ତି ଓ ଦିବାକର ପରିଡ଼ା ସାହସ ବ୍ରିଟିଶ ସରକାରଙ୍କୁ କିଭଳି ଦୋହଲାଇଥିଲା ସୂଚନା ଦେଇଥିଲେ । ଏଠାର ଭକ୍ତି ଯୁଗର କବି, ସାହିତ୍ୟିକ ଓ କଳା ସଂସ୍କୃତି ଉପରେ ଆଲୋକପାତ କରିଥିଲେ । ଏହି ଅବସରରେ ସ୍ମରଣିକା କାଉଁରୀ ୨୦୨୪ ଉନ୍ମୋଚିତ ହୋଇଯାଇଛି । ଏଥିରେ ଯୋଗ ଦେଇଥିବା ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ରାଜ ସୁନାଖଳାକୁ ଏକ ଏନ୍‌ଏସି ମାନ୍ୟତା ଓ ପୂର୍ତ୍ତ ବିଭାଗର ଡାକ ବଙ୍ଗଳା ପାଇଁ ଦାୟିତ୍ୱ ନେଇଥିଲେ । ମନ୍ତ୍ରୀ ରବି ନାରାୟଣ ନାୟକ ରାଜ ସୁନାଖଳାରେ ଏକ କଲ୍ୟାଣ ମଣ୍ଡପ ନିର୍ମାଣ ପାଇଁ ପ୍ରତିଶ୍ରୁତି ଦେଇଥିଲେ । ଏହି ଅବସରରେ ବିଭିନ୍ନ କୃତି ବ୍ୟକ୍ତି ବିଶେଷଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ସାଧାରଣ ସଭା ପରେ ରାଜ୍ୟ ଓ ରାଜ୍ୟ ବାହାରୁ ଆସିଥିବା କେଳାନାଚ, ଓଡ଼ିଶୀ, ଆଧୁନିକ ନୃତ୍ୟ, ସମ୍ବଲପୁର, ଢୋଲମହୁରି ପ୍ରଭୃତି କଳାକାର ଓ ସାଂସ୍କୃତିକ ଅନୁଷ୍ଠାନଗୁଡ଼ିକ ସାଂସ୍କୃତିକ କାର୍ଯ୍ୟକ୍ରମଗୁଡ଼ିକ ପରିବେଷଣ କରିଥିଲେ । ମହୋତ୍ସବ କମିଟିର ସଭାପତି ଚିତ୍ତରଞ୍ଜନ ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ କମିଟିର ସମ୍ପାଦକ ଜୟନ୍ତ ବେହେରା ମଞ୍ଚ ପରିଚାଳନା ଓ ଧନ୍ୟବାଦ ଅର୍ପଣ କରିଥିଲେ ।

## ସ୍କୁଟି ଚୋରି ଅଭିଯୋଗରେ ୨ ଗିରଫ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଟାଉନ ଥାନା ଅଧୀନ ନୂତନ ପରବ ପଡିଆରୁ ଏକ ସ୍କୁଟି ଚୋରି ଘଟଣାରେ ପୋଲିସ ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି । ସେମାନେ ହେଲେ ଦଶମନ୍ତପୁର ଥାନା ଅଧୀନ ସେମ୍ଳି ଗ୍ରାମର ରମେଶ ଖରା(୨୬) ଓ କୋରାପୁଟ ନାୟକ କଲୋନୀର ଗୋବିନ୍ଦ ନାୟକ (୨୨) । ସେମାନଙ୍କ ପାଖରୁ ଚୋରି ସ୍କୁଟି ମିଳିଛି । ସୂଚନା ଅନୁଯାୟୀ, କୋରାପୁଟ ସହର କୋଲବା କଲୋନୀ ଅଞ୍ଚଳ ନିବାସୀ ମାଧବ ବାଙ୍କିଆ କିଛିଦିନ ତଳେ ନୂତନ ପରବ ପଡିଆରେ ଚାଲିଥିବା ପ୍ରସ୍ତୁତି କାର୍ଯ୍ୟ ଦେଖିବାକୁ ନିଜ ସ୍କୁଟିରେ ସେଠାକୁ ଯାଇଥିଲେ । ପାର୍କିଂ ସ୍ଥଳରୁ କେହି ଦୁର୍ବୃତ୍ତ ତାଙ୍କ ସ୍କୁଟି ଚୋରି କରି ନେଇଥିଲା । ଏନେଇ କୋରାପୁଟ ଟାଉନ ଥାନାରେ ମାଧବ ଅଭିଯୋଗ କରିଥିଲେ । ୩୨୯/୨୪ରେ ଏକ ମାମଲର ରୁଜୁ କରି ଏସ୍‌ଆଇ ଲତିକା ବୈଦ୍ୟ ମାମଲାର ତଦନ୍ତ କରୁଥିଲା । ଗୁରୁବାର ଅଭିଯୁକ୍ତମାନଙ୍କୁ ଗିରଫ କରିଛି ପୋଲିସ । ଜବତ ସ୍କୁଟିକୁ ଗାଡି ମାଲିକ ମାଧବ ବାଙ୍କିଆଙ୍କୁ ହସ୍ତାନ୍ତର କରାଯାଇଥିବା ଟାଉନ ଥାନାଧିକାରୀ ସତ୍ୟାନନ୍ଦ ପାତ୍ର ସୂଚନା ଦେଇଛନ୍ତି ।

## ଅଗ୍ନିକାଣ୍ଡରେ ଜଳିଗଲା ୨ ବଖରା

ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ଗଁଦିଆ ଥାନା କରମୂଳ ପଞ୍ଚାୟତ ଆମ୍ବପଡ଼ା ହରିଜନ ସାହିରେ ଅଗ୍ନିକାଣ୍ଡ ଘଟି ଦଳେଇ ମଳିକଙ୍କ ୨ ବଖରା ଚାଳଘର ପୋଡିଯାଇଛି । ସୂଚନା ଅନୁସାରେ ଗୁରୁବାର ସନ୍ଧ୍ୟା ୬ ଟା ସମୟରେ ଘରପାଖ ଚୁଲିରେ ନିଆଁ ଲିଭି ନଥିବା ବେଳେ ଏକ ମାଙ୍କଡ ଚୁଲିରେ ଗୋଟିଏ ଲୁଗା ପକାଇ ଦେବାରୁ ନିଆଁ ଜଳି ଘରକୁ ଲାଗିଥିଲା । ଫଳରେ ୨ ବଖରା ଘର ସମେତ ଅମଳ ଧାନ ୧୦ପ୍ୟାକେଟ୍, ରାସନ୍ ଚାଉଳ, ଲୁଗାପଟା, ବାସନକୁସନ ଓ ଆସବାବପତ୍ର ପୋଡିଯାଇଛି । ଖବର ପାଇ ଗଁଦିଆ ଦମକଳ ବାହିନୀ ଘଟଣାସ୍ଥଳରେ ପହଁଚି ନିଆଁକୁ ଆୟତ୍ତ କରିଥିଲେ । ଦମକଳ ବାହିନୀ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ଗ୍ରାମବାସୀ ସହଯୋଗ କରି ନିଆଁ ଲିଭାଇବା ଜାରି ରଖିଥିଲେ । ଦଳେଇ ଜଣେ ଗରିବ ହରିଜନ ଦିନ ମଜୁରିଆ ହୋଇଥିବା ବେଳେ ତାଙ୍କ ଘରର ସର୍ବସ୍ୱ ଜଳି ଯାଇଛି । ତେଣୁ ତାଙ୍କୁ ସରକାରୀ ସହାୟତା ଯୋଗାଇ ଦେବା ପାଇଁ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି ।

# ଲୁଟିନେଲେ ଲକ୍ଷାଧିକ ଟଙ୍କାର ସୁନା

ବାଲିଚନ୍ଦ୍ରପୁର,(ଭାସ୍କର ନ୍ୟୁଜ): ବାଲିଚନ୍ଦ୍ରପୁର ଥାନା ଠାରୁ ୫ ଶହ ମିଟର ଦୂର ଜଗତପୁର ପଟ୍ଟାମୁଣ୍ଡାଇ କେନାଲ ପତରାଜପୁରସ୍ଥିତ ମଦ ଦୋକାନ ସମ୍ମାନାରୁ ଦୁର୍ବୃତ୍ତମାନେ ୩ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କାର ସୁନା ଗହଣା ଲୁଟି ନେଇଛନ୍ତି । ଘଟଣାରୁ ପ୍ରକାଶ ଯେ ବୁଧବାର ରାତିରେ ବାଲିଚନ୍ଦ୍ରପୁରସ୍ଥିତ ରବୀନ୍ଦ୍ର ମଣ୍ଡପ ଏକ ବିବାହ ଭୋଜିରେ ଯୋଗଦେଇ ଆମ୍ବସୌରୀ ଗ୍ରାମର ଭିମସେନ୍ ନାୟକଙ୍କ ସହିତ ତାଙ୍କ ପୁଅ ଓ ଝିଅ ରାତି ୧୧ଟା ସମୟରେ ଘରକୁ ମଟରସାଇକେଲ ଫେରୁଥିବା ବେଳେ ପଛପଟୁ ଏକ ମଟରସାଇକେଲରେ ଆସି ତିନିଜଣ ତାଙ୍କ ଗାଡ଼ି ଆଗଚକାକୁ ଗୋଇଠା ମାରିବା ଦ୍ୱାରା ସେମାନେ ଭାରସାମ୍ୟ ହରାଇ ମଟରସାଇକେଲରୁ ପ୍ରାୟ କେନାଲ ବନ୍ଧ ତଳକୁ ୨୦ ଫୁଟ୍ ଖସିଯାଇଥିଲେ । ଏହି ସମୟରେ ଆଉ ତିନି ଜଣ ମୁଖା ପିନ୍ଧା ଯୁବକ ଘଟଣାସ୍ଥଳରେ ପହଞ୍ଚି ତାଙ୍କ ଝିଅ ପିନ୍ଧିଥିବା ସୁନାଗହଣାଗୁଡ଼ିକୁ ଛିଣ୍ଡାଇ ନେବାକୁ ଉଦ୍ୟତ ହେବା ପରେ ଭିମସେନ ନାୟକ ବିରୋଧ କରିବାରୁ ସେମାନେ ତାଙ୍କ ପୁଅ ମୁଣ୍ଡରେ ବନ୍ଧୁକ ଲଗାଇ ଭୟଭିତ କରି ଝିଅ ପିନ୍ଧିଥିବା ସୁନାର ମଙ୍ଗଳସୁତ୍ର, କାନଫୁଲ, ୩ଟି ମୁଦି, ହାତରେ ପିନ୍ଧିଥିବା ଶାଙ୍ଖି ଇତ୍ୟାଦି ନେଇ ଦ୍ରୁତଗତିରେ ପଳାଇଯାଇଥିଲେ । ସେମାନଙ୍କ ମଧ୍ୟରୁ ତିନି ଜଣ ଓଡ଼ିଆ ଭାଷାରେ କଥା ହେଉଥିବା ବେଳେ ତିନିଜଣ ହିନ୍ଦି ଭାଷାରେ କଥା ହେଉଥିଲେ । ତେବେ ଛିନତାଇ ସମୟରେ ପାଖରେ ଥିବା ବିଦେଶୀ ମଦ ଦୋକାନର ଲାଇଟ୍ ଲିଭାଇଦେବାରୁ ସେମାନଙ୍କୁ ବନ୍ଧ ତଳେ ଲୁଟ କରିବା ପାଇଁ ସୁବିଧା ହୋଇଥିବା ସାଧାରଣରେ ଅଭିଯୋଗ ହେଉଛି । ଘଟଣାସ୍ଥଳରେ ଖବର ପାଇ ପୋଲିସ ପହଞ୍ଚି ବାଲିଚନ୍ଦ୍ରପୁର ବଜାରର କିଛି ସିସିଫୁଟେଜକୁ ଆଧାର କରି ତଦନ୍ତ ଚଳାଇଥିଲେ ମଧ୍ୟ ଖବର ଲେଖା ହେବା ପର୍ଯ୍ୟନ୍ତ ଦୁର୍ବୃତ୍ତମାନଙ୍କର କୌଣସି ସୁରାଗ ମିଳିପାରିନାହିଁ । ପୋଲିସ ୫୨୪/୨୪ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି । ତେବେ ନିକଟ ଅତୀତରେ ବାଲିଚନ୍ଦ୍ରପୁର ଅଞ୍ଚଳରେ ଅନେକ ଚୋରି ହୋଇଥିଲେ ମଧ୍ୟ ପୋଲିସ ଏ କ୍ଷେତ୍ରରେ କୌଣସି ଆଖିଦୃଷ୍ଟିଆ ସଫଳତା ପାଇନଥିବା ସାଧାରଣରେ ଚର୍ଚ୍ଚା ହେଉଛି ।

# ଦରଦାମ ବୃଦ୍ଧି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ




କେନ୍ଦ୍ରାପଡ଼ା,(ଭାସ୍କର ନ୍ୟୁଜ): ଭାରତୀୟ କମ୍ୟୁନିଷ୍ଟ ପାର୍ଟି (ସିପିଆଇ) କେନ୍ଦ୍ରାପଡ଼ା ଜିଲ୍ଲା କମିଟି ପକ୍ଷରୁ ଦେଶର ସମ୍ପତ୍ତିକୁ ବିଦେଶୀ ଓ ଦେଶୀ କମ୍ପାନୀକୁ ବିକ୍ରୀ କରିବା, ଆଦାନୀ ଭଳି କମ୍ପାନୀ ଦେଶର ସମ୍ବଳ ଲୁଣ୍ଠନ କରୁଥିବା ବେଳେ ରାଜ୍ୟର ଡବଲ ଇଞ୍ଜିନ ସରକାର ନିତ୍ୟ ବ୍ୟବହାର୍ଯ୍ୟ ଦ୍ରବ୍ୟର ଆକାଶ ଛୁଆଁ ଦରବୃଦ୍ଧି ପ୍ରତିବାଦରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ୭ଦଫା ସମ୍ବଳିତ ଦାବିପତ୍ର ଜିଲ୍ଲାପାଳଙ୍କ ଦାୟିତ୍ୱରେ ଥିବା ଅତିରିକ୍ତ ଜିଲ୍ଲାପାଳ ନିଲୁ ମହାପାତ୍ରଙ୍କୁ ପ୍ରଦାନ କରାଯାଇଛି । ସେହି ଦାବିପତ୍ରରେ ଉଲ୍ଲେଖ ରହିଛି ଯେ ଆମ ଦେଶର ସ୍ୱାଧୀନତା ଆନ୍ଦୋଳନ ସମ୍ପର୍କରେ ଇତିହାସକୁ ପର୍ଯ୍ୟାଲୋଚନା କଲେ ଦେଶ ସ୍ୱାଧୀନ ପାଇଁ ଅନେକ କମ୍ୟୁନିଷ୍ଟ ନିଜର ଜୀବନକୁ ଉତ୍ସର୍ଗ କରିଛନ୍ତି । କମ୍ୟୁନିଷ୍ଟ ପାର୍ଟି ପ୍ରଥମେ ପୂର୍ଣ୍ଣ ସ୍ୱରାଜର ପ୍ରସ୍ତାବ ଆଣିଥିଲା । ସ୍ୱାଧୀନତା ସଂଗ୍ରାମ ସମୟରେ ପେଶୱାର ଷଡ଼ଯନ୍ତ୍ର, କାନପୁର ଷଡଯନ୍ତ୍ର, ମିରଟ ଷଡ଼ଯନ୍ତ୍ର, ଲାହୋର ଷଡଯନ୍ତ୍ର, ଚିଟାଗଞ୍ଜ ଷଡଯନ୍ତ୍ର ଓ କଟକ ଷଡଯନ୍ତ୍ର ମାମଲାରେ କମ୍ୟୁନିଷ୍ଟମାନଙ୍କୁ ଜେଲଦଣ୍ଡ ଦିଆଯାଇଥିବା ବେଳେ ସେମାନଙ୍କ ସମ୍ପତ୍ତିକୁ ବାଜ୍ୟାପ୍ତି କରାଯିବା ସହ କଳାପାଣିକୁ ପଠାଇ ଦିଆଯାଇଥିଲା । ସେମାନଙ୍କ ମଧ୍ୟରୁ ଅନେକ ଫାଶୀଖୁଣ୍ଟରେ ଝୁଲିଥିଲେ । ଦେଶ ସ୍ୱାଧୀନ ହେବା ପରେ ସ୍ୱାଧୀନ ଦେଶର ପ୍ରଥମ ଜାତୀୟ ସରକାର ଶିଳ୍ପ ପ୍ରତିଷ୍ଠା କରିବା, ବ୍ୟାଙ୍କ ଜାତୀୟ କରଣ କରିବା, ରାଜାଙ୍କ ହାତ ପାଣ୍ଠି ଉଚ୍ଛେଦ କରିବା, ଭୂସଂସ୍କାର କରାଇବା ଆଦି କାର୍ଯ୍ୟ କରିଥିବା ବେଳେ ବର୍ତ୍ତମାନର ନରେନ୍ଦ୍ର ମୋଦି ସରକାର ଏଦେଶର ସମ୍ପତ୍ତିକୁ ଦେଶୀ ଓ ବିଦେଶୀ କମ୍ପାନୀ ହାତରେ ଟେକି ଦେଉଥିବା ସିପିଆଇ ଅଭିଯୋଗ କରିଛି । ଏଣୁ ଭ୍ରଷ୍ଟ ରାହୁ ପୁଞ୍ଜିପତି ଆଦାନୀ ଦେଶର ସମ୍ବଳ ଲୁଣ୍ଠନ ସମ୍ପର୍କରେ ବିଶ୍ୱର ବିଭିନ୍ନ ଦେଶର ବିଚାରାଳୟ ଦୋଷୀ ସାବ୍ୟସ୍ତ ହୋଇଥିବା ବେଳେ ମୋଦି ସରକାରର ବାହୁଛାୟା ତଳେ ରହି ବିଭିନ୍ନ ସମ୍ବଳ ଲୁଣ୍ଠନ କରିଥିବା ଘଟଣାରେ ଜେପିସି ତଦନ୍ତ କରାଯିବା ସହ ଆଦାନୀ କମ୍ପାନୀର ମୁଖ୍ୟ ଗୌତମ ଆଦାନୀଙ୍କୁ ଗିରଫ କରାଯିବାକୁ ସିପିଆଇ ଦାବି କରିଛି । ସମସ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀର ଆକାଶଛୁଆଁ ଦରବୃଦ୍ଧି ହେତୁ ଜୀବନ ଧାରଣ ଦୁର୍ବିସହ ହୋଇପଡିଥିବାରୁ ଅବିଳମ୍ବେ ଦରବୃଦ୍ଧି ବନ୍ଦ କରାଯାଉ, ଇଷ୍ଟକୋଷ୍ଟ ରେଳବାଇ ଡିଭିଜନର ବିଭାଜନକୁ ବନ୍ଦ କରାଯାଇ ନୂତନ ଭାବେ ରାଉରକେଲା ଓ ବାଲେଶ୍ୱର ରେଳବାଇ ଡିଭିଜନ ପ୍ରତିଷ୍ଠା କରାଯିବା, ଖାଲି ପଡିଥିବା ବିଭିନ୍ନ ପଦବୀରେ ସମସ୍ତ ବେକାରଙ୍କୁ ତୁରନ୍ତ ନିଯୁକ୍ତି ପ୍ରଦାନ, କେନ୍ଦ୍ରାପଡ଼ା ଜିଲ୍ଲାରେ ଏକ ମେଡିକାଲ କଲେଜ ଓ ହସ୍ପିଟାଲ ପ୍ରତିଷ୍ଠା କରାଯିବା, ଜିଲ୍ଲାର ପ୍ରତ୍ୟେକ ବ୍ଲକରେ ବୃହତ ସରକାରୀ ଶୀତଳ ଭଣ୍ଡାର ପ୍ରତିଷ୍ଠା କରାଯିବା ସହ ଦେଶର ସାମ୍ପ୍ରଦାୟିକ ବିଦ୍ୱେଷ ସୃଷ୍ଟି ବନ୍ଦ କରାଯାଉ ବୋଲି ସିପିଆଇ ଦାବି କରିଛି । ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ମହାପାତ୍ରଙ୍କୁ ଦାବିପତ୍ର ପ୍ରଦାନ ସମୟରେ ସିପିଆଇର ଜିଲ୍ଲା ସାଧାରଣ ସମ୍ପାଦକ ଆଇନଜୀବୀ ରମଣୀରଞ୍ଜନ ରାଉତରାୟଙ୍କ ନେତୃତ୍ୱରେ ସହ ସମ୍ପାଦକ ଆଦିକନ୍ଦ ରାଉଳ, ବିକାଶ ଚନ୍ଦ୍ର ବେଉରା, ପ୍ରସନ୍ନ କୁମାର ଦାଶ, ହରେକୃଷ୍ଣ ମିର୍ଦ୍ଧା, ନିତ୍ୟାନନ୍ଦ ମିର୍ଦ୍ଧା, ରାଜିବଲୋଚନ ଦଳାଇ, ଶଶଧର ବେହେରା, ଅଜୟ ବାରିକ, ପ୍ରଭାକର ରାଉତ, ପ୍ରଶାନ୍ତ ଚରଣ ଚୁଳି, ସୁଧୀର ବେହେରା, ମସି ଦଳାଇ ପ୍ରମୁଖ ଶତାଧିକ ବ୍ୟକ୍ତି ଉପସ୍ଥିତ ଥିଲେ ।

# ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନର କ୍ରୀଡ଼ା ସମାପନ ଉତ୍ସବ

କେନ୍ଦୁଝର,(ଭାସ୍କର ନ୍ୟୁଜ): ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ କେନ୍ଦୁଝରଗଡ଼ର ଦୁଇ ଦିନବ୍ୟାପି ବାର୍ଷିକ କ୍ରୀଡ଼ା ଅନୁଷ୍ଠିତ ହୋଇଯାଇଛି । ଚଳିତ ମାସ ୧୨ ତାରିଖରେ ବିଦ୍ୟାଳୟର ୪୩ତମ ବାର୍ଷିକ କ୍ରୀଡ଼ାର ଉଦ୍‌ଯାପନୀ ହୋଇଯାଇଛି । ଛାତ୍ରଛାତ୍ରୀଙ୍କ ଦ୍ୱାରା ମାର୍ଚ୍ଚପାଷ୍ଟ କରାଯାଇ ମୁଖ୍ୟ ଅତିଥି ଓ ସମ୍ମାନିତ ଅତିଥିଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । ଲେଫ୍ଟନାଣ୍ଟ କର୍ଣ୍ଣେଲ ମୟୁର ଘାଡ଼ଜି, କମାଣ୍ଡିଙ୍ଗ ଅଫିସର ଏନ୍‌ସିସି, କେନ୍ଦୁଝର ଓ ପରମେଶ୍ୱର ସାମଲ ଡ଼ିଏସଓ କ୍ରୀଡାଙ୍ଗନ, କେନ୍ଦୁଝର ଯଥାକ୍ରମେ ମୁଖ୍ୟ ଅତିଥି ଓ ସମ୍ମାନୀୟ ଅତିଥି ରୂପେ ଯୋଗଦେଇ ବିଦ୍ୟାଳୟସ୍ତରର ଶାରୀରିକ କ୍ରୀଡା ଛାତ୍ରଛାତ୍ରୀଙ୍କ ଏକ ଅବିଚ୍ଛେଦ୍ୟ ଅଙ୍ଗ ସମ୍ବନ୍ଧରେ ନୈତିକତା ତଥା ବୁଦ୍ଧିମତା ଦିଗ ଉପରେ ଦିଗଦର୍ଶନ ପ୍ରଦାନ କରିଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମଲୋଚନ ମହାନ୍ତ ଅତିଥିଙ୍କର ପରିଚୟ ପ୍ରଦାନ କରି ଛାତ୍ରଛାତ୍ରୀଙ୍କୁ ପାଠ ସହ କ୍ରୀଡ଼ା ଅଙ୍ଗାଙ୍ଗୀ ଭାବେ ଜଡିତ ଏବଂ ଶାରୀରିକ କ୍ରୀଡ଼ା କିପରି ଶରୀରକୁ ସୁସ୍ଥ ଓ ମନକୁ ଚଳଚଞ୍ଚଳ କରିବା ବୋଲି ମତବ୍ୟକ୍ତ କରିଥିଲେ । ବିଦ୍ୟାଳୟର ସଭାପତି ଦାଶରଥୀ ମିଶ୍ର ଛାତ୍ରଛାତ୍ରୀ ଏବଂ ଅଭିଭାବକଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ବିଦ୍ୟାଳୟର ଖେଳ ଶିକ୍ଷକ ମହେନ୍ଦ୍ର କୁମାର ମହାନ୍ତଙ୍କର ଅଧ୍ୟକ୍ଷତାରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ବିଭିନ୍ନ ପ୍ରକାରର ଯୋଗ, ଡ୍ରମବେଲ, ଲେଜିମ, ଏସିଆନ ଡ୍ରିଲ, ଷ୍ଟିକଡ୍ରିଲ, ଫାୟାର ଜମ୍ପ (ଆଗ୍ନେୟ ଲମ୍ଫ), ପିରାମିଡ, ଇତ୍ୟାଦି ବିଭିନ ଶାରୀରିକ କ୍ରୀଡା ଚିତ୍ତାକର୍ଷକ ଭାବେ ପଦର୍ଶନ କରିଥିଲେ । କ୍ରୀଡା ପ୍ରତିଯୋଗିତା ଉତ୍ତୀର୍ଣ୍ଣ ହୋଇଥିବା ସମସ୍ତ ଛାତ୍ରଛାତୀଙ୍କୁ ସମ୍ମାନିତ ଅତିଥି ଦ୍ୱାରା ପ୍ରମାଣପତ୍ର ବଣ୍ଟନ କରାଯାଇଥିଲା । ନର୍ସରୀ ଠାରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଆଦ୍ୱନଦ୍ୟାନ୍ସ ପଦର୍ଶନ କରାଯାଇଥିଲା । ସବିତା ମିଶ୍ର, ଗୀତାଶ୍ରୀ ମହାନ୍ତି, ରାଜଶ୍ରୀ ସାହୁ, କଳ୍ପନା ମିଶ୍ର, ପଦ୍ମିନୀ ଦେଇ, ଭାବିପ୍ରିୟା ସାହୁ, ଚନ୍ଦ୍ରିକାମୟୀ ଦାଶ, ରାଜଶ୍ରୀ ସାହୁ, କଳ୍ପନା ମିଶ୍ର, ସତ୍ୟ ନାରାୟଣ ବାରିକ, ସ୍ୱାଗତିକ ମହାପାତ୍ର, ଅଜୟ ପଲେଇ, ମହେଶ୍ୱର ନାଥ, ପଦ୍ମିନୀ ଦେଇ, ଅମିତ ପାଣିଗ୍ରାହୀ, ଅଯୋଧ୍ୟା ଦେହୁରୀ, ଯୀଶୁକ୍ରିଷ୍ଟ ରାଉତ, ନରେନ୍ଦ୍ର ମହାନ୍ତ, ଅରୁଣ କୁମାର ସାହୁ, କହ୍ନେଇ ଭାଇ, ପୂର୍ଣ୍ଣ ଭାଇ, ଗୋକୁଳ ଭାଇ, କାନ୍ତି ଅପା ବିଭିନ୍ନ ଶାରୀରିକ କ୍ରୀଡ଼ାକୁ ସୂଚାରୁ ରୂପେ ପରିଚାଳନା କରିଥିଲେ । ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାନୁଷ୍ଠାନ କେନ୍ଦୁଝରଗଡ ସଭାପତି ଦାଶୀରଥୀ ମିଶ୍ର, ସମ୍ପାଦକ ରାଜନ ସାହୁ, ଛାତ୍ରାବାସ ପରିଚାଳନା କମିଟିର ତତ୍ତ୍ୱାବୋଧକ ସୁରେଶ ସାହୁ, ଦୋଳଗୋବିନ୍ଦ ମହାରଣା ଏବଂ ଶ୍ରୀଅରବିନ୍ଦ ସାଧନାପୀଠ ମାତୃନିଳୟ କେନ୍ଦୁଝରଗଡ ସମସ୍ତ ଅପା ଭାଇ ଏହି ବାର୍ଷିକ କ୍ରୀଡା ସମାପନ ଉତ୍ସବରେ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ । ପରେ ଶ୍ରୀଅରବିନ୍ଦ ଶ୍ରୀମାଙ୍କର ପବିତ୍ର ପତାକାକୁ ଶ୍ରୀମାଙ୍କର ପବିତ୍ର ସଙ୍ଗୀତର ତାଳେ ତାଳେ ଅବତରଣ କରାଯାଇ ବିଦ୍ୟାଳୟ ଶିକ୍ଷକ, ଛାତ୍ରଛାତ୍ରୀ, କର୍ମକର୍ତ୍ତା, ଶ୍ରୀଅରବିନ୍ଦ ସାଧନାପୀଠ ମାତୃନିଳୟ କେନ୍ଦୁଝରଗଡ ସମସ୍ତ ଅପା ଭାଇ ଅଭିଭାବକ ଉଦ୍ଦେଶ୍ୟରେ ସମର୍ପଣ କରାଯାଇ କ୍ରୀଡା ଉତ୍ସବକୁ ସମାପନ କରାଯାଇଥିଲା ।

## ପରବ ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଯୋଗଦେବେ ମୁଖ୍ୟମନ୍ତ୍ରୀ

କୋରାପୁଟ, (ଭାସ୍କର ନ୍ୟୁଜ): କୋରାପୁଟ ଜିଲ୍ଲା ଆଦିବାସୀ ସାଂସ୍କୃତିକ ଲୋକ ମହୋତ୍ସବ ପରବ-୨୦୨୪କୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝି ଉଦ୍‌ଘାଟନ କରିବା କାର୍ଯ୍ୟକ୍ରମ ରହିଛି । ଏଥିପାଇଁ ସମସ୍ତ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ପରବ ପଡିଆରେ ଜିଲ୍ଲାପାଳ ଭି କୀର୍ତ୍ତିଭାସନ ସୂଚନା ଦେଇଛନ୍ତି । ଏଥିରେ କୋରାପୁଟ ବିଧାୟକ ରଘୁରାମ ମାଛ, ସିଡିଓ ଦେବାଶିଷ ପଟ୍ଟନାୟକ ଓ ଅତିରିକ୍ତ ଜିଲ୍ଲାପାଳ ଲଗ୍ନଜିତ ରାଉତଙ୍କ ସହ ଜିଲ୍ଲାର ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ । ସୂଚନାଯୋଗ୍ୟ, ପ୍ରଥମ ଦିନ କୋରାପୁଟ ଜିଲ୍ଲାର ଢେମସା, ଦୁରୁଆ, ଓଡିଶୀ, ଘୁଡୁକା, ସାନ୍ତାଳୀ ଓ ଆସମର ବାଗୁରୁମ୍ବା ଆଦି ନୃତ୍ୟ ପରିବେଷଣ କାର୍ଯ୍ୟକ୍ରମ ରହିଛି । ପରବରେ ଜିଲ୍ଲାର କଫିର ବ୍ୟାପକ ପ୍ରସାର ପାଇଁ ମୁଖ୍ୟ ମଣ୍ଡପ ସଜାଯାଇଛି । ସେହିପରି କୋରାପୁଟରେ କଫିର ପ୍ରଚାର ଓ ପ୍ରଚାର ପାଇଁ ଏକ ଆପ୍ ଜିଲ୍ଲା କଫି ଟ୍ରଷ୍ଟ ପକ୍ଷରୁ ଶୁଭାରମ୍ଭ କରାଯିବ । ଏହାସହ ବିଭିନ୍ନ ରାଜ୍ୟ ଓ ଜିଲ୍ଲାର କଳାକାରଙ୍କୁ ସୁଯୋଗ ଦିଆଯାଇଛି । ମୁଖ୍ୟମନ୍ତ୍ରୀଙ୍କ ଗସ୍ତ କାର୍ଯ୍ୟକ୍ରମସ୍ଥିର ହେବା ପରେ ସୁରକ୍ଷା ଓ ଟ୍ରାଫିକ ବ୍ୟବସ୍ଥା କଡାକଡି କରାଯାଉଥିବା ଜିଲ୍ଲାପାଳ କହିଛନ୍ତି ।

# ମୋବାଇଲ ଦୋକାନରୁ ଚୋରି



ଚମ୍ପୁଆ, (ଭାସ୍କର ନ୍ୟୁଜ): ଗୁରୁବାର ବିଳମ୍ବିତ ରାତିରେ ଚମ୍ପୁଆ ବଜାରରେ ଥିବା ଏକ ମୋବାଇଲ ଦୋକାନରୁ ଚୋରି ହୋଇଯାଇଛି । ଚୋରମାନେ ରାଜ ଏଣ୍ଡ ରାଜ ମୋବାଇଲ ଦୋକାନର ଶଟର ତାଲାକୁ ଭାଙ୍ଗି ଅନେକ ଗୁଡ଼ିଏ ଦାମୀ ମୋବାଇଲ ଚୋରି କରି ନେଇଥିବା ଜଣାପଡ଼ିଛି । ଚମ୍ପୁଆର ଦିଲ୍ଲୀପ କୁମାର ରାଜ ଚମ୍ପୁଆ ବଜାର ଜେଲ୍ ନିକଟରେ ଥିବା ମାର୍କେଟ କମ୍ପ୍ଲେକ୍ସରେ ରାଜ ଏଣ୍ଡ ରାଜ ନାମକ ଏକ ମୋବାଇଲ ଦୋକାନ କରିଛନ୍ତି । ସେ ଗୁରୁବାର ରାତି ପ୍ରାୟ ୯ଟାରେ ତାଙ୍କ ଦୋକାନରେ ତାଲା ମାରି ଘରକୁ ଯାଇଥିଲେ । ଶୁକ୍ରବାର ସକାଳେ ସେ ଯେତେ ବେଳେ ଦୋକାନ ଖୋଲିବା ପାଇଁ ଆସିଲେ ସେତେବେଳେ ସେ ତାଙ୍କ ଦୋକାନର ସଟର କବାଟ ତାଲା ଭଙ୍ଗା ଯାଇଥିବା ଦେଖିବାକୁ ପାଇଥିଲେ । ଦୋକାନ ଭିତରକୁ ଯିବା ପରେ ସେ ତାଙ୍କ ଦୋକାନରୁ ଚୋରି ହୋଇଯାଇଥିବା ଜାଣିବାକୁ ପାଇଲେ । ଚୋରମାନେ ଦୋକାନରେ ଥିବା ୧୬୪ ଟି ମୋବାଇଲ ମଧ୍ୟରୁ ୧୫୦ଟି ଦାମୀ ମୋବାଇଲ ଚୋରି କରି ନେଇଯାଇଥିବା ବେଳେ ମୋବାଇଲ ଖୋଳଗୁଡ଼ିକୁ ଦୋକାନ ନିକଟରେ ଫିଙ୍ଗି ଚାଲି ଯାଇଥିଲେ । ଦୋକାନରେ ସିସିଟିଭି କ୍ୟାମେରା ଲାଗିଥିବା ବେଳେ ଚୋରମାନେ ଦୋକାନ ବାହାରେ ଥିବା କ୍ୟାମେରାରେ ପଲିଥିନଗୁଡ଼ାଇ ଦେବା ସହ ଦୋକାନ ଭିତରେ ପଶି କ୍ୟାମେରାର ହାର୍ଡଡିସ୍କକୁ ମଧ୍ୟ ନେଇ ଚାଲି ଯାଇଥିଲେ । ମୋବାଇଲ ଦୋକାନୀଙ୍କ ଠାରୁ ଖବର ପାଇଁ ଚମ୍ପୁଆ ଥାନା ପୋଲିସ ଓ ସାଇଣ୍ଟିଫିକ ଟିମ ଘଟଣା ସ୍ଥଳକୁ ଆସି ତଦନ୍ତ ଜାରି ରଖିଛନ୍ତି । ତତସହିତ ବାରିଆ ଥାନା ଅଧିକାରୀଣୀ ଦେବକୀ ନାଏକ ମଧ୍ୟ ଘଟଣା ସ୍ଥଳକୁ ଆସି ମୋବାଇଲ ଦୋକାନୀ ଓ ଉପସ୍ଥିତ ପୋଲିସ କର୍ମଚାରୀଙ୍କ ସହିତ ଘଟଣା ସମ୍ବନ୍ଧରେ ଆଲୋଚନା କରି ଯାଇଛନ୍ତି । ଚୋରି ହୋଇଥିବା ମୋବାଇଲର ଆନୁମାନିକ ମୂଲ୍ୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ହେବ ବୋଲି ମୋବାଇଲ ଦୋକାନୀ ଦିଲ୍ଲୀପ କୁମାର ରାଜ ସୂଚନା ଦେଇଛନ୍ତି । ତେବେ ଚମ୍ପୁଆ ଜେଲ ଫାଟକ ନିକଟରେ ଓ ଚମ୍ପୁଆ ଥାନା ଠାରୁ ପ୍ରାୟ ୨୨୦ ମିଟର ଦୂରରେ ଥିବା ମୋବାଇଲ ଦୋକାନର ସଟରକୁ କାଟି ଚୋରମାନେ ଚୋରି କରି ନେଇଯିବାରୁ ଚମ୍ପୁଆ ବଜାରର ଅନ୍ୟ ଦୋକାନୀମାନେ ନିଜକୁ ସୁରକ୍ଷିତ ମନେ କରୁ ନାହାଁନ୍ତି । ଚମ୍ପୁଆ ଥାନା ଅଞ୍ଚଳରେ ଦିନକୁ ଦିନ ଚୋରମାନଙ୍କ ଉପଦ୍ରବ ବୃଦ୍ଧି ପାଉଥିବା ବେଳେ ଏହା ଚମ୍ପୁଆ ପୋଲିସର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି । ତେଣୁ ଚମ୍ପୁଆ ପୋଲିସ ନିଜକୁ ଅଧିକ ଶଶକ୍ତ ଓ ସଜାଗ କରିବା ଦିଗରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ମନ୍ଦିର ପ୍ରତିଷ୍ଠା ଉପରେ ରୋକ୍ ଲଗାଇବାକୁ ଜିଲ୍ଲାପାଳଙ୍କ ଘେରିଲେ ଅଞ୍ଚଳବାସୀ

ଢେଙ୍କାନାଳ, (ଭାସ୍କର ନ୍ୟୁଜ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ଉପଖଣ୍ଡ ଗାଲପଡା ପଞ୍ଚାୟତ ଝାଡ଼ବନ୍ଧ ଗ୍ରାମରେ ଏବେ ଅଶାନ୍ତର ବାତାବରଣ ଦେଖାଦେଇଛି । ୫ବର୍ଷ ପୂର୍ବେ ଦୁଇ ଗୋଷ୍ଠୀ ବିବାଦ ଯୋଗୁଁ ପ୍ରଶାସନ ପକ୍ଷରୁ ଗ୍ରାମଦେବୀ ମା' କଟମାଶୁଣି ଦେବୀଙ୍କ ବାର୍ଷିକ ପର୍ବ ପୌଷ ମହୋତ୍ସବ ପାଳନକୁ ବନ୍ଦ କରିଦିଆଯାଇଛି । ଦୀର୍ଘଦିନ ଧରି ଏହି ମହୋତ୍ସବ ହୋଇପାରୁନଥିବା ବେଳେ ଗ୍ରାମରେ ବିବାଦ ଲାଗି ରହିଛି । ସୂଚନା ଥାଉକି, ଏହି ଉତ୍ସବକୁ ନେଇ ଗତ ୨୦୧୯ମସିହାରୁ ଗ୍ରାମର ଦୁଇଗୋଷ୍ଠୀ ମଧ୍ୟରେ ବିବାଦ ସୂତ୍ରପାତ ହୋଇଥିଲା । ବିବାଦୀୟ ହେବାରୁ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ଆଶଙ୍କାରେ ପୋଲିସ ପ୍ରଶାସନ ପକ୍ଷରୁ ଏହାକୁ ଅନିର୍ଦ୍ଦିଷ୍ଟ ସମୟ ପାଇଁ ବନ୍ଦ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଫଳରେ ଗତ କିଛିବର୍ଷ ହେଲା ଏହି ଉତ୍ସବ ବନ୍ଦ ରହିଥିବା ଜଣାପଡିଛି । ବିବାଦକୁ ଏଡାଇବାକୁ ଯାଇ ପ୍ରଶାସନ ପକ୍ଷରୁ ଗ୍ରାମରେ ଦୁଇଗୋଷ୍ଠୀଙ୍କ ଉପସ୍ଥିତିରେ ବିବାଦ ସମାଧାନ କରିବାକୁ ପ୍ରୟାସ କରାଯାଇଥିଲେ ମଧ୍ୟ କିଛି ମୁଷ୍ଟିମେୟ ଲୋକଙ୍କ ଯୋଗୁଁ ଏହା ସମାଧାନ ହୋଇପାରୁନଥିଲା । ଏପରିକି ଗତକାଲି କିଛି ଯୁବଗୋଷ୍ଠୀ ଶାନ୍ତିଶୃଙ୍ଖଳାର ସହ ପୌଷ ଉତ୍ସବ ପାଳନ ପାଇଁ ଲିଖିତ ଅନୁରୋଧ ଜଣାଇଥିବାବେଳେ ଆଜିଉକ୍ତ ଗ୍ରାମରେ ବାଟମଙ୍ଗଳା ମନ୍ଦିରରେ ବିଗ୍ରହ ପ୍ରତିଷ୍ଠା ପାଇଁ ଦିନ ଧାର୍ଯ୍ୟ କରାଯାଇଥିବାବେଳେ କିଛି ମୁଷ୍ଟିମେୟଙ୍କ ପ୍ରରୋଚନାରେ ପ୍ରଶାସନ ପକ୍ଷରୁ ହିନ୍ଦୋଳ ତହସିଲଦାର ଓ ବାଲିମୀ ଥାନା ଅଧିକାରୀ ଗ୍ରାମ ପରିଚାଳନା କମିଟିକୁ କୌଣସି ସୂଚନା ନଦେଇ ପ୍ରତିଷ୍ଠା ଉତ୍ସବକୁ ବନ୍ଦ କରିଦେଇଥିଲେ । ଫଳରେ ଗ୍ରାମରେ ଅଶାନ୍ତ ବାତାବରଣ ଖେଳିଯାଇଥିଲା । ପରେ ଗ୍ରାମର ଶତାଧିକ ମହିଳା ଓ ପୁରୁଷ ଢେଙ୍କାନାଳ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଉପସ୍ଥିତ ହୋଇ ଗ୍ରାମରେ ଶାନ୍ତି ଫେରାଇବା ପରିବର୍ତ୍ତେ ପ୍ରଶାସନ ମନ୍ଦିର ପ୍ରତିଷ୍ଠାକୁ ବନ୍ଦ କରି ରଖିବା ଧାର୍ମିକ ଚେତନାକୁ କୁଠାରଘାତ କରିବା ସହ ସମାନ ବୋଲି କହିଥିଲେ । ତୁରନ୍ତ ଜିଲ୍ଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ମନ୍ଦିର ପ୍ରତିଷ୍ଠା କରିବାରେ ସହଯୋଗ ପାଇଁ ସମାଧାନ ବାଟ ନକଲେ ଆଗାମୀ ଦିନରେ ଏକ ବଡ଼ଧରଣର ଆନ୍ଦୋଳନ କରାଯିବା ସହ ଆଇନର ଆଶ୍ରୟ ନେବାକୁ ଗ୍ରାମବାସୀମାନେ ଚେତାବନୀ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ଗ୍ରାମବାସୀଙ୍କ ପକ୍ଷରୁ ଝାଡ଼ବନ୍ଧ ଗ୍ରାମ ପରିଚାଳନା କମିଟି ସଭାପତି ଗଣେଶ୍ୱର ସାହୁ, ସଂପାଦକ ହିମାଂଶୁ ଭୂଷଣ ସାହୁ, ଅନ୍ତର୍ଯ୍ୟାମୀ ସାହୁ, ମମତା ସାହୁ, ଜୟନ୍ତୀ ସାହୁ, ଟୁନି ସାହୁ, ତିରମା ସାହୁ, ସଙ୍ଗୀତା ସାହୁ ପ୍ରମୁଖଙ୍କ ସମେତ ଶତାଧିକ ଗ୍ରାମବାସୀଙ୍କ ଦସ୍ତଖତ ସମ୍ବଳିତ ଲିଖିତ ଅଭିଯୋଗପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଥିଲା ।



ରଘୁନାଥପୁର, (ଭାସ୍କର ନ୍ୟୁଜ୍) : ରଘୁନାଥପୁର ବ୍ଲକ ସ୍ଥାନୀୟ ଶୀର୍ଲୋ ବ୍ରାହ୍ମଣଖଣ୍ଡ ଗୋମତୀ ଆଶ୍ରମରେ ବ୍ୟଞ୍ଜନ ଦ୍ୱାଦଶୀରେ ରାଧାକୃଷ୍ଣ ଓ ପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ୫୧ ପ୍ରକାର ସୁସ୍ୱାଦୁ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ଲାଗି କରାଯାଇଛି। ଆଶ୍ରମର ମୁଖ୍ୟ ମଠାଧୀଶ ଅକ୍ଷୟ ଦେବଦାସ ମହାରାଜଙ୍କ ପରିଚାଳନାରେ ନୀତି ନିର୍ଘଣ୍ଟ ଅନୁସାରେ ସମସ୍ତ କାର୍ଯ୍ୟ ଅନୁଷ୍ଠିତ ହୋଇଥଲା। ଶତାଧିକ ଶ୍ରଦ୍ଧାଳୁ ଭକ୍ତ ତଥା ବାବାଙ୍କ ଅନୁଗାମୀମାନେ ଆଶ୍ରମରେ ଉପସ୍ଥିତ ହୋଇ ଏହି ଭବ୍ୟ କାର୍ଯ୍ୟକ୍ରମରେ ନିୟୋଜିତ ଥିଲେ। ପୁରାଣ ବର୍ଣ୍ଣିତ ଅନୁଯାୟୀ ମାତା ଯଶୋମତି ପୁତ୍ର ଶ୍ରୀକୃଷ୍ଣଙ୍କ ଭୋଜନାର୍ଥେ ବ୍ୟଞ୍ଜନ ଦ୍ୱାଦଶୀରେ ବିଭିନ୍ନ ପ୍ରକାର ସୁସ୍ୱାଦୁ ଭୋଜନ ପ୍ରସ୍ତୁତ କରି ପ୍ରଭୁଙ୍କୁ ଦେଇଥାନ୍ତି। ଏହି ବ୍ୟଞ୍ଜନକୁ ଗୋବିନ୍ଦ ଶଖାମାନଙ୍କ ସହ ବହୁ ଆନନ୍ଦରେ ଭୁଞ୍ଜିଥାନ୍ତି। ଏଣୁ ଏହି ଦିନରେ ବିଭିନ୍ନ ମଠ ମନ୍ଦିରରେ ବ୍ୟଞ୍ଜନ ପ୍ରସ୍ତୁତ କରାଯାଇ ପ୍ରଭୁଙ୍କୁ ସମର୍ପଣ କରାଯାଇଥାଏ ବୋଲି ମଠାଧୀଶ ଅକ୍ଷୟ ଦେବଦାସ ପ୍ରକାଶ କରିଛନ୍ତି। ଏହି ଭବ୍ୟ କାର୍ଯ୍ୟକ୍ରମରେ ବାବା ନିମାଇଁ ଚରଣ ଦାସ, ନରହରି ଦାସ, ପ୍ରଣବ ଚରଣ ଦାସ, ବୈଷ୍ଣବ ଚରଣ ଦାସ ଉଦ୍ଧବ ଚରଣ ଦାସ ଓ ଆଶ୍ରମ ଅନ୍ତେବାସୀମାନେ ସହଯୋଗ କରିଥିଲେ। ସେହିପରି ରଘୁନାଥପୁର ବ୍ଲକ ତଥା ରଘୁନାଥପୁର ବଡ଼ଦାଣ୍ଡର ଜଗନ୍ନାଥ ମନ୍ଦିରରେ ବ୍ୟଞ୍ଜନ ଦ୍ୱାଦଶୀ ମହା ଆଡମ୍ବରରେ ପାଳନ କରାଯାଇଥିଲା।

## ବରିଷ୍ଠ ସାମ୍ବାଦିକ ନିଧିରାମଙ୍କ ପରଲୋକ



ପାରାଦୀପ,(ଭାସ୍କର ନ୍ୟୁଜ୍): ଦୈନିକ 'ସମୟ'ର ଜଗତସିଂହପୁର ଜିଲ୍ଲା ପ୍ରତିନିଧି ତଥା ବରିଷ୍ଠ ସାମ୍ବାଦିକ ନିଧିରାମ ମହାରଣା (୭୨)ଙ୍କର ଗୁରୁବାର ସନ୍ଧ୍ୟା ପ୍ରାୟ ୫ଟା ସମୟରେ ତାଙ୍କ ପୈତୃକ ଗ୍ରାମ କୁଜଙ୍ଗ ବ୍ଲକ ଅନ୍ତର୍ଗତ ତାଳଦଣ୍ଡ ନିକଟସ୍ଥ ମଧୁପୁରରେ ପରଲୋକ ଘଟିଯାଇଛି। ଦୀର୍ଘଦିନ ଧରି ପକ୍ଷାଘାତ ରୋଗରେ ପୀଡ଼ିତ ରହି ସେ ଚିକିତ୍ସିତ ହେଉଥିଲେ। ମୃତ୍ୟୁ ସମୟରେ ପୁତ୍ର ସୂର୍ଯ୍ୟକାନ୍ତ ମହାରଣା ଏବଂ ଚନ୍ଦ୍ରକାନ୍ତ ମହାରଣାଙ୍କ ସହ ଝିଅ ରଶ୍ମିତା ମହାରଣା ଓ ଜ୍ୱାଇଁ ପ୍ରୀତୀଶ ମହାପାତ୍ର ଉପସ୍ଥିତ ଥିଲେ। ସ୍ୱର୍ଗତ ନିଧିରାମ ତାଙ୍କ ସାମ୍ବାଦିକତା ଜୀବନ ଦୈନିକ ଖବରକାଗଜ ପ୍ରଜାତନ୍ତ୍ର, ସମ୍ବାଦରେ କାର୍ଯ୍ୟ କରିବା ପରେ ଦୀର୍ଘଦିନ ଧରି 'ସମୟ'ରେ ନିଜର ଦାୟିତ୍ୱ ସୂଚାରୁ ରୂପେ ସମ୍ପାଦନ କରିଥିଲେ। ତାଙ୍କର ସାମ୍ବାଦିକତା କ୍ଷେତ୍ରରେ ନିଜକୁ ପ୍ରତିପାଦିତ କରିବା ଓ ନିଜର ଉଚ୍ଚକୋଟୀର ନିର୍ଭିକ ଖବର ଲେଖିବାର ଶୈଳୀ ତାଙ୍କୁ ସମଗ୍ର ଅଞ୍ଚଳରେ ବେଶ ପ୍ରତିଷ୍ଠିତ କରିପାରିଥିଲା। ସେ ତାଙ୍କ ସାମ୍ବାଦିକ ଜୀବନୀ ଭିତରେ କଟକ, କେନ୍ଦୁଝରର ଓ ଜଗତସିଂପୁରରେ କାର୍ଯ୍ୟ କରିଥିବା ବେଳେ ତାଙ୍କ କଲମ ମୁନରୁ ନିସୃତ ଖବର ସମାଜର ହିତ ସାଧନରେ ଅନେକ ଉଦାହରଣ ସୃଷ୍ଟି କରିପାରିଛି। ପାରାଦୀପରେ ରହି ନିଜର କର୍ମ ସମ୍ପାଦନା କରି ସେ ସମସ୍ତଙ୍କର ପ୍ରିୟ ଭାଜନ ହୋଇଥିବା ବେଳେ ତାଙ୍କ ଶବ ସଂସ୍କାର ନିଜ ପୈତୃକ ଗ୍ରାମ ତାଳଦଣ୍ଡାର ମଧୁପୁରରେ କରାଯାଇଛି। ତାଙ୍କ ବିୟୋଗରେ ପାରାଦୀପର କାର୍ଯ୍ୟରତ ସାମ୍ବାଦିକ ଶୁକଦେବ ଜେନା, ଶଶାଙ୍କ ଆଚାର୍ଯ୍ୟ, ରବୀନ୍ଦ୍ର ଜେନା, ପ୍ରଭାକର ସାହୁ, ସୁଧାଂଶୁ ନାୟକ, ରାକେଶ ପଟ୍ଟନାୟକ, ସନ୍ତୋଷ ଭାରତୀ, ଦୀପକ ଦାସ ସଦାନନ୍ଦ ବେହେରା, ଦୀପକ ବେହେରା ପ୍ରମୁଖ ଗଭୀର ଶୋକବ୍ୟକ୍ତ କରିଛନ୍ତି।

# ନିଷିଦ୍ଧାଞ୍ଚଳରୁ ଟ୍ରଲର ଜବତ

### ୯ କ୍ରିଉ ମେମ୍ବର ଅଟକ



ଅସ୍ତରଙ୍ଗ, (ଭାସ୍କର ନ୍ୟୁଜ୍): ଅଲିଭ୍ ରିଡ୍‌ଲେ କଇଁଛଙ୍କ ସୁରକ୍ଷା ପାଇଁ ନଭେମ୍ବର ୧ରୁ ସମୁଦ୍ର ନିଷିଦ୍ଧାଞ୍ଚଳରେ ମାଛଧରା ଉପରେ କଟକଣା ଲାଗୁ ହୋଇଛି। ପୁରୀ ଜିଲ୍ଲା ଅସ୍ତରଙ୍ଗ ବନ ବିଭାଗ ଦ୍ୱାରା ନିଷିଦ୍ଧାଞ୍ଚଳରୁ ପୂର୍ବରୁ ଟ୍ରଲର ଜବତ ହୋଇଥିବା ବେଳେ ଶୁକ୍ରବାର ଦିନ ଦେବୀ ନଦୀ ନିଷିଦ୍ଧାଞ୍ଚଳରୁ ବିଶାଖାପାଟଣା-ଆନ୍ଧ୍ର ସୀମାବର୍ତ୍ତୀ ଅଞ୍ଚଳ ଏସ୍‌କେଏମ୍‌ଏଲ୍ (ଆଇଏନ୍‌ଡି-ଏପି-ଭି ୫-ଏମ୍‌ଏମ୍ -୨୮୩)ଟ୍ରଲର ଦେବୀ ମୁହାଁଣ ନିଷିଦ୍ଧାଞ୍ଚଳରୁ ଜବତ ହୋଇଥିବା ବେଳେ ଜବତ ଟ୍ରଲରରୁ ୯ଜଣ କ୍ରିଉ ମେମ୍ବର ଅଟକ ସହ ସନ୍ଧ୍ୟା ସୁଦ୍ଧା ନିଲାମ ପ୍ରକ୍ରିୟା ହୋଇନଥିଲା। ଦେବୀ ନଦୀ ମୁହାଣ ନିଷିଦ୍ଧାଞ୍ଚଳରେ ଶୁକ୍ରବାର ଦିନ ଆନ୍ଧ୍ର ଅଞ୍ଚଳର ଟ୍ରଲରଟି ମାଛ ମାରୁଥିବା ବେଳେ ବନ ବିଭାଗ ଟିମ୍, ଟର୍ଟଲ ସ୍କ୍ୱାର୍ଡ ଉକ୍ତ ଟ୍ରଲରକୁ ଜବତ କରିଛି। ଟ୍ରଲର ଜବତ ସମୟରେ ଅସ୍ତରଙ୍ଗ ବନାଞ୍ଚଳ ଅଧିକାରିଣୀ ମୋନାଲିସା ମହାପାତ୍ର, ବନ କର୍ମଚାରୀଙ୍କ ସହ ୫ଜଣ କଇଁଛ ସୁରକ୍ଷା ଟିମ୍, ଏପିଆର୍ ଫୋର୍ସ ପାଟ୍ରୋଲିଂରେ ସାମିଲ ହୋଇଥିଲେ। ଜବତ ଟ୍ରଲରକୁ ନୂଆଗଡ ଜେଠି ନିକଟକୁ ଆସିବା ପରେ ଉକ୍ତ ଟ୍ରଲରରୁ ଜବତ ମାଛକୁ ନିଲାମ ପ୍ରକ୍ରିୟା ସନ୍ଧ୍ୟା ସୁଦ୍ଧା ହୋଇନଥିଲା। ସାମୁଦ୍ରିକ ମତ୍ସ୍ୟ ବିଭାଗ ସହକାରୀ ମତ୍ସ୍ୟ ଅଧିକାରୀ ସତ୍ୟବ୍ରତ ଦାସ, ମାନସ ପରିଡାଙ୍କ ସହ ସାଗର ମିତ୍ର ବିଶ୍ୱଜିତ ବେହୁରା, କୃଷ୍ଣ ବିଶ୍ୱାଳ, ଅର୍ଜିତ ପ୍ରଧାନ ଉପସ୍ଥିତ ଥିଲେ। ଅଲିଭ୍ ରିଡ୍‌ଲେ କଇଁଛଙ୍କ ଆଗମନ ଯୋଗୁଁ ସାମୁଦ୍ରିକ ମାଛଧରା ଉପରେ ବନ ବିଭାଗ ଓ ସାମୁଦ୍ରିକ ମତ୍ସ୍ୟ ବିଭାଗ ପକ୍ଷରୁ ନଭେମ୍ବର ପହିଲାରୁ କଟକଣା ଜାରି କରାଯାଇଛି।

# ମଦଭାଟି ଉପରେ ଚଢ଼ଉ, ୨ଟି ଦେଶୀ ବନ୍ଧୁକ ଜବତ



➔ ୨ଲକ୍ଷ ଲିଟର ମହୁଲି ମଦପୋଚ ନଷ୍ଟ
➔ ୧୨ ଆଦିବାସୀ ମହିଳାଙ୍କ ସହ ୨୦ଜଣ ଗିରଫ

ଛତ୍ରପୁର,(ଭାସ୍କର ନ୍ୟୁଜ୍) : ପ୍ରାକ ସ୍ୱାଧୀନତା କାଳରୁ ଖଲ୍ଲିକୋଟ ଥାନା ଅନ୍ତର୍ଗତ ଆଦିବାସୀ ଅଧ୍ୟୁଷିତ ବାଦପଲ୍ଲୀ ପଞ୍ଚାୟତର ପ୍ରାୟ ୧୫ ଗୋଟି ଗ୍ରାମରେ ପ୍ରତିଦିନ ହଜାର ହଜାର ଲିଟର ବେଆଇନ ଦେଶୀ ମହୁଲିକୁ ଆଦିବାସୀମାନେ ଉତ୍ପାଦନ କରି ଜିଲ୍ଲା ବାହାରକୁ ଚାଲାଣ କରିବା ନେଇ ଦୀର୍ଘଦିନ ହେଲା ପୋଲିସ ଓ ଅବକାରୀ କର୍ତ୍ତୃପକ୍ଷ ନିକଟରେ ଅଭିଯୋଗ ହୋଇ ଆସୁଥିଲା। ଅଭିଯୋଗକୁ ଭିତ୍ତି କରି ଗଞ୍ଜାମ ପୋଲିସ ଗଞ୍ଜାମ ପୋଲିସ ଅଧିକ୍ଷକ ଶୁଭେନ୍ଦୁ ପାତ୍ରଙ୍କ ତତ୍ତ୍ୱାବଧାନରେ ଅଚାନକ ବିଳମ୍ବିତ ରାତିରେ ବାଦପଲ୍ଲୀ ପଞ୍ଚାୟତର କମାରସିଙ୍ଗି, ଦେବୀଝର, ଛକାସିଙ୍ଗି, ମରେଇ ନୂଆଗାଁ, ଗୁଣ୍ଡୁରୀପଲ୍ଲୀ, ବାଦପଲ୍ଲୀ ଓ ନୂଆପଲ୍ଲୀ ପ୍ରଭୃତି ଗ୍ରାମ ଉପରେ ଅଚାନକ ଚଢ଼ାଉ କରି ୨ ଲକ୍ଷ ଲିଟର ବେଆଇନ ଦେଶୀ ମହୁଲି ମଦ ପୋଚ ନଷ୍ଟ କରିବା, ୩ ହଜାର ପାଞ୍ଚ ସହ ଲିଟର ସ୍ପିରିଟ, ଦୁଇଟି ଦେଶୀ ବନ୍ଧୁକ, ଧନୁଶରକୁ ଜବତ କରିଥିବା ବେଳେ ୮୪ ଗୋଟି ବେଆଇନ ଭାଟି, ୧୩ ବସ୍ତା କଞ୍ଚା ମହୁଲି, ୫ ଗୋଟି ଟୁଲୁ ପମ୍ପ, ୧୩୫ ଗୋଟି ଆଲୁମିନିଅମ ଡ଼େକଚି, ୧୩୫ ଗୋଟି ମହୁଲ ପୋଚ ସଂଗ୍ରହ ଡ୍ରମ (୧୦୦) ଲିଟର କ୍ଷମତା ବିଶିଷ୍ଟ, ୨୦୦ ଲିଟର କ୍ଷମତା ଥିବା ୫୦ ଗୋଟି ଡ୍ରମ ଓ ୫୦ ଲିଟର କ୍ଷମତାର ୩୫୪ ଗୋଟି ଡ୍ରମ ସମେତ ଦୁଇଟି ବାଇକକୁ ପୋଲିସ ଜବତ କରିଥିବା ଗଞ୍ଜାମ ଏସ୍‌ପି ଶୁଭେନ୍ଦୁ ପାତ୍ର ଖଲ୍ଲିକୋଟ ଥାନା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀ ସୂଚନା ଦେଇଛନ୍ତି। ଏଥିସହ ଗଞ୍ଜାମକୁ ବେଆଇନ ଦେଶୀ ମହୁଲି ମଦ ମୁକ୍ତ କରିବା ପାଇଁ ଚଢ଼ାଉ ଜାରି ରହିବ ବୋଲି ସେ ସୂଚନା ଦେଇଥିଲେ। ବ୍ରହ୍ମପୁର ପୋଲିସ ଜିଲ୍ଲା ସମେତ ଗଞ୍ଜାମ ଜିଲ୍ଲାର ୩ ଜଣ ଅତିରିକ୍ତ ଏସ୍‌ପି ୪ଜଣ ଡ଼ିଏସ୍‌ପି ଓ ୨୦ଜଣ ଥାନା ଇନ୍ସପେକ୍ଟରଙ୍କ ସମେତ ୧୫ ପ୍ଲାଟୁନ ପୋଲିସ ରାତି ଦୁଇ ଘଣ୍ଟା ଠାରୁ ସକାଳ ନ'ଘଣ୍ଟା ପର୍ଯ୍ୟନ୍ତ ଆଦିବାସୀ ଗ୍ରାମଗୁଡ଼ିକରେ ଅପରେସନ ଜାରି ରହିଥିଲା ବୋଲି ଏସ୍‌ପି ଶ୍ରୀ ପାତ୍ର ପ୍ରକାଶ କରି ଗଞ୍ଜାମ ପୋଲିସର ଏହା ବଡ଼ ସଫଳତା କହି ପୋଲିସ ଡ଼ିଜି ଓ ଡ଼ିଆଇଜିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ। ତେବେ ଉତ୍ୟକ୍ତ ଆଦିବାସୀମାନେ ପୋଲିସ ଗାଡିକୁ ବାଦପଲ୍ଲୀ ପଞ୍ଚାୟତରେ ନପଶିବା ପାଇଁ ଗୁଣ୍ଡୁରୀପଲ୍ଲୀ ଓ ନୂଆପଲ୍ଲୀ ରାସ୍ତା ଖୋଳି, ଗଛ ହାଣି ରାସ୍ତାରେ ପକାଇ ରାସ୍ତା ଅବରୋଧ ସତ୍ତ୍ୱେ ପୋଲିସ ଚଢ଼ାଉ ଜାରି ରଖିଥିଲା। ଏ ନେଇ ବାଦ ପଲ୍ଲୀ ପଞ୍ଚାୟତର ଆଦିବାସୀମାନେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରି ତାଙ୍କ କୌଳିକ ବୃତ୍ତି ଉପରେ ପୋଲିସ ଲାତ ମାରିଛି ବୋଲି ପ୍ରକାଶ କରିଛନ୍ତି। ଫଳରେ ଆଦିବାସୀମାନେ ମେଳି ବାନ୍ଧି ଘନ ଘନ ବୈଠକ କରୁଥିବା ଏ ସୂତ୍ରରୁ ଜଣାପଡିଛି। ଚଢ଼ାଉ ବେଳେ ନୂଆପଲ୍ଲୀ ଗ୍ରାମର ଜଣେ ବେଆଇନ ମଦ ବେପାରର କିଙ୍ଗ ପିନ୍ ସହ ୧୨ଜଣ ଆଦିବାସୀ ମହିଳାଙ୍କ ସମେତ ୨୦ ଜଣଙ୍କୁ ଗିରଫ କରିଥିବା ପୋଲିସ ସୂତ୍ରରୁ ପ୍ରକାଶ।

# ୨୪ରେ କଳାକାର ପ୍ରତିବାଦ ଶୋଭାଯାତ୍ରା



ବ୍ରହ୍ମପୁର, (ଭାସ୍କର ନ୍ୟୁଜ) : କଳା ଓ କଳାକାର ହିତୈଷୀ ମହାମଞ୍ଚ 'ଗଞ୍ଜାମ ଜିଲ୍ଲା ବରିଷ୍ଠ କଳାକାର ସଙ୍ଘ' ପକ୍ଷରୁ ଏକ କାର୍ଯ୍ୟକାରିଣୀ ବୈଠକ ସ୍ଥାନୀୟ ଗିରି ମାର୍କେଟ ଛକ ସ୍ଥିତ ପ୍ରକାଶମ୍ ହାଲ୍ ପରିସରରେ ସଂଘ ସଭାପତି ସୀମାନ୍ତ ନଟରାଜ ଡ଼ା. ତିରୁପତି ସାହୁଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକାରୀ ସଭାପତି ଦୁର୍ଗା ପ୍ରସାଦ ଆଚାର୍ଯ୍ୟ, ଉପସଭାପତି ଶଙ୍କର୍ଷଣ ସାବତ ମଞ୍ଚାସୀନ ଥିଲେ। ସମ୍ପାଦକ ସୁବାସ ଚନ୍ଦ୍ର ସାହୁ ରୋଶନ୍ ସ୍ୱାଗତ ଭାଷଣ କ୍ରମରେ ସମାଜ ସଂସ୍କାରକ ଭଳି ଏକ ମହାନ ବୃତ୍ତିକୁ କଳାକାର ସମାଜ ନିର୍ବାହ କରୁଥିବା ବେଳେ ସେମାନଙ୍କୁ ସରକାରୀ କଳ ଦ୍ୱାରା କିପରି ଉପେକ୍ଷା କରାଯାଉଛି ତାହାର ବିଶଦ ବିବରଣୀ ଉପସ୍ଥାପନ କରିଥିଲେ। ବୈଠକରେ ସର୍ବଶ୍ରୀ ଦେବେନ୍ଦ୍ର ପ୍ରସାଦ ଶର୍ମା, କଳାପ୍ରାଣ କୈଳାସ ପାଣିଗ୍ରାହୀ, ଟି. ତାରିଣୀ ରାଓ, ସୁରେନ୍ଦ୍ର ପ୍ରଧାନ, ହରିଶ ଚନ୍ଦ୍ର ବରଡ଼, ଗୁରୁ ପ୍ରସାଦ ଦୀକ୍ଷିତ, ପାଣ୍ଡୁ ପ୍ରଧାନ, ବଳଦେବ ସାହୁ, ଅଭିରାମ ରାଉଳ, ମୃତ୍ୟୁଞ୍ଜୟ ତ୍ରିପାଠୀ, ମହେନ୍ଦ୍ର କୁମାର ସାହୁ ପ୍ରମୁଖ ଆଲୋଚନା କରି ମୁଖ୍ୟମନ୍ତ୍ରୀ କଳାକାର ସହାୟତା ଯୋଜନାକୁ ସଂସ୍କୃତି ବିଭାଗ କଳାକାର ଭତ୍ତାରେ ରୂପାନ୍ତରିତ ଏବଂ ଉଭୟ କେନ୍ଦ୍ର ଓ ରାଜ୍ୟ କଳାକାର ଭତ୍ତା ବୃଦ୍ଧି ସମେତ କେତେକ କଳା ଓ କଳାକାର ହିତୈଷୀ ଦାବି ଦକ୍ଷିଣାଞ୍ଚଳ ରାଜସ୍ୱ କମିଶନରଙ୍କ ମାଧ୍ୟମରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରାଯିବ ନେଇ ସ୍ଥିର କରାଗଲା। ଚଳିତ ଡିସେମ୍ବର ୨୪ ତାରିଖ ପୂର୍ବାହ୍ନ ଦଶ ଘଟିକା ସମୟରେ ଏକ କଳାକାରଙ୍କ ପ୍ରତିବାଦ ଶୋଭାଯାତ୍ରା ଆର.ଡି.ସି. ଅଫିସ ଅଭିମୁଖେ ଗିରି ରୋଡ଼ ସ୍ଥିତ ଶହୀଦ ଲକ୍ଷ୍ମଣ ନାୟକ କମ୍ୟୁନିଟି ହଲ ପରିସରରୁ ନିଖିଳ ଓଡ଼ିଶା ବରିଷ୍ଠ କଳାକାର ମହାସଂଘ ଅଧିନାୟକତ୍ୱରେ ବାହାରିବ। ଏଥିରେ ରାଜ୍ୟର ବିଭିନ୍ନ ଜିଲ୍ଲାର କଳାକାର ତଥା ସାଂସ୍କୃତିକ ଦଳମାନ ସାମିଲ ହେବେ। ଏହି ଅବସରରେ ସଂଘର ଦିନ ପଞ୍ଜିକା ଲୋକାର୍ପିତ ହୋଇଥିଲା। କାର୍ଯ୍ୟକ୍ରମ ପରିଚାଳନା କ୍ଷେତ୍ରରେ ସର୍ବଶ୍ରୀ କୁନୁ ବେହେରା, ସୁଦାମ ପଟ୍ଟନାୟକ, ବଳରାମ ପ୍ରଧାନ, ଜି. କାମରାଜୁ ପାତ୍ର, କିଶୋର ମହାରଣା, ବିରାଣୀ ମହାନ୍ତି, ଅନୁରାଧା ସାହୁ ପ୍ରମୁଖ ସହଯୋଗ କରିଥିଲେ। ପରିଶେଷରେ ପ୍ରଦୀପ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

# ଆଖୁ ଚାଷୀ ସଙ୍ଘ ପକ୍ଷରୁ ୬ ଦଫା ଦାବିପତ୍ର ପ୍ରଦାନ




ଆସିକା, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ଆଖୁ ଚାଷୀ ସଙ୍ଘ ପକ୍ଷରୁ ଆସିକା ସମବାୟ ଚିନି ଶିଳ୍ପ ପରିଚାଳନା ପରିଷଦ ନିର୍ଦ୍ଦେଶକଙ୍କୁ ସଙ୍ଘ ପକ୍ଷରୁ ୬ଦଫା ଦାବିପତ୍ର ପ୍ରଦାନ କରାଯାଇଛି। ସଙ୍ଘ ପକ୍ଷରୁ ସଭାପତି ସମୀର କୁମାର ପ୍ରଧାନ ଓ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ବରଡ଼ଙ୍କ ନେତୃତ୍ୱରେ ଆଜି ସମବାୟ ଚିନି ଶିଳ୍ପ ନିର୍ଦ୍ଦେଶକ ଡ଼ ସୁଶାନ୍ତ କୁମାର ପଣ୍ଡାଙ୍କୁ ୬ଦଫା ଦାବି ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ପ୍ରଦାନ କରାଯାଇଥିବା ଦାବିଗୁଡିକ ମଧ୍ୟରେ ରହିଛି- ଚଳିତ ବର୍ଷ ଆଖୁ ଦର ଟନ୍ ପିଛା ୪୫୦୦ ଟଙ୍କା ଦର ଧାର୍ଯ୍ୟ କରିବା, ଆଖୁଚାଷ ନିମନ୍ତେ ବିହନ, ସାର ଓ କୀଟନାଶକ ଔଷଧ ଉପଯୁକ୍ତ ସମୟରେ ଚାଷୀ ମାନଙ୍କୁ ବିଲ ପାଖରେ ଯୋଗାଇବା, ଆଖୁ ଫସଲ ନିମନ୍ତେ ଜମିକୁ ଜଳ ଯୋଗଣ ବ୍ୟବସ୍ଥା ନିଶ୍ଚିତ କରିବା, ଆଖୁଚାଷୀଙ୍କ ସନ୍ତାନ ମାନଙ୍କୁ ପ୍ରାଥମିକତା ଭିତ୍ତିରେ ନିଯୁକ୍ତି ଦେବା, ବନ୍ୟଜନ୍ତୁଙ୍କ କବଳରୁ ଫସଲ ରକ୍ଷା ନିମନ୍ତେ ବ୍ୟବସ୍ଥା ଓ ଆଖୁ ଫସଲକୁ ପଞ୍ଚାୟତସ୍ତରୀୟ ବୀମାଭୁକ୍ତ କରିବା, ବ୍ୟବସାୟ ଭିତ୍ତିରେ ନିଯୁକ୍ତି ପାଇଥିବା ଅଯୋଗ୍ୟ କର୍ମଚାରୀ ବଦଳରେ ସଠିକ ପ୍ରକ୍ରିୟାରେ ଯୋଗ୍ୟ କର୍ମଚାରୀ ନିଯୁକ୍ତି କରିବା, ଶାଗମାଛ ଦରରେ ଚକ୍ରାନ୍ତକାରୀ ମାନେ କାରଖାନାକୁ କିଣିବା ନିମନ୍ତେ ଚଳାଇଥିବା ମସୁଧା ବନ୍ଦ କରିବା ଏବଂ ମୁଖ୍ୟମନ୍ତ୍ରୀ ଚିନିଶିଳ୍ପ ନିମନ୍ତେ ଗଠନ କରିଥିବା ଟାସ୍କ ଫୋର୍ସରେ ଚାଷୀଙ୍କ ପ୍ରତିନିଧି ଯୋଗାଯାଉ।

# ଟ୍ରଫା ଯୋଜନାରେ କୃଷକଙ୍କୁ ମାଗଣା ବିହନ ବଣ୍ଟନ



କୋଦଳା, (ଭାସ୍କର ନ୍ୟୁଜ୍) : ଗଞ୍ଜାମ ଜିଲ୍ଲା ବେଗୁନିଆପଡ଼ା ବ୍ଲକ କୃଷି କାର୍ଯ୍ୟାଳୟ ପରିସରରେ ଟ୍ରଫା ଯୋଜନା ପକ୍ଷରୁ ମାଗଣା ଚିନାବାଦାମ ବିହନ ଶୁକ୍ରବାର ଅପରାହ୍ନ ୨ ଘଣ୍ଟ ସମୟରେ ବଣ୍ଟନ କରାଯାଇଛି। ଏହି ବ୍ଲକର ଫାଶୀ ପଂଚାୟତ ବିଲିପଡ଼ା ଗ୍ରାମର ୧୪୦ ଜଣ ଚାଷୀଙ୍କୁ ପ୍ରାୟ ୩୦ ହେକ୍ଟର ଜମିରେ ଚିନାବାଦାମ ଚାଷ ପାଇଁ ବିହନ ମାଗଣାରେ ପ୍ରଦାନ କରାଯାଇଛି। ସ୍ଥାନୀୟ ସରପଞ୍ଚ ଟୁନି ମାଝୀ, ସହକାରୀ କୃଷି ଅଧିକାରୀ ଦୁର୍ଗେଶ କୁମାର ପଟ୍ଟନାୟକ, କୃଷି ଅଧି ଦର୍ଶକ ଗୌରୀ ଶଙ୍କର ସାହୁ, ତପନ କୁମାର ପଟ୍ଟନାୟକ, କୃଷକ ସାଥି ନୀଳାଞ୍ଚଳ ସାହୁ ଉପସ୍ଥିତ ରହି ଚିନାବାଦାମ ଚାଷର ପ୍ରଣାଳୀ, ତୈଳ ବିଜ ଫସଲର ଲାଭ, ସାରର ବ୍ୟବହାର ଆଦି ବିଷୟରେ ଆଲୋଚନା କରିବା ସହ ବିହନ ବଣ୍ଟନ କରିଥିଲେ। ଏହି ଗ୍ରାମର ଚାଷୀ ମୋହନ ସ୍ୱାଇଁ ଓ ରାମଚନ୍ଦ୍ର ବେହେରା ସହଯୋଗ କରିଥିଲେ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ




ଜଗତସିଂହପୁର, (ଭାସ୍କର ନ୍ୟୁଜ୍) : ଜିଲ୍ଲା କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖସ୍ଥ ପଡିଆ ଠାରେ ଡ଼ିସେମ୍ବର ୮ତାରିଖରୁ ୧୨ ତାରିଖ ପର୍ଯ୍ୟନ୍ତ ଆୟୋଜିତ ହେଇଥିବା ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଆଜି ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଜଗତସିଂହପୁର ବିଧାୟକ ଅମରେନ୍ଦ୍ର ଦାସ, ସମ୍ମାନିତ ଅତିଥି ଭାବେ ବାଲିକୁଦା ଏରସମା ବିଧାୟକ ସାରଦା ପ୍ରସନ୍ନ ଜେନା, ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ, ସଭାର ସଭାପତି ଶ୍ରୀ ଜେ ସୋନାଲ, ଜିଲ୍ଲା ନୋଡାଲ ଅଧିକାରୀ ଡ ସୁଜାତା ପ୍ରିୟମ୍ବଦା, ନିର୍ବାହୀ ଯନ୍ତ୍ରୀ, କୃଷି, କଟକ ଡ଼ିଭିଜନ ଇଂ ପ୍ରଶାନ୍ତ କୁମାର ଜେନା ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟ ଅତିଥି ବିଧାୟକ ଅମରେନ୍ଦ୍ର ଦାସ ଆଧୁନିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ମାଧ୍ୟମରେ ଚାଷୀମାନେ ଚାଷ କ୍ଷେତ୍ରରେ ଉନ୍ନତି କରିପାରିବେ ବୋଲି କହିଥିଲେ। ବର୍ତ୍ତମାନର ସମୟରେ ଶିକ୍ଷିତ ଯୁବକ ଯୁବତୀମାନଙ୍କୁ ପ୍ରଶିକ୍ଷିତ କରି କୃଷି କ୍ଷେତ୍ରରେ ମନୋନିବେଶ କରିବାକୁ ପରାମର୍ଶ ଦେଇଥିଲେ। ମିଲେଟ ମିଶନ, ବାୟୋଟେକ୍ନୋଲୋଜି ଦ୍ୱାରା କୃଷିର ଉନ୍ନତିକରଣ ନିମନ୍ତେ ଉପଦେଶ ଦେଇଥିଲେ। ବାଲିକୁଦା ଏରସମା ବିଧାୟକ ଶ୍ରୀ ସାରଦା ପ୍ରସନ୍ନ ଜେନା ଜଗତସିଂହପୁରକୁ କୃଷି ସମ୍ଭାବନା ଜିଲ୍ଲା ଭାବେ ଅଭିହିତ କରି ନୂତନ ବୈଷୟିକ ଜ୍ଞାନ କୌଶଳ ଓ କୃଷି ଯନ୍ତ୍ରପାତିର ବ୍ୟବହାର ପୂର୍ବକ ଜିଲ୍ଲାକୁ କୃଷିରେ ଅଗ୍ରଣୀ କରିବାକୁ ଚେଷ୍ଟା କରିବାକୁ କହିଥିଲେ। କୃଷକ ବନ୍ଧୁ ମାନଙ୍କୁ କୃଷି ଭିତ୍ତିକ ଜ୍ଞାନ କୌଶଳ ପ୍ରଶିକ୍ଷଣ ଦେବା ଉପରେ ଗୁରୁତ୍ୱ ଦେଇଥିଲେ। ସଭାରେ ଉପସ୍ଥିତ ରହି ତିର୍ତ୍ତୋଲ ବିଧାୟକ ଡ ରମାକାନ୍ତ ଭୋଇ କୃଷକକୁ ସମାଜର ଅନ୍ନଦାତା ବୋଲି କହିଥିଲେ। କୃଷି ଯାନ୍ତ୍ରିକୀକରଣ ଦ୍ୱାରା ଚାଷର ଉନ୍ନତି ହେବା ସଙ୍ଗେ ସଙ୍ଗେ ସେମାନଙ୍କର ଅଭିବୃଦ୍ଧି ଘଟିବ ବୋଲି ପ୍ରକାଶ କରିଥିଲେ। ଜିଲ୍ଲା ପରି ବ୍ଲକ୍‌ସ୍ତରରେ ମଧ ଏହିପରି କାର୍ଯ୍ୟକ୍ରମ ଆୟୋଜିତ କରିବା ପାଇଁ ସେ ଜିଲ୍ଲାପାଳ ତଥା କୃଷି ବିଭାଗକୁ ଉପଦେଶ ଦେଇଥିଲେ। ସଭାରେ ପୌରୋହିତ୍ୟ କରି ଜିଲ୍ଲାପାଳ ଶ୍ରୀ ଜେ ସୋନାଲ ଫାର୍ମ ଯାନ୍ତ୍ରିକିକରଣ ଓ ବୈଷୟିକ ଜ୍ଞାନ କୌଶଳର ପ୍ରୋତ୍ସାହନ କୃଷି କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ଆଣିପାରିବ ବୋଲି କହିଥିଲେ। ଏହାଛଡା ଆସନ୍ତା ମାସ ୮ ତାରିଖରୁ ଜିଲ୍ଲାର ୧୧୪ଟି ମଣ୍ଡିରେ ହେବାକୁ ଥିବା ଧାନ ସଂଗ୍ରହ ନିମନ୍ତେ ପ୍ରଶାସନର ବ୍ୟାପକ ପ୍ରସ୍ତୁତି ସମ୍ପର୍କରେ ବୁଝାଇଥିଲେ। ଜିଲ୍ଲା ନୋଡାଲ ଅଧିକାରୀ ଡ ସୁଜାତା ପ୍ରିୟମ୍ବଦା ମଧ କୃଷି ଓ କୃଷକର ଉନ୍ନତିରେ ରାଜ୍ୟର ଉନ୍ନତି ସମ୍ଭବ ବୋଲି କହିଥିଲେ। ଜିଲ୍ଲାସ୍ତରୀୟ କୃଷି ଓ କୃଷି ଯନ୍ତ୍ରପାତି ମେଳାରେ ବିଭିନ୍ନ ବିଭାଗ ପକ୍ଷରୁ ମୋଟ ୬୦ ଗୋଟି ପ୍ରଦର୍ଶନୀ ଷ୍ଟଲ କରାଯାଇଥିଲା, ଯେଉଁଥିରୁ ୪୦ଟି କେବଳ ଉନ୍ନତ ଯନ୍ତ୍ରପାତି ପ୍ରଦର୍ଶିତ ଷ୍ଟଲ୍ ରହିଛି। ଏହି ସଭାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ପ୍ରାରମ୍ଭିକ ବକ୍ତବ୍ୟ ପ୍ରଦାନ କରିଥିଲେ ଓ ନିର୍ବାହୀ ଯନ୍ତ୍ରୀ, କୃଷି, କଟକ ଡ଼ିଭିଜନ ଇଂ ପ୍ରଶାନ୍ତ କୁମାର ଜେନା ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ମେଳାରେ ଗତ ୫ ଦିନ ଧରି ଉନ୍ନତ କୃଷି ଯନ୍ତ୍ରପାତିର ପ୍ରଦର୍ଶନ ଓ ବିକ୍ରୟ, ସରକାରୀ ଆର୍ଥିକ ସହାୟତାର ସଚେତନତା ସହ ଅଗ୍ରଣୀ ଚାଷୀଙ୍କୁ ସମ୍ବର୍ଦ୍ଧନା, କୃଷକ ପରିଭ୍ରମଣ, ବୈଷୟିକ ଅଧିବେଶନ ସହ କୃଷକ ବୈଜ୍ଞାନିକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ଆଜି ଶେଷ ଦିବସରେ ଚାଷୀମାନଙ୍କ ମଧ୍ୟରେ କୁଇଜ୍ କାର୍ଯ୍ୟକ୍ରମ କରାଯାଇ ବିଜେତାମାନଙ୍କୁ ପୁରସ୍କୃତ କରାଯାଇଥିଲା। ନିମନ୍ତ୍ରିତ ଅତିଥିମାନେ ଅଗ୍ରଣୀ ଚାଷୀ ଭାବେ ଜଗତସିଂହପୁରର ପରେଶ କୁମାର ସାସ୍ମଲ, ରଘନାଥପୁରର ଅଶୋକ ଦାସ, ଏରସମାର ଦେବଦତ୍ତ ସ୍ୱାଇଁ, ବାଲିକୁଦାର ପାର୍ବତୀ ମଲ୍ଲିକ, ନାଉଗାଁର କେଦାର ମହାନ୍ତି, ବିରିଡ଼ିର ହରିପ୍ରସାଦ ଜେନା, କୁଜଙ୍ଗର ପୁଲକ୍ ମହାନ୍ତିଙ୍କୁ ୩୦୦୦ ଟଙ୍କାର ଡମି ଚେକ୍ ପ୍ରଦାନ କରିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଅଭିନବ କୃଷି ଯନ୍ତ୍ରପାତି ଯୋଜନା ଅନ୍ତର୍ଗତ କୁଜଙ୍ଗର ରୀନା ସାମଲଙ୍କୁ ରୋବୋକୋଟ ଅଗ୍ରୋ ସ୍ପ୍ରେୟର, କୁଜଙ୍ଗର ସୌମ୍ୟରଞ୍ଜନ ଜେନାଙ୍କୁ ଲୋ କଷ୍ଟ୍ ମିଲ୍କିଂ ମେସିନ୍, ବାଲିକୁଦାର ସମୀର ରଞ୍ଜନ ଦାସଙ୍କୁ ପାୱାର ଟିଲାର ୱିଥ ରାଇସ ହଲର, ତିର୍ତ୍ତୋଲର ମହିମା ମହାପାତ୍ରଙ୍କୁ ଫର୍ଟିଲାଇଜର ନିମନ୍ତେ ୧୫୦୦୦ ଲେଖାଏଁ ପୁରସ୍କାର ରାଶିର ଡମି ଚେକ୍ ପ୍ରଦାନ କରଯାଇଥିଲା। ୫ ଦିନର ଏହି ମେଳାରେ ସର୍ବାଧିକ ବିକ୍ରେତା ଭାବେ କୁଜଙ୍ଗର ଜୟ କିସନ୍ ଆଗ୍ରୋ ମେସିନେରି, ଜଗତସିଂହପୁରର ସାଇ ସ୍ୱସ୍ତିକ ଆଗ୍ରୋ, ନାଉଗାଁର ମା' ଲକ୍ଷ୍ମୀ ଟ୍ରେଡର୍ସକୁ ଯଥାକ୍ରମେ ପ୍ରଥମ , ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ଯୋଗୁଁ ୩୦୦୦, ୨୦୦୦ ଓ ୧୦୦୦ର ପୁରସ୍କାର ରାଶି ପ୍ରଦାନ କରଯାଇଥିଲା। ଏହି ବିଜେତା ମାନେ ସେମାନଙ୍କ ପୁରସ୍କାର ରାଶିକୁ ଜିଲ୍ଲାପାଳଙ୍କ ରେଡକ୍ରସ ପାଣ୍ଠିକୁ ଦାନ କରିଛନ୍ତି। ସଭା ପରେ ଓଡ଼ିଶାର ପ୍ରସିଦ୍ଧ ସଙ୍ଗୀତ କଳାକାର ଅସୀମା ପଣ୍ଡାଙ୍କ କଣ୍ଠର ଯାଦୁରେ ଦର୍ଶକ ଝୁମି ଉଠିଥିଲେ।

# କୃଷକ ପ୍ରଚାର ରଥର ଶୁଭାରମ୍ଭ




ଭଞ୍ଜନଗର, (ଭାସ୍କର ନ୍ୟୁଜ୍) : ଚଳିତ ବର୍ଷ ପଞ୍ଜିକୃତ ସମସ୍ତ ଚାଷୀଙ୍କ ଠାରୁ ଯେପରି ସୁରୁଖୁରୁରେ ଧାନ କିଣାଯିବ ସେଥିପାଇଁ ପ୍ରଶାସନ ପକ୍ଷରୁ ପ୍ରସ୍ତୁତିକୁ ଜୋରଦାର କରାଯାଇଛି। ଶୁକ୍ରବାର ଏନେଇ ଭଞ୍ଜନଗର ନିୟନ୍ତ୍ରିତ ବଜାର କମିଟି ପ୍ରାଙ୍ଗଣରେ ଏକ କୃଷକ ପ୍ରଚାର ରଥ ଶୁଭାରମ୍ଭ ହୋଇଛି। ଉପଜିଲ୍ଲାପାଳ ଅନିଲ କୁମାର ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ସବୁଜ ପତକା ଦେଖାଇ ଉକ୍ତ ରଥକୁ ଶୁଭାରମ୍ଭ କରିଛନ୍ତି। ଉକ୍ତ ରଥ ଆଜି ଠାରୁ ଉପଖଣ୍ଡର ବିଭିନ୍ନ ଗାଁ ପରିକ୍ରମା କରି ଚଳିତ ବର୍ଷର ଧାନ କିଣା ବାବଦରେ ଚାଷୀମାନଙ୍କୁ ସଚେତନ କରିବ। ଏହା ସହ ଚାଷୀ ଯେପରି ମଣ୍ଡିକୁ ଖାଦ୍ୟ ଉପଯୋଗୀ, ଶୁଖିଲା, ପରିଷ୍କାର, ସମରଙ୍ଗୀ, ସମଆକାର, ଏକ କିସମ ହୋଇଥିବା ସହ ପୋକରା ଦୁର୍ଗନ୍ଧ ଓ ବିଷାକ୍ତ ପଦାର୍ଥ ମୁକ୍ତ ହୋଇଥିବା ଧାନ ଧରି ଆଣିବା ସହ ୨୩୦୦ ଟଙ୍କାର ସର୍ବନିମ୍ନ ସହାୟକ ମୁଲ୍ୟ ଓ ୮୦୦ ଟଙ୍କାର ଇନପୁଟ୍ ସହାୟତା ପାଇବେ ସେ ନେଇ ପ୍ରଚାର ମାଧ୍ୟମରେ ଅବଗତ କରାଯିବ। ପ୍ରଚାର ରଥ ଶୁଭାରମ୍ଭ ସମୟରେ ଆର୍‌ଏମ୍‌ସି ସଂପାଦକ ସୁମନ୍ତ କୁମାର ସାହୁଙ୍କ ସମେତ ଆର୍‌ଏମ୍‌ସିର ସମସ୍ତ କର୍ମଚାରୀ ଉପସ୍ଥିତ ଥିଲେ।

# ରାଶିଫଳ

**ଶନିବାର, ୧୪ ଡିସେମ୍ବର ୨୦୨୪**



**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ। ବ୍ୟବସ୍ଥାରେ ଉନ୍ନତି ହେବ। ସମ୍ମାନ ପାଇବେ। ଆଖି ଯନ୍ତ୍ରଣା ହୋଇପାରେ। ଅଧିକାରୀମାନେ ସହଯୋଗ କରିବେ ନାହିଁ। ଋଣ ନେବାକୁ ପଡିପାରେ। ଆଜି ଭ୍ରମଣ କରନ୍ତୁ ନାହିଁ।



**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ। ଯାତ୍ରା ସଫଳ ହେବ। ରୋଜଗାର ବୃଦ୍ଧି ପାଇବ। ବିପଦ କାମ କରନ୍ତୁ ନାହିଁ। ନିଶାକୁ ନିୟନ୍ତ୍ରଣ କରନ୍ତୁ। ଲାଭ ହେବାର ସମ୍ଭାବନା। ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା।



**ମିଥୁନ:** ଅପଚୟ ଖର୍ଚ୍ଚ ହେବ । ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନ୍‌ସନ ରହିବ। ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ। ଆୟଠାରୁ ବ୍ୟୟ ଅଧିକ ହେବ।



**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି । ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ । ରୋଜଗାର ବୃଦ୍ଧି ପାଇବ । ଉପହାର ଗ୍ରହଣ କରିବେ । ବ୍ୟବସାୟ ଯାତ୍ରା ସଫଳ ହେବ। ଶତ୍ରୁମାନେ ସକ୍ରିୟ ରହିବେ। ଅହଂକାର ଦୂର କରନ୍ତୁ।



**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ । ରୋଜଗାର ବୃଦ୍ଧି ପାଇବ । ଚାକିରିରେ ଅଧିକାର ବଢିପାରେ । ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ । ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ। ଧାରଣା ସକାରାତ୍ମକତା ବୃଦ୍ଧି କରିବ।



**କନ୍ୟା:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ। ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ। ଆଇନଗତ ପ୍ରତିବନ୍ଧକ ହଟାଯିବ। ଆରାମ ବୃଦ୍ଧି ପାଇବ। ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ। ବ୍ୟବସାୟ ଭଲ କରିବ। ଜିନିଷକୁ ସୁରକ୍ଷିତ ରଖନ୍ତୁ। ବ୍ୟବସାୟ ଭଲ ଚାଲିବ।



**ତୁଳା:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ। ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ। ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ। ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ। ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ଼ ହେବ। ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ।



**ବିଛା:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ। କୋର୍ଟ କାର୍ଯ୍ୟ ସଫଳ କରାଯିବ । ବ୍ୟବସାୟ ଭଲ କରିବ । ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ । କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ। ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ। ଭଲ ଲାଭଦାୟକ ଫଳାଫଳ ଦେବ।



**ଧନୁ:** ଆପଣଙ୍କ ପାଇଁ ଖୁସି ଖବର । ମାନ ବୃଦ୍ଧି ହେବ । ଖୁସି ହେବ । ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢ଼ିବ । ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ । ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ। ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ ।



**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ । ରୋଜଗାର ବୃଦ୍ଧି ହେବ । ଯାତ୍ରାର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ । ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ । ବ୍ୟବସାୟ-ଚାକିରିରେ ଲାଭ ହେବ । କ୍ରନିକ ରୋଗ ଦେଖାଦେଇପାରେ । ପ୍ରୟାସ ସଫଳ ହେବ ।



**କୁମ୍ଭ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ । ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ। କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି। ପରିବାରରେ ଉତ୍ତେଜନା ଦେଖାଦେବ।



**ମୀନ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ । ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ । ବ୍ୟବସାୟ ଭଲ କରିବ । ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ । ଯୋଜନା ସଫଳ ହେବ। ଚାକିରିରେ ପଦୋନ୍ନତି ଅଛି । ଅଳସୁଆରୁ ଦୂରେଇ ରୁହନ୍ତୁ। ପରିବାର ଲୋକେ ସାହାଯ୍ୟ କରିବେ।



ଶ୍ରୀପତି ଆଚାର୍ଯ୍ୟ
ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯



ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଜିଲ୍ଲା ଖଣିଜ ପାଣ୍ଠି ସମ୍ମିଳନୀ କକ୍ଷରେ ପୋଲିସ ଓ ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି । କାର୍ଯ୍ୟକ୍ଷେତ୍ରରେ ପୋଲିସ ଓ ଅଧିକାରୀମାନଙ୍କ ପରସ୍ପର ମଧ୍ୟରେ ସମନ୍ୱୟ ରକ୍ଷା ପୂର୍ବକ କାର୍ଯ୍ୟ କରିବାକୁ ଜିଲ୍ଲାପାଳ ଅବୋଲି ସୁନୀଲ ନରୱେଣ ଓ ଆରକ୍ଷୀ ଅଧିକ୍ଷକ ସ୍ମିତ ପି. ପରମାର ପରାମର୍ଶ ଦେଇଥିଲେ । ବୈଠକରେ ଆନାଥାରି କେସ ଗୁଡ଼ିକ ସମ୍ପର୍କରେ ସମୀକ୍ଷା କରାଯାଇଥିଲା । ମହିଳା ଓ ଶିଶୁମାନଙ୍କ ବିରୋଧରେ ହେଉଥିବା କ୍ରାଇମ ଗୁଡ଼ିକ ସମ୍ବେଦନଶୀଳତାର ସହ ଏବଂ ପୁଙ୍ଖାନୁପୁଙ୍ଖ ଭାବରେ ତର୍ଜମାର ଆବଶ୍ୟକତା ସମ୍ପର୍କରେ ପରାମର୍ଶ ଦିଆଯାଇଥିଲା । ଭାରିଯାନ ଗୁଡ଼ିକରେ ହେଉଥିବା ଓଭରଲୋଡିଂ, ବିନା ଲାଇସେନ୍ସରେ ଗାଡ଼ି ଚାଳନା , ଦ୍ରୁତ ଗତି ଓ ନିଶାଶକ୍ତ ଅବସ୍ଥାରେ ଗାଡ଼ି ଚାଳନା ପୂର୍ବକ ନିୟମ ଉଲ୍ଲଂଘନ କରୁଥିବା ବ୍ୟକ୍ତି ବିଶେଷଙ୍କ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା । ସେହିପରି ନିୟମ ଉଲଂଘନ ପୂର୍ବକ ଓଭରଲୋଡିଂ କରୁଥିବା ଯାନ ସକାଶେ ଜୋରିମାନା,ମିଳିତ ଭାବରେ ଅବକାରୀ ଚଢ଼ାଉ, ବିଡିଓ,ତହସିଲଦାର ଓ ଥାନା ଅଧିକାରୀଙ୍କ ଦ୍ୱାରା ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରକୁ ଯୁକ୍ତ ପରିଦର୍ଶନରେ ଯିବା ସହ ଆମ୍ବୁଲାନ୍ସ ସେବା ଠିକ ଭାବରେ କାର୍ଯ୍ୟ କରୁଛି କି ନାହିଁ, ଡାକ୍ତରମାନଙ୍କ ଦ୍ୱାରା ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ କେହି ଯେପରି ଶୋଷିତ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି । ନିୟମାନୁସାରେ ପୂର୍ବକ ସରକାରୀ ଜାଗାରୁ ହୋଇଥିବା ଜବରଦଖଲ ଉଚ୍ଛେଦ ତଥା ମିଳିତ ଚଢ଼ାଉ ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି । ବୈଠକରେ ଅତିରିକ୍ତ ଜିଲ୍ଲାପାଳ ଚନ୍ଦ୍ରକାନ୍ତ ଭୋଇ, ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) କିଶୋର ଚନ୍ଦ୍ର ସ୍ୱାଇଁ , ଉପଜିଲ୍ଲାପାଳ ସବ୍ୟସାଚୀ ପଣ୍ଡାଙ୍କ ସମେତ ଉଚ୍ଚ ପୋଲିସ ଅଧିକାରୀ ଓ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିଲେ ।



# ଘାଟିରେ ଓଲଟିଲା ପିକ୍‌ଅପ୍ ଭ୍ୟାନ୍

## ୪ ମୃତ, ୧୮ ଗୁରୁତର

ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ) : ଏକ ଶୁଦ୍ଧିକ୍ରିୟା ଭୋଜିରେ ଯୋଗଦେବାକୁ ଏକ ପିକ୍‌ଅପ୍ ଭ୍ୟାନ୍ ଗାଡ଼ିରେ ପ୍ରାୟ ୪୦ ଜଣ ଯାତ୍ରୀ ରାମଗିରି ଥାନା ଅନ୍ତର୍ଗତ କେକେସିଂ ଗ୍ରାମରୁ ବାହାରି ମୋହନା ଥାନା ଅନ୍ତର୍ଗତ ଗାଇବାଲି ଗ୍ରାମକୁ ଆସୁଥିବା ବେଳେ ଚନ୍ଦ୍ରଗିରି ଫାଣ୍ଡି ନିକଟ ବ୍ରିଜ୍‌ଙ୍କ ଘାଟିରେ ଭ୍ୟାନ୍ ଟି ଭାରସାମ୍ୟ ହରାଇ ରାସ୍ତା ଉପରେ ଓଲଟି ପଡ଼ିଥିଲା । ଯାହାଫଳରେ ଗୁରୁତର ଓ ଆହତମାନଙ୍କୁ ଡ୍ରାଇ ଗାଡ଼ି ଦ୍ୱାରା ଚନ୍ଦ୍ରଗିରି ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା । ସେଥିମଧ୍ୟରୁ ସଙ୍କଟାପନ୍ନ ଅବସ୍ଥାରେ ଥିବା ରାମଗିରି ଥାନା କେକେସିଂ ଗ୍ରାମର ବାସନ୍ତି ଭୂୟାଁ (୬୫)ଓ ଚନ୍ଦ୍ରମା ଭୂୟାଁ (୬୫)ଙ୍କର ମୃତ୍ୟୁ ଘଟିଥିବା ବେଳେ ଗୁରୁତର ୧୮ ଜଣଙ୍କୁ ବ୍ରହ୍ମପୁର ବଡ଼ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଥିବା ଡାକ୍ତର ଏନ୍. ଜୟପ୍ରକାଶ ସୂଚନା ଦେଇଛନ୍ତି । ଅନ୍ୟ ଆହତମାନଙ୍କ ଚନ୍ଦ୍ରଗିରି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ଚାଲୁ ରହିଥିବା ଜଣାପଡ଼ିଛି । ଗତକାଲି ବ୍ରହ୍ମପୁର ମେଡ଼ିକାଲରେ ଚିକିତ୍ସାଧୀନ ରାଧା କୁଡ଼ୁମ୍ବ , ହରିବନ୍ଧୁ ଗମାଙ୍ଗ ୬୦ ମୃତ୍ୟୁବରଣ କରିଛନ୍ତି ।

# ହଜିଯାଇଛି ରାଜୀବ ଗାନ୍ଧୀ ସେବାକେନ୍ଦ୍ରର ନାମଫଳକ



### ଲୋକେ ବାଟବଣା

ଖଡ଼ିଆଳ (ଭାସ୍କର ନ୍ୟୁଜ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ବ୍ଲକରେ ଥିବା ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ଗ୍ରାମାଞ୍ଚଳର ଲୋକେ ଆସି ଖୋଜି ଖୋଜି ପାଉନଥିବା ଦେଖିବାକୁ ମିଳୁଛି । ଫଳରେ ଗ୍ରାମାଞ୍ଚଳରୁ ଆସୁଥିବା ଲୋକେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଦୀର୍ଘଦିନ ହେଲା ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ନାମଫଳକ ନଥିବାରୁ ଲୋକେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରକୁ ପାଇବା କଷ୍ଟ ହେଉଛି । ରାଜୀବ ଗାନ୍ଧୀ ସେବା କେନ୍ଦ୍ର ଭିତରକୁ ପ୍ରଚୁର ପରିମାଣର ଅର୍ଥ ଖର୍ଚ୍ଚ କରି ଚକାଚକ କରୁଥିବେଳେ ବାହାର ଜରାଜୀର୍ଣ୍ଣ ଅବସ୍ଥାରେ ଅଛି । ଗ୍ରାମାଞ୍ଚଳ ଓ ସହରାଞ୍ଚଳରୁ ଆସୁଥିବା ଲୋକେ ରାଜୀବ ଗାନ୍ଧୀ ସେବାକେନ୍ଦ୍ର ଆଗକୁ ଚାଲିଯାଇ ଖୋଜି ଖୋଜି ପୁଣି ପଛକୁ ଆସିଥାନ୍ତି । ଯେକୌଣସି ସରକାରୀ ଅଫିସର ମରାମତି ପାଇଁ ସରକାରୀ ଅର୍ଥ ଆସିଥିବାର ନିୟମାବଳି ଥିବା ବେଳେ ରାଜୀବ ଗାନ୍ଧୀ ସେବା କେନ୍ଦ୍ରର ବାହାର ମରାମତି ସରକାରୀ ଅର୍ଥ ଆସିଛି କି ନାହିଁ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରୁଛି । ଲୋକେ ରାଜୀବ ଗାନ୍ଧୀ ସେବାକେନ୍ଦ୍ରକୁ ଖୋଜି ଖୋଜି ହଇରାଣ ହେଉଛନ୍ତି । ତେଣୁ ରାଜୀବ ଗାନ୍ଧୀ ସେବା କେନ୍ଦ୍ରରେ ବୋର୍ଡ଼ ଶୀଘ୍ର ଲେଖିବା ପାଇଁ ଲୋକଙ୍କ ମଧ୍ୟରେ ଦାବି ହେଉଛି । ଏଥିପ୍ରତି ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି ।

# ଜିଲ୍ଲାପାଳଙ୍କ ଚାରାରୋପଣ କାର୍ଯ୍ୟକ୍ରମ ପରିଦର୍ଶନ



ଝାରସୁଗୁଡ଼ା(ଭାସ୍କର ନ୍ୟୁଜ): ଜିଲ୍ଲାପାଳ ଅବୋଲି ସୁନୀଲ ନରୱେଣ ଜିଲ୍ଲାରେ ପରିବେଶ ସୁରକ୍ଷା ଉଦ୍ଦେଶ୍ୟରେ ଚାଲିଥିବା ଚାରାରୋପଣ ଅଭିଯାନର ପରିଦର୍ଶନ କରିଥିଲେ । ଜିଲ୍ଲା ଜଙ୍ଗଲ ଓ ପରିବେଶ ବିଭାଗ ସହଯୋଗରେ ଶିକ୍ଷାନୁଷ୍ଠାନଗୁଡ଼ିକ ଏହି ଅଭିଯାନରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଥିବା ଦେଖିବାକୁ ମିଳିଥିଲା । ଦେବାଡ଼ିହିରେ ଏମ୍‌ସିଏଲ୍ ଓ ବିପ୍ଲୋପଡ଼ାରେ ବେଦାନ୍ତର ଆର୍ଥିକ ସହାୟତାରେ ଚାଲୁଥିବା ବୃକ୍ଷରୋପଣ କାର୍ଯ୍ୟକ୍ରମ ପରିଦର୍ଶନ ସମୟରେ ଜିଲ୍ଲାପାଳ ଝାରସୁଗୁଡ଼ା ଜିଲ୍ଲା ବନ ବିଭାଗ କାର୍ଯ୍ୟକଳାପ ଉପରେ ସନ୍ତୋଷ ବ୍ୟକ୍ତ କରିଥିଲେ । ସେ ଜିଲ୍ଲାର ସମସ୍ତ ଶିକ୍ଷାନୁଷ୍ଠାନକୁ ଏହି ଅଭିଯାନରେ ସକ୍ରିୟ ଭାବରେ ଅଂଶ ଗ୍ରହଣ ପୂର୍ବକ ପରିବେଶ ସୁରକ୍ଷା ଦିଗରେ ଯତ୍ନବାନ ହେବା ସହ ଜିଲ୍ଲା ପରିବେଶ ସୁରକ୍ଷା ସମିତିକୁ କାର୍ଯ୍ୟକ୍ରମଗୁଡ଼ିକୁ ନିୟମିତ ତଦାରଖ କରିବାକୁ ପରାମର୍ଶ ଦେଇଥିଲେ । ପରିଦର୍ଶନ ସମୟରେ ଜିଲ୍ଲା ୱାଇଲଡ ଲାଇଫ ୱାର୍ଡେନ ପ୍ରହ୍ଲାଦ ନାଏକ, ଜିଲ୍ଲା ପରିବେଶ ସୁରକ୍ଷା ସମିତି ସଦସ୍ୟ ତ୍ରିନାଥ ଗୁଆଲ, ବିଜୟ ବେହେରା, ବେଣୁଧର ଚୌଧୁରୀ , ବନ ଅଞ୍ଚଳ ଅଧିକାରୀ ବିଜୟ କୁମାର ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ଫରେଷ୍ଟର ତିଲିମା ନାଏକ, ବନରକ୍ଷୀ ଗଦାଧର ଲେହେରୀ ଓ ଲିପ୍ସା ଶତପଥୀ ପରିଦର୍ଶନରେ ସହଯୋଗ କରିଥିଲେ ।

# ପୌର ନିର୍ବାହୀ ଅଧିକାରୀଙ୍କୁ ଉଠାଇନେଲା ଭିଜିଲାନ୍ସ

ଗୁଣୁପୁର(ଭାସ୍କର ନ୍ୟୁଜ): ପୌରପରିଷଦ ନିର୍ବାହୀ ଅଧିକାରୀଙ୍କୁ ଭିଜିଲାନ୍ସ ଉଠାଇ ନେବା ପରେ ଗୁଣୁପୁର ପୌରପରିଷଦ କାର୍ଯ୍ୟାଳୟର କର୍ମଚାରୀମାନଙ୍କ ମଧ୍ୟରେ ଛନକା ପଶିଛି । ଅଧିକାରୀ ଜଣକ ମନୋଜ କୁମାର ତାଣ୍ଡି ରହିଛନ୍ତି । ଗୁଣୁପୁର ପୌରପରିଷଦରେ କାର୍ଯ୍ୟ କରିବା ପୂର୍ବରୁ ସେ ଝାରୁସୁଗୁଡା ପୌରପରିଷଦରେ ନିର୍ବାହୀ ଅଧିକାରୀ ରହିଥିଲେ । କେଉଁ କାରଣକୁ ନେଇ ଭିଜିଲାନ୍ସ ନେଇଛି ତାହା ଅସ୍ପଷ୍ଟ ରହିଛି । ଗୁଣୁପୁର ପୌରପରିଷଦରେ ପୁଳାପୁଳା ଦୁର୍ନୀତିକୁ ନେଇ ଅଭିଯୋଗ ହୋଇ ଆସୁଛି । ପୋଖରୀ ଖୋଳା ହେଉ କି ଅତ୍ୟାଧୁନିକ ଟୟଲେଟ୍ ତିଆରି ହେଉ, ମଶା ମରିବା ତେଲ କିଣା ହେଉ , ସାନିଟାଇଜ୍ ଉପରେ ସମସ୍ତ କାମର ତଦନ୍ତ ହେବ କି ବୋଲି ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି । ପୂର୍ବରୁ ମଧ୍ୟ ଭିଜିଲାନ୍ସ ଗୁଣପୁର ପୌର ପରିଷଦରେ ଚଢ଼ାଉ କରି ନଥିପତ୍ର ଜବତ କରିଥିବା ବେଳେ ମାଲିକେଶ୍ୱର ରାଓ ନାମକ କର୍ମଚାରୀଙ୍କୁ ୨୫ଲକ୍ଷ ଟଙ୍କା ହଡପ ଘଟଣାରେ ଗିରଫ କରିଥିଲା ।

# ତ୍ରି-ଦିବସୀୟ ଶିକ୍ଷଣ କର୍ମଶାଳା 'ଉନ୍ମେଷ' ଉଦ୍‌ଯାପିତ

ବେଲପାହାଡ଼ (ଭାସ୍କର ନ୍ୟୁଜ): ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଝାରସୁଗୁଡ଼ା ଓ ଟି.ଆର.ଏଲ କ୍ରୋସାକିର ମିଳିତ ଆନୁକୂଲ୍ୟରେ ଜୁବଲି ହଲ ଗୁମାଡେରା ଠାରେ ଝାରସୁଗୁଡା ଜିଲ୍ଲାର ବିଭିନ୍ନ ଉଚ୍ଚ ବିଦ୍ୟାଳୟର ପଚାଶ ଜଣ ଏ୧ ଆକାଂକ୍ଷୀ ଛାତ୍ରଛାତ୍ରୀମାନଙ୍କୁ ନେଇ ଆୟୋଜିତ ହୋଇଥିବା ଦ୍ୱିତୀୟ ତ୍ରି ଦିବସୀୟ ସହାୟକ ଶିକ୍ଷଣ କାର୍ଯ୍ୟକ୍ରମ 'ଉନ୍ମେଷ' ଉଦଯାପିତ ହୋଇଯାଇଛି । ଏଥିରେ ଅବସରପ୍ରାପ୍ତ ବିଶିଷ୍ଟ ବିଜ୍ଞାନ ଶିକ୍ଷକ ରାଜେଶ ମେହେର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ତିନି ଦିନ ଧରି ଅନୁଷ୍ଠିତ ହୋଇଥିବା କର୍ମଶାଳାରେ ଛାତ୍ରଛାତ୍ରୀମାନଙ୍କୁ ଚଳିତ ଶିକ୍ଷାବର୍ଷ ମାଟ୍ରିକ ପରୀକ୍ଷାରେ ଉତ୍ତମ ପ୍ରଦର୍ଶନ ତଥା ଗୁଣାତ୍ମକ ଶିକ୍ଷା ପ୍ରାପ୍ତି ପାଇଁ ଉତ୍ସାହିତ କରିଥିଲେ । ଝାରସୁଗୁଡା ଟାଉନ୍ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅନିଲ କୁମାର ପଟେଲ, ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ନିରୋଜ ପଟେଲ, ଟିଆରଏଲ କ୍ରୋସାକିର ଅଧିକାରୀ ଦୀପକ ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ କଠିନ ପରିଶ୍ରମ ଓ ଅବିଶ୍ରାନ୍ତ ଉଦ୍ୟମ ସଫଳତାର ଚାବିକାଠି ବୋଲି ମତବ୍ୟକ୍ତ କରିଥିଲେ । ସଭାରେ ଗିରିଧର ଲାଲ ଉଚ୍ଚ ବିଦ୍ୟାଳୟ ବେଲପାହାଡର ପ୍ରଧାନ ଶିକ୍ଷକ ସଚିନ୍ଦ୍ର ପଟେଲ ମଞ୍ଚ ପରିଚାଳନା ପରିଥବବାବେଳେ ଶିକ୍ଷକ କୁଶ ସା ଧନ୍ୟବାଦ ଅର୍ପଣ କରିଥିଲେ । ଏହି ତିନି ଦିନିଆ କର୍ମଶାଳା ପ୍ରାତଃକାଳରେ ଯୋଗାସନରୁ ଆରମ୍ଭ ହେଉଥିଲା । ଅଭିଜ୍ଞ ଶିକ୍ଷକମାନଙ୍କ ଦ୍ୱାରା ପ୍ରଶ୍ନପତ୍ର ପ୍ରସ୍ତୁତ ପୂର୍ବକ ବିଷୟଭିତ୍ତିକ ମୂଲ୍ୟାୟନ କରାଯାଇ ଛାତ୍ରଛାତ୍ରୀମାନଙ୍କର ବିଷୟଭିତ୍ତିକ ଦ୍ୱନ୍ଦ ଦୂର କରାଯାଇଥିଲା । ପରିଶେଷରେ ସେମାନଙ୍କର ମତାମତ ନିଆଯାଇ ଉତ୍ତମ ଶିକ୍ଷଣ ପାଇଁ ଟିପ୍ସ ପ୍ରଦାନ କରାଯାଇଥିଲା । ଝାରସୁଗୁଡା ଜିଲ୍ଲାପାଳଙ୍କ ମାର୍ଗଦର୍ଶନରେ ଝାରସୁଗୁଡା ଜିଲ୍ଲା ଶିକ୍ଷା ଅଧିକାରୀ ଡ଼ା ରାଧାକାନ୍ତ ଗଡତିଆଙ୍କର ପ୍ରତ୍ୟକ୍ଷ ତତ୍ତ୍ୱାବଧାନ ରେ ଏହି କର୍ମଶାଳା ଆୟୋଜନ କରାଯାଉଛି ଓ ଛାତ୍ରଛାତ୍ରୀ ମାନଙ୍କର ଶିକ୍ଷଣ ଆକାଂକ୍ଷା ଗୁଡିକୁ ପୂରଣ କରିବା ଦିଗରେ ଆସନ୍ତା ଜାନୁଆରୀ ମାସର ତୃତୀୟ ସପ୍ତାହରେ ଆଉ ଏକ ଶିକ୍ଷଣ କର୍ମଶାଳା ଆୟୋଜନ କରାଯିବ ବୋଲି ବିଭାଗ ପକ୍ଷରୁ ସୂଚନା ମିଳିଛି । ଏହାର ସଫଳ ରୂପାୟନପାଇଁ ଅଭିଜ୍ଞ ବିଷୟ ଶିକ୍ଷକ ସଚିନ୍ଦ୍ର ପଟେଲ, ରାଜେନ୍ଦ୍ର ସାହୁ, ଟୁନା ରଣା, କୁଶ ସା , ପ୍ରମୋଦ ପଟେଲ, ବିପ୍ଲବ ପାତ୍ର , ରଞ୍ଜନ ପଧାନ, ବିଜୟ ତ୍ରିପାଠୀ, ସାରିକା ତ୍ରିପାଠୀ, ଜୟଶଙ୍କର ନାଗ, ନିତ୍ୟାନନ୍ଦ ନାୟକ, ଭାରତୀ ଭୋଇ, ଦୁଃଖିଶ୍ୟାମ ବେହେରା, ଅରୁଣ ଭୋଇ ପ୍ରମୁଖଙ୍କୁ ସାଧନ କର୍ମୀ ଭାବେ ନିଯୁକ୍ତ କରାଯାଇଥିଲା ।



## ପୋଷାକ ବଣ୍ଟନରେ ମହାଘୋଟାଲା

# ବିନା ଟେଣ୍ଡର ଓ ନୋଟିସ୍‌ରେ ଚନ୍ଦ୍ରପୁର ସ୍କୁଲକୁ ପୋଷାକ ବିତରଣ

### ନିମ୍ନମାନର ଅଭିଯୋଗ




ମୁନିଗୁଡ଼ା/ ଚନ୍ଦ୍ରପୁର(ଭାସ୍କର ନ୍ୟୁଜ): ସମଗ୍ର ଶିକ୍ଷା ଅଭିଯାନ ତରଫରୁ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ ମାନଙ୍କରେ ପଢ଼ୁଥିବା ଛାତ୍ର ଛାତ୍ରୀ ମାନଙ୍କୁ ଗୋଟିଏ ଶିକ୍ଷା ବର୍ଷରେ ତିନିହଳ ପୋଷାକ ଓ ଅନ୍ୟ ସାମଗ୍ରୀ ଯୋଗାଇ ଦେବାକୁ ସରକାର ନିୟମ କରିଛନ୍ତି । ତାହା ପୁଣି ଟେଣ୍ଡର କିମ୍ବା ମହିଳା ସ୍ୱୟଂସହାୟକ ଗୋଷ୍ଠିଙ୍କ ଜରୀଆରେ ଯୋଗାଇଦେବାକୁ ନିର୍ଦ୍ଦେଶ ରହିଛି ।ମାତ୍ର ରାୟଗଡା ଜିଲ୍ଲା ଚନ୍ଦ୍ରପୁରୁ ବ୍ଲକରେ ତାର ବ୍ୟତିକ୍ରମ ଦେଖା ଦେଇଛି । ଏଠାରେ ଜଣେ ଠିକାଦାର ବିଇଓ ଓ ଡିଇଓଙ୍କ ସଲାସୁତରାରେ ପୋଷାକ ବିତରଣ ପାଇଁ କମିଟିରେ ଥିବା ସିଡିପିଓ ନିରବ ଦ୍ରଷ୍ଟା ସାଜି ସୁପାରିସ କରିଛନ୍ତି ।ମାତ୍ର ସେହି ଠିକାଦାର ତାର ପିସି ରଖି ଅନ୍ୟଜଣେ ସବ୍ ଠିକାଦାରକୁ ପୋଷାକ ଯୋଗାଇବାକୁ ଦାୟିତ୍ୱ ଦେଇ ନିମ୍ନମାନର ପୋଷାକ ଯୋଗାଣ ହୋଇଥିବା ନେଇ ବ୍ଲକର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟା କବିତା ସାହୁକାର ଙ୍କ ସମେତ ସ୍ୱୟଂ ସହାୟକ ଗୋଷ୍ଠି ଅଭିଯୋଗ କରିଛନ୍ତି ।ସରକାର ପ୍ରାଥମିକ ଶିକ୍ଷାକୁ ସାର୍ବଜନୀନ ଭାବେ ମୁକ୍ତ ଏବଂ ବାଧ୍ୟତାମୂଳକ କରିବା ପାଇଁ ଶିକ୍ଷା ଅଧିକାର ଆଇନ ତଥା ନୂତନ ଶିକ୍ଷା ନୀତିରେ ଉଭୟେ ସରକାରଙ୍କ ଭାଗୀଦାରିତା ରହିଛି । ଏହାର ସମଗ୍ର ପ୍ରକ୍ରିୟା କୁ ଯେତିକି ଜଟିଳ କରାଯାଇଛି,ତାହା ସ୍କୁଲକୁ ଯୋଗାଣ ହେଉଥିବା କପଡା ଓ ଅନ୍ୟାନ୍ୟ ସାମଗ୍ରୀର ମାନ ଏବଂ ଆର୍ଥିକ ସ୍ୱଚ୍ଛତା କୁ ନେଇ ପ୍ରଶ୍ନବାଚୀ ସୃଷ୍ଟି କରିବା ସ୍ୱାଭାବିକ ହୋଇପଡିଛି । ପ୍ରଥମରୁ ଅଷ୍ଟମ, ନବମ ଓ ଦଶମ ଶ୍ରେଣୀର ପିଲାଙ୍କ ପାଇଁ କେନ୍ଦ୍ରୀୟ ଅନୁଦାନ ଓ ରାଜ୍ୟ ସରକାରଙ୍କର ଗଙ୍ଗାଧର ମେହେର ଯୋଜନା ରେ ଦୁଇହଳ ସ୍କୁଲ ୟୁନିଫର୍ମ ଏକହଳ ହାଉସ କିଟ ହଲେ ଜୋତା କ୍ୟାପ୍ ଏବଂ ପରିଚୟ ପତ୍ର ବାବଦକୁ ପିଲାଙ୍କ ପ୍ରତି ସମୁଦାୟ ଏକ ହଜାର ଟଙ୍କା ଲେଖାଏଁ ଖର୍ଚ୍ଚ କରାଯିବାକୁ ସରକାରୀ ଅନୁଦାନ ମିଳିଛି । ତେବେ ଏଥିପାଇଁ ଜିଏସଟି ପଞ୍ଜିକୃତ ମହିଳା ସ୍ୱୟଂସହାୟକ ଗୋଷ୍ଠୀ କିମ୍ବା ବ୍ୟବସାୟ ପ୍ରତିଷ୍ଠାନ ସହ ବିଦ୍ୟାଳୟ ପରିଚାଳନା କମିଟି ତଥା ଉନ୍ନୟନ କମିଟି ଚୁକ୍ତିପତ୍ର କରି ସାମଗ୍ରୀ ଯୋଗାଣ ପାଇଁ ନିର୍ଦ୍ଦେଶ ଅଛି । ମାତ୍ର ନିୟମ ଥିଲା ବେଳେ ଏହି ବ୍ଲକରେ ପ୍ରାଥମିକ ଏବଂ ଉଚ୍ଚ ପ୍ରାଥମିକ ଶ୍ରେଣୀର ପ୍ରାୟ ଛଅ ହଜାରରୁ ଊର୍ଦ୍ଧ୍ୱ ଛାତ୍ର ଛାତ୍ରୀଙ୍କ ପାଇଁ ସବୁ ନିୟମକୁ ଜଳାଞ୍ଜଳି ଦିଆଯାଇ ରାୟଗଡାର ଜନୈକ ବ୍ୟବସାୟୀଙ୍କୁ ସମ୍ପୂର୍ଣ୍ଣ ଦାୟିତ୍ୱ ଦିଆଯାଇଛି । ଏ ସମ୍ପର୍କରେ ପ୍ରଶାସନିକ ସ୍ତରରେ ତଦନ୍ତ କରାଗଲେ ବାସ୍ତବ କଥା ଜଣାପଡିବା ସହ ଅଭିଯୋଗ କାରିଣୀ ସ୍ୱୟଂସହାୟକ ଦଳମାନଙ୍କୁ ଏଥିପାଇଁ ଉତ୍ସାହିତ କରି ଜିଏସଟି ମୁକ୍ତ କରାଯିବାକୁ ଦାବି ରଖିଛନ୍ତି । ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀ ଗଣେଶ ଶବରଙ୍କୁ ଏ ସମ୍ପର୍କରେ ପଚାରିବାରୁ ସେ ବିଭାଗୀୟ ନିର୍ଦ୍ଦେଶନାମା ଅନୁସାରେ ସବୁକିଛି ଚାଲୁଥିବା ପ୍ରକାଶ କରିବା ସହ ସମଗ୍ର ପ୍ରକ୍ରିୟାକୁ ସରଳ କରାଯିବା ଆବଶ୍ୟକତା ଥିବା ମତ ଦେଇଛନ୍ତି । ତେଣୁ ପ୍ରଶାସନ ଏହାକୁ ଗୁରୁତର ସହ ବିଚାରକୁ ନେଇ ତଦନ୍ତ କରି ଛାତ୍ରଛାତ୍ରୀ ମାନଙ୍କୁ ଯୋଗାଇ ଦେଇଥିବା ନିମ୍ନମାନର ପୋଷାକ ବଦଳରେ ଉଚ୍ଚମାନର ପୋଷାକ ଯୋଗାଇ ଦେବାକୁ ଦାବି ହେଉଛି ।

# ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗର କୋଠା ଉଦ୍‌ଘାଟିତ

ଉମରକୋଟ(ଭାସ୍କର ନ୍ୟୁଜ): ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ର ପରିସରରେ ଥିବା ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ବିଭାଗର କୋଠା ଗଣଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ଉଦ୍‌ଘାଟନ କରିଛନ୍ତି । ଏହି ଅବସରରେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜ ସ୍ୱାସ୍ଥ୍ୟ ପ୍ରତି ସଚେତନ ହେଲେ ହିଁ ନିରୋଗ ରହି ପାରିବ ବୋଲି ଗଣ ଶିକ୍ଷାମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ ମତ ଦେଇଛନ୍ତି । ଏହି କୋଠାର କାର୍ଯ୍ୟକ୍ଷମ ହେବା ଦ୍ୱାରା ଶିଶୁ ଓ ତାର ମା ଆଧୁନିକ ସ୍ୱାସ୍ଥ୍ୟ ସେବା ପାଇ ପାରିବେ ବୋଲି ମନ୍ତ୍ରୀ କହିବା ସହ ଉମରକୋଟ ହସ୍ପିଟାଲର ଯାହା ସବୁ ସମସ୍ୟା ରହିଛି ସେଗୁଡିକ ମୋ ଦୃଷ୍ଟିରେ ଅଛି ସେଗୁଡିକ କିପରି ଶୀଘ୍ର ପୂରଣ ହୋଇ ପାରିବ ସେଦିଗରେ ମୁଁ ଉଦ୍ୟମ କରିବି ବୋଲି କହିଛନ୍ତି । ଏହି ନୂତନ କୋଠା କୁ ଯେପରି ସବୁବେଳେ ସଫା ରଖିବେ ସେଦିଗରେ ବିଶେଷ ଧ୍ୟାନ ଦେବାକୁ ପରାମର୍ଶ ଦେଇଛନ୍ତି । ଲୋକେ ସୁସ୍ଥ ରହିଲେ ସମାଜ ସୁସ୍ଥ ରହିବ ଓ ସମାଜ ସୁସ୍ଥ ରହିଲେ ଦେଶ ସୁସ୍ଥ ରହିବ ବୋଲି ମନ୍ତ୍ରୀ କହିବା ସହ ସମସ୍ତେ ଯୋଗ କରିବା ପାଇଁ ମନ୍ତ୍ରୀ ଆହ୍ୱାନ ଦେଇଥିଲେ । ଆଜିର କାର୍ଯ୍ୟକ୍ରମରେ ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ ଡକ୍ଟର ସୁମନ୍ତ କୁମାର ରାଉଳ ମଞ୍ଚ ପରିଚାଳନା କରିଥିବା ବେଳେ ରାଜ୍ୟ ବିଜେପି ସଂପାଦକ ରମେଶ ଚନ୍ଦ୍ର ସାହୁ,ଏମପି ପ୍ରତିନିଧି ରାମ ନାୟକ, ଝରିଗାଁ ବିଧାୟକ ପ୍ରତିନିଧି ସୋନା ମାଝି, ପୂର୍ବତନ ନଗର ପାଳ ପି.ରାବଣା ରାଓ, ମନ୍ତ୍ରୀଙ୍କ ପ୍ରତିନିଧି ଅଶୋକ କୁମାର ପାଢ଼ୀ, ଜନ ସ୍ୱାସ୍ଥ୍ୟ ବିଭାଗର ଅତିରିକ୍ତ ଜିଲା ମେଡିକାଲ ଅଫିସର ଡକ୍ଟର ନନ୍ଦକିଶୋର ବେହେରା, ମେଡିକାଲ ଅଧିକ୍ଷକ ଡକ୍ଟର ଶରତ ଚନ୍ଦ୍ର ସେଠିଙ୍କ ସମେତ ହସ୍ପିଟାଲର ସମସ୍ତ କର୍ମଚାରୀ ଏବଂ ଅନେକ ଦଳୀୟ ନେତା ଓ କର୍ମୀ ଉପସ୍ଥିତ ଥିଲେ । ଶେଷରେ ସତ୍ୟବ୍ରତ ପ୍ରଧାନ ଧନ୍ୟବାଦ ପ୍ରସ୍ତାବ ଆଗତ କରିଥିଲେ ।



# କାର୍ଯ୍ୟରେ ଆସୁନି ସନ୍ତୋଷପୁର ବ୍ୟାଙ୍କ ସେବାକେନ୍ଦ୍ର

## ■ ପାଣିରେ ପଡିଲା ୯ଲକ୍ଷ ୫୦ହଜାର ଟଙ୍କା




କୋଷାଗୁମୁଡା (ଭାସ୍କର ନ୍ୟୁଜ୍): ଜନସାଧାରଣଙ୍କୁ ହାତ ପାହାନ୍ତାରେ ବ୍ୟାଙ୍କସେବା ଯୋଗେଇଦେବା ଉଦ୍ଦେଶ୍ୟରେ ସରକାର ପ୍ରତି ପଂଚାୟତରେ ଗୋଟିଏ ଗୋଟିଏ ବ୍ୟାଙ୍କ ଶାଖା ଖୋଲିଛନ୍ତି । ଯାହାଦ୍ୱାରା ଗ୍ରାମାଞ୍ଚଳରେ ବସବାସ କରୁଥିବା ଜନସାଧାରଣ ନିଜ ଗାଁ ଆଖପାଖରେ ସୁବିଧାରେ ବ୍ୟାଙ୍କସେବା ପାଇ ପାରିବେ । ହେଲେ କିଛି ବିଭାଗୀୟ ଅଧିକାରୀମାନଙ୍କ ଅବହେଳିତ ମନୋଭାବ ଯୋଗୁଁ କିଛି ପଂଚାୟତରେ ଏହି ଗ୍ରାମ୍ୟ ବ୍ୟାଙ୍କସେବା କାର୍ଯ୍ୟକାରୀ ହୋଇପାରୁନି । ଫଳରେ ସରକାରଙ୍କ ଗ୍ରାମ୍ୟ ବ୍ୟାଙ୍କସେବା ବାବଦକୁ ଆସିଥିବା ଟଙ୍କା ପାଣିରେ ପଡିଲା ଭଳି ମନେ ହେଉଛି । ଏଭଳି ଏକ ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ଅନ୍ତର୍ଗତ ସନ୍ତୋଷପୁର ଗ୍ରାମ ପଂଚାୟତରେ । ସନ୍ତୋଷପୁର ପଂଚାୟତବାସୀଙ୍କୁ ନିଜ ଅଞ୍ଚଳରେ ବ୍ୟାଙ୍କସେବା ଯୋଗେଇ ଦେବା ଉଦ୍ଦେଶ୍ୟରେ ଏଠାରେ ଏକ ନୂତନ ପ୍ରକୋଷ୍ଠ ନିର୍ମାଣ ହୋଇଥିଲା । ଯାହାର ଅଟକଳ ମୂଲ୍ୟ ୯ ଲକ୍ଷ ୫୦ହଜାର ଟଙ୍କା । ଲକ୍ଷ ଲକ୍ଷ ଟଙ୍କାରେ ନିର୍ମିତ ଏହି କୋଠା ବର୍ତ୍ତମାନ ଭୂତକୋଠି ପାଲଟିଯିବା ସହ ଅସାମାଜିକ ବ୍ୟକ୍ତିମାନଙ୍କ ଆଡ୍ଡା ପାଲଟିଯାଇଛି । କୋଠା ନିର୍ମାଣକୁ ବର୍ଷେ ବିତିଯାଇଥିଲେ ମଧ୍ୟ କାର୍ଯ୍ୟାଳୟରେ କୌଣସି କର୍ମଚାରୀଙ୍କୁ ନିଯୁକ୍ତି ଦିଆଯାଇନାହିଁ । ଫଳରେ ସନ୍ତୋଷପୁର ପଂଚାୟତବାସୀ ବାଧହୋଇ ଅନ୍ୟସବୁ ପଂଚାୟତ ଉପରେ ନିର୍ଭର କରୁଛନ୍ତି । ଅନ୍ୟପଟେ କାର୍ଯ୍ୟାଳୟଟି ବ୍ୟବହାର ହେଉନଥିବା ଯୋଗୁଁ କାର୍ଯ୍ୟାଳୟ ପରିସରରେ ଅନାବନା ଘାସ ଓ ବୁଦାସବୁ ଉଠି କୃତ୍ରିମ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି । ଯାହାର ଫାଇଦା ଉଠାଉଛନ୍ତି ଅସାମାଜିକ ବ୍ୟକ୍ତିମାନେ ।ସନ୍ଧ୍ୟା ସମୟରେ ଏହି ଗ୍ରାମ୍ୟ ବ୍ୟାଙ୍କସେବା କେନ୍ଦ୍ରଟା ସେମାନଙ୍କ ଆଡ୍ଡା ପାଲଟି ଯାଉଛି । ତେଣୁ ପ୍ରଶାସନ ପଂଚାୟତ ବାସୀଙ୍କ ହିତପାଇଁ ଯଥାଶୀଘ୍ର କାର୍ଯ୍ୟାଳୟଟି ଖୋଲି ବ୍ୟାଙ୍କସେବା କାର୍ଯ୍ୟ ଆରମ୍ଭ କରିବାକୁ ସାଧାରଣ ଲୋକେ ଦାବୀ କରୁଛନ୍ତି ।

# ବେଧଡ଼କ ଚାଲିଛି ପଲିଥିନ ବ୍ୟବହାର; ନିରବଦ୍ରଷ୍ଟା ପ୍ରଶାସନ



ମାଲକାନଗିରି (ଭାସ୍କର ନ୍ୟୁଜ): ରାଜ୍ୟ ସରକାର ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବହୁବାର ପଲିଥିନ ବ୍ୟବହାର ବନ୍ଦ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । ଏହାକୁ ଖାତିର ନକରି ମାଲକାନଗିରି ଜିଲ୍ଲାର କୋରୁକୋଣ୍ଡା ବ୍ଲକର ବିଭିନ୍ନ ଅଞ୍ଚଳ ସମେତ ବାଲିମେଳା ସହରରେ ଥିବା ବିଭିନ୍ନ ହୋଲସେଲର, ଖୁଚୁରା ଦୋକାନ,ବିଭିନ୍ନ ହୋଟେଲ, ପରିବା ବ୍ୟବସାୟୀ, ଫାଷ୍ଟଫୁଡ ଦୋକାନ, କିରାନା ଦୋକାନ ଓ ଉଠା ଦୋକାନି ମାନେ ପଲିଥିନ ଖୁଲମ ଖୁଲା ଭାବେ ବ୍ୟବହାର କରୁଥିବା ଅଭିଯୋଗ ହେଉଛି । ଅଞ୍ଚଳବାସୀ ମଧ୍ୟ ୫୦ମାଇକ୍ରୋନରୁ ଅଧିକ ମୋଟା ପଲିଥିନ ନମାଗି ଦୋକାନୀ ମାନେ ଯେଉଁ ପଲିଥିନ ଦେଲେ ସେଥିରେ ଖାଦ୍ୟ ପଦାର୍ଥ ସହିତ ବିଭିନ୍ନ ପ୍ରକାର ସାମଗ୍ରୀ ଧରି ଘରକୁ ଆସୁଛନ୍ତି । ଏନେଇ ମଝିରେ ମଝିରେ ସ୍ଥାନୀୟ ପ୍ରଶାସନ ଓ ଜିଲ୍ଲା ପ୍ରଶାସନ ପକ୍ଷରୁ ବିଭିନ୍ନ ଦୋକାନରେ ଚଢ଼ାଉ କରାଯାଇ ସେମାନଙ୍କ ନିକଟରେ ଥିବା ବେଆଇନ ପଲିଥିନକୁ ଜବତ କରିବା ସେମାନଙ୍କ ଠାରୁ ମୋଟା ଅଙ୍କର ଜୋରିମାନା ଆଦାୟ କରାଯାଉଥିଲା । ଏହି ଚଢ଼ାଉ ଦୀର୍ଘଦିନ ହେଲା ପ୍ରଶାସନ ପକ୍ଷରୁ ହେଉ ନଥିବାରୁ ବର୍ତ୍ତମାନ ଏହି ଅଞ୍ଚଳ ମାନଙ୍କରେ ବେଆଇନ ଭାବେ ପଲିଥିନ କାରବାର ବଢ଼ିବାରେ ଲାଗିଛି । ମୁଖ୍ୟତଃ ଲୋକଙ୍କ ମନରେ ଏନେଇ ସଚେତନତା ଜାଗ୍ରତ ହୋଇପାରୁ ନଥିବାରୁ ପଲିଥିନ ଭଳି ବିଷକୁ ଉଚ୍ଛେଦ କରିବା କାର୍ଯ୍ୟକ୍ରମ ଆଦୌ ସଫଳ ହୋଇପାରୁନାହିଁ । ଯାହାଫଳରେ ଦିନକୁ ଦିନ ବିଭିନ୍ନ ଗ୍ରାମାଞ୍ଚଳ ଓ ବାଲିମେଳା ସହରରେ ପଲିଥିନଜନିତ ଆବର୍ଜନା ବଢ଼ି ଚାଲିଛି । ଖାଲି ଏତିକି ନୁହେଁ ଏ ସମସ୍ତ ଅଞ୍ଚଳରେ ପଲିଥିନ ବ୍ୟବହାର ଓ ବିକ୍ରୀ ଦିନକୁ ଦିନ ବୃଦ୍ଧି ପାଇବାରେ ଲାଗିଛି । ତେବେ ଏହି ଅଞ୍ଚଳମାନଙ୍କରେ ବେଆଇନ ଭାବେ ଚାଲିଥିଲା ପଲିଥିନ ବ୍ୟବହାର ଓ ବିକ୍ରୀକୁ ରୋକିବା ପାଇଁ ପ୍ରଶାସନର ଆନ୍ତରିକତାର ଘୋର ଅଭାବ ରହିଛି ବୋଲି ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଛନ୍ତି । ଏହି ପଲିଥିନ ମାଟିର ଉର୍ବରତାକୁ ସମ୍ପୂର୍ଣ୍ଣ ଭାବେ ନଷ୍ଟ କରି ଦେଇଥାଏ । ବିଭିନ୍ନ ସ୍ଥାନରେ ପଡ଼ିଥିବା ଏହି ପଲିଥିନକୁ ଗାଈ ଗୋରୁ ଖାଇବା ଦ୍ୱାରା ସେମାନେ ଏହି କାରଣରୁ ରୋଗା କ୍ରାନ୍ତ ହୋଇ ଅକାଳରେ ମୃତ୍ୟୁବରଣ କରୁଥିବା ଦେଖିବାକୁ ମିଳୁଛି । ମୁଖ୍ୟତଃ ମାଟିରେ ପଡ଼ିଥିବା ପଲିଥିନରୁ ବାହାରୁଥିବା ରାସାୟନିକ ଦ୍ରବ୍ୟ ଉଦ୍ଭିଦ କୁଳ,ପ୍ରାଣୀ ସମୂହ ଓ ଜଳଜାତ ପ୍ରାଣୀଙ୍କ ପାଇଁ ସମ୍ପୂର୍ଣ୍ଣ କ୍ଷତିକାରକ ହୋଇଥାଏ ବୋଲି ପରିବେଶବିତ୍‌ମାନେ ଉଦବେଗ ପ୍ରକାଶ କରିଛନ୍ତି । ତେବେ ବେଆଇନ ଭାବେ ଏଭଳି ନିମ୍ନମାନର ପଲିଥିନ ବିକ୍ରୀ ଓ ବ୍ୟବହାର କରୁଥିବା ବ୍ୟବସାୟୀ ଏବଂ ପଲିଥିନ ତିଆରି କରି ବଜାରକୁ ଛାଡୁଥିବା କମ୍ପାନୀ ଗୁଡିକରେ ଅଙ୍କୁଶ ଲଗାଇବା ସହ ସେମାନଙ୍କ ବିରୁଦ୍ଧରେ ପ୍ରଶାସନ ପକ୍ଷରୁ ଦୃଢ଼ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅଞ୍ଚଳବାସୀ ଦାବି କରିଛନ୍ତି ।

# ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟର ବାର୍ଷିକ ଉତ୍ସବ




ପାରଳାଖେମୁଣ୍ଡି (ଭାସ୍କର ନ୍ୟୁଜ୍): କାଶୀନଗର ଠାରେ ଥିବା ବାରଣାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ର ୭୦ ତମ ବାର୍ଷିକ ଉତ୍ସବ ମହା ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଛି । ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଭାଗିରଥି ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆରମ୍ଭ ହୋଇଥିବା ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥି ଭାବେ ପାରଳାଖେମୁଣ୍ଡି ବିଧାୟକ ରୁପେଶ ପାଣିଗ୍ରାହୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ଅଧ୍ୟକ୍ଷ ଜି ତିରୁପତି ରାଓ, ବ୍ଲକ ଅଧ୍ୟକ୍ଷା ବାଲା ସାଇମ୍ମା, ଏନ ଏ ସି ଅଧ୍ୟକ୍ଷା ଏମ ସୁଦ୍ଧା ରାଣୀ, ଉପାଧ୍ୟକ୍ଷ ରଘୁ ରାମ ସାହୁ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ଼ମ୍ବୁରୁଧର ମଲ୍ଲିକ, ଭଞ୍ଜନଗର ଗୋଷ୍ଠୀ ଶିକ୍ଷା ଅଧିକାରୀ ଏସ ଧନଞ୍ଜୟ, କାଶୀନଗର ବ୍ଲକ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ, ପରିଚାଳନା କମିଟି ସଭାପତି ଶୁଭ୍ରାଂଶୁ ପଣ୍ଡା,ସ୍ଥାନୀୟ ଥାନା ଅଧିକାରୀ ଆଲୋକ ରଞ୍ଜନ ଜଗଦଲ ,ପୁରାତନ ଛାତ୍ର କେ ରାମରାଓ ମଞ୍ଚାସୀନ ହୋଇ ସତୁରି ବର୍ଷ ପୂର୍ବେ ସ୍ୱର୍ଗତ ଦାସାରୀ ଆପ୍ପା ରାଓ ନାଇଡୁ କାଶୀନଗର ଭଳି ଏକ ଉପାନ୍ତ ଅଞ୍ଚଳରେ ଶିକ୍ଷାର ବିକାଶ ପାଇଁ ଛଅ ଏକର ଜାଗା ବିଦ୍ୟାଳୟ ପାଇଁ ଦାନ କରି ଯେଉଁ ବୀଜ ବୁଣିଥିଲେ ଆଜି ତାହା ଏକ ବିରାଟ ହଜାର ହଜାର ଛାତ୍ର ଛାତ୍ରୀଙ୍କୁ ଶିକ୍ଷିତ କରି ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ନିକଟରେ ବଡ଼ ବଡ଼ ପଦ ପଦବୀ ରେ ମର୍ଯ୍ୟାଦାପୂର୍ଣ୍ଣ ଭାବେ ରହିଛନ୍ତି । ୧୯୫୫ ମସିହା ରେ ସ୍ୱର୍ଗତ ଡି ଆପ୍ପା ରାଓଙ୍କ ମହାନତାକୁ ଉପସ୍ଥିତ ଥିବା ଦର୍ଶକଙ୍କ ସମ୍ମୁଖରେ ଆହୁରି ମନ ପକାଇବା ପାଇଁ ନାତୁଣୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଦିଆଯାଇଥିଲା ଏବଂ ପ୍ରାୟ ୫୦ ଜଣ ପୁରାତନ ଛାତ୍ରଛାତ୍ରୀଙ୍କୁ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା କରାଯାଇଥିଲା । ବିଦ୍ୟାଳୟ ର ଉନ୍ନତି କରିବା ପାଇଁ କିଛି ପୁରାତନ ଛାତ୍ର ଅର୍ଥ ପ୍ରଦାନ କରିଥିବା ବେଳେ ଉପସ୍ଥିତ ଥିବା ଛାତ୍ରଛାତ୍ରୀମାନେ କେମିତି ଶିକ୍ଷାର ଅଗ୍ରଗତି କରିପାରିବେ ସେଥିପାଇଁ ସମସ୍ତେ ଗୁରୁତ୍ୱ ଦେବା ଉଚିତ ବୋଲି କହିଥିଲେ । ଏହି ବିଦ୍ୟାଳୟର ୨୦୧୬ ଦଶମ ଶ୍ରେଣୀ ବ୍ୟାଚର ଜଣେ ଛାତ୍ରୀ କାଉନସିଲ ଓ ୟୁନିଭର୍ସିଟି ପରୀକ୍ଷାରେ ପ୍ରଥମ ଶ୍ରେଣୀରେ ଉତୀର୍ଣ୍ଣ ହୋଇ ରମାଦେବୀ ମହିଳା ବିଶ୍ୱ ବିଦ୍ୟାଳୟ ରେ ମହାମହିମ ରାଷ୍ଟ୍ରପତିଙ୍କ ଠାରୁ ସ୍ୱର୍ଣ୍ଣ ପଦକ ପାଇ ବିଦ୍ୟାଳୟର ଅଧ୍ୟୟନ ରତ ଛାତ୍ର ଛାତ୍ରୀଙ୍କ ନିମନ୍ତେ ପ୍ରେରଣାର ଉତ୍ସ ହୋଇ ବିଦ୍ୟାଳୟ ପାଇଁ ସୁନାମ ଅର୍ଜନ କରି ଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧନା କରାଯାଇଥିଲା । ବିଦ୍ୟାଳୟର ଅଧ୍ୟୟନରତ ଛାତ୍ର ଛାତ୍ରୀ ମାନେ ସୁନ୍ଦର ସଂସ୍କୃତିକ କାର୍ଯ୍ୟକ୍ରମ ରେ ପାରମ୍ପରିକ ନୃତ୍ୟ କରି ଦର୍ଶକ ଙ୍କ ମନ ମୋହିଥିଲେ । ବିଦ୍ୟାଳୟ ର ବିଭିନ୍ନ ବିଭାଗରେ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରଛାତ୍ରୀଙ୍କୁ ମାନପତ୍ର ସହ ଫଳକ ପ୍ରଦାନ କରାଯାଇ ଉତ୍ସାହିତ କରାଯାଇଥିଲା । ଆଜିର ଏହି କାର୍ଯ୍ୟକ୍ରମ ପାଇଁ ପ୍ରଧାନ ଶିକ୍ଷକ ଭାଗିରଥି ବେହେରାଙ୍କୁ ସମସ୍ତଙ୍କ ତରଫରୁ ଶ୍ରେୟ ପ୍ରଦାନ କରାଯାଇଥିଲା ।



ନୂଆଦିଲ୍ଲୀ : ଶୁକ୍ରବାର ଚାଲିପାରିନି ପାର୍ଲାମେଣ୍ଟ, ଫଳରେ ଦିନକ ପାଇଁ ଗୃହ ମୁଲତବୀ ରଖାଯାଇଛି । ରାଜ୍ୟସଭା ଅଧ୍ୟକ୍ଷ ତଥା ଉପରାଷ୍ଟ୍ରପତି ଜଗଦୀପ ଧନକଡଙ୍କ ବିରୋଧରେ କଂଗ୍ରେସ ଓ ସହଯୋଗୀ ଦଳ ଗୁଡିକ ଅନାସ୍ଥା ପ୍ରସ୍ତାବ ଆଣିଥିଲେ । ଯାହାକୁ ନେଇ ହୋଇଥିଲା ହଟ୍ଟଗୋଳ । ଅନାସ୍ଥା ପ୍ରସ୍ତାବକୁ ନେଇ ଗୃହରେ ଅଧ୍ୟକ୍ଷ ଜଗଦୀପ ଧନକଡ ଓ ବିରୋଧୀ ଦଳ ନେତା ମଲ୍ଲିକାର୍ଜୁନ ଖଡଗେଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା । ଧନକଡ କହିଥିଲେ ମୁଁ ଜଣେ କୃଷକଙ୍କ ପୁଅ । ମୁଁ ନଇଁବିନି । ମୁଁ ମୋ ଦେଶ ପାଇଁ ଜୀବନ ଦେଇଦେବି । ଆପଣମାନଙ୍କର ଦିନରାତି କେବଳ ଗୋଟିଏ ଚିନ୍ତା । କାହିଁକି ଜଣେ କୃଷକଙ୍କ ପୁଅ ରାଜ୍ୟସଭା ଅଧ୍ୟକ୍ଷ ପଦରେ ବସିଛନ୍ତି । ମୁଁ ବହୁତ ସହିଲି । ଆପଣମାନେ ପ୍ରସ୍ତାବ ଆଣିପାରିବେ । କିନ୍ତୁ ଆପଣମାନେ ସମ୍ବିଧାନକୁ ଅପମାନିତ କରୁଛନ୍ତି ।

# ବିଜେପିକୁ ପ୍ରିୟଙ୍କାଙ୍କ ଟାର୍ଗେଟ : ସମ୍ବିଧାନକୁ ଭାଙ୍ଗିବାକୁ ଚାଲିଛି ଷଡ଼ଯନ୍ତ୍ର



ନୂଆଦିଲ୍ଲୀ: ଦେଶରେ ସମ୍ବିଧାନ କାର୍ଯ୍ୟକାରୀ ହେବାର ୭୫ବର୍ଷ ପୂର୍ତ୍ତି ଅବସରରେ ଆଜିଠୁ ଦୁଇ ଦିନ ଧରି ଚାଲିବ ମହାବିତର୍କ । ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ ଶୁକ୍ରବାର ଠାରୁ ଲୋକସଭାରେ ସମ୍ବିଧାନ ଉପରେ ଦୁଇ ଦିନିଆ ଆଲୋଚନା ଆରମ୍ଭ କରିଛନ୍ତି । ଶାସକ ଦଳ ପକ୍ଷରୁ ପ୍ରଥମେ ପ୍ରତିରକ୍ଷାମନ୍ତ୍ରୀ ଓ ବିରୋଧୀ ପକ୍ଷରୁ ପ୍ରିୟଙ୍କା ଗାନ୍ଧୀ ତର୍କ କରିଛନ୍ତି । କଂଗ୍ରେସ ପକ୍ଷରୁ ପ୍ରିୟଙ୍କା ଗାନ୍ଧୀ କେଉଁ ନେତୃତ୍ୱ ନେଇଥିଲେ ଏହାର ଉତ୍ତର ଦେବାକୁ ରାଜନାଥ ସିଂ କଂଗ୍ରେସ ଉପରେ କଡ଼ା ଆକ୍ରମଣ କରିଥିଲେ । ଏହାର କଡା ଜବାବ ରଖିଥିଲେ ପ୍ରିୟଙ୍କା । ଲୋକସଭାରେ ତାଙ୍କର ପ୍ରଥମ ଭାଷଣ ମାଧ୍ୟମରେ ପ୍ରିୟଙ୍କା କେବଳ ବିଜେପି ଏବଂ ମୋଦି ସରକାରଙ୍କ ଉପରେ ଆକ୍ରମଣ କରୁଥିବାର ଦେଖାଯାଇନଥିଲା ବରଂ ରାଜନୈତିକ ବାର୍ତ୍ତା ଦେଉଥିବାର ମଧ୍ୟ ଦେଖାଯାଇଥିଲା । ପ୍ରିୟଙ୍କା ଗାନ୍ଧୀ ହାଥରସରୁ ନେଇ ସମ୍ଭଲ, ଦେଶରେ ନ୍ୟାୟ ବ୍ୟବସ୍ଥା ଉପରେ ପ୍ରଶ୍ନ ଉଠାଇଥିଲେ । ବିଜେପିକୁ ଟାର୍ଗେଟ କରି କହିଥିଲେ ଯେ ୧୦ ବର୍ଷ ହେଲା ସମ୍ବିଧାନକୁ ଭାଙ୍ଗିବାକୁ ବଦଳାଇବାକୁ ଆରମ୍ଭ ହୋଇଛି ଷଡ଼ଯନ୍ତ୍ର । ଶାସକ ଦଳର ଚାଲକୁ କିନ୍ତୁ ଜାଣିଗଲେ ଦେଶବାସୀ । ଭୋଟରେ ଦେଲେ କଡ଼ା ଜବାବ । ମିଳିଲାନି ସଂଖ୍ୟା ଗରିଷ୍ଠତା । କାରଣ ଲୋକେ ସମ୍ବିଧାନ ବଦଳା ନୀତିକୁ ସହଜରେ ଗ୍ରହଣ କରିପାରିଲେନି । ପ୍ରିୟଙ୍କା ଗାନ୍ଧୀ ଏକ ସ୍ପଷ୍ଟ ବାର୍ତ୍ତା ଦେଇ କହିଛନ୍ତି ୨୦୨୪ରେ ବିଜେପିର ଆସନ ହ୍ରାସ ହୋଇନଥାନ୍ତା ତେବେ ମୋଦି ସରକାର ସମ୍ବିଧାନ ପରିବର୍ତ୍ତନ କାର୍ଯ୍ୟ ଆରମ୍ଭ କରିଥାନ୍ତେ । ମୋଦି ସରକାରଙ୍କୁ ଲକ୍ଷ୍ୟ କରି ପ୍ରିୟଙ୍କା ଗାନ୍ଧୀ ଆହୁରି କହିଛନ୍ତି ଯେ ସେ ଏହି ସମ୍ବିଧାନକୁ ଏକକ ସମ୍ବିଧାନ ବୋଲି କହୁଛନ୍ତି କାରଣ ଏହି ନିର୍ବାଚନରେ ଜିତିବା ଏବଂ ହାରିବା ଦ୍ୱାରା ସମ୍ବିଧାନର ପରିବର୍ତ୍ତନର ଆଲୋଚନା କାମ କରିବ ନାହିଁ । ଆମର ସ୍ୱାଧୀନତା ସଂଗ୍ରାମ ଅହିଂସା ଉପରେ ଆଧାରିତ ଏକ ନିଆରା ସଂଗ୍ରାମ ଥିଲା । ଏହି ସଂଗ୍ରାମ ଏକ ଗଣତାନ୍ତ୍ରିକ ଲଢ଼େଇଥିଲା । ଆମ ଦେଶରେ କଥାବାର୍ତ୍ତା ଏବଂ ଆଲୋଚନାର ପରମ୍ପରା ରହିଆସିଛି । ଏହା ଏକ ଗୌରବମୟ ପରମ୍ପରା । ଏହି ପରମ୍ପରା ଦାର୍ଶନିକ ଗ୍ରନ୍ଥ ଏବଂ ବେଦରେ ମଧ୍ୟ ଦୃଶ୍ୟମାନ ହୁଏ । ଇସଲାମ, ସୁଫି, ଜୈନ ଧର୍ମ ଏବଂ ବୌଦ୍ଧ ଧର୍ମରେ ମଧ୍ୟ ଏହାର ସଂସ୍କୃତି ରହିଆସିଛି । ଆମର ସ୍ୱାଧୀନତା ସଂଗ୍ରାମ ଏହି ପରମ୍ପରାରୁ ବାହାରିଥିଲା ବୋଲି କହିଥିଲେ ପ୍ରିୟଙ୍କା ।

# ବିମାନବନ୍ଦରରେ ଫସି ରହିଛନ୍ତି ୪ଶହରୁ ଉର୍ଦ୍ଧ୍ୱ ଯାତ୍ରୀ

ନୂଆଦିଲ୍ଲୀ: ଇଣ୍ଡିଗୋ ଏୟାରଲାଇନ୍ସର ୪୦୦ ଯାତ୍ରୀ ଗତ ୨୪ ଘଣ୍ଟା ଧରି ଇସ୍ତାନବୁଲ ବିମାନବନ୍ଦରରେ ଅଟକି ରହିଛନ୍ତି । ଏହା ପରେ ବିମାନ ସେବା ଉତ୍ତର ଦେଇଛି ଯେ କାର୍ଯ୍ୟକ୍ଷମ କାରଣରୁ ବିମାନ ବିଳମ୍ବ ହୋଇଛି । ତେବେ ସେମାନଙ୍କୁ ଆଉ କେତେ ସମୟ ଧରି ଇସ୍ତାନବୁଲ ବିମାନବନ୍ଦରରେ ରହିବାକୁ ପଡିବ ସେ ସମ୍ପର୍କରେ ଏପର୍ଯ୍ୟନ୍ତ କୌଣସି ସୂଚନା ପ୍ରକାଶ କରାଯାଇ ନାହିଁ । ବର୍ତ୍ତମାନ ସମସ୍ତ ଯାତ୍ରୀ ବିମାନବନ୍ଦରରେ ଭୋକ ଉପବାସ ଓ ଥଣ୍ଡାରେ ଅପେକ୍ଷା କରି ରହିଛନ୍ତି । ବିମାନ ବିଳମ୍ବରେ ଯାତ୍ରୀମାନେ ସୋସିଆଲ ମିଡିଆରେ ବିମାନ ସେବା ବିରୋଧରେ କ୍ରୋଧ ପ୍ରକାଶ କରିଥିଲେ । ସେ କହିଛନ୍ତି ଯେ କୌଣସି ସୂଚନା ବିନା ବିମାନ ଉଡ଼ାଣ ବାତିଲ କରାଯାଇଛି । ଜଣେ ଯାତ୍ରୀ କହିଛନ୍ତି ଯେ, ବିମାନଟି ପ୍ରଥମେ ଦୁଇ ଘଣ୍ଟା ବିଳମ୍ବ ହୋଇଥିଲା ଏବଂ ପରେ ହଠାତ୍ ତାଙ୍କୁ କୁହାଯାଇଥିଲା ଯେ ଏହାକୁ ବାତିଲ କରାଯାଇଛି । ଏହି ଘୋଷଣାର ୧୨ ଘଣ୍ଟା ପରେ କୁହାଯାଇଥିଲା ଯେ ବିମାନର ସମୟ ପରିବର୍ତ୍ତନ କରାଯାଇଛି । ବିମାନ ବନ୍ଦରରେ ଫସି ରହିଥିବା କିଛି ଯାତ୍ରୀ ମଧ୍ୟ ଜ୍ୱର ଏବଂ ଥକାପଣ ଅଭିଯୋଗ କରିଛନ୍ତି । ଯାତ୍ରୀମାନେ କହିଛନ୍ତି ଯେ ରହିବାକୁ ସ୍ଥାନ ନାହିଁ କିମ୍ବା ଠିକ୍ ସମୟରେ ଖାଦ୍ୟ ଯୋଗାଇ ଦିଆଯାଇ ନାହିଁ । କୌଣସି ଇଣ୍ଡିଗୋ କର୍ମଚାରୀ ଆମ ସହିତ ଯୋଗାଯୋଗ କରୁ ନାହାଁନ୍ତି । ଅନ୍ୟ ଜଣେ ଯାତ୍ରୀ କହିଛନ୍ତି ଯେ ସକାଳ ୬ଟା୪୦ ରେ ବିମାନ ବାତିଲ ହେବା ପରଠାରୁ ସେ ଥଣ୍ଡା ରୋଗରେ ପୀଡିତ ଅଛନ୍ତି । ବିମାନ ସେବା ମଧ୍ୟ ସେମାନଙ୍କୁ ରହିବାକୁ କୌଣସି ସ୍ଥାନ ଯୋଗାଇଦିଆଯାଇ ନାହିଁ ।

# ବିହାରରେ ପ୍ରଶ୍ନପତ୍ର ଲିକ୍ : ଛାତ୍ରଙ୍କୁ ଚାପୁଡ଼ା ମାରିଲେ ଜିଲ୍ଲାପାଳ



ପାଟନା: ବିହାରର ରାଜଧାନୀ ପାଟନାରେ ବିହାର ଲୋକସେବା ଆୟୋଗ ପରୀକ୍ଷା (ବିପିଏସସି)ର ପ୍ରଶ୍ନପତ୍ର ଲିକକୁ ବିରୋଧ କରି ଶୁକ୍ରବାର ପ୍ରାର୍ଥୀମାନେ ହଙ୍ଗାମା କରିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି । ହଙ୍ଗାମା ଓ ପ୍ରତିବାଦ ପରେ ପାଟନା ଡିଏମ୍ ଡ. ଚନ୍ଦ୍ରଶେଖର ସିଂହ ବାପୁ ଅଡିଟୋରିୟମରେ ପହଞ୍ଚି ପରୀକ୍ଷାର୍ଥୀଙ୍କୁ ବୁଝାସୁଝା କରିଥିଲେ । ଡିଏମଙ୍କୁ ଦେଖି ପ୍ରାର୍ଥୀମାନେ ମଧ୍ୟ ଡିଏମଙ୍କ ବିରୋଧରେ ଅଭିଯୋଗ ଆଣିବା ଆରମ୍ଭ କରିଥିଲେ, ଯାହାପରେ ସେ ରାଗିଯାଇ ଜଣେ ପ୍ରାର୍ଥୀଙ୍କୁ ଚାପୁଡ଼ା ମାରିଥିଲେ । ଡିଏମ୍ ଚାପୁଡ଼ା ମାରିଥିବାର ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି । ସୂଚନା ଅନୁସାରେ ଆଜି ବିପିଏସସି ପରୀକ୍ଷା ଥିଲା । କୁମ୍ହାରରେ ଥିବା ବାପୁ ପରୀକ୍ଷା କେନ୍ଦ୍ରରେ ପାଖାପାଖି ୧୨ ହଜାର ପିଲାଙ୍କ କେନ୍ଦ୍ର ଥିଲା । ପରୀକ୍ଷା କକ୍ଷରେ ୨୭୩ ଜଣ ପିଲାଙ୍କ ବସିବା ପାଇଁ ଯୋଜନା ଥିଲା । ପରୀକ୍ଷା ହଲ୍ ପାଇଁ ୧୨-୧୨ଟି ସେଟ୍ ୨୮୮ଟି ପ୍ରଶ୍ନପତ୍ର ଥିବା ଏକ ଲଫାପା ଆସିଥିଲା । କିନ୍ତୁ ପରୀକ୍ଷା କକ୍ଷରେ ବାକ୍ସରେ ଆସିଥିବା ପରୀକ୍ଷାର ପ୍ରଶ୍ନପତ୍ର ଥିଲା ୧୯୨ । ତେଣୁ ଗୋଟିଏ ହଲ୍ ଖୋଲିବା ପରେ ପ୍ରଶ୍ନପତ୍ରକୁ ଅନ୍ୟ ହଲ୍ରୁ ମଧ୍ୟ ନେବାକୁ ପଡ଼ିଥିଲା । କିନ୍ତୁ ପିଲାମାନେ ଏହାକୁ ବିରୋଧ କରିଥିଲେ । ଡିଏମ୍ ଡ. ଚନ୍ଦ୍ରଶେଖର ସିଂହ କହିଛନ୍ତି ଯେ କେନ୍ଦ୍ର ଅଧୀକ୍ଷକ ପିଲାମାନଙ୍କୁ ଏଥିରେ ବୁଝାଇବାକୁ ଚେଷ୍ଟା କରିଛନ୍ତି । ତେଣୁ ୧୦ରୁ ୧୫ ମିନିଟ୍ ବିଳମ୍ବ ହୋଇଥିଲା । କେନ୍ଦ୍ର ଅଧୀକ୍ଷକ ବୁଝାଇବାକୁ ଚେଷ୍ଟା କରିଥିଲେ ଯେ ଯଦି ଅତିରିକ୍ତ ସମୟ ନିଆଯାଏ ତେବେ ଅତିରିକ୍ତ ସମୟ ଦିଆଯିବ, କିନ୍ତୁ ପ୍ରାୟ ୧୦୦ରୁ ୧୫୦ ପିଲା ହଙ୍ଗାମା କରି ବାହାରକୁ ଆସି ପରୀକ୍ଷା ବର୍ଜନ କରିଥିଲେ, ବାକି ପିଲାମାନେ ପରୀକ୍ଷା ଦେଇଛନ୍ତି ।

## ଜନାଦେଶ ପର୍ବରେ ସାମିଲ୍ ପାଇଁ ପହଞ୍ଚିଲେ ନଡ୍ଡା

# ବିଷ୍ଣୁଦେବଙ୍କ ଭବ୍ୟ ସମ୍ବର୍ଦ୍ଧନା



ରାୟପୁର: କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜଗତ ପ୍ରକାଶ ନଡ୍ଡା ଶୁକ୍ରବାର ଛତିଶଗଡ଼ ସରକାରଙ୍କ ଏକବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ହେଉଥିବା ଜନାଦେଶ ପର୍ବରେ ସାମିଲ୍ ହେବା ପାଇଁ ଛତିଶଗଡ଼ରେ ପହଞ୍ଚିଛନ୍ତି । ସ୍ୱାମୀ ବିବେକାନନ୍ଦ ବିମାନ ବନ୍ଦରରେ ଶ୍ରୀ ନଡ୍ଡା ପହଞ୍ଚିବା ପରେ ମୁଖ୍ୟମନ୍ତ୍ରୀ ଶ୍ରୀ ସାଏ ତାଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ କରି ସ୍ୱାଗତ ଜଣାଇଥିଲେ । ଏହି ଅବସରରେ ଛତିଶଗଡ଼ର ଉପମୁଖ୍ୟମନ୍ତ୍ରୀ ଅରୁଣ ସାଏ, ବିଜୟ ଶର୍ମା, ରାଜ୍ୟ ସ୍ୱାସ୍ଥ୍ୟମନ୍ତ୍ରୀ ଶ୍ୟାମବିହାରୀ ଜୟସ୍ୱାଲ, ବିଧାୟକ ରାଜେଶ ମୁଣତ, ସୁନିଲ ସୋନି ଏବଂ କିରଣ ଦେବ ସିଂହ ନଡ୍ଡାଙ୍କୁ ମଧ୍ୟ ସ୍ୱାଗତ ଜଣାଇଥିଲେ ।

# ଭାରତୀୟ ଶିକ୍ଷା ବୋର୍ଡର ହିନ୍ଦୀ ପାଠ୍ୟ ପୁସ୍ତକ ହେଉଛି ଭାରତୀୟ ଜ୍ଞାନ ପରମ୍ପରାର ରକ୍ଷକ: ପ୍ରଫେସର ରାମ ଦରଶ ମିଶ୍ର



ନୂଆଦିଲ୍ଲୀ: ନୂଆଦିଲ୍ଲୀର ସାଧବୀ ଏକାଡେମୀ ରବୀନ୍ଦ୍ର ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଭାରତୀୟ ଶିକ୍ଷା ବୋର୍ଡର ହିନ୍ଦୀ ପାଠ୍ୟ ପୁସ୍ତକ ପ୍ରକାଶନ ଏବଂ ଭାରତୀୟ ଶିକ୍ଷା ବୋର୍ଡର ମିଳିତ ତତ୍ତ୍ୱାବଧାନରେ ପ୍ରଫେସର ରାମ ଦରଶ ମିଶ୍ର ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନଙ୍କୁ ସ୍ୱାଗତ କରି ବୋର୍ଡର ଶିକ୍ଷା ବୋର୍ଡର ଅଧ୍ୟକ୍ଷ ଡ. ଏନ୍ ପି ସିଂହ କହିଛନ୍ତି ଯେ ପ୍ରଫେସର ରାମ ଦରଶ ମିଶ୍ରଙ୍କୁ ସମର୍ପଣ କରି ପତଞ୍ଜଳି ଯୋଗୀପଥ ଏବଂ ଭାରତୀୟ ଯୋଗ ବୋର୍ଡ ନିଜକୁ ଉତ୍ସାହିତ କରୁଛନ୍ତି । ପ୍ରଫେସର ରାମ ଦରଶ ମିଶ୍ର ଏହି ଅବସରରେ ତାଙ୍କର କିଛି କବିତା ପାଠ କରି କହିଥିଲେ ଯେ ତାଙ୍କ ଅଧୀନରେ କରାଯାଇଥିବା କାର୍ଯ୍ୟ ତାଙ୍କ ହୃଦୟର ଇଚ୍ଛାରୁ ମୁକ୍ତ ଜୀବନ ଅଟେ । ସମାରୋହ ପରେ ବୋର୍ଡ ଏବଂ ଷ୍ଟଡିଜ୍ ଅଫ୍ ଇଣ୍ଡିଆନ୍ ବୋର୍ଡ ଅଫ୍ ଷ୍ଟଡିଜ୍ର ପୁସ୍ତକ ୧ ରୁ ୮ ପର୍ଯ୍ୟନ୍ତ ରିଲିଜ୍ କରାଯାଇଥିଲା । ଏହି ଗୌରବମୟ ସମୟରେ ବିଶିଷ୍ଟ ବ୍ୟକ୍ତିତ୍ୱ, ସାମ୍ବାଦିକ, ସମ୍ପାଦକ ଏବଂ ବିଶେଷଜ୍ଞମାନେ ପ୍ରଫେସର ପ୍ରମୋଦ ଦୁବେ, ଡକ୍ଟର କ୍ଷାମ ମିଶ୍ର, ସୁଦର୍ଶନ ଦାସ, ଡକ୍ଟର ଓମ ଦୀନେଶ, କମଲେଶ କମଲ, ପ୍ରଫେସର ସ୍ମିତା ମିଶ୍ର ଉପସ୍ଥିତ ଥିଲେ । ପ୍ରଫେସର ରବୀନ୍ଦ୍ରନାଥ ଟାଗୋର, ଡ. ଅର୍ଚ୍ଚନା ତ୍ରିପାଠୀ ଏବଂ ପଠନ ପୁସ୍ତକ ଉପସ୍ଥାପନା କମିଟିର ସଦସ୍ୟ ସାଧୁ ମିଶ୍ର, ଡ ଦିବ୍ୟା ଲକ୍ଷ୍ମୀ ପାଣ୍ଡେ, ଡକ୍ଟର ନାରାୟଣ ଦତ୍ତ ମିଶ୍ର, ଡକ୍ଟର ପ୍ରଦୀପ କୁର, ଡକ୍ଟର କେ ଭିମନ୍ ପାଣ୍ଡେ ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମକୁ ପଠନ ପୁସ୍ତକ ସଂଯୋଜକ ଡକ୍ଟର ସୋନି ପାଣ୍ଡେ ପରିଚାଳନା କରିଥିଲେ । ପ୍ରଫେସର ପ୍ରମୋଦ କୁମାର ଦୁବେ ଏବଂ ଡ ଓମ ନିଶାଲଙ୍କ ଦ୍ୱାରା ପୁସ୍ତକଗୁଡ଼ିକର ବିଶେଷ କ୍ରମ ବିଷୟରେ ବର୍ଣ୍ଣନା କରିଥିବାବେଳେ ଏହି ପୁସ୍ତକକୁ ପଢିବା ଏବଂ ଭବିଷ୍ୟତ ପିଢିର ମାର୍ଗଦର୍ଶକ ହେବାକୁ ଅନୁରୋଧ କରିଥିଲେ ।

ପତଞ୍ଜଳି
Great Place To Work.
Certified
JAN 2024–JAN 2025
INDIA

# ଆରବିଆଇକୁ ବୋମା ଧମକ




ନୂଆଦିଲ୍ଲୀ: ଭାରତୀୟ ରିଜର୍ଭ ବ୍ୟାଙ୍କକୁ ବୋମା ଧମକ ମିଳିଛି । ଗୁରୁବାର ଅପରାହ୍ନରେ ଭାରତୀୟ ରିଜର୍ଭ ବ୍ୟାଙ୍କ ଅଫିସିଆଲ ୱେବସାଇଟରେ ଏକ ଧମକପୂର୍ଣ୍ଣ ଇ-ମେଲ ଆସିଛି । ଏହି ଇମେଲ ରୁଷୀୟ ଭାଷାରେ ପଠାଯାଇଥିଲା । ଏହି ମାମଲାରେ ମାତା ରମାବାଇ ମାର୍ଗ ପୋଲିସ ଷ୍ଟେଶନରେ ଅଜ୍ଞାତ ଅଭିଯୁକ୍ତଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି । ଗତ ମାସରେ ମଧ୍ୟ ଏକ ସମାନ ମାମଲା ସାମ୍ନାକୁ ଆସିଥିଲା ଯେତେବେଳେ ରିଜର୍ଭ ବ୍ୟାଙ୍କ ଅଫ ଇଣ୍ଡିଆର ଗ୍ରାହକ କେୟାର ନମ୍ବରରେ ଏକ କଲ ଆସିଥିଲା ଏବଂ ସେ ନିଜକୁ ଲଶ୍କର-ଇ-ତାଇବାର ସିଇଓ ବୋଲି ପରିଚୟ ଦେଇଥିଲେ । ସେ ମଧ୍ୟ କେନ୍ଦ୍ରୀୟ ବ୍ୟାଙ୍କକୁ ବୋମାରେ ଉଡାଇଦେବାକୁ ଧମକ ଦେଇଥିଲେ ।

# ବାଣିଜ୍ୟ




ମୁମ୍ବାଇ: ଭାରତୀୟ ଶେୟାର ବଜାରରେ ଶୁକ୍ରବାର ସେନସେକ୍ସ ୧,୨୦୦ ପେଣ୍ଟରୁ ଅଧିକ ହ୍ରାସ ପାଇଛି । ଗୁରୁବାର ରେକର୍ଡ ହୋଇଥିବା ୪୫୮.୧୫ ଲକ୍ଷ କୋଟି ଟଙ୍କା ତୁଳନାରେ ଆଜି ନିବେଶକଙ୍କ ସମ୍ପତ୍ତି ୬.୯୩ ଲକ୍ଷ କୋଟି ହ୍ରାସ ପାଇ ୪୫୧.୨୨ ଲକ୍ଷ କୋଟିରେ ପହଞ୍ଚିଛି । ସେନସେକ୍ସ ୧୨୦୭ ପଏଣ୍ଟ ଖସି ୮୦,୦୮୨ କୁ ଚାଲି ଆସିଛି ଏବଂ ନିଫ୍ଟି ୩୬୮ ପଏଣ୍ଟ ହ୍ରାସ ପାଇ ୨୨୪,୧୮୦ କୁ ଖସି ଆସିଛି । ଯାହା ଦଲାଲ ଷ୍ଟ୍ରିଟରେ ନିବେଶକଙ୍କ ଦୁର୍ବଳ ଭାବନାକୁ ପ୍ରତିଫଳିତ କରିଛି । ଶୁକ୍ରବାର କାରବାର ଆରମ୍ଭ ହେବା ପରେ ୨୨୦ ଶେୟାର ଲୋୟର ସର୍କିଟ ଛୁଇଁଥିଲା, ଯେତେବେଳେ କି ୨୨୩ ଶେୟାର ଅପର ସର୍କିଟ ଛୁଇଁଥିଲା । ଫଳରେ ନିବେକଙ୍କ ମଧ୍ୟରେ ହତୋତ୍ସାହିତ ପରିଲକ୍ଷିତ ହୋଇଛି ।

# ବେଦାନ୍ତ ଆଲୁମିନିୟମ୍ର ୧.୩ ନିୟୁତ ଗିଗା ଜୁଲେସ୍ ଶକ୍ତି ସଞ୍ଚୟ



ଭୁବନେଶ୍ୱର(ଭାସ୍କର ନ୍ୟୁଜ): ବ୍ୟୁରୋ ଅଫ୍ ଏନର୍ଜି ଏଫିସିଏନ୍ସି (ବିଇଇ) ଦ୍ୱାରା ଆରମ୍ଭ ହୋଇଥିବା ମାର୍କିଂ ଏନର୍ଜି ସଂରକ୍ଷଣ ସପ୍ତାହ, ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦନକାରୀ ବେଦାନ୍ତ ଆଲୁମିନିୟମ, ଉଦ୍ଭାବନମୂଳକ ପଦକ୍ଷେପ ମାଧ୍ୟମରେ ଶକ୍ତି ଦକ୍ଷତା ବୃଦ୍ଧି ଏବଂ ଗ୍ରୀନ୍ ହାଉସ୍ ଗ୍ୟାସ୍ (ଜିଏଚଜି) ନିର୍ଗମନକୁ ହ୍ରାସ କରି ୧.୩ ମିଲିୟନ ଗିଗା ଜୁଲେସ୍ (ଜିଜେ) ଶକ୍ତି ସଂଚୟ ହାସଲ କରିଛି । ୨୦୨୧ ବେସ୍ ଲାଇନ୍ ଆଧାରରେ ଜିଏଚଜି ତୀବ୍ରତାରେ କମ୍ପାନୀ ଏକ ଉଲ୍ଲେଖନୀୟ ୧୦.୧୬% ହ୍ରାସ ହାସଲ କରିଛି, କାର୍ବନ ନିର୍ଗମନକୁ ହ୍ରାସ କରିବା ପାଇଁ ବିଶ୍ୱ ପ୍ରୟାସରେ ଏହାକୁ ଏକ ଅଗ୍ରଣୀ ଭାବରେ ସ୍ଥାନିତ କରିଛି । ଏହାର ସ୍ଥିରତା ଏଜେଣ୍ଡାକୁ ଆଗକୁ ବଢାଇ, କମ୍ପାନୀ ୧.୩ ଏଡ ଅକ୍ଷୟ ଶକ୍ତି ସୋର୍ସିଂ ଘୋଷଣା କରି ଏକ ପରିଷ୍କାର, ଅଧିକ ସ୍ଥାୟୀ କାର୍ଯ୍ୟ ଦିଗରେ ଏକ ପ୍ରମୁଖ ପଦକ୍ଷେପ ଚିହ୍ନିତ କରିଛି । ଏହି କାର୍ଯ୍ୟକଳାପ ଉପରେ ସୂଚନା ଦେଇ ବେଦାନ୍ତ ଆଲୁମିନିୟମର ମୁଖ୍ୟ ପରିଚାଳନା ଅଧିକାରୀ ସୁନୀଲ ଗୁପ୍ତା କହିଛନ୍ତି, ବେଦାନ୍ତ ଆଲୁମିନିୟମ ଠାରେ ଶକ୍ତି ପରିଚାଳନା ଆମର ନେଟ-ଶୂନ ଯାତ୍ରା ପାଇଁ କେନ୍ଦ୍ରୀୟ ଅଟେ । ହାଣ୍ଡି ତରଳିବା ଏବଂ ଅକ୍ଷୟ ଶକ୍ତି ଗ୍ରହଣକୁ ବିସ୍ତାର କରିବା ପାଇଁ ପ୍ୟାଣ୍ଟେଟେଡ୍ ବେଦାନ୍ତ ଲାଇନ୍ ଡିଜାଇନ ପରି ଉଦ୍ଭାବନ, ଆମର ଦକ୍ଷତାକୁ ବୃଦ୍ଧି କରିବା ସହିତ ଅଙ୍ଗାରକାମ୍ଳ ନିର୍ଗମନକୁ ହ୍ରାସ କରୁଛି । ଓଡିଶାର ଲାଞ୍ଜିଗଡରେ ଏହାର ବିଶୋଧନାଗାର କାର୍ଯ୍ୟରେ ଶକ୍ତି ସଂରକ୍ଷଣକୁ ବଢାଇବା ପାଇଁ ଉନ୍ନତ ଗ୍ରାଫିଟାଇଜଡ୍ ହାଣ୍ଡି ସହିତ ବଏଲରଗୁଡିକ ବଦଳା ଯାଇଛି । ଓଡ଼ିଶାର ଝାରସୁଗୁଡା ଠାରେ ଆଟିସ୍ ସ୍ମେଲଟର ଅପରେସନ୍, କମ୍ପାନୀ ସଫଳତାର ସହିତ କ୍ୟାଥୋଡ୍ ଭୋଲଟେଜ୍ ଡ୍ରପ୍ ହ୍ରାସ କରି ହାଣ୍ଡିରେ ଭୋଲଟେଜ୍ ଡ୍ରପ୍ ପଦକ୍ଷେପ କାର୍ଯ୍ୟକାରୀ କରି ଉଭୟ କାର୍ଯ୍ୟଦକ୍ଷତା ଏବଂ ଶକ୍ତି ଦକ୍ଷତାକୁ ଉନ୍ନତ କରାଯାଇଛି । ସେହିଭଳି, ଛତିଶଗଡର କୋରବାରେ ଥିବା ବାଲକୋ ସ୍ମେଲଟରରେ କ୍ୟାଥୋଡ୍ ରିଲିନିଂ ଏବଂ ଗ୍ରାଫିଟାଇଜେସନ୍ ପଦକ୍ଷେପ କାର୍ଯ୍ୟକାରୀ କରାଯାଇଥିଲା, ଯାହାକି ଏହି ସୁବିଧା ମଧ୍ୟରେ ଶକ୍ତି ଦକ୍ଷତାକୁ ଯଥେଷ୍ଟ ବୃଦ୍ଧି କରିଥିଲା ।

## ୧୦୦ କୋଟି ଟଙ୍କାର ପାଣ୍ଠି ସଂଗ୍ରହ କରିବ ଆଇଆଇଏଫ୍ଏଲ୍

ମୁମ୍ବାଇ: ଆଇଆଇଏଫ୍ଏଲ୍ ହୋମ୍ ଫାଇନାନ୍ସ ଲିମିଟେଡ (ଆଇଆଇଏଫ୍ଏଲ୍ ଏଚ୍ଏଫ୍ଏଲ୍) ୧,୦୦୦ ଟଙ୍କା (ପ୍ରତ୍ୟେକ)ର ଫେସ୍ ଭାଲ୍ୟୁର ସିକ୍ୟୋରଡ୍, ରେଟେଡ, ଲିଷ୍ଟେଡ ରିଡିମେବୁଲ ନନ୍-କନ୍ଭର୍ଟିବୁଲ ଡିବେଞ୍ଚର (ଏନ୍ସିଡି)ର ପବ୍ଲିକ ଇସ୍ୟୁର ଘୋଷଣା କରିଛି । ଏହାର ବେସ୍ ଇସ୍ୟୁ ମୂଲ୍ୟ ୧୦୦ କୋଟି ଟଙ୍କା ରହିଛି, ଯେଉଁଥିରେ ୪୦୦ କୋଟି ଟଙ୍କା ପର୍ଯ୍ୟନ୍ତ ଓଭରସବ୍ସ୍କ୍ରିପ୍ସନକୁ ବଜାୟ ରଖିବାର ବିକଳ୍ପ ରହିଛି, ଯାହାର ମୋଟ ମୂଲ୍ୟ ୫୦୦ କୋଟି ଟଙ୍କା ପର୍ଯ୍ୟନ୍ତ ରହିଛି । ଏହା ୩୦୦୦ କୋଟି ଟଙ୍କା (ଟ୍ରାଞ୍ଚ ଇସ୍ୟୁ)ର ସେଲ୍ଫ ଲିମିଟ୍ ଭିତରେ ରହିଛି । ସେବି ଏନସିଏସ ନିୟମ ଅନୁଯାୟୀ ଶୀଘ୍ର ବନ୍ଦ ହେବାର ଏକ ବିକଳ୍ପ ସହିତ ଟ୍ରାଞ୍ଚ ୧ ଇସ୍ୟୁ ଶୁକ୍ରବାର, ଡିସେମ୍ବର ୬ ତାରିଖ ୨୦୨୪ ରେ ଖୋଲିଛି ଏବଂ ଏହା ଡିସେମ୍ବର ୧୯ ତାରିଖ, ୨୦୨୪ରେ ବନ୍ଦ ହେବ । ଏନସିଡି ଗୁଡିକୁ ବିଏସ୍ଇ ଲିମିଟେଡ (ବିଏସଇ) ଓ ନ୍ୟାଶନାଲ ଷ୍ଟକ ଏକ୍ସଚେ ଅଫ୍ ଇଣ୍ଡିଆ ଲିମିଟେଡ (ଏନଏସଇ)ରେ ତାଲିକାଭୁକ୍ତ କରିବା ପାଇଁ ପ୍ରସ୍ତାବ ରହିଛି । ଏନ୍ଏସ୍ଇ ଲିମିଟେଡ, ଟ୍ରାଞ୍ଚ ୧ ଇସ୍ୟୁ ପାଇଁ ନାମିତ ଷ୍ଟକ୍ ଏକ୍ସଚେଞ୍ଜ ହେବ ।

# ଟିଭିଏସ୍ ଆଇକ୍ୟୁବ୍ ପକ୍ଷରୁ 'ମିଡନାଇଟ୍ କାର୍ନିଭାଲ୍'ର ଶୁଭାରମ୍ଭ




ମୁମ୍ବାଇ: ଟିଭିଏସ୍ ମୋଟର କମ୍ପାନି ଏହାର ଲୋକପ୍ରିୟ ଇଭି ଟିଭିଏସ୍ ଆଇକ୍ୟୁବ୍ର ୪,୫୦,୦୦୦ରୁ ଅଧିକ ବିକ୍ରିକୁ ପାଳନ କରିବା ଲାଗି 'ଟିଭିଏସ୍ ଆଇକ୍ୟୁବ୍ ମିଡନାଇଟ୍ କାର୍ନିଭାଲ୍'ର ଶୁଭାରମ୍ଭ କରାଯାଇଛି । ଏହା ସାରା ଦେଶରେ ଗ୍ରାହକମାନଙ୍କୁ ଏକ ଆକର୍ଷଣୀୟ ଓ ରିୱାର୍ଡିଂ ଅନୁଭୂତି ପ୍ରଦାନ କରିବ । ଏହି ୧୦ ଦିନିଆ କାର୍ଯ୍ୟକ୍ରମ ୨୦୨୪ ଡିସେମ୍ବର ୧୨ର ରାତି ୧୨ରୁ ଆରମ୍ଭ ହୋଇ ଡିସେମ୍ବର ୨୨ ରାତି ୧୧ଟା ୫୯ ପର୍ଯ୍ୟ' ଚାଲିବ । ଟିଭିଏସ୍ ଆଇକ୍ୟୁବ୍ ଉପରେ ଗ୍ରାହକଙ୍କୁ ୧୦୦ ପ୍ରତିଶତ କ୍ୟାସ୍ବ୍ୟାକ୍ର ଏକ ବିଶେଷ ସୁଯୋଗ ମିଳିବ । ଏହି ଅଭିଯାନର ଅଂଶ ସ୍ୱରୂପ, ଏହି ଅବଧି ମଧ୍ୟରେ ଟିଭିଏସ୍ ଆଇକ୍ୟୁବ୍ କିଣୁଥିବା ଗ୍ରାହକମାନଙ୍କ ମଧ୍ୟରୁ ଜଣେ ବିଜେତାଙ୍କୁ ଚୟନ କରାଯିବ ଓ ତାଙ୍କ କ୍ରୟକୁ ସମ୍ପୂର୍ଣ୍ଣ ମାଗଣା କରାଯିବ । ଏହି ଅଭିଯାନ ଟିଭିଏସ୍ ଆଇକ୍ୟୁବ୍ର ଅଫିସିଆଲ୍ ୱେବସାଇଟ୍ ଓ ଡିଲରସିପ୍ର ଉପଲବ୍ଧ ହେବ ଯାହା ଫଳରେ ସମସ୍ତେ ଏଥିରେ ଭାଗ ନେଇପାରିବେ । ଗ୍ରାହକମାନ ନିଜର ନିକଟତମ ଟିଭିଏସ୍ ଆଇକ୍ୟୁବ୍ ଡିଲରସିପ୍ ପରିଦର୍ଶନ କରି କିମ୍ବା ଅଫିସିଆଲ ୱେବସାଇଟ୍ରୁ ଇଲେକ୍ଟ୍ରିକ୍ ସ୍କୁଟର କିଣି ଏହି ଅଭିଯାନରେ ଅଂଶଗ୍ରହଣ କରିପାରିବେ । ଏହି ଅଭିଯାନରେ ଗ୍ରାହକଙ୍କୁ ଆକର୍ଷଣୀୟ ମାସିକ ଅଫର ପ୍ରଦାନ କରାଯିବ । ଟିଭିଏସ୍ ଆଇକ୍ୟୁବ୍ ତିନିଟି ମୂଳ ନୀତି ଉପର ଆଧାରିତ । ତାହା ହେଉଛି ରେଞ୍ଜ, କନେକ୍ଟେଡ୍ ପ୍ରଯୁକ୍ତି, ଚାର୍ଜିଂ ସମାଧାନ ଓ ଦାମ୍ ଚୟନର ଶକ୍ତି, ଗାଡ଼ି ସୁରକ୍ଷା ଓ ମାଲିକାନାର ସମ୍ପୂର୍ଣ୍ଣ ପ୍ରତିଶ୍ରୁତି ଓ ବ୍ୟବହାର କରିବାକୁ ସହଜ ଥିବା ସୁବିଧାସୁଯୋଗ ଯାହା ଗ୍ରାହକଙ୍କ ଗାଡ଼ି ଚାଳନା ଅନୁଭୂତିରେ ଉନ୍ନତି ଆଣିବ ।

# ଆମାଜନର ହଲିଡେ' ଟଏ ଲିଷ୍ଟ ସହ ଟପ୍ ବ୍ରାଣ୍ଡରେ ପାଆନ୍ତୁ ୫୦% ରିହାତି

ମୁମ୍ବାଇ: ଆମାଜନ ଇଣ୍ଡିଆ ଏହାର ଅଷ୍ଟମ ହଲିଡେ ଟଏ ଲିଷ୍ଟ ଘୋଷଣା କରିଛି, ଯାହା ୨୪ ଡିସେମ୍ବର ୨୦୨୪ ପର୍ଯ୍ୟ' ଗ୍ରାହକଙ୍କୁ ଆନନ୍ଦିତ କରିବ । ଏହି ସୁଚିନ୍ତିତ ଭାବରେ ପ୍ରସ୍ତୁତ ହୋଇଥିବା ଷ୍ଟୋର୍ ରେ ଲେଗୋ, ହଟ୍ ହ୍ୱିଲ୍ସ, ନେର୍ଫ୍, ହାସବ୍ରୋ, ସ୍କିଲମାଟିକ୍ସ, ବାର୍ବି ଆଦି ଖେଳନା ଓ ଖେଳର ୧୦,୦୦୦ ରୁ ଅଧିକ ବ୍ରାଣ୍ଡ ୧.୬ ନିୟୁତରୁ ଅଧିକ ଉତ୍ପାଦର ବିସ୍ତୃତ ଚୟନ ଦେଖିବାକୁ ମିଳିଛି । ଏଥିରେ ଗ୍ରାହକମାନେ ଏଚଡିଏଫସି, ଆଇଡିଏଫସି, ଫେଡେରାଲ, ବ୍ୟାଙ୍କ ଅଫ ବରୋଦା, ସାଉଥ ଇଣ୍ଡିଆନ୍ ବ୍ୟାଙ୍କ ଡେବିଟ୍ ଏବଂ କ୍ରେଡିଟ୍ କାର୍ଡ ସହିତ ଏବଂ ଏସବିଆଇ ଓ ଆଇସିଆଇସିଆଇ ଆମାଜନ ପେ କୋ-ବ୍ରାଣ୍ଡେଡ୍ କ୍ରେଡିଟ୍ କାର୍ଡରେ ୧୦% ପର୍ଯ୍ୟନ୍ତ ତୁରନ୍ତ ରିହାତି ପାଇପାରିବେ । ଆମାଜନ ପେ' ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ରେ ସପିଂ କରୁଥିବା ଗ୍ରାହକଙ୍କୁ ଅନଲିମିଟେଡ ୫% (ପ୍ରାଇମ ଗ୍ରାହକ) ଏବଂ ୩% (ନନ୍-ପ୍ରାଇମ ମେମ୍ବର) କ୍ୟାସବ୍ୟାକ୍ ସହ ଆକର୍ଷଣୀୟ ପୁରସ୍କାର ମଧ୍ୟ ମିଳୁଛି । ଏହାବ୍ୟତୀତ ଯୋଗ୍ୟ ଗ୍ରାହକମାନେ ଆମାଜନ ପେ ଲ୍ୟାଟରରେ ୬୦,୦୦୦ ଟଙ୍କା ପର୍ଯ୍ୟନ୍ତ ଲାଭ ଉଠାଇପାରିବେ । ଏ ସମ୍ପର୍କରେ ଆମାଜନ ଇଣ୍ଡିଆର ପୁସ୍ତକ, ଖେଳନା ଓ ଗେମ୍ ନିର୍ଦ୍ଦେଶକ ରାଜର୍ଷି ଗୁଇନ୍ କହିଛନ୍ତି, 'ଆମାଜନ.ଇନ ହଲିଡେ ଟଏ ଲିଷ୍ଟ'ର ଅଷ୍ଟମ ସଂସ୍କରଣ ଉପସ୍ଥାପନ କରି ଆମେ ଆନନ୍ଦିତ, ଯାହା କି ଆପଣଙ୍କ ସମସ୍ତ ଉପହାର ଆବଶ୍ୟକତା ପାଇଁ ଆପଣଙ୍କ ବିଶ୍ୱସ୍ତ ଗନ୍ତବ୍ୟସ୍ଥଳ ।

# ୯୯.୦୪% ଦାବି ସମାଧାନ କରିଛି ଆଇସିଆଇସିଆଇ ପ୍ରୁ ଲାଇଫ୍

ମୁମ୍ବାଇ: ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସ ଜୁଲାଇ ୨୦୨୪ରୁ ସେପ୍ଟେମ୍ବର ୨୦୨୪ ମଧ୍ୟରେ ୯୯.୦୪% ଦାବି ସମାଧାନ କରିଥିବା ଘୋଷଣା କରିଛି, ଯାହାକି ଶିଳ୍ପରେ ସର୍ବୋଚ୍ଚ ଅଟେ । ଗୁରୁତ୍ୱପୂର୍ଣ୍ଣ ଭାବେ ଦାବି ସମାଧାନ କରିବା ପାଇଁ ହାରାହାରି ସମୟ ମାତ୍ର ୧.୨ ଦିନ ରହିଛି । ଏସମ୍ପର୍କରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫ୍ ଇନ୍ସୁରାନ୍ସର ମୁଖ୍ୟ ପରିଚାଳନା ଅଧିକାରୀ ଅମିଶ ବଙ୍କର କହିଛନ୍ତି, ଦାବିଗୁଡିକ ହେଉଛି ସତ୍ୟର ଚରମ ମୁହୂର୍ତ୍ତ ଏବଂ ଆମେ ପ୍ରତ୍ୟେକ ଦାବିକୁ ସର୍ବୋଚ୍ଚ ସମ୍ବେଦନଶୀଳତା ସହିତ ପରିଚାଳନା କରିଥାଉ । ୨୦୨୪-୨୫ ଆର୍ଥିକ ବର୍ଷର ୨ୟ ତ୍ରୈମାସିକରେ ଆମ ପାଖରେ ୯୯.୦୪%ର ଏକ ଦାବି ସମାଧାନ ଅନୁପାତ ରହିଥିବା ବେଳେ କାଗଜପତ୍ର ମିଳିଥିବା ଶେଷ ତାରିଖରୁ ଆମର ଯାଞ୍ଚ ହେଉନଥିବା ଦାବିଗୁଡିକର ହାରାହାରି ଦାବି ସମାଧାନ ସମୟ କେବଳ ୧.୨ ଦିନ ରହିଛି । ଏହାବ୍ୟତୀତ ଆମେ ସମାନ ଅବଧିରେ ମୋଟ ୪୫୧ କୋଟି ଟଙ୍କାରୁ ଅଧିକ ମୂଲ୍ୟର ମୃତ୍ୟୁ ଦାବିର ସମାଧାନ କରିଛୁ । ଆମର 'କ୍ଲେମ୍ ଫର୍ ସ୍ୟୋର' ଅଭିଯାନ ଅଧିନରେ ଆମେ ସମସ୍ତ କାଗଜପତ୍ର ଦାଖଲ ହେବା ପରେ କେବଳ ଗୋଟିଏ ଦିନରେ ଯୋଗ୍ୟ ଦାବିଗୁଡିକର ସମାଧାନ କରିବା ପାଇଁ ପ୍ରତିଶ୍ରୁତି ଦେଉଛୁ । ଆମର କ୍ରମାଗତ ଭାବେ ଏକ ଶିଳ୍ପ ଅଗ୍ରଣୀ ଦାବି ସମାଧାନ ଅନୁପାତ ରହିଆସିଛି; ୨୦୨୪ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସିକରେ ଏହା ୯୭.୯୪% ଥିବା ବେଳେ ୨ୟ ତ୍ରୈମାସିକରେ ଏହା ୯୮.୧୪% ଏବଂ ୩ୟ ତ୍ରୈମାସିକରେ ଏହା ୯୮.୫୨% ରହିଥିଲା ଏବଂ ୨୦୨୪ ଆର୍ଥିକ ବର୍ଷ ପାଇଁ ଏହି ଅନୁପାତ ୯୯.୧୭% ରହିଥିଲା ।

# ରିଲାଏନ୍ସ ରିଟେଲ ପକ୍ଷରୁ ହୋମ ଥିଏଟର ଟିଭିର ନୂତନ ସମ୍ଭାର ଉନ୍ମୋଚିତ



ମୁମ୍ବାଇ: ଭାରତର ସର୍ବବୃହତ ଖୁଚୁରା ରିଟେଲର ରିଲାଏନ୍ସ ରିଟେଲ ଲିମିଟେଡ ସ୍ୱଦେଶୀ ରୂପରେ ବିକଶିତ ଛଅଟି ହୋମ ଥିଏଟର ଏଲଇଡି ଟିଭି ସମ୍ଭାରର ଶୁଭାରମ୍ଭ କରିଛି । ଏଗୁଡିକ ଅଡିଓ ଉପକରଣ ତିଆରି କରିବାରେ ପ୍ରସିଦ୍ଧି ଲାଭ କରିଥିବା କମ୍ପାନୀ ହରମନ ସହିତ ସହଭାଗିତାରେ ନିର୍ମିତ ହୋଇଛି । ବିପିଏଲ୍ ବ୍ରାଣ୍ଡ ଅଧୀନରେ ଶୁଭାରମ୍ଭ ହୋଇଥିବା ଏହି ଟିଭିଗୁଡିକ କିଛି ଏପରି ଭାବରେ ଡିଜାଇନ୍ ହୋଇଛି ଯେ ଗ୍ରାହକମାନେ ଉତ୍କୃଷ୍ଟ ଧ୍ୱନି ଏବଂ ଅସାଧାରଣ ପିକଚର କ୍ୱାଲିଟି ସହିତ ସିନେମା ଦେଖିବା ପରି ଅଭିଜ୍ଞତା ପାଇପାରିବେ । କମ୍ପାନୀ ଅନୁଯାୟୀ ବଜାରରେ ଉଚ୍ଚ-ଗୁଣାତ୍ମକ ଏବଂ ହାଇ-ଡେଫିନେସନ ଡିଜିଟାଲ୍ ବିଷୟବସ୍ତୁ ଦ୍ରୁତ ଗତିରେ ବୃଦ୍ଧି ପାଉଛି ଏବଂ ଏହା ସହ ତାଳ ଦେଇ ଗ୍ରାହକମାନେ ଏଭଳି ଟିଭି ଖୋଜୁଛନ୍ତି ଯାହା ଉତ୍କୃଷ୍ଟ ଅଡିଓ ଆଉଟପୁଟ୍ ଏବଂ ଇମର୍ସିଭ୍ ପିକ୍ଚର କ୍ୱାଲିଟିର ମନୋରଞ୍ଜନ ପ୍ରଦାନ କରିପାରିବ । ଏଥିପାଇଁ ରିଲାଏନ୍ସ ରିଟେଲର ଅଡିଓ-ଇଏଫଏକ୍ସ ଟ୍ୟୁନିଂ ସଫ୍ଟୱେୟାର ଏବଂ ହରମନର ସହଯୋଗରେ ବିପିଏଲ ହୋମ ଥିଏଟର ଟିଭି ସମ୍ଭାର ଆରମ୍ଭ କରାଯାଇଛି । ରିଲାଏନ୍ସ ରିଟେଲ ନିର୍ଭରଯୋଗ୍ୟ ଏବଂ ସୁଲଭ ଏଲଇଡି ଟିଭି ବର୍ଗରେରେ ନିଜର ସ୍ଥିତି ସୁଦୃଢ କରୁଛି । ଉନ୍ମୋଚିତ ସମ୍ଭାରର ୬ଟି ହୋମ ଥିଏଟର ସମ୍ପୂର୍ଣ୍ଣ ରୂପେ 'ମେଡ୍-ଇନ୍-ଇଣ୍ଡିଆ' ନିର୍ମିତ ଅଟେ । ବିପିଏଲ୍ ହୋମ୍ ଥିଏଟର ଏଲଇଡି ଟିଭି ଏବେ ସାରା ଦେଶରେ ଇଲେକ୍ଟ୍ରୋନିକ୍ ଷ୍ଟୋର, ରିଟେଲ ଆଉଟଲେଟ୍ ଏବଂ ଜିଓମାର୍ଟ ଓ ରିଲାଏନ୍ସ ଡିଜିଟାଲ ୱେବସାଇଟ ତଥା ଇ-କମର୍ସ ମାର୍କେଟପ୍ଲେସ୍ରେ ଉପଲବ୍ଧ ।

# ଇଣ୍ଡିଆଫାଷ୍ଟ ଲାଇଫ୍ ଶୁଭାରମ୍ଭ କଲା ୧୮ ନୂଆ ଏଜେନ୍ସି ଶାଖା

IndiaFirstLife
PROMOTED BY
बैंक ऑफ़ बड़ौदा
Bank of Baroda

ନୂଆଦିଲ୍ଲୀ: ଇଣ୍ଡିଆଫାଷ୍ଟ ଲାଇଫ୍ ଇନସ୍ୟୁରାନ୍ସ କମ୍ପାନୀ ଲିମିଟେଡ (ଇଣ୍ଡିଆଫାଷ୍ଟ ଲାଇଫ) ୧୮ଟି ଏଜେନ୍ସ ଶାଖା ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି । ଏଜେନ୍ସିନିର୍ମାଣ ପ୍ରୟାସ ଅଧିନରେ ଏହି ରଣକୌଶଳାତ୍ମକ ସମ୍ପ୍ରସାରଣ ସମଗ୍ର ଭାରତରେ କମ୍ପାନୀର ଉପସ୍ଥିତିରେ ବୃଦ୍ଧି ଘଟାଇବ, ଏବଂ ଦେଶରେ ଅଧିକ ଲୋକଙ୍କ ପାଇଁ ପୂର୍ଣ୍ଣାଙ୍ଗ ଜୀବନ ବୀମା ସମାଧାନଗୁଡିକ ଯୋଗାଇଦେବା ନିକଟତର କରିବ । ରୁଶଭ ଗାନ୍ଧୀ, ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ, ଇଣ୍ଡିଆଫାଷ୍ଟ କହିଛନ୍ତି, ଦେଶର କୋଣ ଅନୁକୋଣରେ ଆମର ଏଜେନ୍ସି ଚାନେଲର ସମ୍ପ୍ରସାରଣ ଭାରତରେ ଆମର ଉପସ୍ଥିତିକୁ ଅଧିକ ବଳଶାଳୀ କରିବା ନିମନ୍ତେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ହୋଇଛି । ଆମର ସୁପ୍ରତିଷ୍ଠିତ ବ୍ୟାଙ୍କଆସ୍ୟୁରାନ୍ସ ବ୍ୟବସାୟ ସହିତ ପରିପୂରକ ଭାବରେ ଆମର ଆବଣ୍ଟନ ନେଟୱର୍କକୁ ପରିବ୍ୟାପ୍ତ ଓ ବିବିଧକୃତ କରିବା ଅନୁରୂପ ହୋଇଛି ଏବଂ ଏହା ଆମକୁ ଏକ ବହୁଧା-ଚାନେଲ ଆବଣ୍ଟନ ସଂଗଠନ ଭାବରେ ରୂପାନ୍ତରିତ କରୁଛି । ଇଣ୍ଡିଆଫାଷ୍ଟ ଲାଇଫ୍ ଜନସାଧାରଣଙ୍କ ନିକଟରେ ପହଞ୍ଚିବା କ୍ଷେତ୍ରରେ ନିୟୋଜିତ ରହିବ ଏବଂ '୨୦୪୭ ସୁଦ୍ଧା ସମସ୍ତଙ୍କ ପାଇଁ ବୀମା' ନିମନ୍ତେ ବୀମା ନିୟାମକ ସଂସ୍ଥାର ଲକ୍ଷ୍ୟ ପ୍ରତି ପୁନଃ ଅବଦାନ ରଖିବା ଦିଗରେ ବୀମା ଓ ଆର୍ଥିକ ଯୋଜନା ପ୍ରସ୍ତୁତିକୁ ଗୁରୁତ୍ୱ ଦେବ ।



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଚଳିତ ଆଇଏସ୍ଏଲ୍‌ରେ ଗୁରୁବାର ଓଡ଼ିଶା ଏଫ୍‌ସି ଚମତ୍କାର ଭାବେ ଇଷ୍ଟବେଙ୍ଗଲ୍ ଏଫ୍‌ସିକୁ ତା' ନିଜ ପଡ଼ିଆରେ ହରାଇଛି। କୋଲ୍‌କାତାର ସଲ୍ଟ ଲେକ୍‌ସ୍ଥିତ ବିବେକାନନ୍ଦ କ୍ରୀଡ଼ା ଭାରତୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ଏହି ମ୍ୟାଚ୍‌ରେ ଓଡ଼ିଶା ଏଫ୍‌ସି ୨-୧ ଗୋଲ୍‌ରେ ବିଜୟୀ ହୋଇ ପଏଣ୍ଟ ଟେବୁଲ୍‌ର ତୃତୀୟ ସ୍ଥାନକୁ ଉନ୍ନୀତ ହୋଇଛି। ବିଗତ ୫ ମ୍ୟାଚରେ ଅପରାଜିତ ରହିଥିବା ଏହି ଭୁବନେଶ୍ୱର ଦଳ ତୃତୀୟ ବିଜୟ ପାଇଛି। ପ୍ରଥମାର୍ଦ୍ଧରେ ଜ୍ୟାକସନ୍ ସିଂହ ଲାଲକାର୍ଡ (୪୩ ମିନିଟ) ପାଇବାରୁ ଇଷ୍ଟ ବେଙ୍ଗଲ୍ ୧୦ ଜଣରେ ଖେଳିଥିଲା। ଏହା ସତ୍ତ୍ୱେ ଦ୍ୱିତୀୟାର୍ଦ୍ଧର ୫୩ତମ ମିନିଟରେ ଲାଲଚୁଙ୍ଗନୁଙ୍ଗାଙ୍କ ଗୋଲ୍ ବଳରେ ଘରୋଇ ଦଳ ଅଗ୍ରଣୀ ନେଇଯାଇଥିଲା। ଏହି ଅଗ୍ରଣୀ ଅଧିକ ସମୟ ରହି ନଥିଲା। ୫୫ତମ ମିନିଟରେ ଜେରି ମାହିଓ୍ୱଙ୍ଗଥାଙ୍ଗା ଗୋଲ୍ ଓଡ଼ିଶାକୁ ପ୍ରତ୍ୟାବର୍ତ୍ତନ ସ ?ଯୋଗ ଦେଇଥିଲା। ୮୧ତମ ମିନିଟ୍‌ରେ ହୁଗୋ ?ବେ ?ମସ୍ ?ଙ୍କ ଗୋଲ୍ ନିର୍ଣ୍ଣାୟକ ହୋଇଥିଲା। ଓଡ଼ିଶା ୧୨ ମ୍ୟାଚ୍‌ରୁ ୧୯ ପଏଣ୍ଟ ପାଇଥିବା ବେଳେ ମୋହନ ବାଗାନ ଏଫ୍‌ସି ଓ ବେଙ୍ଗାଲୁରୁ ଏଫ୍‌ସି ଯଥାକ୍ରମେ ସମାନ ୨୩ ପଏଣ୍ଟ ପାଇ ଯଥାକ୍ରମେ ପ୍ରଥମ ଓ ଦ୍ୱିତୀୟ ସ୍ଥାନରେ ରହିଛନ୍ତି।



# ଦୂତି ଚାନ୍ଦଙ୍କ କାର୍ ଦୁର୍ଘଟଣାଗ୍ରସ୍ତ

କଟକ (ଭାସ୍କର ନ୍ୟୁଜ୍) : ଅଲିମ୍ପିଆନ ଦୂତି ଚାନ୍ଦଙ୍କ କାର ୧୬ ନମ୍ବର ଜାତୀୟ ରାଜପଥର କଟକ ମଧୁପାଟଣା ନିକଟରେ ଗୁରୁବାର ରାତି ପ୍ରାୟ ୮ଟାରେ ଦୁର୍ଘଟଣାଗ୍ରସ୍ତ ହୋଇଛି। ତେବେ ଦୂତି ସୁରକ୍ଷିତ ଥିବାବେଳେ ତାଙ୍କ କାର କ୍ଷତିଗ୍ରସ୍ତ ହୋଇଛି। ଥାନାରେ ହୋଇଥିବା ଅଭିଯୋଗ ଅନୁଯାୟୀ, ଦୂତି କୌଣସି କାର୍ଯ୍ୟକ୍ରମରେ ଯୋଗଦେଇ ଯାଜପୁରରୁ ଭୁବନେଶ୍ୱର ଅଭିମୁଖେ କାର୍‌ରେ ଆସୁଥିଲେ। ମଧୁପାଟଣା ନିକଟରେ ତାଙ୍କ କାରକୁ ଏକ ଟ୍ରକ୍ ଧକ୍କା ଦେଇଥିଲା। ପରେ ଟ୍ରକ୍ ଚାଳକ ତାଙ୍କୁ ଦୁର୍ବ୍ୟବହାର କରି ପଳାଇ ଯାଉଥିଲା। ହେଲେ ଦୂତି ଗୋଡ଼ାଇ ଗୋଡ଼ାଇ ଉକ୍ତ ଟ୍ରକ୍ ?କୁ କାବୁ କରିଥିଲେ। ଖବରପାଇ ମଧୁପାଟଣା ପୁଲିସ ପହଞ୍ଚି ଦୁର୍ଘଟଣା ଘଟାଇଥିବା ଟ୍ରକ୍‌କୁ ଜବତ କରିବା ସହ ଚାଳକଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରୁଛି। ଏନେଇ ଦୂତି ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ।(ନଂ.୩୩୧/୨୪) ରୁଜୁ କରିଥିବା ଆଇଆଇସି ଚିତ୍ତରଞ୍ଜନ ରାଉତ ସୂଚନା ଦେଇଛନ୍ତି।



### ସର୍ବ ଭାରତୀୟ 'ଟାଙ୍ଗୀ କପ୍' ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟ

# ସେମିରେ କ୍ୟାପିଟାଲ ଫୁଟବଲ ଏକାଡେମୀ

ଟାଙ୍ଗୀ (ଭାସ୍କର ନ୍ୟୁଜ୍) : ଖୋର୍ଦ୍ଧା ଜିଲ୍ଲାର ଟାଙ୍ଗୀ ଚିଲିକା ଷ୍ଟାଡିୟମରେ ଅନୁଷ୍ଠିତ ହେଉଥିବା ସର୍ବ ଭାରତୀୟ ଟାଙ୍ଗୀ କପ୍ ମହିଳା ଫୁଟବଲ ଟୁର୍ଣ୍ଣାମେଣ୍ଟର ଆଜିର ମ୍ୟାଚରେ ରାଞ୍ଚି ଝାଡ଼ଖଣ୍ଡକୁ ୩-୦ ଗୋଲରେ ହରାଇ କ୍ୟାପିଟାଲ ଫୁଟବଲ ଏକାଡେମୀ, ଭୁବନେଶ୍ୱର ପ୍ରଥମ ସେମି ଫାଇନାଲରେ ଏଣ୍ଟ୍ରି କରିଛନ୍ତି। ଅତିଥି ଭାବରେ ଆୟୋଜକ କମିଟିର ସଭାପତି ତପନ ମହାନ୍ତି, ଅତିରିକ୍ତ ତହସିଲଦାର (ଟାଙ୍ଗୀ) ସନାତନ ମଲ୍ଲିକ, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ (ଖୋର୍ଦ୍ଧା) ରାମଚନ୍ଦ୍ର ମହାପାତ୍ର, ଅବକାରୀ ବିଭାଗର ଅଧିକାରୀ ରାମଚନ୍ଦ୍ର ଜେନା ଓ ଅମରେନ୍ଦ୍ର କୁମାର ଶତପଥୀ, ସସ୍ମିତା ସେଠୀ, ମନୋଜ କୁମାର ଜଦସିଂହ, ବ୍ରଜବନ୍ଧୁ ଦାସ, ଆଇନଜୀବୀ ବିଶ୍ୱଜିତ ରାଉତରାୟ, ଆୟୋଜକ କମିଟିର ସମ୍ପାଦକ ନିରଞ୍ଜନ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବିଶେଷ ଯୋଗ ଦେଇ ଖେଳାଳି ମାନଙ୍କୁ ଉତ୍ସାହିତ କରିଥିଲେ।

### ଜାନକୀ ପାଢ଼ୀ ସ୍ମାରକୀ ଦିବାରାତ୍ର ଫୁଟବଲ୍ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

# ମରାଠୀ ଏକାଦଶ ଓ ଡିଏଫ୍ଏ ବିଜୟୀ



ବୋଲଗଡ (ଭାସ୍କର ନ୍ୟୁଜ୍) : ବୋଲଗଡ଼ ମହୋତ୍ସବ ଅବ୍ୟବହିତ ପୂର୍ବରୁ ସ୍ଥାନୀୟ ଫ୍ରେଣ୍ଡସ କ୍ଲବ ଆୟୋଜନରେ ଜାନକୀ ପାଢ଼ୀ ସ୍ମାରକୀ ରାଜ୍ୟ ସ୍ତରୀୟ ଦିବାରାତ୍ର ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ବାମନ ସରକାରୀ ଉଚ୍ଚ ବିଦ୍ୟାଳୟ ଖେଳପଡ଼ିଆରେ ନକଆଉଟ ଭିତ୍ତିରେ ଅନୁଷ୍ଠିତ ଏହି ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନ ଦିବସରେ ୨ଟି ମ୍ୟାଚ ଖେଳାଯାଇଥିଲା। ଅପରାହ୍ନରେ ଅନୁଷ୍ଠିତ ପ୍ରଥମ ମ୍ୟାଚରେ ନୟାଗଡର ଯଦୁମଣି କ୍ଲବ ଓ ଭଞ୍ଜନଗରର ମରାଠୀ ଏକାଦଶ ମଧ୍ୟରେ ମୁକାବିଲା ହୋଇଥିଲା ବେଳେ ନିର୍ଦ୍ଧାରିତ ସମୟ ମଧ୍ୟରେ କୌଣସି ଦଳ ଗୋଲ କରି ନପାରିବାରୁ ଫଳାଫଳ ନିର୍ଣ୍ଣୟ ପାଇଁ ଟାଇବ୍ରେକର ପେନାଲ୍ଟି ସୁଟର ସହାୟତା ନିଆଯାଇଥିଲା। ଏଥିରେ ଭଞ୍ଜନଗରର ମରାଠୀ ଏକାଦଶ ୪-୨ ଗୋଲ ବ୍ୟବଧାନରେ ନୟାଗଡର ଯଦୁମଣି କ୍ଲବକୁ ପରାସ୍ତ କରିଛି।ଏହି ମ୍ୟାଚଟିକୁ ସାମାଜିକକର୍ମୀ ବ୍ରଜବନ୍ଧୁ ସୁବୁଦ୍ଧି ମୁଖ୍ୟ ଅତିଥି ରୂପେ ଯୋଗଦେଇ ଉଦ୍‌ଘାଟନ କରିଥିବା ବେଳେ, ମହୋତ୍ସବ କମିଟି ସମ୍ପାଦକ ବୀର ଦାସ, ଗୋପାଳପୁର ସରପଞ୍ଚ ପ୍ରଦୀପ କୁମାର ବାରିକ ଓ ଶ୍ରୀଧର ଦତ୍ତ ପ୍ରମୁଖ ଉପସ୍ଥିତ ଥିଲେ।ସେହିପରି ସନ୍ଧ୍ୟା ପରେ ଫ୍ଲଡ ଲାଇଟରେ ଅନୁଷ୍ଠିତ ଦ୍ୱିତୀୟ ମ୍ୟାଚରେ ବୌଦ୍ଧର ଆର ସ୍ପୋର୍ଟିଂ ଓ ଯାଜପୁରର ଡିଏଫଏ ପରସ୍ପରକୁ ଭେଟିଥିଲେ।ଏଥିରେ ଯାଜପୁର ଦଳ ୨-୦ ଗୋଲ ବ୍ୟବଧାନରେ ବୌଦ୍ଧ ଦଳକୁ ପରାସ୍ତ କରିଛି।ଖେଳ ପ୍ରଥମାର୍ଦ୍ଧ ଗୋଲଶୂନ୍ୟ ରହିଥିବା ବେଳେ ଦ୍ୱିତୀୟାର୍ଦ୍ଧରେ ଯାଜପୁରର ୧୪ ନମ୍ବର ଜର୍ସି ଖେଳାଳି ଚିଣ୍ଟୁ ଦାସ ଦୁଇଟି ଗୋଲ ସ୍କୋର କରି ଦଳକୁ ବିଜୟୀ କରାଇଥିଲେ।ଏହି ମ୍ୟାଚରେ ମୁଖ୍ୟଅତିଥି ଭାବେ ସ୍ଥାନୀୟ ବିଡ଼ିଓ ଶରତ ମଲ୍ଲିକ ଏବଂ ସମ୍ମାନିତ ଅତିଥି ଭାବେ ସାମାଜିକକର୍ମୀ ତ୍ରିନାଥ ସ୍ୱାଇଁ, ସାନପଦର ସମିତି ସଭ୍ୟ ଦିଲୀପ ମହାପାତ୍ର ଓ ଭାରପ୍ରାପ୍ତ ପ୍ରଧାନଶିକ୍ଷକ ପୀତବାସ ଲେଙ୍କା ଉପସ୍ଥିତରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ।ମ୍ୟାଚ ଦୁଇଟିଙ୍କୁ ରେଫରି ଭାବେ ଏମ.ଏସ ବେଗ,ଭଞ୍ଜକିଶୋର ଯତି,ସରୋଜ ମହାରଣା ଓ ଲକ୍ଷ୍ମୀଧର ଚୌଧୁରୀ ପ୍ରମୁଖ ପରିଚାଳନା କରିଥିଲେ।ଫ୍ରେଣ୍ଡସ କ୍ଲବ ପକ୍ଷରୁ ଅଶ୍ୱିନୀ ପଟ୍ଟନାୟକ,ରାକେଶ ମହାପାତ୍ର,ଜିତେନ୍ଦ୍ର ମାର୍ଥା ପ୍ରମୁଖଙ୍କ ସମେତ ଅନ୍ୟମାନେ ସହଯୋଗ କରୁଥିଲେ।ପାଢ଼ୀ ଟ୍ୟୁଟୋରିଆଲ ପ୍ରତିଷ୍ଠାତା ତଥା ବୋଲଗଡ଼ ମହୋତ୍ସବର ଜନକ ସ୍ୱର୍ଗତଃ ରୋଟରିଆନ ଜାନକୀ ବଲ୍ଲଭ ପାଢ଼ୀଙ୍କ ବୋଲଗଡ଼ ଅଞ୍ଚଳ ପ୍ରତି ଅବିସ୍ମରଣୀୟ ଅବଦାନ ସ୍ମୃତିରେ ମହୋତ୍ସବ ଆରମ୍ଭ ପୂର୍ବରୁ ପ୍ରତ୍ୟେକ ବର୍ଷ ଏହି ଫୁଟବଲ ଟୁର୍ଣ୍ଣକ୍ଷମେଣ୍ଟ ଆୟୋଜନ କରାଯାଇ ତାଙ୍କପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଉଛି।ଏହି ଟୁର୍ଣ୍ଣକ୍ଷମେଣ୍ଟ ଆରମ୍ଭ ହେବାସହ ବୋଲଗଡ଼ ମହୋତ୍ସବ ପର୍ବର ଅୟମାରମ୍ଭ ହୋଇଜାଇଛି।

# ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଘାଟିତ

କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକ ଛିଲିପାମାଲ ଖେଳ ପଡିଆଠାରେ ଗୁରୁବାର ନକ୍ ଆଉଟ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ଉଦଘାଟନୀ ମ୍ୟାଚରେ ନାଇକାଣୀଗୁମା ବିଜୟୀ ହୋଇଥିବା ବେଳେ ଦିତୀୟ ମ୍ୟାଚ୍ ରେ ଶରଦାପୁର ଟିମ୍ ଚିତାମୁଣ୍ଡାକୁ ହରାଇ ବିଜୟୀ ହୋଇଛି। ପ୍ରଥମ ମ୍ୟାଚ ନାଇକାଣୀଗୁମା ଓ ଶକ୍ତି-୧୧ ବୋଡ଼େନ ମଧ୍ୟରେ ଖେଳ ହୋଇଥିଲା। ବୋଡ଼େନ ଟସ୍ ଜିଣି ପ୍ରଥମେ ଫିଲଡିଙ୍ଗର ନିଷ୍ପତି ନେଇଥିଲା। ନାଇକାଣୀଗୁମା ଟିମ୍ ବ୍ୟାଟିଂ କରି ନିର୍ଦ୍ଧାରିତ ୧୦ ଓଭର ମଧ୍ୟରେ ୫ ୱାଇକେଟ ହରାଇ ୧୨୧ ରନ ସଂଗ୍ରହ କରିଥିଲା। ୧୨୨ ରନ୍ ବିଜୟ ଲକ୍ଷନେଇ ବୋଡ଼େନ ପଡିଆକୁ ଓହ୍ଲାଇବା ବେଳେ ୯୧ ରନ କରି ସମସ୍ତ ୱାଇକେଟ ହରାଇ ପରାସ୍ତ ହୋଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ ଧର୍ମଗଡ଼ ଶରଦାପୁର ଓ ଚିତାମୁଣ୍ଡା ମଧ୍ୟରେ ହୋଇଥିଲା। ଚିତାମୁଣ୍ଡା ଟିମ୍ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭର ମଧ୍ୟରେ ୮୩ ରନ ସଂଗ୍ରହ କରିଥିଲା। ଜବାବରେ ସରଦାପୁର ଟିମ୍ ୭ ଓଭରରେ ୮୪ ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା। ଉଦଘାଟନୀ ଦିବସରେ ପ୍ରବୀର କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗଦେଇ ଥିଲେ। ପ୍ରଦୀପ୍ତ କଟା, ଶ୍ରୀଧର ମାଝୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦେବେନ୍ଦ୍ର ସାଗର ଓ ପ୍ରେମାନନ୍ଦ ଖର୍ସେଲ ଅମ୍ପାୟାର ଭାବରେ ରହି ଖେଳ ପରିଚାଳନା କରିଥିଲେ। ସ୍କୋରବୋର୍ଡ ଦାୟିତ୍ୱରେ ଜିତେନ୍ଦ୍ର ଖର୍ସେଲ ଓ ଧାରାବିବରଣୀ ଉତ୍ତମ ଖର୍ସେଲ ରହିଥିଲେ। ମାଉଲି କ୍ରିକେଟ କ୍ଲବର କର୍ମକର୍ତ୍ତା ମାନେ ସହଯୋଗ କରିଥିଲେ।



# ଭୀମକେଲା ଉଚ୍ଚବିଦ୍ୟାପୀଠର ବାର୍ଷିକ କ୍ରୀଡା ଉତ୍ସବ



ନର୍ଲା(ଭାସ୍କର ନ୍ୟୁଜ): ନର୍ଲା ବ୍ଲକ ଅନ୍ତର୍ଗତ ଭୀମକେଲା ଗ୍ରାମ ପଞ୍ଚାୟତ ଉଚ୍ଚବିଦ୍ୟାପୀଠର ୩୪ ତମ ବାର୍ଷିକ କ୍ରୀଡା ଓ ବାର୍ଷିକ ଉତ୍ସବ ମହାସମାରୋହରେ ଆୟୋଜିତ ହୋଇ ଯାଇଛି।ଗତ ୯ ତାରିଖରେ ସ୍ଥାନୀୟ ରାମେଶ୍ୱର ମହାଦେବ ମନ୍ଦିରରୁ ମଶାଲ ଆସି କ୍ରୀଡା ପଡ଼ିଆରେ ସ୍ଥାପନ କରାଯାଇ ମୁଖ୍ୟ ଅତିଥି ସରପଂଚ ଜାନକୀ ଗଉଡଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଦୁଇ ଦିନ ଧରି ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କୁ ନେଇ ୧୦୦/୨୦୦ମି ଦୌଡ଼, ଲମ୍ବ ଡିଆଁ,ଉଚ୍ଚ ଡିଆଁ, ଥାଳିଆ ଫିଙ୍ଗା, ଗୋଳା ଫିଙ୍ଗା ଓ ଛାତ୍ର ରାମେଶ୍ୱର କ୍ରିକେଟ ଦଳ ଓ କଳାପାହାଡ଼ କ୍ରିକେଟ ଛାତ୍ରଦଳ ମଧ୍ୟରେ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଆୟୋଜିତ ହୋଇଥିଲା। ଏଥିରେ ରାମେଶ୍ୱର କ୍ରିକେଟ ଦଳ ବିଜୟୀ ହୋଇ ଟ୍ରଫି ଅକ୍ତିଆର କରିଥିଲେ। ତୃତୀୟ ଦିବସରେ ଏହାର ପୁରସ୍କାର ବିତରଣୀ ଉତ୍ସବ ଓ ବାର୍ଷିକ ଉତ୍ସବ ଆୟୋଜିତ ହୋଇଥିଲା। ବିଦ୍ୟାଳୟ ପ୍ରଧାନ ଶିକ୍ଷକ ମଧୁସୂଦନ ଦାଶଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ସମାରୋହ କାର୍ଯ୍ୟକ୍ରମରେ ନର୍ଲା ଗୋଷ୍ଠୀ ଶିକ୍ଷା ଅଧିକାରୀ ତପିମଣି ଜାନୀ ମୁଖ୍ୟ ଅତିଥି ଭାବରେ ଯୋଗଦେଇ କ୍ରୀଡ଼ାରେ ବିଜୟୀ ପ୍ରତିଭାଗୀ ମାନଙ୍କୁ ପୁରସ୍କୃତ କରିଥିଲେ। ଏବିଇଓ ଗୋବର୍ଦ୍ଧନ ମାଝୀ ମୁଖ୍ୟ ବକ୍ତା ଭାବେ ଯୋଗଦାନ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ଲୁକ୍କାୟିତ ପ୍ରତିଭାଙ୍କୁ ବିକଶିତ କରିବାର ସୁଯୋଗକୁ ହାତଛଡ଼ା ନ କରିବା ପାଇଁ ଆହ୍ୱାନ କରିଥିଲେ। ଏଥିରେ ସମ୍ମାନୀତ ଅତିଥି ରୂପେ ଭୀମକେଲା ଗ୍ରାମ ପଞ୍ଚାୟତର ସରପଞ୍ଚ ଜାନକୀ ଗଉଡ,ସମିତିସଭ୍ୟା ସୁମିତ୍ରା ମାଝୀ, ବିଦ୍ୟାଳୟ ସଭାପତି ଝଜ ସା ପ୍ରମୁଖ ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ଶ୍ରେଷ୍ଠ କ୍ରୀଡାବିତ ଭାବେ ଟଙ୍କେଶ୍ୱରୀ ବଗର୍ତ୍ତି ଓ ଆଶିଷ କରୁଆଁଙ୍କ ନାମ ଘୋଷଣା ହୋଇଥବା ବେଳେ ମଞ୍ଚପରିଚାଳନା କାର୍ଯ୍ୟ ପୁରାତନ ଛାତ୍ର ହେମନ୍ତ କୁମାର ସାହୁ ଓ ଧନ୍ୟବାଦ ଅର୍ପଣ ଶିକ୍ଷକ ନୃସିଂହ ଚରଣ ଦଲାଇ ପ୍ରଦାନ କରିଥିଲେ। ଶେଷରେ ବିଦ୍ୟାଳୟର ଛାତ୍ରଛାତ୍ରୀମାନଙ୍କ ନେଇ ବାର୍ଷିକ ଉତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା।ଶିକ୍ଷକ କେଶବ ମହାପାତ୍ର,ରାଜିବ କୁମାର ଦାଶ, କର୍ମଚାରୀ ତୀର୍ଥ କରୁଆଁ, କିଶୋର କରୁଆଁ, ଥବିର ବୈଠାରୁ ପ୍ରମୁଖ ସମସ୍ତ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଯଶସ୍ୱୀ ଉପରେ ରାଗିଗଲେ ରୋହିତ

ନୂଆଦିଲ୍ଲୀ : ବର୍ଡର-ଗାଭାସ୍କର ଟ୍ରଫିର ତୃତୀୟ ମ୍ୟାଚ୍ ୧୪ ତାରିଖରୁ ଆରମ୍ଭ ହେବ । ଏହି ମ୍ୟାଚ୍ ବ୍ରିସବେନ୍ କ୍ରିକେଟ ଗ୍ରାଉଣ୍ଡ ଗାବାରେ ଖେଳାଯିବ। ଭାରତୀୟ କ୍ରିକେଟ୍ ଦଳ ବ୍ରିସବେନରେ ପହଞ୍ଚି ସାରିଛି। ତେବେ ବ୍ରିସ୍‌ବେନ ଆସିବା ପୂର୍ବରୁ ଆଡିଲେଡ୍‌ରେ ଯୁବ କ୍ରିକେଟ ଯଶସ୍ୱୀ ଜୈସ୍‌ୱାଲଙ୍କ ଉପରେ ରାଗି ଯାଇଥିଲେ ରୋହିତ ଶର୍ମା। ଏମିତିକି ତାଙ୍କୁ ହୋଟେଲରେ ଛାଡ଼ି ପୂରା ଟିମ୍ ବ୍ରିସ୍‌ବେନ ଅଭିମୁଖେ ଯାତ୍ରା କରିବା ପାଇଁ ଆଡିଲେଡ୍ ବିମାନ ବନ୍ଦରକୁ ଚାଲି ଯାଇଥିଲା। ଆଡିଲେଡ୍‌ରୁ ବ୍ରିସବେନ ଯିବା ପାଇଁ ଟିମ୍ ଇଣ୍ଡିଆର ଖେଳାଳି, କୋଚ୍ ଓ ଅନ୍ୟ ସମସ୍ତ ସଦସ୍ୟମାନେ ହୋଟେଲ୍ ଲବିରେଏକାଠି ହୋଇଥିଲେ।। ଆଡିଲେଡ୍ ବିମାନ ବନ୍ଦର ପର୍ଯ୍ୟନ୍ତ ଯିବା ନିମନ୍ତେ ସେମାନଙ୍କ ପାଇଁ ଦୁଇଟି ବସ୍‌ର ବ୍ୟବସ୍ଥା ହୋଇଥିଲା। ସମସ୍ତେ ଲବିରେ ପହଞ୍ଚି ଯାଇଥିଲେ ହେଲେ ଯଶସ୍ୱୀ ଜୈସ୍‌ୱାଲଙ୍କ ଦେଖା ମିଳି ନଥିଲା। ଅଳ୍ପ ସମୟ ମଧ୍ୟରେ ସେ ଆସିଯିବେ ଭାବି ସମସ୍ତ ଖେଳାଳି ସେମାନଙ୍କ ପାଇଁ ଉଦ୍ଦିଷ୍ଟ ବସ୍‌ରେ ଯାଇ ବସିଥିଲେ। ସେମାନେ ସେଠାରେ ଯଶସ୍ୱୀଙ୍କୁ ଅପେକ୍ଷା କଲେ। କିଛି ସମୟ ଅପେକ୍ଷା କରିବା ସତ୍ତ୍ୱେ ଆସି ନଥିଲେ ଯଶସ୍ୱୀ। ତେଣୁ ଅଧିନାୟକ ରୋହିତ ଶର୍ମା ରାଗି ଯାଇଥିଲେ ଓ ସେମାନେ ବିମାନ ବନ୍ଦର ଅଭିମୁଖେ ଯାତ୍ରା କରିବାକୁ ନିଷ୍ପତ୍ତି ନେଇଥିଲେ । ଦୁଇଟି ଯାକ ବସ୍ ତାଙ୍କୁ ଛାଡ଼ି ବିମାନ ବନ୍ଦର ଅଭିମୁଖେ ଯାତ୍ରା କରିଥିଲା।

# ବର୍ଡର ଗାଭାସ୍କର ଟ୍ରଫି : ଗାବା ଟେଷ୍ଟ ପାଇଁ ଦଳ ଘୋଷଣା କଲା ଅଷ୍ଟ୍ରେଲିଆ




ନୂଆଦିଲ୍ଲୀ : ଭାରତ-ଅଷ୍ଟ୍ରେଲିଆ ଭିତରେ ଖେଳାଯାଉଥିବା ବର୍ଡର ଗାଭାସ୍କର ଟ୍ରଫିର ତୃତୀୟ ଟେଷ୍ଟ ଶନିବାର ଠାରୁ ଆରମ୍ଭ ହେବାକୁ ଯାଉଛି । ଆଉ ଏହା ପୂର୍ବରୁ ଗାବା ଟେଷ୍ଟ ପାଇଁ ଦଳ ଘୋଷଣା କରିଛି ଅଷ୍ଟ୍ରେଲିଆ । ଗାବା ଟେଷ୍ଟରେ ପଡିଆକୁ ଓହ୍ଲେଇବାକୁ ଥିବା ପ୍ଲେଇଙ୍ଗ୍-୧୧ର ନାଁ ଦଳ ପକ୍ଷରୁ ଘୋଷଣା କରାଯାଇଛି । ଯେଉଁଥିରେ ଦଳକୁ ହେଜେଲଉଡ୍ ପୁଣି ପ୍ରତ୍ୟାବର୍ତ୍ତନ କରିଥିବାବେଳେ ସ୍କଟ ବୋଲାଣ୍ଡ ଦଳରୁ ବାଦ୍ ପଡିଛନ୍ତି। ବର୍ଡର ଗାଭାସ୍କର ଟ୍ରଫି ଏବେ ୧-୧ରେ ବରାବର ଅଛି । ତେଣୁ ଗାବା ଟେଷ୍ଟରେ ବିଜୟ ହାସଲ କରି ଉଭୟ ଦଳ ସିରିଜରେ ଲିଡ୍ ନେବାକୁ ଲକ୍ଷ୍ୟ ରଖିଛନ୍ତି । ଖାସ୍ କରି ଟିମ୍ ଇଣ୍ଡିଆ ଗାବାରେ ପୁଣିଥରେ ବିଜୟ ହାସଲ କରିବାକୁ ରଣନୀତି ପ୍ରସ୍ତୁତ କରୁଛି । ଅନ୍ୟପଟେ ଅଷ୍ଟ୍ରେଲିଆ ଏଥର ଚୂଡାନ୍ତ ଏକାଦଶରେ ପରିବର୍ତ୍ତନ କରି ପଡିଆକୁ ଓହ୍ଲେଇବ, ତେଣୁ ଟିମ୍ ଇଣ୍ଡିଆ କେଉଁ କେଉଁ ଖେଳାଳିଙ୍କୁ ନେଇ ପଡିଆକୁ ଓହ୍ଲାଇବ ତାକୁ ନେଇ ଏବେ ଚର୍ଚ୍ଚା ବଢ଼ିଛି। ଅଷ୍ଟ୍ରେଲିଆ ଚୂଡାନ୍ତ ଏକାଦଶ: ଉସମାନ ଖୱାଜା, ନାଥନ ମ୍ୟାକସ୍ୱିନୀ, ମାର୍ନସ ଲାବୁଶେନ, ଷ୍ଟିଭ ସ୍ମିଥ, ଟ୍ରାଭିସ ହେଡ୍ ?, ମିଚେଲ ମାର୍ଶ, ଆଲେକ୍ସ କେରୀ (ୱିକେଟ କିପର), ପାଟ କମିନ୍ସ (ଅଧିନାୟକ), ମିଚେଲ ଷ୍ଟାର୍କ, ନାଥନ ଲିୟନ ଓ ଜୋସ ହାଜେଲଉଡ୍। ଭାରତୀୟ ଟିମରେ ମଧ୍ୟ ଦୁଇଟି ପରିବର୍ତ୍ତନ ହେଇପାରେ । ଚୂଡାନ୍ତ ଏକାଦଶରୁ ବାଦ୍ ପଡିପାରନ୍ତି ଆର୍ ଅଶ୍ୱିନୀ ଏବଂ ହର୍ଷିତ ରାଣା । ତାଙ୍କ ବଦଳରେ ୱାସିଂଟନ୍ ସୁନ୍ଦର ଏବଂ ଆକାଶ ଦୀପଙ୍କୁ ଦଳରେ ସୁଯୋଗ ମିଳିପାରେ ବୋଲି ଅନୁମାନ କରାଯାଉଛି ।

### ରାଜ୍ୟସ୍ତରୀୟ ଭାରଉତ୍ତୋଳନ ପ୍ରତିଯୋଗିତା

# ଭୁବନେଶ୍ୱର ଗସ୍ତ କଲେ ଆସିକାର ତିନି ଖେଳାଳି

ଆସିକା (ଭାସ୍କର ନ୍ୟୁଜ୍) : ରାଜ୍ୟ ସ୍ତରୀୟ କନିଷ୍ଠ ଭାରଉତ୍ତୋଳନ ପ୍ରତିଯୋଗିତାରେ ଅଂଶ ଗ୍ରହଣ କରିବା ପାଇଁ ଆସିକା ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିୟମର ତିନି ଜଣ ଖେଳାଳି ଭୁବନେଶ୍ୱର କଳିଙ୍ଗ ଷ୍ଟାଡିୟମକୁ ଗସ୍ତ କରିଛନ୍ତି। ଆସନ୍ତା ୧୪ଡିସେମ୍ବର ରୁ ୧୫ ଡିସେମ୍ବର ଦୁଇ ଦିନ ଏହି ପ୍ରତିଯୋଗିତା ଅନୁଷ୍ଠିତ ହେବାକୁ ଯାଉଛି। ଆସିକା ବିଜୁ ପଟ୍ଟନାୟକ ବହୁମୁଖୀ ଇଣ୍ଡୋର ଷ୍ଟାଡିଅମ ର ପ୍ରଶିକ୍ଷକ ବାବୁ ଗୌଡ଼ ଙ୍କ ପ୍ରଚେଷ୍ଟା ଓ ଖେଳାଳି ମାନଙ୍କ ଖେଳୁଆଡ଼ ମନଭାବ ଯୋଗୁଁ ଆଜି ଏହି ଖେଳାଳି ମାନେ ଆଜି କଳିଙ୍ଗ ଷ୍ଟାଡିୟମ ଗସ୍ତ କରିଛନ୍ତି ବୋଲି ଆସିକା କ୍ରୀଡା ବିତ ଅନିଲ କୁମାର ପାଣିଗ୍ରାହୀ, ଅନିଲ କୁମାର ସ୍ୱାଇଁ, ପ୍ରଶାନ୍ତ କୁମାର ମୁନି, ଦିଲ୍ଲୀପ କୁମାର ପାଣିଗ୍ରାହୀ, ତାରିଣୀ ସେନାପତି ମତବ୍ୟକ୍ତ କରିଛନ୍ତି।ଏହି ପ୍ରତିଯୋଗିତା ପାଇଁ ପ୍ରଶିକ୍ଷକ ବାବୁ ଗୌଡ଼ ଆସିକା ରାମକୃଷ୍ଣ ଆଦର୍ଶ ବିଦ୍ୟାମନ୍ଦିର ୫ମ ଶ୍ରେଣୀର ଛାତ୍ର ଅଂଶୁମାନ ହୋତା, ମମ ସ୍କୁଲ ର ଅଷ୍ଟମ ଶ୍ରେଣୀର ଛାତ୍ର ଟି. ସଂନ୍ଦୀପ କୁମାର ଦାସ ଓ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ର ଅଷ୍ଟମ ଶ୍ରେଣୀର ଛାତ୍ରୀ ସୁଶ୍ରୀତା ମହାନ୍ତି ଶୁକ୍ରବାର ଗସ୍ତ କରିଛନ୍ତି।




# ଆନ୍ତଃକ୍ଲାସ୍ ଫୁଟବଲ ପ୍ରତିଯୋଗିତାର ଜର୍ସି ଉନ୍ମୋଚିତ




ବାରିପଦା (ଭାସ୍କର ନ୍ୟୁଜ୍) : ବହୁ ବର୍ଷର ଅନ୍ତ ପରେ ଫୁଟବଲର ଗୌରବମୟ ଐତିହ୍ୟକୁ ଫେରାଇ ଆଣିବା ପାଇଁ ଏମ୍ କେ ସି ହାଇସ୍କୁଲର ପୁରାତନ ଛାତ୍ର ସଂସଦ ପକ୍ଷରୁ ଡିସେମ୍ବର ୧୭ ଓ ୧୮ ତାରିଖ ଦିନ ବାରିପଦା ଷ୍ଟାଡିୟମରେ ବିଦ୍ୟାଳୟର ଷଷ୍ଠରୁ ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରତିଭା ସମ୍ପନ୍ନ ଛାତ୍ରଙ୍କୁ ନେଇ ଆନ୍ତଃ କ୍ଲାସ୍ ଫୁଟବଲ ପ୍ରତିଯୋଗିତା ଆୟୋଜିତ ହେବ। ଏହି ଅବସରରେ ବିଦ୍ୟାଳୟର ପ୍ରଧାନଶିକ୍ଷକ ବାସନ୍ତୀ ଟୁଡୁଙ୍କ ପୌରହିତ୍ୟରେ ଓ ପୁରାତନ ଫୁଟବଲ ଖେଳାଳୀ ପ୍ରଦୀପ କିଶୋର ମହାନ୍ତିଙ୍କ ନେତୃତ୍ୱରେ ଏକ ବର୍ଣ୍ଣାଢ଼୍ୟ ପରିବେଶ ମଧ୍ୟରେ ଫୁଟବଲ ଖେଳାଳୀ ଛାତ୍ରମାନଙ୍କ ଦ୍ୱାରା ପ୍ରବଳ ଆନନ୍ଦ ଉଲ୍ଲାସ ମଧ୍ୟରେ ରଙ୍ଗ ବେରଙ୍ଗି ଜର୍ସିର ଉନ୍ମୋଚନ ସମାରୋହ ସ୍କୁଲ କ୍ୟାମ୍ପସ୍‌ରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ସଂସଦର ସଭାପତି ପୂର୍ଣ୍ଣେନ୍ଦୁ ଦାସ, ଉପସଭାପତି ଡ. ଅକ୍ଷୟ ଅଗ୍ରୱାଲ, ଉପଦେଷ୍ଟା ମାନସ ଷଡ଼ଙ୍ଗୀ, ସହ ସମ୍ପାଦକ ରବୀନ୍ଦ୍ର ସାହୁ, ବରିଷ୍ଠ ପୁରାତନ ଛାତ୍ର ଅମୂଲ୍ୟ ମିଶ୍ର, ହରିଶ ଷଡ଼ଙ୍ଗୀ, ଅନନ୍ତ ଦାଶ, ଅନ୍ତର୍ଯ୍ୟାମୀ ସାହୁ, ଅଶ୍ୱିନୀ ବ୍ରହ୍ମା ପ୍ରମୁଖ ଉପସ୍ଥିତ ଥିଲେ ଓ ଯୁବ ଶିକ୍ଷକ ଶାନ୍ତନୁ ଦାସ ସଂଯୋଜନା କରିଥିଲେ। ପ୍ରଥମ ଥର ପାଇଁ ଆରମ୍ଭ ହେବାକୁ ଥିବା ଆନ୍ତଃ କ୍ଲାସ ଅମଲେନ୍ଦୁ ଦାସ ଓ ବିନୟ ବାନାର୍ଜୀ ମେମୋରିଆଲ ଶିଲ୍ଡ ଫୁଟବଲ ପ୍ରତିଯୋଗିତାର ସଫଳ ରୂପାୟନ ପାଇଁ ବାରିପଦାର ଖେଳ ପ୍ରେମୀ ମାନଙ୍କ ସହଯୋଗ କାମନା କରାଯାଉଛି।

# ରିଲାଏନ୍ସ ଫାଉଣ୍ଡେସନ ଆଥଲେଟଙ୍କୁ ସଫଳତା, ଜିତିଲେ ୮ ସ୍ୱର୍ଣ୍ଣ



ଭୁବନେଶ୍ୱର (ଭାସ୍କର ନ୍ୟୁଜ୍) : ଚଳିତ ୭ ରୁ ୧୧ ଡିସେମ୍ବର ଭୁବନେଶ୍ୱରରେ ଅନୁଷ୍ଠିତ ହୋଇଥିବା ୩୯ତମ ଜାତୀୟ ଜୁନିଅର ଆଥଲେଟିକ୍ସ ଚାମ୍ପିଅନସିପରେ ଚମତ୍କାର ପ୍ରଦର୍ଶନ କରିଛନ୍ତି ରିଲାଏନ୍ସ ଫାଉଣ୍ଡେସନର ଯୁବ ଆଥଲିଟମାନେ। ଚାମ୍ପିଅନସିପରେ ଆଥଟିଲିମାନେ ୮ ଟି ସ୍ୱର୍ଣ୍ଣ, ୨ଟି ରୌପ୍ୟ ଏବଂ ୨ ଟି ବ୍ରୋଞ୍ଜ ପଦକ ସମେତ ମୋଟ ୧୨ଟି ପଦକ ଜିତିଛନ୍ତି। ପୁରୁଷ ୧୦୦ ମିଟର ଦୌଡ଼ରେ (୧୦.୫୦ ସେକେଣ୍ଡ) ଏବଂ ୨୦୦ ମିଟର ଦୌଡ଼ରେ (୨୧.୨୭ ସେକେଣ୍ଡ) ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ଏଚପିସିରେ ପ୍ରଶିକ୍ଷଣ ନେଉଥିବା ଆଥଲେଟ୍ ଦଣ୍ଡପତି ଜୟରାମ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ଏହା ସହିତ ସେ ମହେନ୍ଦ୍ର ସାନ୍ତା, ରାଜେନ୍ଦ୍ର ସିନ୍ଧୁ ଏବଂ ଆସ୍ତିକ ପ୍ରଧାନଙ୍କ ସହ ମିଶି ୪X୧୦୦ ମିଟର ରିଲେ ଦୌଡ଼ରେ ଏକ ନୂତନ ମିଟ୍ ରେକର୍ଡ (୪୧.୧୦ ସେକେଣ୍ଡ) ସୃଷ୍ଟି କରିଥିଲେ। ମହିଳା ବର୍ଗରେ ରିଲାଏନ୍ସ ଫାଉଣ୍ଡେସନର ସାକ୍ଷୀ ଚବନ ୧୦୦ ମିଟର (୧୧.୮୬ ସେକେଣ୍ଡ) ଏବଂ ୨୦୦ ମିଟର (୨୪.୧୪ ସେକେଣ୍ଡ) ରେ ସ୍ୱର୍ଣ୍ଣ ଜିତିବା ସହିତ ୨୦ ବର୍ଷରୁ କମ ବୟସ ବର୍ଗର ଶ୍ରେଷ୍ଠ ମହିଳା ଆଥଲେଟ୍ ଆଖ୍ୟା ଅର୍ଜନ କରିଛନ୍ତି। ଅନ୍ୟ ସ୍ୱର୍ଣ୍ଣ ପଦକ ମଧ୍ୟରେ ଓଁକାର ପ୍ରସାଦ ନନ୍ଦ ୧୯.୯୬ ମିଟର ଥ୍ରୋ ସହିତ ପୁରୁଷ ସଟପୁଟ ପ୍ରତିଯୋଗିତାରେ ବିଜୟ ଲାଭ କରିଥିଲେ। ପୁରୁଷ ୧୧୦ ମିଟର ବାଧା ଦୌଡ଼ରେ ସନ୍ଦୀପ ଗୋଣ୍ଡ (୧୪.୦୨ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିଭଳି ମହିଳା ୮୦୦ ମିଟର ଦୌଡ଼ରେ ଲକ୍ଷ୍ମୀପ୍ରିୟା କିଶାନ୍ ନିଜର ଛାପ ଛାଡିବା ସହିତ (୨:୧୪.୪୪ ସେକେଣ୍ଡ) ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ରୌପ୍ୟ ପଦକ ବିଜେତାମାନଙ୍କ ମଧ୍ୟରେ ସବିତା ଟପ୍ପୋ ମହିଳା ୧୦୦ ମିଟର ଦୌଡ଼ରେ (୧୪.୧୭ ସେକେଣ୍ଡ) ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ସେହିଭଳି ୪୦୦ ମିଟର ଦୌଡ଼ରେ (୪୬.୯୭ ସେକେଣ୍ଡ) ରେ ଆସ୍ତିକ ପ୍ରଧାନ ରୌପ୍ୟ ପଦକ ଜିତିଛନ୍ତି। ସେହିଭଳି ବ୍ରୋଞ୍ଜ ପଦକ ବିଜେତାମାନଙ୍କ ମଧ୍ୟରେ ପୁରୁଷ ଜାଭେଲିନ୍ ଥ୍ରୋରେ ଋଷଭ ଗିରି (୬୯.୮୩ ମିଟର) ଏବଂ ୧୬ ବର୍ଷରୁ କମ ପୁରୁଷ ବର୍ଗରେ ୬୦୦ ମିଟର ଦୌଡ଼ରେ ଅନି ସାଲବାମ୍ (୧:୨୨.୫୦ ସେକେଣ୍ଡ) ପଦକ ସ୍ଥାନରେ ରହିଥିଲେ। ଓଡ଼ିଶା ରିଲାଏନ୍ସ ଫାଉଣ୍ଡେସନ ଆଥଲେଟିକ୍ସ ଉଚ୍ଚ ପ୍ରଦର୍ଶନ କେନ୍ଦ୍ରର ମୁଖ୍ୟ ପ୍ରଶିକ୍ଷକ ମାର୍ଟିନ ଓୱେନ୍ସ ଖେଳାଳିଙ୍କ କଠିନ ପରିଶ୍ରମକୁ ପ୍ରଶଂସା କରି କହିଛନ୍ତି, 'ଏହି ସଫଳତା ସେମାନଙ୍କର ଉତ୍ସର୍ଗୀକୃତ ସାଧନା ଏବଂ ପ୍ରସ୍ତୁତିର ଫଳ। ଦଳର ସମର୍ଥନ ଏବଂ ଆଥଲେଟମାନଙ୍କ କଠିନ ପରିଶ୍ରମ ହିଁ ଏହି ଉତ୍ତମ ପ୍ରଦର୍ଶନ ସମ୍ଭବ କରିଛି।



ଷ୍ଟିକ୍ ଚପିଂ ବୋର୍ଡରେ ପରିବା କାଟିବା ଫଳରେ ସେଥିରେ ଥିବା ମାଇକ୍ରୋ ପ୍ଲାଷ୍ଟିକ୍ ଆମ ଶରୀର ଭିତରକୁ ଯାଇଥାଏ, ଯାହା ଅତ୍ୟନ୍ତ ଖରାପ। ବାରମ୍ବାର ଛୁରିରେ କାଟିବା ଫଳରେ ଏଥିରେ ହୋଇଥିବା ଦାଗ ସ୍ଥାନରେ ବ୍ୟାକ୍ଟେରିଆ ହେବାର ଆଶଙ୍କା ରହିଥାଏ। ପ୍ଲାଷ୍ଟିକ୍ ବିଘଟିତ ହୋଇ ନଷ୍ଟହେବା ପାଇଁ ହଜାର ହଜାର ବର୍ଷ ଲାଗିଥାଏ। ତେଣୁ ଶରୀରକୁ ଯାଉଥିବା ମାଇକ୍ରୋ ପ୍ଲାଷ୍ଟିକ୍ ନଷ୍ଟ ନ ହୋଇ ରକ୍ତରେ ମିଶିଯାଏ, ଯାହା ବହୁ ସମସ୍ୟା ସୃଷ୍ଟି କରିଥାଏ। କାଠର ବୋର୍ଡ ମଧ୍ୟ ବ୍ୟାକ୍ଟେରିଆ ସୃଷ୍ଟି କରିଥାଏ। ଚପିଂ ବୋର୍ଡ ବ୍ୟବହାର ଫଳରେ କିଭଳି ସମସ୍ୟା ଆସିପାରେ ଆସନ୍ତୁ ଜାଣିବା।

ଚପିଂ ବୋର୍ଡ ମାଧ୍ୟମରେ ଶରୀରକୁ ପ୍ଲାଷ୍ଟିକ୍ କଣିକା ଯିବା ଫଳରେ ଧୀରେ ଧୀରେ ଇମ୍ୟୁନ ସିଷ୍ଟମ ଉପରେ ବିପରୀତ ପ୍ରଭାବ ପଡ଼ିଥାଏ। କିଛିଦିନ ପରେ ଇମ୍ୟୁନିଟି କମ୍ ହୋଇଯାଏ ଓ ସଂକ୍ରମଣ ହେବା ଆଶଙ୍କା ବଢ଼ିଯାଏ। ଚପିଂ ବୋର୍ଡରେ ଥିବା ବ୍ୟାକ୍ଟେରିଆ କାରଣରୁ ପେଟ ଦଗଜ ସମସ୍ୟା ଦେଖା ଦେଇଥାଏ। ଗର୍ଭବତୀ ମହିଳାଙ୍କ ପାଇଁ ମଧ୍ୟ ଏହା ବହୁ ସମସ୍ୟା ସୃଷ୍ଟି କରିଥାଏ। ବେଳେବେଳେ ବାନ୍ତି କିମ୍ବା ଡାଇରିଆ ଭଳି ସମସ୍ୟା ମଧ୍ୟ ଏଥିପାଇଁ ସୃଷ୍ଟି ହୋଇଥାଏ। ତେଣୁ ଏଭଳି କ୍ଷେତ୍ରରେ ତୁରନ୍ତ ଚପିଂ ବୋର୍ଡ ବ୍ୟବହାର ବନ୍ଦ କରିବା ଦରକାର।



# ଚିନି ବଦଳରେ ଖାଆନ୍ତୁ ଗୁଡ଼...

*ଯଦି ଆପଣ ଫିଟ୍ ରହିବାକୁ ଚାହାଁନ୍ତି, ତେବେ ଆପଣଙ୍କ ଖାଦ୍ୟରୁ ଚିନି ଏବଂ ଲୁଣକୁ ସଂପୂର୍ଣ୍ଣ ହ୍ରାସ କରନ୍ତୁ । କିଛି ଲୋକ ନିୟମିତ ଭାବରେ କେବଳ କ୍ଷୀର ଏବଂ ଚା'ରେ ଦିନକୁ ୩-୪ ଚାମଚ ଚିନି ପିଅନ୍ତି। ଏହା ବ୍ୟତୀତ, ଯଦି ଆପଣ ଦିନରେ କିଛି ମିଠା ଖାଆନ୍ତି ତେବେ ଏହା ଅଲଗା ଅଟେ । ତେଣୁ, ସର୍ବପ୍ରଥମେ ଏହା ଜରୁରୀ ଯେ ଆପଣ ଆପଣଙ୍କର ଦୈନିକ ସୁଗାର ଇନଟେକକୁ ହ୍ରାସ କରନ୍ତୁ ।*

ଏଥିପାଇଁ ସର୍ବପ୍ରଥମେ ଚା' ଏବଂ କ୍ଷୀରରୁ ଚିନି ବ୍ୟବହାର କରିବା ବନ୍ଦ କରନ୍ତୁ । ଏହା ଆପଣଙ୍କ ଦୈନିକ ସୁଗାର ଇନଟେକକୁ ଯଥେଷ୍ଟ ହ୍ରାସ କରିବ । ଯଦି ଆପଣ ମିଠା ଖାଇବାକୁ ଚାହାଁନ୍ତି ତେବେ ଚିନି ବଦଳରେ ଗୁଡ଼ ବ୍ୟବହାର କରନ୍ତୁ । ଏହା ଧଳା ଚିନି ପରି କ୍ଷତି ଘଟାଏ ନାହିଁ । ତଥାପି, ଆପଣ ସୀମିତ ପରିମାଣରେ ମିଠା ଖାଇବା ଉଚିତ୍ ।

■ ଚିନି ଅପେକ୍ଷା ଗୁଡ଼ ଆମ ସ୍ୱାସ୍ଥ୍ୟ ପାଇଁ ଅଧିକ ଲାଭଦାୟକ ହୋଇଥାଏ । କ୍ୟାଲୋରୀ ବିଷୟରେ କହିବାକୁ ଗଲେ, ୧୦୦ ଗ୍ରାମ ଗୁଡ଼ରେ ପ୍ରାୟ ୩୪୦ କ୍ୟାଲୋରୀ ଥାଏ । ଯେଉଁଠାରେ ୧୦୦ ଗ୍ରାମ ଚିନିରେ ପ୍ରାୟ ୩୭୫ କ୍ୟାଲୋରୀ ଥାଏ । ଚିନି ଅପେକ୍ଷା ଗୁଡ଼ରେ କମ୍ କ୍ୟାଲୋରୀ ଥାଏ ଏବଂ ଏଥିରେ ଅନେକ ଭିଟାମିନ୍, ମିନେରାଲ୍ସ ଏବଂ ଫ୍ୟାଟ୍ ମଧ୍ୟ ମିଳିଥାଏ ।

■ ଯଦି ଆପଣ ୧୦୦ ଗ୍ରାମ ଗୁଡ଼ ଖାଆନ୍ତି, ଏଥିରେ ୭୦ ପ୍ରତିଶତ ସୁକ୍ରୋଜ୍ ଥାଏ, ଯଦି ଆପଣ ୧୦୦ ଗ୍ରାମ ଧଳା ଚିନି ଖାଆନ୍ତି, ତେବେ ଏଥିରେ ୯୯. ୭ ପ୍ରତିଶତ ସୁକ୍ରୋଜ୍ ଥାଏ। ଏହା ବ୍ୟତୀତ ଚିନିରେ ପ୍ରୋଟିନ୍, ଭିଟାମିନ୍, ମିନେରାଲ୍ସ କିମ୍ବା ଫ୍ୟାଟ୍ ମିଳେନାହିଁ । କିନ୍ତୁ ଗୁଡରେ ଫ୍ରୁଟକୋଜ୍, ଗ୍ଲୁକୋଜ୍, ପ୍ରୋଟିନ୍, ଆଇରନ୍, କ୍ୟାଲସିୟମ୍, ମାଙ୍ଗାନିଜ୍, ପୋଟାସିୟମ୍, ମ୍ୟାଗ୍ନେସିୟମ୍, ଫସଫରସ୍ ପରି ଖଣିଜ ପଦାର୍ଥ ଆଦି ମିଳିଥାଏ । ଭିଟାମିନ୍ ଇ, ଭିଟାମିନ୍ ଏ, ଭିଟାମିନ୍ ସି ମଧ୍ୟ ଗୁଡ଼ରେ ମିଳିଥାଏ ।

■ ଚା କିମ୍ବା କ୍ଷୀରରେ ଚିନି ବଦଳରେ ଗୁଡ଼ ବ୍ୟବହାର କରିବା ଆରମ୍ଭ କରନ୍ତୁ । ଆପଣ କ୍ଷୀରରେ ଗୁଡ଼ ପାଉଡର ତଥା ଗୁଡ଼ ମିଶାଇ ପିଅନ୍ତୁ । ଏହା ଆପଣଙ୍କୁ ଶକ୍ତି ଦେବ ଏବଂ ହଜମ ମଧ୍ୟ ଭଲ ହେବ । ଚିନି ବଦଳରେ ଗୁଡ଼ ଏକ ହେଲ୍‌ଦି ଅପ୍ସନ, ଯାହାର କୌଣସି ପାର୍ଶ୍ୱ ପ୍ରତିକ୍ରିୟା ମଧ୍ୟ ନାହିଁ ।

# ମାଧୁରୀଙ୍କ ସହ ଅଭିନୟ ଥିଲା ଅଦ୍ଭୁତ





ଅମିତାଭ୍ ବଚ୍ଚନଙ୍କ ଦ୍ୱାରା ଆୟୋଜିତ ରିଅଲିଟି ଟେଲିଭିଜନ୍ ସୋ 'କୋନ୍ ବନେଗା କରୋଡପତି ୧୬' ରେ ନିଜର ଆସିଲେ ନାନା ପାଟେକର । ଏହି ଏପିସୋଡରେ ଅଭିନେତା ମାଧୁରୀ ଦୀକ୍ଷିତଙ୍କୁ ପ୍ରଶଂସା କରିବା ସହ ତାଙ୍କ ସହ କାମ କରିବାର ଅନୁଭବକୁ ଫ୍ୟାନ୍ସଙ୍କ ସହ ସେୟାର କରିଥିଲେ । ଏହି ଏପିସୋଡରେ ଜଣେ ଦର୍ଶକ ନାନା ପାଟେକରଙ୍କୁ 'ବଜୁଦ୍' ରେ ମାଧୁରୀ ଦୀକ୍ଷିତଙ୍କ ସହ କାମ କରିବାର ଅଭିଜ୍ଞତା ବିଷୟରେ ପଚାରିଥିଲେ । ଏହି ପ୍ରଶ୍ନରେ ଉତ୍ତର ଦେଇ ନାନା ପାଟେକର କହିଛନ୍ତି ଯେ 'ଏହା ଏକ ଚମତ୍କାର ଅନୁଭୂତି ଥିଲା' । ସେ ଜଣେ ସୁନ୍ଦରୀ ଅଭିନେତ୍ରୀ ଏବଂ ବିଶେଷ ଡ୍ୟାନସର ଥିଲେ । ଏହା ସହ, ସେ ଜଣେ ଭଲ ମଣିଷ ଏବଂ ମୁଁ ତାଙ୍କୁ ବହୁତ ପ୍ରଶଂସା କରୁଛି । ଏହା ବ୍ୟତୀତ ଦର୍ଶକମାନେ '' କେସେ ବତାଉଁ ମେ ତୁମହେଁ'' ଗୀତ ବିଷୟରେ ପଚାରିଥିଲେ, ଯାହା କି ନାନା ପାଟେକର ଏହି ଫିଲ୍ମରେ ମାଧୁରୀଙ୍କ ପାଇଁ ଗାଇଥିଲେ । ଅଭିନେତା କହିଛନ୍ତି, '' ସେହି ଗୀତଟି ଜାଭେଦ ଅଖତୋର୍ ସାହବଙ୍କ ଦ୍ୱାରା ଲିଖିତ । ଏହା ସହ ସେହି ଫିଲ୍ମରେ ୩୦-୩୫ ବର୍ଷ ପରେ ମଧ୍ୟ ମାଧୁରୀ ମୋ ଭାବନାରେ ରହିଆସିଛନ୍ତି । ଏହା ମଧ୍ୟ କହିଛନ୍ତି ଯେ ମୁଁ ତାଙ୍କ ସାମ୍ନାରେ ଏହି ଗୀତ ଶୁଣାଇଥିଲି, ଯେଉଁଥିପାଇଁ ଆଜି ପର୍ଯ୍ୟନ୍ତ ମୁଁ ମନେ ରଖିଛି । ତାଙ୍କର ଆସୁଥିବା ଫିଲ୍ମ 'ବନବାସ' ନିର୍ଦ୍ଦେଶନ 'ଗଦର ୨' ନିର୍ଦ୍ଦେଶକ ଅନିଲ ଶର୍ମା ଏହା କରିଛନ୍ତି । ଫିଲ୍ମର ଟିମ୍ ନିକଟରେ ବ୍ୟବସାୟୀ ବିଜୟପତ ସିଙ୍ଘାନିଆଙ୍କ ପାଇଁ ଏକ ବିଶେଷ ସ୍କ୍ରିନିଂ ଆୟୋଜିତ କରିଥିଲେ । '' କୋନ୍ ବନେଗା କରୋଡପତି ୧୬' ଏଣ୍ଟରଟେନମେଣ୍ଟ ଟେଲିଭିଜନରେ ରାତି ୯ଟାରେ ପ୍ରସାରିତ ହୁଏ ।

# ମହିଳାଙ୍କ ପାଇଁ ଜରୁରି ଏସବୁ ଭିଟାମିନ୍

*ବୟସ ହିସାବରେ ମହିଳାଙ୍କ ଲାଗି ଭିନ୍ନ ଭିନ୍ନ ଭିଟାମିନର ଆବଶ୍ୟକତା ରହିଥାଏ । ଏହାସହିତ ପୁରୁଷଙ୍କ ତୁଳନାରେ ମହିଳାମାନଙ୍କୁ ଅଧିକ ପୋଷଣର ଆବଶ୍ୟକତା ଥାଏ । ଏକ ସୁସ୍ଥ ଡାଏଟରେ ସମସ୍ତ ପ୍ରକାର ପୋଷଣ ମହିଳାମାନଙ୍କ ପାଇଁ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ମହିଳାଙ୍କ ଶରୀରରେ ଅନେକ ପ୍ରକାର ପରିବର୍ତ୍ତନ ହେଉଥିବାରୁ ସେମାନେ ସୁସ୍ଥ ରହିବା ପାଇଁ ଏକ ସ୍ୱତନ୍ତ୍ର ଭିଟାମିନର ଆବଶ୍ୟକତା ରହିଛି । ଏହି ଭିଟାମିନକୁ ସଠିକ୍ ମାତ୍ରାରେ ଖାଇଲେ ମହିଳାଙ୍କ ସ୍ୱାସ୍ଥ୍ୟ ଭଲ ରହିବା ସହ ହାଡ ମଜବୁତ ହୋଇଥାଏ । ଆସନ୍ତୁ ଜାଣିବା ମହିଳାଙ୍କ ଲାଗି କେଉଁ ସବୁ ଭିଟାମିନ୍ ଜରୁରି ।*



## ଭିଟାମିନ୍-ବି ୧୨

ସ୍ନାୟୁପ୍ରଣାଳୀରେ ସଠିକ୍ କାର୍ଯ୍ୟ ଏବଂ ଲୋହିତ ରକ୍ତ କଣିକା ଗଠନ ପାଇଁ ଭିଟାମିନ୍ ବି ୧୨ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଶରୀରରେ ଏହାର ଅଭାବ ହେତୁ ଥକାପଣ, ଦୁର୍ବଳତା ଓ ରକ୍ତହୀନତା ଭଳି ସମସ୍ୟା ଦେଖା ଦେଇଥାଏ । ଗର୍ଭାବସ୍ଥାରେ ମହିଳାମାନଙ୍କୁ ଅଧିକ ଭିଟାମିନ୍ ବି ୧୨ର ଆବଶ୍ୟକତା ରହିଛି। ମାଂସ, ମାଛ, ଅଣ୍ଡା ଏବଂ ଦୁଗ୍ଧ ଜାତ ଖାଦ୍ୟରୁ ଏହି ଭିଟାମିନ ମିଳିଥାଏ ।

## ଭିଟାମିନ୍ -ଡି

ଭିଟାମିନ୍ ଡି ହାଡକୁ ମଜବୁତ କରିବାରେ ସାହାଯ୍ୟ କରେ । ବିଶେଷ କରି ମେନୋପାଞ୍ଜ ସମୟରେ ହରମୋନ ପରିବର୍ତ୍ତନ ହେବା ଯୋଗୁ ହାଡ ଦୁର୍ବଳ ହୋଇଥାଏ । ଯାହା ଅଷ୍ଟିଓପୋରୋସିସ୍ ଭଳି ସମସ୍ୟାର ଆଶଙ୍କା ବଢାଇଥାଏ । ଭିଟାମିନ୍ ଡିର ଅଭାବ ହାଡକୁ ଦୁର୍ବଳ କରିପାରେ । ଭିଟାମିନ୍ ଡିର ଅଭାବ ପାଇଁ ସକାଳର ପହିଲି ସୂର୍ଯ୍ୟକିରଣରେ ବାହାରେ ବୁଲିବା ସହ ମାଛ ତେଲ ଏବଂ କ୍ଷୀରକୁ ଖାଦ୍ୟରେ ସାମିଲ କରନ୍ତୁ ।

## ଭିଟାମିନ୍-କେ

ପୁରୁଷଙ୍କ ତୁଳନାରେ ମହିଳାଙ୍କର ହୃଦ୍‌ଘାତ ଓ ଅନ୍ୟାନ୍ୟ ହୃଦ ରୋଗରେ ଅଧିକ ମୃତ୍ୟୁ ହୋଇଥାଏ । ଭିଟାମିନ୍ କେ ହୃଦ୍‌ରୋଗର ଆଶଙ୍କାକୁ କମ୍ କରିଥାଏ ଏବଂ ସୁସ୍ଥ ରଖିଥାଏ । ଏଥିପାଇଁ ପ୍ରତ୍ୟେକ ମହିଳା ନିଜ ଖାଦ୍ୟରେ ଭିଟାମିନ୍ କେ କୁ ସାମିଲ କରିବା ନିହାତି ଆବଶ୍ୟକ । ଭିଟାମିନ୍ କେ ପାଇଁ ଆପଣ ସବୁଜ ପନିପରିବା ଖାଇପାରିବେ । ଯେପରିକି ପାଳଙ୍ଗ, ବ୍ରୋକଲି, କୋବି । ମାଛ,ମାଂସ ଏବଂ ଅଣ୍ଡାରେ ମଧ୍ୟ ଭିଟାମିନ୍ କେ ରହିଥାଏ ।

## କ୍ୟାଲସିୟମ

ମହିଳାଙ୍କ ପାଇଁ କ୍ୟାଲସିୟମ ଅତ୍ୟନ୍ତ ଆବଶ୍ୟକ । ବିଶେଷ କରି ଗର୍ଭାବସ୍ଥାରେ ଏହା ଅତ୍ୟନ୍ତ ଜରୁରୀ ହୋଇଥାଏ । ଏହା ଅଷ୍ଟିଓପୋରୋସିସ୍ ଭଳି ରୋଗରୁ ଆପଣଙ୍କୁ ରକ୍ଷା କରିଥାଏ । ଗର୍ଭାବସ୍ଥାରେ କ୍ୟାଲସିୟମ ଗର୍ଭସ୍ଥ ଶିଶୁର ହାଡର ବିକାଶ ପାଇଁ ମଧ୍ୟ ଆବଶ୍ୟକ ହୋଇଥାଏ । କ୍ଷୀର, ଦହି, ପନିର ଏବଂ ସବୁଜ ପନିପରିବା ଖାଇବା ଦ୍ୱାରା ଆମ ଶରୀରକୁ କ୍ୟାଲସିୟମ ମିଳିଥାଏ ।



# ଘରେ ନେଟ୍‌ୱାର୍କ କଟିଯାଉଥିଲେ କରନ୍ତୁ...

*ଅନେକ ସମୟରେ ଦେଖାଯାଏ ଯେ ଘରକୁ ପଶିବା ମାତ୍ରେ ମୋବାଇଲ୍‌ର ସମସ୍ତ ଟାୱାର ଚାଲିଯାଏ। ଆପଣ ଯଦି ଏହି ସବୁ ସମସ୍ୟାର ସାମ୍ନା କରୁଛନ୍ତି, ତେବେ ଆପଣଙ୍କ ପାଇଁ ଏମିତି କିଛି ଟିପ୍ସ ଅଛି ଯାହା ଦ୍ୱାରା ଏହାର ସମାଧାନ ହୋଇପାରିବ। ଜାଣନ୍ତୁ...*

ଆପଣ ନିଶ୍ଚିତ ଭାବରେ ଜାଣିଥିବେ ଯେ ଆଜିର ସମୟରେ, ସ୍ମାର୍ଟଫୋନ୍ ବିନା କୌଣସି କାମ କରିବା କେତେ କଷ୍ଟକର ହୋଇପଡିଛି। ଏହା ଦ୍ୱାରା ଆପଣ ଯେକୌଣସି ଟିକେଟ୍ ବୁକ୍ କରିପାରିବେ, ଅଫିସ୍ କାମ କରିପାରିବେ, ସପିଂ କରିପାରିବେ ଏବଂ ଆପଣଙ୍କ ଫୋନ୍ ମାଧ୍ୟମରେ ଯେକୌଣସି ବିଲ୍ ମଧ୍ୟ ଦେଇପାରିବେ। ଏହା ବ୍ୟତୀତ ଆହୁରି ଅନେକ କାମ ମଧ୍ୟ ଅଛି ଯାହାକୁ ଆପଣ ସହଜରେ ଫୋନ୍ ମାଧ୍ୟମରେ କେଇ ମିନିଟ୍‌ରେ କରିଦେଇପାରିବେ। କିନ୍ତୁ ଯଦି ଫୋନ୍‌ରେ କୌଣସି ନେଟ୍‌ୱାର୍କ କନେକ୍ସନ ନାହିଁ, ତେବେ ଆପଣ ଏହି ସବୁ କାମ କରିବାକୁ ସଂପୂର୍ଣ୍ଣ ଅସମର୍ଥ।

ଅନେକ ଲୋକ ଅଭିଯୋଗ କରନ୍ତି ଯେ ଯେତେବେଳେ ସେମାନେ ବାହାରେ ଥାଆନ୍ତି, ସବୁ ନେଟ୍‌ୱାର୍କ ସେମାନଙ୍କ ଫୋନ୍‌ରେ ଉପଲବ୍ଧ ହୋଇଥାଏ, କିନ୍ତୁ ସେମାନେ ଘରକୁ ପଶିବା ମାତ୍ରେ ସମସ୍ତ ଟାୱାର ଚାଲିଯାଏ। ଆପଣ ଯଦି ଏହି ସବୁ ସମସ୍ୟା ସହିତ ସଂଘର୍ଷ କରୁଛନ୍ତି, ତେବେ ଆପଣଙ୍କ ପାଇଁ ଏମିତି କିଛି ଟିପ୍ସ ଅଛି ଯାହା ଦ୍ୱାରା ଆପଣଙ୍କର ଏହି ସମସ୍ୟାର ସମାଧାନ ହୋଇପାରିବ।

**ପ୍ରଥମେ କରନ୍ତୁ ଏହି କାମ**

ଯଦି ଆପଣ ଘରକୁ ଆସିବା ମାତ୍ରେ ଫୋନ୍ ନେଟ୍‌ୱାର୍କ ଚାଲିଯାଏ, ତେବେ ଫୋନକୁ ଏରୋପ୍ଲେନ୍ ମୋଡ୍‌ରେ ରଖନ୍ତୁ ଏବଂ କିଛି ସମୟ ପରେ ଏହାକୁ ହଟେଇ ଦିଅନ୍ତୁ। ଫୋନର ସେଟିଂକୁ ଯାଇ ନେଟ୍‌ୱାର୍କକୁ ରିସେଟ୍ କରନ୍ତୁ। କିଛି ଥର ଏହା କରିବା ଦ୍ୱାରା ଏହି ସମସ୍ୟାର ସମାଧାନ ହୋଇଯାଏ।

**ଝରକା-କବାଟ ଖୋଲା ରଖନ୍ତୁ**

ଯଦି ଘରକୁ ଆସିବା ମାତ୍ରେ ଫୋନ୍ ନେଟ୍‌ୱାର୍କ ଚାଲିଯାଉଛି, ତେବେ ଘରର ସମସ୍ତ ଝରକା ଏବଂ କବାଟ ଖୋଲିଦିଅନ୍ତୁ। ବାସ୍ତବରେ, କଂକ୍ରିଟ୍, ଲୁହା ଏବଂ ଧାତବ ଜିନିଷ ଇତ୍ୟାଦି ଘର ନିର୍ମାଣରେ ବ୍ୟବହୃତ ସାମଗ୍ରୀ ମୋବାଇଲ୍ ନେଟ୍‌ୱାର୍କକୁ ଅବରୋଧ କରିଥାଏ। ଏହି କାରଣରୁ, ଘରେ ନେଟ୍‌ୱାର୍କ ଠିକ୍ ଭାବରେ ଆସେ ନାହିଁ।

**ୱାଇ-ଫାଇ କଲିଂ**

ଯଦି ଆପଣ ଫୋନ୍‌କୁ ଘରକୁ ନେବା ମାତ୍ରେ ଟାୱାର ଚାଲିଯାଉଛି, ତେବେ ଆପଣ ୱାଇ-ଫାଇ କଲିଂ କରିପାରିବେ। ତେବେ ଏଥିପାଇଁ ଫୋନ୍ ୱାଇ-ଫାଇ କଲିଂକୁ ସମର୍ଥନ କରିବା ଉଚିତ।

**ସିଗ୍ନାଲ୍ ବୁଷ୍ଟରର ବ୍ୟବହାର:**

ଘରେ ଏକ ସିଗ୍ନାଲ୍ ବୁଷ୍ଟର୍ ବ୍ୟବହାର କରିପାରିବେ। ଏହା ଏକ ପ୍ରକାର ଉପକରଣ, ଯାହା ଦୁର୍ବଳ ସିଗ୍ନାଲ୍‌କୁ ଧରି ଏହାକୁ ଶକ୍ତିଶାଳୀ କରିଥାଏ। ତଥାପି, ଏକ ଭଲ ସିଗ୍ନାଲ୍ ପାଇବା ପାଇଁ ସଠିକ୍ ସ୍ଥାନରେ ସିଗନାଲ୍ ବୁଷ୍ଟର୍ ସେଟ୍ କରିବା ଉଚିତ।

**ସର୍ଭିସ୍ କମ୍ପାନୀ ସହିତ ଯୋଗାଯୋଗ:**

ଯଦି ଫୋନ୍ ଘରକୁ ଆସିବା ମାତ୍ରେ ନେଟ୍‌ୱାର୍କ ହରାଇଥାଏ, ବେଳେବେଳେ ଏହି ସମସ୍ୟା ସିମ୍ କମ୍ପାନୀ ଦ୍ୱାରା ମଧ୍ୟ ହୋଇଥାଏ। ଏପରି ପରିସ୍ଥିତିରେ, ସିମ୍ କମ୍ପାନୀ ସହିତ ଯୋଗାଯୋଗ କରନ୍ତୁ ଏବଂ ସେମାନଙ୍କୁ ଆପଣଙ୍କର ସମସ୍ୟା ବିଷୟରେ ବିସ୍ତୃତ ସୂଚନା ଦିଅନ୍ତୁ। ସେମାନେ ଏ କ୍ଷେତ୍ରରେ ଏକ ଭଲ ଏବଂ ଉତ୍ତମ ସମାଧାନ ଦେଇପାରିବେ।



Printed, Published & Owned by **Madhu Mohanty.** Published from and printed at Tilak Raj Publications (P) Ltd., Zone-D-2/18, Sector-A, Mancheswar Industrial Estate, Bhubaneswar-751010, Fax: 2587803,2580150 Phone: 2587802, 2580234(PBX), E-mail: odishabhaskar@yahoo.com, bhaskarfoto@gmail.com, odishabhaskaradvt@gmail.com
ମୁଖ୍ୟ ସମ୍ପାଦକ: **ପ୍ରଦୋଷ ପଟ୍ଟନାୟକ**
Chief Editor: Pradosh Pattanaik



ରାଜନଗର(ଭାସ୍କର ନ୍ୟୁଜ୍): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ବେଲପାଳ ପଞ୍ଚାୟତର ବିଜେଡି ପରେ ବିଜେପି ସମର୍ଥୀତ ସରପଞ୍ଚ ତିଳୋତମା ବରାଳ ଆସ୍ଥା ଭୋଟରେ ପରାଜୟ ହୋଇଛନ୍ତି।ବିଜେଡି ସମର୍ଥୀତ ନାଏବ ସରପଞ୍ଚ ନଳୀନୀକାନ୍ତ କୁଣ୍ଡୁ ସରପଞ୍ଚ ଦାୟିତ୍ୱରେ ରହିଥିବା ପ୍ରଶାସନ ପକ୍ଷରୁ ଜଣାପଡିଛି।ଏହି ଅନସ୍ଥା ପ୍ରସ୍ଥାବକୁ ନେଇ ବିଧାୟକ ଧ୍ରୁବ ସାହୁ ତାଙ୍କ ଗାଁ ପଞ୍ଚାୟତ ବୋଲି ନିଜର ସମ୍ମାନ ରକ୍ଷା ଦୃଷ୍ଟିରୁ ଲାଗି ପଡିଥିଲେ।ଏନେଇ ଉଚ୍ଚ ନ୍ୟାୟଳୟର ମଧ ଦ୍ୱାରସ୍ଥ ହୋଇଥିଲେ ,ମାନ୍ୟବର ହାଇକୋର୍ଟ ୩ମାସ ପରେ ଚଳିତ୧୧ତାରିଖ ବୁଧବାର ଦିନ ଅନାସ୍ଥା ଭୋଟ ଅନୁଷ୍ଠିତ ହେବାକୁ ଆଦେଶ ହୋଇଥିଲା।ତେଣୁ କୋର୍ଟ ଆଦେଶ ପ୍ରକାରେ ବୁଧବାର ଦିନ ମୋଟ ୧୧ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିଲେ। ୮ଜଣ ୱାର୍ଡ ସଭ୍ୟ/ସଭ୍ୟା ଓ ସରପଞ୍ଚ ଉପସ୍ଥିତ ଥିବାରୁ କୋରମ ହୋଇ ବୈଠକ ହୋଇଥିଲା।ଅନାସ୍ଥା ସପକ୍ଷରେ ୮ ଜଣୱାର୍ଡ ସଭ୍ୟ/ସଭ୍ୟା ଭୋଟ ଦେଇଥିବା ବେଳେ ଅନାସ୍ଥା ବିପକ୍ଷରେ ନିଜେ ସରପଞ୍ଚ ଖଣ୍ଡିଏ ଭୋଟ ଦେଇଥିଲେ।ଶେଷରେ ସରପଞ୍ଚ ବରାଳ ଆସ୍ଥା ହରାଇ ଥିବାରୁ ନାଏବ ସରପଞ୍ଚ ଦାୟିତ୍ୱରେ ରହିଲେ।

# ଦୁର୍ଦ୍ଦଶାରେ ଶିମିଳିପାଳର ୧୮ ମାଇକ୍ରୋ ଗ୍ରୀଡ୍‌ରେ କାର୍ଯ୍ୟରତ କର୍ମଚାରୀ

- ବୈଠକ କରି ଜିଲ୍ଲାପାଳଙ୍କୁ ଜଣାଇଲେ ଚରମବାଣୀ
- ଅନିର୍ଦ୍ଦିଷ୍ଟ କାଳ କାର୍ଯ୍ୟବନ୍ଦ ଆନ୍ଦୋଳନ ଧମକ
- ଶିମିଳିପାଳର ୨୫୦୦ରୁ ଉର୍ଦ୍ଧ୍ୱ ଘର ଅନ୍ଧାର ରହିବ



କରଞ୍ଜିଆ (ଭାସ୍କର ନ୍ୟୁଜ୍): ମୟୁରଭଂଜ ଜିଲ୍ଲାର ଯଶିପୁର ବ୍ଲକ ଶିମିଳିପାଳ ପାର୍ବତ୍ୟାଞ୍ଚଳରେ ଥିବା ତିନି ମୂଖ୍ୟ ଗ୍ରାମପଞ୍ଚାୟତ ଗୁରୁଗୁଡ଼ିଆ, ବରେହିପାଣି ଓ ଅସ୍ତକୁମାରରେ ବର୍ଷେ ହେବ କାର୍ଯ୍ୟକାରୀ ହେଉଥିବା ସୋଲାର ଗ୍ରୀଡ ଯୋଗେ ବିଦ୍ୟୁତ୍ ଯୋଗାଣ ବ୍ୟବସ୍ଥା ଏବେ ସଂକଟର ସମ୍ମୁଖୀନ ହେବାକୁ ଯାଉଛି କ୍ଷ ଏହି ଗ୍ରୀଡ ମାନଙ୍କୁ ପରିଚାଳନକ୍ଷ କରିବାରେ ସମସ୍ତ ଦାୟିତ୍ୱ ନେଇଥିବା ୩୬ କର୍ମଚାରୀ ସାମୂହିକ ଭାବେ ବିଭିନ୍ନ ଭାବେ ଦୂର୍ଦଶାର ସମ୍ମୁଖୀନ ହେଉଥିବା ଅଭିଯୋଗ କରି ଅନିର୍ଦିଷ୍ଟ କାଳ ପାଇଁ କାର୍ଯ୍ୟ ବନ୍ଦ ଆନ୍ଦୋଳନର ଡାକରା ଦେଇ ଜିଲ୍ଲାପାଳଙ୍କୁ ଆଜି ଅବଗତ କରିଛନ୍ତି କ୍ଷ ଫଳରେ ଗ୍ରୀଡରୁ ଯୋଗାଣ ହେଉଥିବା ବିଭିନ୍ନ ଗ୍ରାମର ୨୫୦୦ ପରିବାରକୁ ଯୋଗାଣ ବ୍ୟାହତ ହୋଇ ଗ୍ରାମ ବାସୀ ମାନେ ଅନ୍ଧାରରେ ରହିବା ନିଶ୍ଚିତ ହୋଇ ଯାଇଛି କ୍ଷ କର୍ମଚାରୀଙ୍କ ବିଗତ ଚାରି ମାସର ଦରମା ଦେବାରେ ସମ୍ପୃକ୍ତ ଆଉଟ ସର୍ସିଂ ସଂସ୍ଥାର ବେପରୁଆ ମନୋଭାବ ଯୋଗୁଁ ଗରିବ ଜନଜାତି ପରିବାର ହୀନସ୍ଥା ହେଉଥିବା ଓ ଅନ୍ୟାନ୍ୟ ସମସ୍ୟା ନେଇ କର୍ମଚାରୀ ମାନେ ଏଭଳି ନିଷ୍ପତି ନେବାକୁ ବାଧ ହୋଇଛନ୍ତି ବୋଲି ଅଭିଯୋଗରେ ଉଲ୍ଲେଖ କରିଛନ୍ତି । ଶିମିଳିପାଳର ବିଭିନ୍ନ ଗ୍ରାମର ଜନଜାତି ବର୍ଗର ଶିକ୍ଷିତ ୩୬ ଯୁବକ ନବ ନିର୍ମିତ ୧୮ ମାଇକ୍ରୋ ଗ୍ରୀଡରେ ଫେମାସ୍ ପାୱାର ଲିମିଟେଡ ଦ୍ୱାରା ନିଯୁକ୍ତି ପାଇ ଚଳିତ ବର୍ଷ ଅପ୍ରେଲ ମାସ ୧୬ ତାରିଖରୁ କାର୍ଯ୍ୟ କରୁଛନ୍ତି କ୍ଷ ଆଜି ଯଶିପୁର ପୁରୁଣା ବଜାର ଠାରେ ସମସ୍ତ କର୍ମଚାରୀ ବୈଠକ କରି ଜିଲ୍ଲାପାଳଙ୍କୁ ଲିଖିତ ଦାବି ପତ୍ରରେ ଉଲ୍ଲେଖ କରିଛନ୍ତି ଯେ ନିଯୁକ୍ତି ପାଇବା ଦିନ ଠାରୁ ଗ୍ରୀଡ ପରିଚାଳନା କରି ବିଦ୍ୟୁତ୍ ଯୋଗାଣ ପରି ବିପଦ ଜନକ କାର୍ଯ୍ୟକୁ ସମସ୍ତେ ଦାୟିତ୍ୱର ସହ ନିର୍ବାହ କରି ଆସୁଛନ୍ତି କ୍ଷ ଅଧିକାଂଶ ଦାରିଦ୍ର୍ୟ ସୀମାରେଖା ତଳେ ପରିବାରର ହୋଇଥିବା ବେଳେ ଦରମା ନ ମିଳିବା ଫଳରେ ପରିବାର ପ୍ରତିପୋଷଣ ସହିତ ବିଭିନ୍ନ ଆର୍ଥିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି କ୍ଷ ଏମାନେ ସମସ୍ତେ ଗ୍ରୀଡରେ ଲାଇନ ମ୍ୟାନ ଓ ହେଲପର ଭାବେ କାର୍ଯ୍ୟ କରୁଥିବା ବେଳେ ବିପଦ୍ ପୂର୍ଣ୍ଣ କାର୍ଯ୍ୟ ବେଳେ ଏମାନଙ୍କୁ ବିଦ୍ୟୁତ୍ ଖୁଣ୍ଟ ଚଢିବା ଠାରୁ ଆରମ୍ଭ କରି ଘର ଘର ବୁଲି ବିଦ୍ୟୁତ୍ ମରାମତି କାର୍ଯ୍ୟ କରିବାକୁ ପଡୁଛି କ୍ଷ ଅଭିଯୋଗରେ ଏମାନେ ଦର୍ଶାଇ ଛନ୍ତି ଯେ ଏ ପର୍ଯ୍ୟନ୍ତ କମ୍ପାନୀ ପକ୍ଷରୁ କୌଣସି ବିଦ୍ୟୁତ୍ ନିରାପଦ ଉପକରଣ ସେଫ୍ଟି ବେଲ୍ଟ, ସେଫ୍ଟି ଜୋତା ଓ ସୁରକ୍ଷିତ ସିଡି ଟିଏ ମଧ୍ଯ ଯୋଗାଇ ଦିଆ ଯାଇ ନାହିଁ କ୍ଷ ଟାଟା ପାୱର ପକ୍ଷରୁ ପରିଚାଳନା ଦାୟିତ୍ୱ ନେଇଥିବା ଫେମାସ୍ ସଂସ୍ଥା କର୍ମଚାରୀ ମାନଙ୍କୁ ଅଯଥା ଗାଳି ଗୁଲଜ କରିବା ସହିତ ମିଥ୍ୟା କାରଣ ଦର୍ଶାଇ କାର୍ଯ୍ୟରୁ ନିଲମ୍ବନ କରିବାର ଧମକ ଦେଇଛନ୍ତି କ୍ଷ ବଡକକ୍ଷଶିରକ୍ଷ ଗ୍ରୀଡର ଶିଶିର ନାଏକ, ଗଡ ଶିମିଳିପାଳ ଗ୍ରୀଡରୁ ମାନସ କାଲୁଂଡିଆ ଉସକୀ ଗ୍ରୀଡର ଗୁଲ୍ସନ୍ କୁମାର ସିଂ ଙ୍କୁ କାର୍ଯ୍ୟରୁ ବାହାର କରାଯାଇଛି ବୋଲି ଏମାନେ ସୂଚନା ଦେଇଛନ୍ତି କ୍ଷ ଦରମା ବିଷୟରେ ପଚାରି ବାରୁ ମାନସ କାଲୁଂଡିଆ ଙ୍କୁ ବାହାର କରାଯାଇଛି ବୋଲି ଦର୍ଶାଇ ଛନ୍ତି କ୍ଷ ଚଳିତ ବର୍ଷ ଜାନୁଆରୀ ମାସ ୨୬ ତାରିଖରେ ଶିମିଳିପାଳର କୁମାରି ଗ୍ରାମରେ ଟାଟା ପାୱରର ବହୁ ବରିଷ୍ଠ ଅଧିକାରୀ ଙ୍କ ଉପସ୍ଥିତିରେ ତତ୍କାଳୀନ ମୁଖ୍ୟମନ୍ତ୍ରୀ ଆଭାସୀ ମାଧ୍ୟମରେ ଗ୍ରୀଡ ପ୍ରକଳ୍ପକୁ ଉଦଘାଟନ କଲା ବେଳେ ଏହି ସମ୍ପୃକ୍ତ କର୍ମଚାରୀଙ୍କୁ ନିଯୁକ୍ତି ଦିଆ ଯିବା ନେଇ ଘୋଷଣା କରାଯାଇ ଥିଲା ଓ ବାରିପଦା ସ୍ଥିତ ଡିଭାଇନ୍ ଇଞ୍ଜିନିୟରିଂ ରେ ବିଧିବଦ୍ଧ ଟ୍ରେନିଂ ପାଇ ଏମାନେ କାର୍ଯ୍ୟ ଆରମ୍ଭ କରିଥିଲେ କ୍ଷ ଅଭିଯୋଗରେ ଆହୁରି ମଧ୍ଯ ଏମାନେ ଆଜି କହିଛନ୍ତି ଯେ ଏଯାବତ୍ ସେମାନଙ୍କୁ ନିଯୁକ୍ତି ପତ୍ର ବି ମିଳି ପାରି ନାହିଁ କ୍ଷ ଆଜି ଏହି କର୍ମଚାରୀ ମାନଙ୍କ ପକ୍ଷରୁ ଦରମା ନେଇ ଫେମାସ ସଂସ୍ଥାର ସମ୍ପୃକ୍ତ ଅଧିକାରୀ ଙ୍କୁ ଯୋଗଯୋଗ କରାଯାଇ ଥିଲେ ମଧ୍ଯ ନିର୍ଦ୍ଦିଷ୍ଟ ଭାବେ କେବେ ଦରମା ମିଳିବ ସେ ନେଇ ସନ୍ତୋଷ ଜନକ ଉତ୍ତର ମିଳି ପାରି ନ ଥିଲା ବୋଲି ବରିଷ୍ଠ କର୍ମଚାରୀ ବାବୁଲୁ ସିଂ ସୂଚନା ଦେଇଛନ୍ତି କ୍ଷ ଅଧିକନ୍ତୁ ସମ୍ପୃକ୍ତ କମ୍ପାନୀର ସି ଇ ଓ ଓ ଫେମିସ ପାୱାର ସଂସ୍ଥାର ବରିଷ୍ଠଙ୍କ ସହ କଥା ବାର୍ତ୍ତା ହେବା ପାଇଁ ଚେଷ୍ଟା କରାଯାଇ ଥିଲେ ମଧ ସେମାନେ ଫୋନ ଉଠାଉ ନ ଥିବାରୁ କିଛି ପ୍ରତିକ୍ରିୟା ମିଳି ପାରି ନ ଥିଲ। ।

# ଓଡ଼ିଶା - ଝାଡ଼ଖଣ୍ଡ ସୀମା ଜଗିଲା କ୍ୟାମେରାଲଗା ଯାନ



ଚମ୍ପୁଆ (ଭାସ୍କର ନ୍ୟୁଜ): ଆସନ୍ତା ୧୬ ତାରିଖ ରୁ କେନ୍ଦୁଝର ଜିଲ୍ଲାରେ ଖରିଫ୍ ଧାନ କିଣା ଆରମ୍ଭ ହେଉଥିବା ବେଳେ ବାହାର ରାଜ୍ୟର ଧାନ ଯେପରି ଜିଲ୍ଲାରେ ପ୍ରବେଶ ନ କରିବ ସେ ନେଇ ଜିଲ୍ଲା ପ୍ରଶାସନ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ହୋଇଛି । ଓଡ଼ିଶାରେ ଚାଷୀମାନଙ୍କୁ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବ୍ୟତୀତ ୮୦୦ ଟଙ୍କାର ଅତିରିକ୍ତ ଇନପୁଟ ଆସିଷ୍ଟାନ୍ସ ଦିଆଯାଉଥିବାରୁ ବାହାର ରାଜ୍ୟର ଧାନ ରାଜ୍ୟରେ ପ୍ରବେଶ କରିବା ସମ୍ଭାବନା ଥିବାରୁ କେନ୍ଦୁଝରକୁ ଲାଗିଥିବା ଝାଡଖଣ୍ଡ ରାଜ୍ୟ ସୀମାନ୍ତର ପାଞ୍ଚ ଟି ସଂଯୋଗି ରାସ୍ତାକୁ ଚମ୍ପୁଆ, ନାଲଦା, କାଟାମାଟି, ପୁରୁଷୋତ୍ତମପୁର ଓ କିରିବୁରୁ ସିଲ୍ କରିବାକୁ ଜିଲ୍ଲା ଯୋଗାଣ ବିଭାଗ ପକ୍ଷରୁ ଆରଏମସିକୁ ନିର୍ଦ୍ଦେଶ ଦିଆଯାଇଛି । କ୍ୟାମେରା ଯୁକ୍ତ ଯାନ ମାଧ୍ୟମ ରେ ସଂଯୋଗୀ ରାସ୍ତା ଗୁଡ଼ିକୁ ଅହରହ ଚବିଶ ଘଣ୍ଟା ଧରି କଡ଼ା ନଜର ରେ ରଖିବା ପାଇଁ ଜିଲ୍ଲା ଯୋଗାଣ ଅଧିକାରୀ ନିର୍ଦ୍ଦେଶ ଦେଇଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ସଂଧ୍ୟା ରେ ଚମ୍ପୁଆ ଝାଡଖଣ୍ଡ ସୀମାନ୍ତରେ ପ୍ରଥମ କ୍ୟାମେରା ଯୁକ୍ତ ଯାନ ମୁତୟନ ହୋଇଛି । ଏହି କ୍ୟାମେରା ମାଧ୍ୟମ ରେ ସୀମାନ୍ତ ରାସ୍ତା ଗୁଡ଼ିକ ଉପରେ ଜିଲ୍ଲା ଯୋଗାଣ ଅଧିକାରୀଙ୍କ କାର୍ଯ୍ୟାଳୟ ର ସିଧାସଳଖ ନଜର ରହିବ । ଆସନ୍ତା ମାର୍ଚ୍ଚ ୩୧ ତାରିଖ ଧାନ କିଣା ଶେଷ ହେବା ପର୍ଯ୍ୟନ୍ତ ସୀମାନ୍ତ ପ୍ରଶାସନ ର କଡ଼ା ନଜରରେ ରହିବ । କ୍ୟାମେରା ମୁତୟନ ଅବସର ରେ ଜିଲ୍ଲା ଯୋଗାଣ ଅଧିକାରୀ ଅଜୟ କୁମାର ରଥ, ସହକାରୀ ଯୋଗାଣ ଅଧିକାରୀ ମଙ୍ଗଲ ସିଂ, ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ଦିଗାମ୍ବର ପ୍ରଧାନ ଓ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ଥିଲେ।

# ଯୁବ ଉତ୍ସବ ଇଣ୍ଡିଆ @୨୦୪୭ ଉଦ୍‌ଘାଟିତ




କେନ୍ଦୁଝର(ଭାସ୍କର ନ୍ୟୁଜ): ଭାରତ ସରକାରଙ୍କ ଯୁବ ଓ କ୍ରୀଡା ମନ୍ତ୍ରଣାଳୟ ପକ୍ଷରୁ ନେହେରୁ ଯୁବସଂଗଠନ କେନ୍ଦୁଝରଙ୍କ ଦ୍ୱାରା ମଣ୍ଡୁଆ ସ୍ଥିତ ସଂସ୍କୃତି ଭବନ କେନ୍ଦୁଝର ଠାରେ ଯୁବ ଉତ୍ସବ ଇଣ୍ଡିଆ @୨୦୪୭ ଅନୁଷ୍ଠିତ ହୋଇ ଯାଇଛି। ଏଥିରେ ନେହେରୁ ଯୁବ କେନ୍ଦ୍ର ଅଧିକାରିଣୀ ସୁଶ୍ରୀ ବସୁନ୍ଧରା ସାହୁଙ୍କ ନେତୃତ୍ୱରେ ଆୟୋଜିତ ଉଦଘାଟନୀ ସମାରୋହରେ ୧୪ ବାଟାଲିଅନ ଏନସିସି କମାଣ୍ଡିଙ୍ଗ ଅଫିସର କର୍ଣ୍ଣେଲ ମୟୁର ଘାଡ଼ଗେ ମୁଖ୍ୟ ଅତିଥିଭାବେ ଯୋଗ ଦେଇ ପ୍ରତିଯୋଗୀମାନଙ୍କୁ ସମ୍ବୋଧିତ କରିଥିଲେ। ଅନ୍ୟତମ ଅତିଥି ଜିଲ୍ଲା ସଂସ୍କୃତି ଅଧିକାରୀ ରମେଶ ନାଏକ, ସମସ୍ତ ଯୁବ ପ୍ରତିଯୋଗୀମାନଙ୍କ ସଫଳତା କାମନା କରିବା ସହିତ ରାଜ୍ୟ ଓ ଜାତୀୟ ସ୍ତରରେ ସଫଳ ପ୍ରଦର୍ଶନ ପାଇଁ ଆହ୍ୱାନ ଦେଇଥିଲେ। କେନ୍ଦୁଝରର ଯୁବ ଆଇକନ ଡ୍ୟାନ୍ସ ଇଣ୍ଡିଆ ଡ୍ୟାନ୍ସ ଫାଇନାଲିଷ୍ଟ ସୁଶ୍ରୀ ଚିରଶ୍ରୀ ସାଗରୀକା ସମ୍ମାନିତ ଅତିଥିଭାବେ ଯୋଗ ଦେଇ ନିଜ କ୍ୟାରିୟର ଯାତ୍ରାର ସଂଘର୍ଷ ଓ ସଫଳତା ବର୍ଣ୍ଣନା କରିବା ସହିତ ଯୁବ ସମାଜ କଠିନ ପରିଶ୍ରମ କରି ଏକ ନୂଆ ଭାରତ ଗଠନ କରିବାକୁ ପ୍ରେରଣାଦାୟୀ ଉଦବୋଧନ ଦେଇଥିଲେ। ଚଳିତ ବର୍ଷର ବିଷୟ ପଞ୍ଚ ପ୍ରାଣକୁ ଭିତ୍ତି କରି ବିଜ୍ଞାନ ପ୍ରଦର୍ଶନୀ, କବିତା ଲିଖନ, ପେଣ୍ଟିଙ୍ଗ, ଫୋଟୋ ଗ୍ରାଫି ପ୍ରତିଯୋଗିତା, ବକ୍ତୃତା ପ୍ରତିଯୋଗିତା, ଏକକ ଓ ସମୂହ ନୃତ୍ୟ ସଂଗୀତ ପ୍ରତିଯୋଗିତା ଆଦିର ଆୟୋଜନ କରା ଯାଇଥିଲା। ବିଭିନ୍ନ ବିଦ୍ୟାଳୟ, ମହାବିଦ୍ୟାଳୟ, ଯୁବ ସଂଗଠନ ମାନଙ୍କରୁ ଯୋଗଦେଇଥିବା ପ୍ରତିଯୋଗିମାନେ ବହୁ ଆଗ୍ରହର ସହ ଭାଗ ନେଇ ନିଜର ପରାକାଷ୍ଠା ପ୍ରଦର୍ଶନ କରିଥିଲେ। ଶ୍ରେଷ୍ଠ ପ୍ରଦର୍ଶନ କରି ଫଟୋଗ୍ରାଫି, କବିତା ଲିଖନ ବକ୍ତୃତା ପ୍ରତିଯୋଗିତା, ପେଣ୍ଟିଂ, ଏକକ ନୃତ୍ୟ, ସମୂହ ନୃତ୍ୟ କୃତି ପ୍ରତିଯୋଗୀଙ୍କୁ ରାଜ୍ୟ ସ୍ତରକୁ ମନୋନୀତ କରାଯାଇଥିଲା। ବିଚାରକ ଭାବେ ଶିକ୍ଷୟିତ୍ରୀ ସମୟଶ୍ରୀ ଚାଟର୍ଜି, ସରିତା ଗୌତମ, ଏଆର ଖାନ, ଜନାର୍ଦ୍ଦନ ଦାଶ, ପ୍ରଶାନ୍ତ ପରିଡା, ଶ୍ରୁତି ରଞ୍ଜନ ସାହୁ, ବଚୁ ରାମ ଲାମା , ନିଜର ଦାୟିତ୍ୱ ନିର୍ବାହ କରିଥିବା ବେଳେ ଅରୁଣ କୁମାର, ରୁନା ନାଇକ, ତରୁଲତା ନାଇକ, ପ୍ରଭାତ ମୁଣ୍ଡା, ଦିଲେଶ୍ୱର ବାରିକ, କୌଶଲ୍ୟା ନାୟକ, ଦୀପ୍ତି ମୟୀ ମହାନ୍ତ , ଅନ୍ନପୂର୍ଣ୍ଣାସିଦ୍ଧୁ, ନିବେଦିତା ସାହୁ, ଦୀପକ ପୂର୍ତ୍ତି,ଉତ୍ସବକୁ ପରିଚାଳନା କରିଥିଲେ।

# ମୟୂରଭଞ୍ଜ ମହୋତ୍ସବରେ ସମ୍ବର୍ଦ୍ଧିତ ହେଲେ କରଞ୍ଜିଆର ସାଇ ସିଦ୍ଧି ମହାନ୍ତ



କରଞ୍ଜିଆ (ଭାସ୍କର ନ୍ୟୁଜ୍)): ମୟୂରଭଞ୍ଜ ମହୋତ୍ସବର ଅଷ୍ଟମ ସଂଧ୍ୟାରେ ସମ୍ବର୍ଦ୍ଧିତ ହେଲେ କରଞ୍ଜିଆର ଓଡିଶା ଆଦର୍ଶ ବିଦ୍ୟାଳୟର ଛାତ୍ରୀ ଯୁବ ପ୍ରତିଭା ସାଇ ସିଦ୍ଧି ମହାନ୍ତ। ଭାରତ ସରକାରଙ୍କ ସଂସ୍କୃତି ବିଭାଗ ଦ୍ୱାରା ପ୍ରଦତ୍ତ ସାଂସ୍କୃତିକ ବୃତ୍ତି ଲାଭ କରି ଜଣେ ଦକ୍ଷ ଓଡ଼ିଶୀ ନୃତ୍ୟଶିଳ୍ପୀ ତଥା ଦୁଇଟି ମାର୍ଶାଲ ଆର୍ଟର ଜାତୀୟ ସ୍ତରର ଖେଳାଳି ଭାବେ ମୟୂରଭଞ୍ଜ ମହୋତ୍ସବ କମିଟି ତରଫରୁ ସମ୍ବର୍ଦ୍ଧିତ ହୋଇଛନ୍ତି। ମଞ୍ଚସ୍ଥ ବର୍ଷୀୟାନ ରାଜନେତା ପୂର୍ବତନ ମନ୍ତ୍ରୀ ପ୍ରବୀଣ ପ୍ରବକ୍ତା ବିଜୟ କୁମାର ମହାପାତ୍ର ତଥା ଅଭିନେତା ଅସିତ ପତି, ରାଜନେତା ବବି ଦାସ, ପୂର୍ବତନ ସାଂସଦ ରବିନାରାୟଣ ପାଣି, ସରୋଜିନୀ ହେମ୍ବ୍ରମ୍, ପୂର୍ବତନ ବିଧାୟକ ରାଜକିଶୋର ଦାସ ତଥା ଅନ୍ୟାନ୍ୟ ଆମନ୍ତ୍ରିତ ଅତିଥି ମାନଙ୍କଠାରୁ ଉପଢୌକନ ସହ ସ୍ମୃତି ଫଳକ ସହ ସମ୍ବର୍ଦ୍ଧିତ ହୋଇଥିଲେ। ବର୍ତ୍ତମାନ ସାଇସିଦ୍ଧି ନୃତ୍ୟଶ୍ରୀ ଅନୁଷ୍ଠାନ କରଞ୍ଜିଆ ରେ ପ୍ରଫେସର ଗୁରୁ ଡ଼.ମନୋଜ କୁମାର ବେହେରା ଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ନୃତ୍ୟ ଶିକ୍ଷା ଲାଭ କରୁଛନ୍ତି।

# ଗଞ୍ଜାମ ଜିଲ୍ଲା ସାମ୍ବାଦିକ ୟୁନିଅନର ସଂପାଦକ ହେଲେ ସନ୍ତୋଷ ମିଶ୍ର

ଗଞ୍ଜାମ(ଭାସ୍କର ନ୍ୟୁଜ): ଓୟୁଜେ ଅନୁବନ୍ଧିତ ଗଞ୍ଜାମ ଜିଲ୍ଲା ସାମ୍ବାଦିକ ୟୁନିଅନର ନୂତନ କର୍ମକର୍ତ୍ତା ଚୟନ ହୋଇଛି। ପ୍ରିୟ ଖବର ଛତ୍ରପୁର ପ୍ରତିନିଧି ସନ୍ତୋଷ କୁମାର ମିଶ୍ର ସାଧାରଣ ସଂପାଦକ ଭାବେ ମନୋନୀତ ହୋଇଛନ୍ତି । ଏହି ପଦବୀରେ ଶ୍ରୀ ମିଶ୍ର ଆଗାମୀ ଦୁଇବର୍ଷ ପର୍ଯ୍ୟନ୍ତ କାର୍ଯ୍ୟକାଳ ରହିବେ। ୟୁନିୟନର ବାର୍ଷିକ ସାଧାରଣ ପରିଷଦ ବୈଠକ ବ୍ରହ୍ମପୁର ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି।ରାଜ୍ୟ ସରକାର ସାମ୍ବାଦିକମାନଙ୍କ ପାଇଁ ଲାଗୁ କରିଥିବା ଗୋପବନ୍ଧୁ ସ୍ୱାସ୍ଥ୍ୟ ବୀମା ରାଶି ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରିବା ସହ ଏହି ଯୋଜନାରେ ପିତାମାତାଙ୍କୁ ସାମିଲ କରିବା, ବ୍ଲକ ଓ ଜିଲ୍ଲା ସ୍ତରୀୟ ସମସ୍ତ ସାମ୍ବାଦିକମାନଙ୍କୁ ଅଧିସ୍ୱୀକୃତି ପ୍ରଦାନ କରିବା । ଅନ୍ୟ ରାଜ୍ୟ ଭଳି ଓଡ଼ିଶାରେ ସାମ୍ବାଦିକମାନଙ୍କ ପାଇଁ ପେନସନ ଓ ସୁରକ୍ଷା ପ୍ରଦାନ ପାଇଁ ପଦକ୍ଷେପ ନେବା ସହ ସାମ୍ବାଦିକମାନେ ସୁରକ୍ଷିତ ଭାବେ କିପରି କାର୍ଯ୍ୟ ସମ୍ପାଦନ କରିହେବ ସେଥିପ୍ରତି ସର୍ବଦା କାର୍ଯ୍ୟ କରିବି ବୋଲି ଶ୍ରୀ ମିଶ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଚୟନ ପରେ ବିଭିନ୍ନ ମହଲରୁ ତାଙ୍କୁ ଶୁଭେଚ୍ଛାର ସୁଅ ଛୁଟିଥିଲା। ଓୟୁଜେ ଅନୁବନ୍ଧିତ ଗଞ୍ଜାମ ଜିଲ୍ଲା ସାମ୍ବାଦିକ ୟୁନିଅନର ନୂତନ କର୍ମକର୍ତ୍ତା ଓ ସଦସ୍ୟଙ୍କୁ ସେ ଧନ୍ୟବାଦ ଜଣାଇଛନ୍ତି।

# ରାଜପଥରେ ମେଡିସିନ ରିପ୍ରେଜେଣ୍ଟେଟିଭଙ୍କ ଠାରୁ ଲୁଟ୍ ଅଭିଯୋଗ



ଭଣ୍ଡାରିପୋଖରୀ (ଭାସ୍କର ନ୍ୟୁଜ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥ କହରାପୋଖରୀ ୪ ନଂ କେନାଲ ନିକଟରେ ଗୁରୁବାର ଅପରାହ୍ନରେ ଜନୈକ ମେଡିସିନ ରିପ୍ରେଜେଣ୍ଟେଟିଭଙ୍କ ଠାରୁ ଟଙ୍କା ବ୍ୟାଗ ଲୁଟ ହୋଇଥିବା ଅଭିଯୋଗ ହୋଇଛି। ଗଣେଶ ଏଣ୍ଟରପ୍ରାଇଜର ମେଡିସିନ ସପ୍ଲାଏରେ କାର୍ଯ୍ୟ କରୁଥିବା ବାସୁଦେବପୁର ଥାନା ଆରୁହା ଗ୍ରାମର ନରେନ୍ଦ୍ର ପ୍ରସାଦ ପାଢ଼ୀ ଗୁରୁବାର ଦିନ ୩.୨୦ ମି. ସମୟରେ ଭଣ୍ଡାରିପୋଖରୀରୁ ନଗଦ ୮୫ ହଜାର ଟଙ୍କା, ୧୦ ହଜାର ଟଙ୍କା ଚେକ୍ ସହ ଅନ୍ୟାନ୍ୟ କାଗଜପତ୍ର ଥିବା ବ୍ୟାଗ ଧରି ବାଇକ ଯୋଗେ ଭଦ୍ରକ ଫେରୁଥିଲେ। କଳା ରଙ୍ଗର ମୋଟର ସାଇକେଲରେ ପଛରୁ ତାଙ୍କୁ ଫଲୋ କରି ୨ ଜଣ ଆରୋହୀ ଦ୍ରୁତଗତିରେ ଆସି ଟଙ୍କା ବ୍ୟାଗକୁ ଝମ୍ପିନେଇ ଭଦ୍ରକ ଆଡକୁ ପଳାଇଥିଲେ। ନରେନ୍ଦ୍ର ଏ ସମ୍ପର୍କରେ ଥାନାରେ ଅଭିଯୋଗ କରିଥିବା ଜଣାଯାଇଛି। ରିପୋର୍ଟ ପ୍ରସ୍ତୁତ ପର୍ଯ୍ୟନ୍ତ ଏଥିନେଇ ଥାନାରେ ମାମଲା ରୁଜୁ ହୋଇନାହିଁ। ତେବେ ପଲିସ ଅଭିଯୋଗକାରୀଙ୍କୁ ନେଇ ଘଟଣାସ୍ଥଳରେ ତଦନ୍ତ ଚଳାଇଛି।

# ମାଗଣା ପୋଷାକ ବଣ୍ଟନକୁ ନେଇ ଛକାପଞ୍ଝା

କଣାସ(ଭାସ୍କର ନ୍ୟୁଜ): କେନ୍ଦ୍ର ଓ ରାଜ୍ୟ ସରକାର ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀମାନେ କିପରି ଅଧିକା ସଂଖ୍ୟାରେ ସ୍କୁଲକୁ ଆସିପାରିବେ ଏସଥିପାଇଁ ମାଗଣାରେ ମଧ୍ୟାହ୍ନ ଭୋଜନ ମାଗଣାରେ ପ୍ରତ୍ୟେକ ଛାତ୍ରଛାତ୍ରୀମାନଙ୍କୁ ଦୁଇହଳ ପୋଷାକ ମାଗଣାରେ ବହିପତ୍ର ଓ ଖେଳ ଉପକରଣ ଯୋଗାଉଥିବାବେଳେ ଚଳିତ ଶିକ୍ଷାବର୍ଷ ନଅ ମାସ ବିତିଯାଇଥିଲେ ମଧ୍ୟ ବର୍ତ୍ତମାନ ସୁଧା ଛାତ୍ରଛାତ୍ରୀମାନଙ୍କୁ ପୋଷାକ ମିଳିନଥିବା ଜଣାପଡିଛି। ଖବର ନେବାରେ ଜଣାପଡିଛି କଣାସ ବ୍ଲକର ସମସ୍ତ ବିଦ୍ୟାଳୟକୁ ପୋଷାକ ଯୋଗାଇବା ପାଇଁ ସ୍ୱୟଂ ସହାୟକ ଗୋଷ୍ଠୀ ଏବଂ ଜିଏସଟି ଥିବା ଲୁଗା ଦୋକାନୀ ୩୬ ଜଣଙ୍କୁ ସୁପାରିଶ

## ଛାତ୍ରଛାତ୍ରୀ ପୋଷାକ ପାଇବାରୁ ବଞ୍ଚିତ

କରାଯାଇଥିବାବେଳେ ଦୋକାନୀ ଓ ସ୍ୱୟଂ ସହାୟକ ଗୋଷ୍ଠୀମାନେ ସରକାରଙ୍କ ନିର୍ଦ୍ଦେଶମତେ ଠିକ ସମୟରେ ସଠିକ ପରିମାଣର ପୋଷାକ ଯୋଗାଇପାରୁନଥିବାରୁ ବାଧ୍ୟ ହୋଇ ପ୍ରଧାନ ଶିକ୍ଷକମାନେ ପୋଷାକ ରଖିପାରୁନାହାଁନ୍ତି। ଯାହାଦ୍ୱାରାକି ଛାତ୍ରଛାତ୍ରୀମାନେ ପୋଷାକ ପାଇବାରୁ ବଞ୍ଚିତ ହେଉଛନ୍ତି । ଏ ସଂପର୍କରେ କଣାସ ବ୍ଲକ ଶିକ୍ଷା ଅଧିକାରୀ ନାରାୟଣ ପ୍ରଧାନଙ୍କୁ ପଚାରିବାରୁ ସେ କୁହନ୍ତି ଦୋକାନୀମାନେ ନିମ୍ନମାନର ପୋଷାକ ନେଉଥିବା ଏବଂ ଯେଉଁ ସ୍କୁଲରେ ଯେତିକି ଛାତ୍ରଛାତ୍ରୀ ଅଛନ୍ତି ତାହାଠାରୁ କମ ପରିମାଣର ପୋଷାକ ନେଉଥିବା ପୋଷାକ ସହିତ ଛାତ୍ରଛାତ୍ରୀମାନଙ୍କ ପାଇଁ ଜୋତା ନେଇଯାଉଥିବାରୁ ପ୍ରଧାନ ଶିକ୍ଷକ ସେଗୁଡିକ ରଖୁନାହାନ୍ତି କିମ୍ବା ବିଦ୍ୟାଳୟର ପରିଚାଳନା କମିଟର ସଭାପତି ସଂପାଦକ ଓ ସଭ୍ୟମାନଙ୍କୁ ଜଣାଉନଥିବାରୁ ପରିଚାଳନା କମିଟରେ ଅସନ୍ତୋଷ ଦେଖାଦେଇଛି । କେଉଁ ବିଦ୍ୟାଳୟକୁ ସ୍ୱୟଂ ସହାୟକ ଗୋଷ୍ଠୀ ଓ ଦୋକାନୀ ପୋଷାକ ନେଇଯାଉଛନ୍ତି ସେ ସଂପର୍କରେ ଶିକ୍ଷା ଅଧିକାରୀଙ୍କୁ ମଧ୍ୟ ଜଣାଉନଥିବା ଅଧିକାରୀ ପ୍ରକାଶ କରିଥିଲେ ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ



କେନ୍ଦ୍ରାପଡ଼ା(ଭାସ୍କର ନ୍ୟୁଜ): ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ଗୁରୁବାର ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସଡ଼କ ସୁରକ୍ଷା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଉକ୍ତ ବୈଠକରେ ଅତିରିକ୍ତ ଜିଲ୍ଲାପାଳ(ରାଜସ୍ୱ) ନିଲୁ ମହାପାତ୍ର ଅଧ୍ୟକ୍ଷତା କରିଥିଲେ। ସ୍କୁଲ ଓ କେଲଜ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ସଡ଼କ ସୁରକ୍ଷା ସଚେତନତା ପଦଯାତ୍ରା ଆୟୋଜନ କରିବା ପାଇଁ ଅତିରିକ୍ତ ଜିଲ୍ଲାପାଳ ସଡ଼କ ପରିବହନ ବିଭାଗକୁ ପରାମର୍ଶ ଦେଇଥିଲେ। ସଡ଼କ ସୁରକ୍ଷା ଓ ଦୁର୍ଘଟଣା ଜନିତ ଶୂନ୍ୟ ମୃତ୍ୟୁ ପାଇଁ ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ନିଆଯାଇଥିବା ପଦେକ୍ଷପ ବିଷୟରେ ଜିଲ୍ଲା ପରିବହନ ଅଧିକାରୀ ଧିରେନ କୁମାର ନାୟକ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲେ। ଗତ ତା ୧୧.୦୯.୨୦୨୪ ରିଖେର ହୋଇଥିବା ସଡ଼କ ସୁରକ୍ଷା ବୈଠକରେ ଆଲୋଚିତ ହୋଇଥିବା ବ୍ଲାକସ୍ପଟ ଯଥା ଚାନ୍ଦୋଳ ଓ ଜର୍ଣ୍ଣିଲୋ ପାଖରେ ଦୁର୍ଘଟଣା ଜନିତ ସତର୍କତା ଫଳକ ଲଗାଯାଇଛି ଓ ଗାଡିର ଗତି କମାଇବା ପାଇଁ ରମ୍ବଲର୍ସ ନିର୍ମାଣ କରାଯାଇଛି ବୋଲି ପରିବହନ ବିଭାଗ ପକ୍ଷରୁ ସୂଚନା ଦିଆଯାଇଥିଲା। ୨୦୨୩ ମସିହରେ ୧୧୭ ଗୋଟି ଦୁର୍ଘର୍ଟଣା ଘଟି ସେଥିରେ ୧୭୦ ଜଣଙ୍କ ମୃତ୍ୟୁ ଘଟିଥିଲା ବେଳେ ଚଳିତବର୍ଷ ନଭେମ୍ବର ୩୦ ସୁଦ୍ଧା ୧୩୯ ଗୋଟି ଦୁର୍ଘର୍ଟଣାରେ ୭୮ ଜଣଙ୍କର ମୃତ୍ୟୁ ହୋଇଛି ବୋଲି ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଦୁର୍ଘର୍ଟଣାଜନିତ ମୃତ୍ୟୁହାର କମ କରିବାକୁ ଜନସଚେତନତା ସୃଷ୍ଟି କରିବା ପାଇଁ ତଦାରଖ ଜୋରଦାର କରିବା, ଗାଡି ଚଳାଇବା ସମୟରେ ମୋବାଇଲ ଫୋନ ବ୍ୟବହାର ନକରିବା, ମାଦକ ଦ୍ରବ୍ୟ ବ୍ୟବହାର ନକରିବା, ଦୁଇ ଚକିଆ ଯାନରେ ଦୁଇଜଣରୁ ଅଧିକ ନବସିବା, ୧୮ବର୍ଷରୁ କମ ପିଲାଙ୍କୁ ଗାଡି ଚଳାଇବାକୁ ନଦେବା, ଗାଡି ଚଳାଇବା ପୂର୍ବରୁ ବ୍ରେକ, ହର୍ଣ୍ଣ, ଇଣ୍ଡିକେଟର, ଟାୟାର ପ୍ରେସର ଚେକ କରିବା, ହେଲମେଟ ବ୍ୟବହାର କରିବା, ଗୃହପାଳିତ ପଶୁ ରାସ୍ତା ଉପରକୁ ନଛାଡିବା ଏବଂ ଅଯଥା ରାସ୍ତା ଅବରୋଧ ନକରିବା, ଶିକ୍ଷାନୁଷ୍ଠାନ, ଡାକ୍ତରଖାନା ଓ ବିଭିନ୍ନ କାର୍ଯ୍ୟାଳୟ ପାଖରେ କର୍କଶ ହର୍ଣ୍ଣ ନବଜାଇବା, ଆବଶ୍ୟକତା ଠାରୁ ଅଧିକ ଗତିରେ ଗାଡି ନଚଳେଇବା, ଅସୁସ୍ଥ ଥିଲେ ଗାଡି ନଚଳାଇବା, ମଟର ଗାଡି ଚଳାଇଲାବେଳେ ସିଟ ବେଲ୍ଟ ବ୍ୟବହାର କରିବା, କ୍ଷମତା ଠାରୁ ଅଧିକ ମାଲ ଏବଂ ଯାତ୍ରୀ ପରିବହନ ନକରିବା ଆଦି ନିୟମ ଗୁଡିକ ପାଳନ ନକଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଜିଲ୍ଲା ପରିବହନ ବିଭାଗ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଏହି ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ସୁଧାକର ସାହୁ, ଏଡିଏମଓ ଡା. ସଚିତାନନ୍ଦ ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ କୁମାର ନାଗ, ଡେପୁଟୀ କେଲକ୍ଟର(ନିଜାରତ) ପଲ୍ଲବୀ ପାତ୍ର ଗ୍ରାମ୍ୟ ଉନ୍ନୟନ ଓ ପୂର୍ତ୍ତ ବିଭାଗର ଅଧିକ୍ଷଣ ଯନ୍ତ୍ରୀ, ଏନ.ଏଚ.ଏ.ଆଇ.ର ଅଧିକାରୀ ଓ ଅନ୍ୟାନ୍ୟ ବିଭାଗର ଅଧିକାରୀ ଓ କର୍ମକର୍ତ୍ତା, ବସ ଓ ଟ୍ରକ ମଲିକ ସଂଘର ସଭାପତି ଓ ଉପସଭାପତି ପ୍ରମୁଖ ଯୋଗ ଦେଇଥିଲେ ।

# ସର୍ବଭାରତୀୟ ବୃହତ ବନ୍ଦର ସାଂସ୍କୃତିକ ସମାରୋହ ଉଦ୍‌ଘାଟିତ




ପାରାଦୀପ(ଭାସ୍କର ନ୍ୟୁଜ୍): ପାରାଦୀପ ବନ୍ଦର ପ୍ରାଧିକରଣ ଏବଂ ବୃହତ୍ ବନ୍ଦର କ୍ରୀଡ଼ା ନିୟନ୍ତ୍ରଣ ବୋର୍ଡର ମିଳିତ ଆନୁକୂଲ୍ୟରେ ୨୪ତମ ବୃହତ୍ ବନ୍ଦର ସାଂସ୍କୃତିକ ସମାରୋହ ଗୁରୁବାର ଦିନ ବନ୍ଦର ନଗରୀ ପାରାଦୀପର ବାଣୀପୀଠ ଜୟଦେବ ସଦନ ଠାରେ ମହାସମାରୋହରେ ଉଦ୍‌ଘାଟିତ ହୋଇଯାଇଛି। ଉଦଘାଟନୀ ସମାରୋହକୁ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ଉଦଘାଟନ କରି ବିଭିନ୍ନ ବନ୍ଦରରୁ ଆସିଥିବା କଳାକାରମାନଙ୍କୁ ଉତ୍ସାହିତ କରି ୪ଦିନ ଧରି ଆୟୋଜିତ ହେଉଥିବା ଏହି ସମାରୋହର ସଫଳତା କାମନା କରିଥିଲେ । ସେ କହିଥିଲେ କି ଏହି ସମାରୋହ ମାଧ୍ୟମରେ ବିଭିନ୍ନ ବନ୍ଦରରୁ ଆସିଥିବା କର୍ମଚାରୀମାନଙ୍କ ମଧ୍ୟରେ ଭାବର ଆଦାନ ପ୍ରଦାନ ହେବା ସଙ୍ଗେ ସଙ୍ଗେ ନିଜ ନିଜ ରାଜ୍ୟର ଭାଷା ଓ ସଂସ୍କୃତିର ଝଲକ ପ୍ରଦର୍ଶନ କରିବାର ସୁଯୋଗ ମିଳିବ । ଏହି ଅବସରରେ ଗୋପବନ୍ଧୁ କ୍ରୀଡ଼ା ସଂସଦର ସଭାପତି ତଥା ବନ୍ଦର ଅର୍ଥ ପରାମର୍ଶଦାତା ଡି ଏନ୍ ସୋଢ଼ିଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ କାର୍ଯ୍ୟକାରୀ ସଭାପତି ଡକ୍ଟର ଦୁର୍ଗା ପ୍ରସାଦ ସେଠୀ ସ୍ୱାଗତ ଭାଷଣ ଦେଇଥିଲେ । ବନ୍ଦରର ଡି ସି କ୍ୟାପଟେନ ଅଲେଖ ସାହୁ, ଟ୍ରାଫିକ ପରାମର୍ଶଦାତା ଆଶିଷ ବୋଷ, ଉପ ମୁଖ୍ୟ ଅର୍ଥ ପରାମର୍ଶଦାତା ଆର.ଏନ୍.ମିଶ୍ର ମଞ୍ଚରେ ଉପସ୍ଥିତ ଥିଲେ । ଉଦଘାଟନୀ ସମାରୋହକୁ ସଂସଦର ସଚିବ ରଞ୍ଜନ ରଶ୍ମି ବେଉରା ପରିଚାଳନା କରିଥିବା ବେଳେ ରବି ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ। ଏହି ସମାରୋହରେ ଆୟୋଜକ ପାରାଦୀପ ବନ୍ଦର ଛଡ଼ା କଲିକତା, ମୁମ୍ବାଇ, ଚେନ୍ନାଇ, କୋଚିନ, ଭିଓ ଚିଦାମ୍ବରନାର, ଦିନଦୟାଲ, ଜବାହରଲାଲ ନେହେରୁ ବନ୍ଦର ଅଂଶ ଗ୍ରହଣ କରୁଛନ୍ତି ଏବଂ ଏହା ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଚାଲିବ ତଥା ବନ୍ଦରର ଅନ୍ତେବାସୀ ୪ ଦିନ ଧରି ବିଭିନ୍ନ ଭାଷାରେ ନାଟକ ଓ ସଙ୍ଗୀତ ଉପଭୋଗ କରିବାର ସୁଯୋଗ ପାଇବେ । ପ୍ରଥମ ଉଦଘାଟନୀ ସନ୍ଧ୍ୟାରେ ଦିନଦୟାଲ ବନ୍ଦରର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପ୍ରସ୍ତୁତ କରିଥିଲେ ।

# ଚିଲିକାର ବିଦେଶୀ ପକ୍ଷୀ ଧାନ ବିଲରେ



କଣାସ (ଭାସ୍କର ନ୍ୟୁଜ): ଶୀତ ଋତୁର ଆଗମନ ହେଲେ ଦେଶ ବିଦେଶର ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଏସିଆ ମହାଦେଶର ସର୍ବବୃହତ ଲୁଣାହ୍ରଦ ନୀଳାମ୍ବୁ ଚିଲିକାରେ ଆସର ଜମାନ୍ତି ଯାହାଦ୍ୱାରାକି ଚିଲିକାର ସୌନ୍ଦର୍ଯ୍ୟ ବୃଦ୍ଧି ପାଇବା ସହିତ ପର୍ଯ୍ୟଟକ ମାନଙ୍କର ସଂଖ୍ୟା ବୃଦ୍ଧି ପାଇଥାଏ । ପକ୍ଷୀ ଅଭ୍ୟାରଣ୍ୟ ଭାବେ ପରିଚିତ ନଳବଣରେ କିଛି ବର୍ଷ ହେଲା ପକ୍ଷୀ ନରହି ଚିଲିକାର ଉତ୍ତରନାଶୀରେ ଖାଦ୍ୟ ଅନ୍ୱେଷଣରେ ବୁଲନ୍ତି । ଚଳିତ ବର୍ଷ ଲକ୍ଷ ଲକ୍ଷ ବିଦେଶୀ ପକ୍ଷୀ ଚିଲିକାରେ ପହଁଚି ସାରିଥିବା ବେଳେ ଅନେକ ପକ୍ଷୀ ଚିଲିକାର ଉତ୍ତର ନାଶୀରେ ପହଁଚିବା ପରେ ଉତ୍ତର ନାଶୀର ନିକଟବର୍ତ୍ତୀ ଗ୍ରାମ ଗୁଡିକରେ ବର୍ତ୍ତମାନ ରବି ଋତୁ ପାଇଁ ଖରାଟିଆ ଧାନ ଚାଷ ହେଉଥିବାରୁ ପକ୍ଷୀମାନେ ପୋକ ଜୋକ ଖାଇବା ପାଇଁ ଧାନ ଜମିମାନଙ୍କରେ ଆସର ଜମାଇଛନ୍ତି । ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଉତ୍ତର ନାଶୀରେ ସେପରି ବ୍ୟବସ୍ଥା ନଥିବାରୁ ବାହାରର ଶିକାରୀମାନେ ନିର୍ବିଘ୍ନରେ ଶିକାର କରି ଫେରି ଯାଉଛନ୍ତି । ପକ୍ଷୀମାନଙ୍କ ସୁରକ୍ଷା ପାଇଁ ଚିଲିକା ବନ୍ୟ ପ୍ରାଣୀ ବିଭାଗ ଦୃଷ୍ଟି ଦେବାକୁ ପକ୍ଷୀ ପ୍ରେମୀମାନେ ଦାବି କରିଛନ୍ତି

# ବଜ୍ରକାପ୍ତା କାତି ଜବତ, ୨ ଗିରଫ

ବଡଚଣା (ଭାସ୍କର ନ୍ୟୁଜ): ନିକଟସ୍ଥ ବାରୁଣାବନ୍ତ ପାହାଡ଼ରୁ ଏକ ବଜ୍ରକପ୍ତା ମାରି ମାଂସ ଖାଇ ସରିଲା ପରେ କାତିକୁ ନେଇ ଭାଗବଣ୍ଟା ସମୟରେ ବନବିଭାଗ କର୍ମଚାରୀ ଦୁଇଜଣଙ୍କୁ ଗିରଫ କରିଛନ୍ତି। ଖବରରୁ ପ୍ରକାଶ ବଡଚଣା ବ୍ଲକ୍ ଅନ୍ତର୍ଗତ ବାଘୁଆ ଗ୍ରାମର ଶଙ୍କର ଦେହୁରୀଙ୍କ ପୁଅ ରମେଶ ଦେହୁରୀ (୩୯) ଓ ସେହି ଗ୍ରାମର ହୃଦାନନ୍ଦ ରାଉତଙ୍କ ପୁତ୍ର ବିବେକା ନନ୍ଦ ରାଉତ୍ (୩୨) ନିକଟସ୍ଥ ଜଙ୍ଗଲରୁ ଏକ ବଜ୍ରକାପ୍ତା ମାରି ମାଂସ ଖାଇ ସାରିଲା ପରେ ତାର କାତି କୁ ନେଇ ଦୁଇଜଣଙ୍କ ମଧ୍ୟରେ ଭାଗ ବଣ୍ଟାକୁ ନେଇ ଝଗଡ଼ା ହୋଇ ଥିଲା। ବିଶେଷ ସୂତ୍ରରୁ ଖବର ପାଇ ଜଙ୍ଗଲ ବିଭାଗ କର୍ମଚାରୀ ଫରେଷ୍ଟର କୃଷ୍ଣଚନ୍ଦ୍ର ଟୁଡୁ ଘଟଣା ସ୍ଥଳରେ ପହଞ୍ଚି ରମେଶ ଓ ବିବେକାନନ୍ଦ କୁ ଗିରଫ କରିବା ସହ ବଜ୍ରକାପ୍ତା କାତି ଜବତ କରିଥିଲେ। ପରେ ଗିରଫ ଦୁଇ ଜଣ କୁ ବୈରୀ ରେଞ୍ଜର ଅଦେଇତ କୁମାର ପ୍ରଧାନଙ୍କ ହେପାଜତ ରେ ରହିଛନ୍ତି। ସେମାନଙ୍କୁ କୋର୍ଟ ଚାଲାଣ କରାଯାଇଛି।

# ବେଲପାଳ ସରପଞ୍ଚ ତିଳୋତ୍ତମା ଆସ୍ଥା ଭୋଟରେ ପରାସ୍ତ

ରାଜନଗର(ଭାସ୍କର ନ୍ୟୁଜ): କେନ୍ଦ୍ରାପଡା ଜିଲ୍ଲା ରାଜନଗର ବ୍ଲକ ବେଲପାଳ ପଞ୍ଚାୟତର ବିଜେଡି ପରେ ବିଜେପି ସମର୍ଥୀତ ସରପଞ୍ଚ ତିଳୋତମା ବରାଳ ଆସ୍ଥା ଭୋଟରେ ପରାଜୟ ହୋଇଛନ୍ତି। ବିଜେଡି ସମର୍ଥୀତ ନାଏବ ସରପଞ୍ଚ ନଳୀନୀକାନ୍ତ କୁଣ୍ଡୁ ସରପଞ୍ଚ ଦାୟିତ୍ୱରେ ରହିଥିବା ପ୍ରଶାସନ ପକ୍ଷରୁ ଜଣାପଡିଛି।ଏହି ଅନସ୍ଥା ପ୍ରସ୍ଥାବକୁ ନେଇ ବିଧାୟକ ଧ୍ରୁବ ସାହୁ ତାଙ୍କ ଗାଁ ପଞ୍ଚାୟତ ବୋଲି ନିଜର ସମ୍ମାନ ରକ୍ଷା ଦୃଷ୍ଟିରୁ ଲାଗି ପଡିଥିଲେ। ଏନେଇ ଉଚ୍ଚ ନ୍ୟାୟଳୟର ମଧ ଦ୍ୱାରସ୍ଥ ହୋଇଥିଲେ। ମାନ୍ୟବର ହାଇକୋର୍ଟ ୩ମାସ ପରେ ୩ମାସ ପରେ ଚଳିତ୧୧ତାରିଖ ବୁଧବାର ଦିନ ଅନାସ୍ଥା ଭୋଟ ଅନୁଷ୍ଠିତ ହେବାକୁ ଆଦେଶ ହୋଇଥିଲା।ତେଣୁ କୋର୍ଟ ଆଦେଶ ପ୍ରକାରେ ବୁଧବାର ଦିନ ମୋଟ ୧୧ଜଣ ୱାର୍ଡ ସଭ୍ୟଙ୍କ ମଧ୍ୟରୁ ୩ଜଣ ଅନୁପସ୍ଥିତ ଥିଲେ। ୮ଜଣ ୱାର୍ଡ ସଭ୍ୟ/ସଭ୍ୟା ଓ ସରପଞ୍ଚ ଉପସ୍ଥିତ ଥିବାରୁ କୋରମ ହୋଇ ବୈଠକ ହୋଇଥିଲା।






# ମଣ୍ଡିରୁ ୭କେଜି କଟ୍‌ନୀରେ ଉଠୁଛି ଧାନ



ଧର୍ମଗଡ଼, (ଭାସ୍କର ନ୍ୟୁଜ): ଧାନମଣ୍ଡିକୁ ନେଇ ଶାସକ-ବିରୋଧୀ ତୁଣ୍ଡ ବାଇଦ କରିଥିଲେ । କିଭଳି ବିନା କଟ୍‌ନୀ ଛଟ୍‌ନୀରେ ଧାନ କିଣା ସାଙ୍ଗକୁ ମିଲର୍ସ ରାଜ୍ ଓ ଦଲାଲ କବ୍‌ଜାରୁ ଚାଷୀ ମୁକୁଳିବେ ସେ ଦିଗ ପ୍ରତି ବିଶେଷ ଧାନ ଦିଆଯିବ ଏଥିରେ ବିଜେପି କୃଷକ ମୋର୍ଚ୍ଚା ସଦସ୍ୟମାନେ ମଣ୍ଡି ଜଗିବେ ଶାସକ ଦଳ ଘୋଷଣା କରିଥିଲା । ଏଭଳି ବିରୋଧୀ ବିଜେଡି କର୍ମୀମାନେ ରାତିଦିନ ଏହା ଉପରେ ନଜର ଦେବା ସହ ମଣ୍ଡିରେ ଜଗୁଆଳି ସାଜିବେ ବୋଲି ଡିଣ୍ଡିମ ପିଟିଥିଲେ । ହେଲେ କ୍ୱିଣ୍ଟାଲ ପ୍ରତି ୭କେଜି ଲେଖାଏଁ କଟ୍‌ନି ଛଟ୍‌ନି ହେଉଥିବା ଅଭିଯୋଗ ହେଉଛି । କଳାହାଣ୍ଡି ଜିଲ୍ଲାରେ ନଭେମ୍ବର ମାସ ୨୯ରିଖ ଠାରୁ ଆରମ୍ଭ ହୋଇଛି ଧାନ ମଣ୍ଡି । ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡିରେ ଖୋଦ ଜିଲ୍ଲା ପ୍ରଶାସନ ଆସି ଉଦ୍‌ଘାଟନ କରିଥିଲେ । ଏନେଇ ସ୍ଥାନୀୟ ଚାଷୀ କୁଳକୁ ଡାକି ଏକ ସଭାର ଆୟୋଜନ ମଧ୍ୟ ହୋଇଥିଲା । ଏହି ସଭାରେ ବିନା କଟ୍‌ନି ଛଟ୍‌ନି ଧାନ କ୍ରୟ ହେବା ନେଇ ମଧ୍ୟ ଆଲୋଚନା ହୋଇଥିଲା । ବିନା କଟ୍‌ନି ଛଟ୍‌ନିରେ କ୍ରୟ ହେବା ନେଇ ଚାଷୀ ଖୁସିବ୍ୟକ୍ତ କରିଥିଲେ କିନ୍ତୁ ତାହା ଏବେ ଓଲଟା ସାବ୍ୟସ୍ତ ହୋଇଛି । ସୂଚନା ଅନୁଯାୟୀ, ଗୋଲାମୁଣ୍ଡା ବ୍ଲକ ଘୋଟିଆ ମଣ୍ଡିରେ ଖମାରହଳଦୀ ଓ ବୃନ୍ଦାବହାଲ ପେକ୍ସ ତରଫରୁ ଧାନ କିଣା ପ୍ରକ୍ରିୟା ଆରମ୍ଭ ହୋଇଛି । ଖମାରହଳଦୀ ପେକ୍ସ ପାଇଁ ପାଞ୍ଚ ଗୋଟି ମିଲର୍ସ ଟ୍ୟାଗ ହୋଇଛି । ବୁଧବାର ଦିନ ପୂଜା ଏଗ୍ରୋ କେସିଙ୍ଗା ମିଲର୍ସ ତରଫରୁ ପାଞ୍ଚ ଜଣ ଚାଷୀ ଚୈତନ୍ୟ ସତନାମୀ ୪୬.୬୫କ୍ୱିଣ୍ଟାଲ, ସ୍ୱରୂପ ପ୍ରକାଶ ୭୫କ୍ୱିଣ୍ଟାଲ, କ୍ଷୀର ମାଝୀ ୩୦.୪୦କ୍ୱିଣ୍ଟାଲ, ସଞ୍ଜୟ ହଂସ ୨୪.୩୧କ୍ୱିଣ୍ଟାଲ ଓ ଯୋଗୀନ୍ଦ୍ର ମେହେର ୭୧.୬୦କ୍ୱିଣ୍ଟାଲ ସମୁଦାୟ ୨୪୭.୯୬କ୍ୱିଣ୍ଟାଲ ଧାନ କ୍ରୟ ହୋଇଥିବା ଜଣାପଡିଛି । ଚାଷୀମାନଙ୍କ ଅଭିଯୋଗ ମତେ ଏଫ୍‌କ୍ୟୁ ଆଳରେ କ୍ୱିଣ୍ଟାଲ ପ୍ରତି ୫କେଜି ଓ ବସ୍ତା ପିଛା ପାଖାପାଖି ୨କେଜି କଟ୍‌ନି ଛଟନି ହୋଇଥିବା ଅଭିଯୋଗ ହୋଇଛି । ଅନ୍ୟପଟେ ଚାଷୀଙ୍କୁ ଅଖା ବସ୍ତା ମଧ୍ୟ ଦିଆଯାଉନାହିଁ, ଖୋଦ ଅଖା ବସ୍ତା ଚାଷୀ ନିଜେ କିଣି ଧାନ ଦେଉଥିବା ବେଳେ ମଣ୍ଡିକୁ ଆଣିଥିବା ଚାଷୀକୁ କଟ୍‌ନି ଛଟ୍‌ନି ଦେବା ପାଇଁ ବାଧ୍ୟ କରାଯାଉଛି । ଏପଟେ ସରକାର ସମ୍ପୂର୍ଣ୍ଣ କଟନି ଛଟନି ବନ୍ଦ କହୁଥିବା ବେଳେ ଏଠି ଖୁଲମଖୁଲା କଟନି ଛଟନି ଚାଲିଛି । ଯାହା ଫଳରେ ଚାଷୀ ମହଲରେ ଅସନ୍ତୋଷ ଦେଖା ଦେଇଛି । ଏନେଇ ପୂଜା ଏଗ୍ରୋ ମିଲର ଏଜେଣ୍ଟ ଖୁସିରାମ ଲହଜାଲଙ୍କୁ ପଚାରିବାରୁ ଅଭିଯୋଗକୁ ସ୍ୱୀକାର କରିବା ସହ ଚାଷୀଙ୍କ ବୁଝାମଣାରେ କଟନି ଛଟନି ହେଉଛି ବୋଲି କହିଥିଲେ । ସେହିପରି ଘୋଟିଆ ମଣ୍ଡି ଖମାରହଳଦୀ ପେକ୍ସ ଦାୟିତ୍ୱରେ ଥିବା କ୍ରୟ ଅଧିକାରୀ ପଦ୍ମଲୋଚନ ଭୋଇଙ୍କୁ ପଚାରିବାରୁ ଚାଷୀ ଓ ମିଲର୍ସ ଏଜେଣ୍ଟ ତାଙ୍କ ଭିତରେ ସେମାନେ ବୁଝାମଣା ହୋଇ ଯାହା କରୁଥିବେ ଆମେ ଏହି ବାବଦକୁ ଜାଣୁନାହିଁ ବୋଲି କହିଥିଲେ ।

## ଯୁବକଙ୍କ ଝୁଲନ୍ତା ମୃତଦେହ ଉଦ୍ଧାର

ଧର୍ମଗଡ଼, (ଭାସ୍କର ନ୍ୟୁଜ): ଗୋଲାମୁଣ୍ଡା ଥାନା ଦଶପୁର ଫାଣ୍ଡି ଅଧିନସ୍ଥ ବଜାରପଡ଼ା ବରଗଛ ନିକଟରେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି । ବରଗଛରେ ଝୁଲନ୍ତା ଅବସ୍ଥାରେ ଜଣେ ଯୁବକଙ୍କ ମୃତଦେହ ଠାବ ହୋଇଛି । ଏହାର କାରଣ ଅସ୍ପଷ୍ଟ ଥିଲେ ବି ଏହା ଏକ ହତ୍ୟା ଜନିତ ମୃତ ବୋଲି ସାଧାରଣରେ ଆଲୋଚନା ହେଉଛି । ମୃତଦେହ ପାରିପାର୍ଶ୍ୱିକ ସ୍ଥିତି ଅନୁଯାୟୀ କେହି ହତ୍ୟା କରି ଗଛରେ ଝୁଲେଇ ଦେଇଥିବା ସନ୍ଦେହ କରାଯାଉଛି । ମୃତ ଯୁବକ ଜଣଙ୍କ ହେଲେ ନୂଆପଡ଼ା ଜିଲ୍ଲା କୁର୍ଲୁଭଟା ଗ୍ରାମର ଝଜ ସା (୩୫) । ଘଟଣାସ୍ଥଳରେ ପୋଲିସ ପହଞ୍ଚି ତଦନ୍ତ ଜାରୀ ରଖିଛି । ଭବାନୀପାଟଣାରୁ ସାଇଣ୍ଟିଫି ଟିମ୍ ଆସି ତଦନ୍ତ କଲା ପରେ ମୃତଦେହ ଉଦ୍ଧାର କରି ଶବ ବ୍ୟବଚ୍ଛେଦ ବ୍ୟବସ୍ଥା କରାଯିବ ବୋଲି ପୋଲିସ ସୂଚନା ଦେଇଛି ।

## ଦର୍ଶକଙ୍କ ମନ ମୋହିଲା 'ଲୋକନୃତ୍ୟ ଘୁମୁରା'




ଭବାନୀପାଟଣା, (ଭାସ୍କର ନ୍ୟୁଜ): ହରିୟାଣା ରାଜ୍ୟର କୁରୁକ୍ଷେତ୍ର ଠାରେ ପାଳିତ ହେଉଥିବା ଆନ୍ତର୍ଜାତୀୟ ଗୀତା ମହୋତ୍ସବର ସାଂସ୍କୃତିକ କାର୍ଯ୍ୟକ୍ରମରେ କଳାହାଣ୍ଡି ଜିଲ୍ଲାର ଲୋକନୃତ୍ୟ ଘୁମୁରା ପ୍ରଦର୍ଶିତ ହୋଇ ଦର୍ଶକମାନଙ୍କ ମନ କିଣିଛି । କଳାହାଣ୍ଡି ଜିଲ୍ଲା ଭବାନୀପାଟଣା ସହରରେ ଥିବା ମହାବୀର ସାଂସ୍କୃତିକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ମହାରାଜା ପ୍ରତାପ କେଶରୀ ଦେଓ ଘୁମୁରା ଏକାଡେମୀର କଳାକାରମାନେ ଏହି ଗୀତା ମହୋତ୍ସବରେ ଘୁମୁରା ନୃତ୍ୟ ପ୍ରଦର୍ଶନ କରି ଦର୍ଶକମାନଙ୍କ ପ୍ରଶଂସା ସାଉଁଟିଛନ୍ତି ।

## କୋକସରା ବ୍ଲକରେ ନୂତନ ବିଡ଼ିଓଙ୍କ ଯୋଗଦାନ



କୋକସରା,(ଭାସ୍କର ନ୍ୟୁଜ): କୋକସରା ବ୍ଲକରେ ଗୁରୁବାର ନୂତନ ବିଡିଓ ଭାବେ ହିମାଞ୍ଚଳ ମାଝୀ ଯୋଗ ଦେଇଛନ୍ତି । ଭାରପ୍ରାପ୍ତ ବିଡ଼ିଓ ବିଶ୍ୱନାଥ ରାଉତଙ୍କଠାରୁ ସେ' ଦାୟିତ୍ୱ ଗ୍ରହଣ କରିଛନ୍ତି । ବିଡିଓ ଶ୍ରୀ ମାଝୀ ଏହା ପୂର୍ବରୁ ମାଲକାନଗିରି ଜିଲ୍ଲା ମାଥିଲି ବ୍ଲକରେ କାର୍ଯ୍ୟରତ ରହିଥିଲେ । ସେ' କାର୍ଯ୍ୟରେ ଯୋଗଦେବା ପରେ ବ୍ଲକ କାର୍ଯ୍ୟାଳୟ ପକ୍ଷରୁ ସହକାରୀ ଯନ୍ତ୍ରୀ ସର୍ବେଶ୍ୱର ପ୍ରଧାନ, ବରିଷ୍ଠ କିରାଣୀ ବିନୋଦ ନାଏକ, ହିସାବ ରକ୍ଷକ ଅଶୋକ ସେଠି, ଜିପିଡିଓ ରାଜେନ୍ଦ୍ର ପାତ୍ର, କନିଷ୍ଠ ଯନ୍ତ୍ରୀ କୀର୍ତ୍ତି ବେହେରା, ଅମ୍ବିକା ମାଝୀ, ସୁକାନ୍ତ ବେହେରା, ପିପି ସିଂ, ସୌରବ ବେହେରା, ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଦୀପକ କୁମାର ବେହେରା ସମେତ କର୍ମଚାରୀମାନେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ । ସେହିପରି ବ୍ଲକ ସାମ୍ବାଦିକ ସଂଘ (କେବିଏସ୍‌ଏସ୍) ପକ୍ଷରୁ ମଧ୍ୟ ନୂତନ ବିଡ଼ିଓଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି । ବିଡ଼ିଓ ଯୋଗଦେବା ପରେ ଶ୍ରୀ ମାଝୀ ପ୍ରଥମେ ଜନସାଧାରଣଙ୍କ ସମସ୍ୟା ଉପରେ ଗୁରୁତ୍ୱ ଦେବା ସହିତ ଉନ୍ନୟନମୂଳକ କାର୍ଯ୍ୟର ଅଗ୍ରଗତି କରିବା ଏବଂ ସରକାରୀ ଯୋଜନାଗୁଡ଼ିକର ସଫଳ ରୂପାୟନ ଦିଗରେ ବିଶେଷ ଭାବରେ ନଜର ଦେବାକୁ କହିଛନ୍ତି ।

## ଧୁମ୍‌ଧାମ୍‌ରେ ଲକ୍ଷ୍ମୀପୂଜା ପାଳିତ



କୋକସରା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କୋକସରା ବ୍ଲକ ବଡପୋଡାଗୁଡା ପଞ୍ଚାୟତର ରଏନଗୁଡାଠାରେ ଧୁମ୍‌ଧାମ୍‌ରେ ପାଳିତ ହେଉଛି ମା' ଲକ୍ଷ୍ମୀଙ୍କ ପୂଜା ଉତ୍ସବ । ପୂଜା ଅବସରରେ ଗାଁ ଦାଣ୍ଡ ଉତ୍ସବ ମୁଖର ହୋଇଥିବା ବେଳେ ଭଜନ ସମାରୋହ ସହ ନାଟକ ଆଦି କାର୍ଯ୍ୟକ୍ରମ ରହିଛି । ପଣ୍ଡିତ କେଦାରନାଥ ମିଶ୍ର ଓ କୃଷ୍ଣଚନ୍ଦ୍ର ଦାସ ପୂଜା କାର୍ଯ୍ୟ ସମ୍ପାଦନ କରୁଥିବାବେଳେ କାର୍ତ୍ତିକେଶ୍ୱର କାଣ୍ଡ ଓ ତାଙ୍କ ଧର୍ମପତ୍ନୀ ପଦ୍ମା କାଣ୍ଡ କର୍ତ୍ତା ଭାବେ ରହିଛନ୍ତି । ପୂଜା କମିଟି ସଭାପତି ସତ୍ୟନାରାୟଣ କାଣ୍ଡ, ଉପସଭାପତି ଚନ୍ଦ୍ରମଣି ନାଏକ, ସମ୍ପାଦକ ହେମନ୍ତ ନାଏକ, ସହ ସମ୍ପାଦକ ମିଥୁନ ପୂଝାରୀ, କୋଷାଧ୍ୟକ୍ଷ ମୋହନ ରାଉତ ସମେତ ଗ୍ରାମବାସୀ ପୂଜା କାର୍ଯ୍ୟରେ ସହଯୋଗ କରୁଛନ୍ତି ।

# ଜିଲ୍ଲାସ୍ତରୀୟ କୃଷି ଯନ୍ତ୍ରପାତି ମେଳା ଉଦ୍‌ଯାପିତ




ଭବାନୀପାଟଣା, (ଭାସ୍କର ନ୍ୟୁଜ): ରାଜ୍ୟ ସରକାରଙ୍କ କୃଷି ଓ କୃଷକ ସଶକ୍ତିକରଣ ବିଭାଗ କଳାହାଣ୍ଡି ଜିଲ୍ଲା ପକ୍ଷରୁ ଆୟୋଜିତ କୃଷି ଯନ୍ତ୍ରପାତି ମେଳାର ଆଜି ଥିଲା ଉଦ୍‌ଯାପନୀ ଦିବସ । ଚାରିଦିନ ବ୍ୟାପି ହୋଇଥିବା ମେଳାର ଆଜି ଥିଲା ଅନ୍ତିମ ଦିବସ । ଏହି ମେଳା ଗତ ୭ ତାରିଖରୁ ଆରମ୍ଭ ହୋଇ ୧୧ ତାରିଖରେ ସମାପନ ହୋଇଯାଇଛି । ଏହି ଉପଲକ୍ଷେ କୃଷି ଯନ୍ତ୍ରପାତି ପ୍ରଦର୍ଶନ, ବିତରଣ ଏବଂ କୃଷି ସମ୍ବନ୍ଧୀୟ ଆଲୋଚନା ଚକ୍ର ଆଦି ଅନୁଷ୍ଠିତ ହୋଇଥିଲା । ଏଥିରେ ଉନ୍ନତମାନର ଆଧୁନିକ ଜ୍ଞାନକୌଶଳ ପ୍ରୟୋଗ କରି ନିର୍ମିତ ହୋଇଥିବା କୃଷି ଯନ୍ତ୍ରପାତି ପ୍ରଦର୍ଶନ ଓ ବିକ୍ରୟ ତଥା ବ୍ୟବହାରିକ ପ୍ରଣାଳୀ ଏବଂ କ୍ରୟ ଉପରେ ସରକାରୀ ରିହାତିର ସୁବିଧା ଉପଲବ୍ଧ ହୋଇଥିଲା । ଏହି ସବୁକୁ ଦୃଷ୍ଟିରେ ରଖି ଚାଷୀ ଭାଇମାନେ ସେମାନଙ୍କ ଚାହିଦା ମୁତାବକ ଯନ୍ତ୍ରପାତି କ୍ରୟ କରିଥିଲେ । ମେଳା ଶେଷ ଅନ୍ତିମ ଦିନରେ କାରବାର ବେଶ୍ ବୃଦ୍ଧି ପାଇଥିବା ଦେଖିବାକୁ ମିଳିଥିଲା । ସେଇଭଳି କାମ୍ବାଇନ୍ ହାରଭେଷ୍ଟର, ଡାଲି, ରାଇସ୍, ଅଏଲ୍ ମିଲ୍, ଶେଲ୍ଲର, ପମ୍ପ ସେଟ୍, ରେପର, ରୋଟାଭେଟର, ଟ୍ରାକ୍ଟର, ଥ୍ରେଶର ଆଦି ପାଖାପାଖି ୪୭୪ ଗୋଟି ବିଭିନ୍ନ ପ୍ରକାରର କୃଷି ଯନ୍ତ୍ରପାତି ବିକ୍ରୟ ହୋଇଥିଲା ଏବଂ ଏଥିରେ ଜିଲ୍ଲାର ବିଭିନ୍ନ ବ୍ଲକର ୫୨୪ଜଣ କୃଷକ ଭାଗ ନେଇଥିଲେ ଓ ପ୍ରାୟ ୧୫ କୋଟି ଟଙ୍କାର କାରବାର ମଧ୍ୟ ହୋଇଥିଲା । ଏହି ମେଳାରେ ବହୁ ନାମିଦାମୀ କମ୍ପାନୀ ସେମାନଙ୍କର କୃଷି ଯନ୍ତ୍ରପାତି ପ୍ରଦର୍ଶିତ କରିବା ସହ ସେମାନଙ୍କ ବ୍ୟବସାୟିକ ବିଜ୍ଞାପନ ମଧ୍ୟ ଦେଇଥିଲେ । ବ୍ୟାପକ କାରବାର ଦେଖି କମ୍ପାନୀମାନେ ବେଶ୍ ଖୁସିଥିବା ଦେଖିବାକୁ ମିଳିଥିଲା । ମେଳାର ଉଦ୍‌ଯାପନୀ ଦିବସରେ ମୁଖ୍ୟ ଅତିଥି ଭାବେ ଜୁନାଗଡ଼ ବିଧାୟକ କ୍ୟାପଟେନ ଦିବ୍ୟଶଙ୍କର ମିଶ୍ର, ସମ୍ମାନିତ ଅତିଥି ଭାବେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ମଳୟ କୁମାର ପରିଡା, ଓ ୟୁ ଟି ଡିନ୍ ପ୍ରଫେସର ଶାନ୍ତନୁ ତ୍ରିପାଠୀ, କୃଷି ଯନ୍ତ୍ରପାତି ଇଂ ଜଗବନ୍ଧୁ ମାହାଲି, ବିଶିଷ୍ଟ ଅଗ୍ରଣୀ ଚାଷୀ ଅଶୋକ କୁମାର ପଟ୍ଟନାୟକ, ୱାଟରସେଡ୍ ପି.ଡି. ଶୁଭେନ୍ଦୁ କର, ଏ ଡି ଓ ନର୍ଲା କମଳ ଲୋଚନ ନାଏକ, ଏ ଡି ଓ ଜୁନାଗଡ଼ ପ୍ରମୋଦ କୁମାର ବେହେରା, ଏ ଡି ଓ ଭବାନୀପାଟଣା ଏଲିନା ନାୟକ, ଏ ଡି ଓ ଧର୍ମଗଡ଼ ମୋନାଲିସା ପ୍ରଧାନ, ଡି ସି ଏପିକଲ କଳାହାଣ୍ଡି ସଞ୍ଜୟ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ମତବ୍ୟକ୍ତ କରିଥିଲେ । ଏହି ସମସ୍ତ କାର୍ଯ୍ୟକ୍ରମରେ ଆକାଶବାଣୀ ଉଦ୍‌ଘୋଷିକା ସୁଶ୍ରୀ ଲିପସା ମହାରଣା ମଞ୍ଚ ପରିଚାଳନା କରିଥିଲେ । ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ନିମନ୍ତେ ବହୁ ଉଦ୍ୟୋଗୀମାନଙ୍କୁ ପୁରସ୍କୃତ କରାଯାଇଥିଲା ।

## ଜିଲ୍ଲାପାଳଙ୍କୁ ତହସିଲଦାରଙ୍କ ଜରିଆରେ ଦାବିପତ୍ର




କର୍ଲାମୁଣ୍ଡା, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା କର୍ଲାମୁଣ୍ଡା ବ୍ଲକ ସଦର ସ୍ଥିତ ତହସିଲ ଅଫିସ୍ ସମ୍ମୁଖରେ କର୍ଲାମୁଣ୍ଡା ବ୍ଲକ ବିକାଶ ପରିଷଦ ପକ୍ଷରୁ ଶାନ୍ତିପୂର୍ଣ୍ଣ ଭାବେ ଗଣଧାରଣା ଦେଇଛନ୍ତି । କର୍ଲାମୁଣ୍ଡା ଶୈବ ପୀଠ ଠାରୁ ଶତାଧିକ ଚାଷୀ ରାଲିରେ ଆସି ତହସିଲଦାରଙ୍କ ଜରିଆରେ କଳାହାଣ୍ଡି ଜିଲ୍ଲାପାଳଙ୍କୁ ୬ ଦଫା ଦାବିପତ୍ର ପ୍ରଦାନ କରିଥିଲେ । ଚାଷୀମାନଙ୍କ ସମସ୍ୟାକୁ କିପରି ପ୍ରଶାସନ ଦୃଷ୍ଟି ଦେବେ ସେ ନେଇ ଚାଷୀମାନେ ମତବ୍ୟକ୍ତ କରିଥିଲେ । ଚାଷୀ ନେତା ଦେବେନ୍ଦ୍ର ସାହୁ, ଜୟ ଶଙ୍କର ସାହୁ, ଗୋବିନ୍ଦ ସାହୁ, ଗୋକୁଳ ମାଝୀ, ଦୟାନିଧି ସାହୁ, ହୃଦାନନ୍ଦ ସାହୁ, ଗୌର କିଶୋର ରଣା, ଦିନବନ୍ଧୁ ସାହୁ ପ୍ରମୁଖ ଏହି ରାଲିରେ ଯୋଗ ଦେଇଥିଲେ ।

# ଧନସରାରେ ନୂତନ ଧାନମଣ୍ଡି ଉଦ୍‌ଘାଟିତ



କୋକସରା,(ଭାସ୍କର ନ୍ୟୁଜ): ଦୀର୍ଘ ଦିନ ଦାବି ପରେ ଗୁରୁବାର କୋକସରା ବ୍ଲକ କାଶୀବାହାଲ ପ୍ରାଥମିକ କୃଷି ସମବାୟ ସମିତି ଅଧୀନ ଧନସରା ଗ୍ରାମରେ ନୂତନ ଧାନମଣ୍ଡି ସହ ଗୃହ ଉଦ୍‌ଘାଟିତ ହୋଇଛି । ଏଥିରେ କୋକସରା ପଞ୍ଚାୟତ ସମିତି ଉପାଧ୍ୟକ୍ଷ ରାଜୀବ କୁମାର ଅଗ୍ରୱାଲ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ । ମାର୍କଣ୍ଡ ବେମାଲ ମୁଖ୍ୟବକ୍ତା ବିଜେପି ନେତା ତ୍ରିନାଥ ଶବର, ଆର୍‌ଏମ୍‌ସି କର୍ମଚାରୀ ରାହାସ ଧଙ୍ଗଡ଼ାମାଝୀ, ଜଗନ୍ନାଥ ସତନାମୀ, ସମିତିସଭ୍ୟ ଗଜାନନ ନିଆଲ, ପଦ୍ମକିଶୋର ଶତନାମୀ, ଇଶରାମ ବେହେରା, ଗ୍ରାମ୍ୟ କୃଷି କର୍ମଚାରୀ ରଷି ମଣି ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ଏହି ଅବସରରେ କାଶୀବାହାଲ ପେକ୍ସ ସଭାପତି ନିହାର ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଚାଷୀମାନଙ୍କୁ ନେଇ ଏକ ବୈଠକ ମଧ୍ୟ ଅନୁଷ୍ଠିତ ହୋଇଥିଲା । ପୂର୍ବରୁ ଧନାସରା ଗ୍ରାମର ଚାଷୀମାନେ କାଶିବାହାଲଠାରେ ଧାନ ବିକ୍ରୀ କରି ଆସୁଥିଲେ । ତେବେ ସେଠାରେ ଖୋଲା ମଣ୍ଡି ଓ କୌଣସି ସେଡ୍ ବ୍ୟବସ୍ଥା ନଥିବାରୁ ଚାଷୀମାନେ ଖରା, ବର୍ଷା, ଶୀତ କାକରରେ ଧାନ ବିକ୍ରି କରି ଆସୁଥିଲେ । ବର୍ତ୍ତମାନ ଧନସରାରେ ନୂତନ ମଣ୍ଡି ସହ ଗୋଦାମ ଗୃହ, କାର୍ଯ୍ୟାଳୟ, ଓଜନ ମେସିନ ବ୍ୟବସ୍ଥା କରାଯାଇଥିବାରୁ ଚାଷୀମାନେ ଖୁସି ବ୍ୟକ୍ତ କରିଛନ୍ତି । କାର୍ଯ୍ୟକ୍ରମକୁ ତନୁକଲାଲ ନାଗ ସଂଯୋଜନା କରିଥିଲେ । ରୁଦ୍ର ପ୍ରସାଦ ନାଏକ, ଖଗେଶ୍ୱର ଶତନାମୀ, ବଳରାମ ସତାନାମୀ, ଭଗତରାମ ଶତନାମୀ, ଅର୍ଜୁନ ଶବର, ଜୟଶଙ୍କର ପଟେଲ, ଦୁଷ୍ମନ୍ତ ପୁଝାରୀ, କପୁରଚନ ପଟେଲ, ସିମାନ ଶତନାମୀ, ବିରଞ୍ଚି ଶବର ସମେତ ଅଞ୍ଚଳର ଚାଷୀମାନେ ଉପସ୍ଥିତ ଥିଲେ ।

## ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକୋତ୍ସବ

# ଛାତ୍ରୀଛାତ୍ରଙ୍କୁ ସାମାଜିକ ମୂଲ୍ୟବୋଧ ଆପଣାଇବା ପାଇଁ ବିଡିଓଙ୍କ ଆହ୍ୱାନ




ଥୁଆମୂଳ ରାମପୁର, (ଭାସ୍କର ନ୍ୟୁଜ): କଳାହାଣ୍ଡି ଜିଲ୍ଲା ଥୁଆମୂଳ ରାମପୁର ବ୍ଲକର ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଉନ୍ନୟନ ବିଭାଗ ଓଡ଼ିଶା ସରକାର ଦ୍ୱାରା ପରିଚାଳିତ ସରକାରୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଗୋପାଳପୁର (ଡାକକୋଟା) ଠାରେ ବାର୍ଷିକ ଉତ୍ସବ ୨୦୨୪-୨୫ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନଶିକ୍ଷକ ଭରତ ନାୟକଙ୍କ ଅଧକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ବିଡ଼ିଓ ଧ୍ରୁବଚରଣ ମୁଦୁଲି ଯୋଗ ଦେଇଥିବା ବେଳେ ମୁଖ୍ୟବକ୍ତା ଭାବରେ ପିଏଆଇଟିଡିଏ (ସ୍ୱେଶିଆଲ ଅଧିକାରୀ) ନନ୍ଦୀ କିଶୋର ତାଣ୍ଡି ଯୋଗ ଦେଇଥିଲେ । ସମ୍ମାନିତ ଅତିଥି ଭାବରେ ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ କଳାହାଣ୍ଡି ଜାନକୀ ବଲ୍ଲଭ ସାମନ୍ତରାୟ, ମଧୁପୁର ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ପ୍ରଧାନଶିକ୍ଷକ ବେଦବ୍ୟାସ ପ୍ରଧାନ, ତହସିଲଦାର ନୀରୋଜ କୁମାର ଭତ୍ରା, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଶୁଭଜିତ୍ ରଞ୍ଜନ ସ୍ୱାଇଁ, ଭାରତୀୟ ଷ୍ଟେଟ ବ୍ୟାଙ୍କ ଶାଖା ପରିଚାଳକ ଜୟକୃଷ୍ଣ ମେହେର, ଗ୍ରାମ ଶିକ୍ଷା କମିଟି ସଭାପତି ଟଙ୍କଧର ଜାନୀଙ୍କ ସହ ଅନୁଷ୍ଠାନର ଅଧକ୍ଷ ମହେନ୍ଦ୍ର ବିଶାଳ ପ୍ରମୁଖ ମଞ୍ଚାସୀନ ଥିଲେ । ଅତିଥମାନଙ୍କ ଦ୍ୱାରା ପ୍ରଥମେ ଦୀପ ପ୍ରଜ୍ଜ୍ୱଳନ ପରେ ଛାତ୍ରୀମାନଙ୍କ ଦ୍ୱାରା ସ୍ୱାଗତ ସଙ୍ଗୀତ ଗାନ କରାଯାଇଥିଲା । ପ୍ରଧାନଶିକ୍ଷକ ଶ୍ରୀ ନାୟକ ସ୍ୱାଗତ ଭାଷଣ ସହ ବାର୍ଷିକ ବିବରଣୀ ପାଠ କରିଥିଲେ । ମୁଖ୍ୟ ଅତିଥି ବିଡ଼ିଓ ଛାତ୍ରଛାତ୍ରୀଙ୍କୁ ସାମାଜିକ ମୂଲ୍ୟବୋଧକୁ ଆପଣାଇବା ପାଇଁ ଆହ୍ୱାନ ଦେବା ସହ ପାଠପଢା ପ୍ରତି ପ୍ରୟାସ ଓ ସାଧନ ରଖି ଉଚ୍ଚ ଶିକ୍ଷିତ ହେବାକୁ କହିଥିଲେ ଏବଂ ଗନ୍ତବ୍ୟ ପଥକୁ ଯିବାକୁ ହେଲେ ନିଷ୍ଠାର ସହ ପାଠ ପଢିବାକୁ ପଡ଼ିବ ବୋଲି ଛାତ୍ରୀଛାତ୍ରଙ୍କୁ ପରାମର୍ଶ ଦେଇଥିଲେ । ଯେଉଁ ଦେଶ ଯେଉଁ ଜାତି ଯେତେ ଶିକ୍ଷିତ ସେହି ଦେଶ ସେତେ ବିକଶିତ ବୋଲି କହିଥିଲେ । ନିଜ ମାତୃ ଭାଷା,ଜାତି, ସଂସ୍କୃତି ଓ ସାହିତ୍ୟକୁ ବଞ୍ଚାଇ ରଖିବା ପାଇଁ ଛାତ୍ରଛାତ୍ରୀଙ୍କୁ କହିଥିଲେ । ଅନ୍ୟାନ୍ୟ ଅତିଥିମାନେ ଛାତ୍ରଛାତ୍ରୀଙ୍କୁ ଭଲ ପାଠ ପଢି ଶ୍ରେଷ୍ଠ ନାଗରିକ ହେବା ସହ ନିଜ ଅଞ୍ଚଳର ନାମ ରଖିବାକୁ କହିଥିଲେ । ଏହି ଅବସରରେ ପୂର୍ବରୁ ଅନୁଷ୍ଠିତ କ୍ରୀଡା ପ୍ରତିଯୋଗିତାରେ କୃତି ଛାତ୍ରୀଛାତ୍ରୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା । ବେଳେ ବିଦ୍ୟାଳୟର ବିଜ୍ଞାନ ଶିକ୍ଷକ ଜଗଦୀଶ ଶବର ଏବଂ ଯୁକ୍ତ ଦୁଇର ବିଜ୍ଞାନ ଛାତ୍ରୀ ହରିପ୍ରୀୟା ମାଝୀ ଓ ମାଧବୀ ମାଝୀ ସୁନ୍ଦର ଭାବରେ ମଞ୍ଚ ପରିଚାଳନା କରିଥିଲେ । ବିଦ୍ୟାଳୟର ସହଶିକ୍ଷକ ଜୟଶଙ୍କର ମାହାର, ଟଙ୍କଧର ଧଙ୍ଗଡା ମାଝୀ, ମିତ୍ରଭାନୁ ନାଏକ, ହିମାଞ୍ଚଳ ପୁଝାରୀ, ପୂର୍ଣ୍ଣଚନ୍ଦ୍ର ବେହେରା, ଚାଞ୍ଚଲ୍ୟ କୁମାର ବାଗ, କାଶୀନାଥ ଭୋଇ, ଚୌଧୁରୀ ମାରଆ, ସଞ୍ଜୀବ ଖୁରା, ହିମାଂଶୁ ନାୟକ ଏବଂ ବିଦ୍ୟାଳୟ କ୍ଲର୍କ ମୌସୁମୀ ଦାସଙ୍କ ସମେତ ସମସ୍ତ ସହ ଶିକ୍ଷୟିତ୍ରୀ ଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ । ଶେଷରେ ଛାତ୍ରୀମାନଙ୍କ ଦ୍ୱାରା ରଙ୍ଗାରଙ୍ଗ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥଲା ।

# ରାଶିଫଳ

ଶନିବାର, ୧୪ ଡିସେମ୍ବର ୨୦୨୪


**ମେଷ:** ଏକ ନୂତନ ଯୋଜନା ପ୍ରସ୍ତୁତ ହେବ । ବ୍ୟବସ୍ଥାରେ ଉନ୍ନତି ହେବ । ସମ୍ମାନ ପାଇବେ । ଆଖି ଯନ୍ତ୍ରଣା ହୋଇପାରେ । ଅଧିକାରୀମାନେ ସହଯୋଗ କରିବେ ନାହିଁ । ଋଣ ନେବାକୁ ପଡିପାରେ । ଆଜି ଭ୍ରମଣ କରନ୍ତୁ ନାହିଁ ।


**ବୃଷ:** ବକେୟା ପୁନରୁଦ୍ଧାର ପାଇଁ ପ୍ରୟାସ ସଫଳ ହେବ । ଯାତ୍ରା ସଫଳ ହେବ । ରୋଜଗାର ବୃଦ୍ଧି ପାଇବ । ବିପଦ କାମ କରନ୍ତୁ ନାହିଁ । ନିଶାକୁ ନିୟନ୍ତ୍ରଣ କରନ୍ତୁ । ଲାଭ ହେବାର ସମ୍ଭାବନା । ପତ୍ନୀ ଉପଦେଶ ଦେଉଥିବା ରାସ୍ତାରେ ଗଲେ ଲାଭ ସମ୍ଭାବନା ।


**ମିଥୁନ:** ଅପଚୟ ଖର୍ଚ୍ଚ ହେବ । ଦୁଷ୍ଟ ଲୋକମାନେ କ୍ଷତି ଘଟାଇ ପାରନ୍ତି । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଚିନ୍ତା ଏବଂ ଟେନ୍‌ସନ ରହିବ । ବ୍ୟବସାୟ ଯୋଜନା କାର୍ଯ୍ୟକାରୀ ହେବ ନାହିଁ । ଆୟଠାରୁ ବ୍ୟୟ ଅଧିକ ହେବ ।


**କର୍କଟ:** ରାଜନୈତିକ ବ୍ୟକ୍ତିମାନେ ସଫଳତାର ଯୋଗ ରହିଛି । ସହଭାଗିତାରେ ନୂତନ ପ୍ରସ୍ତାବ ଗ୍ରହଣ କରାଯିବ । ରୋଜଗାର ବୃଦ୍ଧି ପାଇବ । ଉପହାର ଗ୍ରହଣ କରିବେ । ବ୍ୟବସାୟ ଯାତ୍ରା ସଫଳ ହେବ । ଶତ୍ରୁମାନେ ସକ୍ରିୟ ରହିବେ । ଅହଂକାର ଦୂର କରନ୍ତୁ ।


**ସିଂହ:** ଜମି ଏବଂ ନିର୍ମାଣ ଯୋଜନା ପ୍ରସ୍ତୁତ ହେବ । ରୋଜଗାର ବୃଦ୍ଧି ପାଇବ । ଚାକିରିରେ ଅଧିକାର ବଢିପାରେ । ଅର୍ଥନୈତିକ କାର୍ଯ୍ୟରେ ସଫଳତା ପାଇ ଆପଣ ଖୁସି ହେବେ । ସୁଖୀ ଭବିଷ୍ୟତର ସ୍ୱପ୍ନ ସାକାର ହେବ । ଧାରଣା ସକରାତ୍ମକତା ବୃଦ୍ଧି କରିବ ।


**କନ୍ୟା:** ଦ୍ୱନ୍ଦ୍ୱ ସୃଷ୍ଟି ହୋଇପାରେ । ପ୍ରେମ ସଂପର୍କରେ ସୁସଙ୍ଗତତା ରହିବ । ଆଇନଗତ ପ୍ରତିବନ୍ଧକ ହଟାଯିବ । ଆରାମ ବୃଦ୍ଧି ପାଇବ । ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟାର ସମାଧାନ ହେବ । ବ୍ୟବସାୟ ଭଲ କରିବ । ଜିନିଷକୁ ସୁରକ୍ଷିତ ରଖନ୍ତୁ । ବ୍ୟବସାୟ ଭଲ ଚାଲିବ ।


**ତୁଳା:** ଜୀବନସାଥୀଙ୍କଠାରୁ ସମର୍ଥନ ମିଳିବ । ଯାନ ଏବଂ ଯନ୍ତ୍ରର ବ୍ୟବହାରରେ ସତର୍କତା ବ୍ୟବହାର କରନ୍ତୁ । ବିବାଦକୁ ପ୍ରୋତ୍ସାହିତ କରନ୍ତୁ ନାହିଁ । ଆର୍ଥିକତାକୁ ଧ୍ୟାନରେ ରଖନ୍ତୁ । ସମ୍ପର୍କୀୟଙ୍କ ସହ ସମ୍ପର୍କ ସୁଦୃଢ ହେବ । ଶତ୍ରୁମାନଙ୍କଠାରୁ ସାବଧାନ ରୁହନ୍ତୁ ।


**ବିଛା:** ଧର୍ମ ପ୍ରତି ଆଗ୍ରହ ପ୍ରକାଶ କରିବେ । କୋର୍ଟ କାର୍ଯ୍ୟ ସଫଳ କରାଯିବ । ବ୍ୟବସାୟ ଭଲ କରିବ । ଆଘାତ ଏବଂ ରୋଗରୁ ଦୂରେଇ ରୁହନ୍ତୁ । କାର୍ଯ୍ୟ-ବ୍ୟବସାୟ ଲାଭ କରିବାର ସମ୍ଭାବନା ଅଛି । ବିବାହିତ ଜୀବନରେ ସୁସଙ୍ଗତତା ରହିବ । ସାମାଜିକ ସମାବେଶରେ ଅଂଶଗ୍ରହଣ କରିବେ । ଭଲ ଲାଭଦାୟକ ଫଳାଫଳ ଦେବ ।


**ଧନୁ:** ଆପଣଙ୍କ ପାଇଁ ଖୁସି ଖବର । ମାନ ବୃଦ୍ଧି ହେବ । ଖୁସି ହେବ । ମନରେ ଉତ୍ସାହ ରହିବ, ଯେଉଁଥିପାଇଁ କାର୍ଯ୍ୟର ଗତି ବଢିବ । ଆପଣଙ୍କ କାର୍ଯ୍ୟ ସମାଜରେ ପ୍ରଶଂସା ପାଇବେ । ସହଭାଗୀତାରେ ଆପଣ ଯେଉଁ ନିଷ୍ପତ୍ତି ନିଅନ୍ତି ତାହା ଲାଭଦାୟକ ହେବ । ପୁରୁଣା ବନ୍ଧୁ ଏବଂ ସମ୍ପର୍କୀୟଙ୍କୁ ଭେଟିବେ ।


**ମକର:** ପ୍ରତିଷ୍ଠା ବୃଦ୍ଧି ପାଇବ । ରୋଜଗାର ବୃଦ୍ଧି ହେବ । ଯାତ୍ରାର ଶୁଭ ସମୟ ସହିତ, ଆପଣ କଠିନ କାର୍ଯ୍ୟରେ ସଫଳତା ପାଇବେ । ସମ୍ପର୍କୀୟଙ୍କ ସହିତ ସମ୍ପତ୍ତି ବିବାଦ ହୋଇପାରେ । ବ୍ୟବସାୟ-ଚାକିରିରେ ଲାଭ ହେବ । କ୍ରନିକ ରୋଗ ଦେଖାଦେଇପାରେ । ପ୍ରୟାସ ସଫଳ ହେବ ।


**କୁମ୍ଭ:** ଦୁଃଖ, ଭୟ, ଚିନ୍ତା ଏବଂ ଅସ୍ଥିରତାର ପରିବେଶ ସୃଷ୍ଟି ହୋଇପାରେ । ଆପଣ ଦୁଃଖଦ ଖବର ପାଇପାରିବେ, ଧୈର୍ଯ୍ୟବାନ ହୁଅନ୍ତୁ । କାହାକୁ ବିଶ୍ୱାସ ନକରି ଆପଣ କାମ କରନ୍ତୁ । ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ହସ୍ତକ୍ଷେପରୁ କ୍ଷତି ହେବାର ସମ୍ଭାବନା ଅଛି । ପରିବାରରେ ଉତ୍ତେଜନା ଦେଖାଦେବ ।


**ମୀନ:** ଆପଣ ସ୍ୱାଦିଷ୍ଟ ଖାଦ୍ୟ ଉପଭୋଗ କରିବେ । ଛାତ୍ର ଶ୍ରେଣୀ ସଫଳତା ହାସଲ କରିବେ । ବ୍ୟବସାୟ ଭଲ କରିବ । ଆପଣ ଭଲ ଲୋକଙ୍କୁ ଭେଟିବ ଯେଉଁମାନେ ଉପକାରକାରୀ ହେବେ । ଯୋଜନା ସଫଳ ହେବ । ଚାକିରିରେ ପଦୋନ୍ନତି ଅଛି । ଅଳସୁଆରୁ ଦୂରେଇ ରୁହନ୍ତୁ । ପରିବାର ଲୋକେ ସାହାଯ୍ୟ କରିବେ ।


ଜ୍ୟୋତିଷ

ଜ୍ୟୋର୍ତିବିଦ୍ ପଣ୍ଡିତ ଶ୍ରୀପତି ଆଚାର୍ଯ୍ୟ
ସେକ୍ଟର-୩/୩୦୯, ନିଳାଦ୍ରୀବିହାର, ଭୁବନେଶ୍ୱର-୨୧
ମୋ: ୯୪୩୮୩୮୯୦୩୯